
ଦିନେ ପିଓକେ କହିବ ମୁଁ ଭାରତର
ପୃଷ୍ଠା ୪

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 126 ଭାଗ ୩୪ | ସଂଖ୍ୟା ୧୨୬ | Monday 27 July 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର, ୨୭ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ରଥରେ ଶ୍ରୀଜିଉଙ୍କ ସରିଲା ଅଧରପଣା ନୀତି

# ପାଦେ ଗଡ଼ିଲେ ପାଞ୍ଚ ମିନିଟ୍ ଅଟକୁଛି



## ଭୁବନେଶ୍ୱର-ପୁରୀ ରାସ୍ତାରେ ଟ୍ରାଫିକ ଜାମ୍

## ଭକ୍ତ ନୟାନ୍ତ, ପୁଲିସ ବି ନାକେଦମ୍

## ପଣାରେ ଚଣ୍ଡିଚାମୁଣ୍ଡା, ଅଶରୀରୀ ତୃପ୍ତ

ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ): ରଥ ଗଲା, ବାହୁଡ଼ା ଗଲା, ସୁନାବେଶ ବି ସରିଲା। ହେଲେ ପୁରୀକୁ କମୁନି ଶ୍ରଦ୍ଧାଳୁଙ୍କ ସୁଅ। ଆଜି ଅଧରପଣାରେ ଦିଅଁ ଦର୍ଶନ ପାଇଁ ହଜାର ହଜାର ସଂଖ୍ୟାରେ ଯାନବାହନ ପୁରୀ ଅଭିମୁଖେ ଆସୁଥିବାରୁ ଭୀଷଣ ଟ୍ରାଫିକ୍ ଜାମ୍ ସ୍ଥିତି ଉପୁଜିଛି। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୁଲିସ ଯଥାସାଧ୍ୟ ଚେଷ୍ଟା କରିଥିଲେ ବି ଏତେ ସଂଖ୍ୟକ ଗାଡ଼ିକୁ ସୁରୁଖୁରୁରେ ଆଗେଇ ନେବା କଷ୍ଟକର ହୋଇଛି। ଶନିବାର ଓ ରବିବାର ଦୁଇ ଦିନ ଛୁଟିଥିବାରୁ ଶୁକ୍ରବାର ସନ୍ଧ୍ୟାରୁ ଟ୍ରାଫିକ ସମସ୍ୟା ଗୁରୁତର ହୋଇଛି।

ସୁନାବେଶ ସରିଗଲା ପରେ ପୁରୀରେ ଭିଡ଼ କମିବ ବୋଲି ଭାବି ବହୁ ସଂଖ୍ୟାରେ ଲୋକ ପୁରୀ ମାଡିଯାଇଥିଲେ। ଫଳରେ ଗୁରୁତର ହୋଇଛି ଟ୍ରାଫିକ ସ୍ଥିତି। ଲାଇନ ସରୁନି କି ଗାଡ଼ି ଗଡୁନି, ଯାହାକୁ ନେଇ ନୟାନ୍ତ ହୋଇଛନ୍ତି ଯାତ୍ରୀ। ଆଉ ପୁଲିସ ବି ନାକେଦମ୍ ହୋଇଛି। ଭୁବନେଶ୍ୱରରୁ ପୁରୀ ପହଞ୍ଚିବାକୁ ୫ ରୁ ୬ ଘଣ୍ଟା ସମୟ ଲାଗୁଛି। କାର୍, ଭ୍ୟାନ୍, ବାଇକ୍ ପାଦେ ଗଡ଼ିଲେ ପାଞ୍ଚ ମିନିଟ୍ ଅଟକିବାକୁ ପଡୁଥିଲା। ବହୁ ଗାଡ଼ିର ➪ପୃଷ୍ଠା-୬



### ମୋଦିଙ୍କ ମାଷ୍ଟରଷ୍ଟ୍ରୋକ

# ଶିକ୍ଷା ମାଫିଆଙ୍କୁ ସାବାଡ଼୍ କରିବାକୁ ଟାସ୍କଫୋର୍ସ

ନୂଆଦିଲ୍ଲୀ,୨୬।୭(ସଂଚାର ବ୍ୟୁରୋ): ନିଟ୍ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପେପର ଲିକ୍ ଓ ଜାଲିଆତିକୁ ନେଇ ସାରା ଦେଶରେ ଉତ୍ତେଜନା ଲାଗିରହିଥିବା ବେଳେ ଏବେ ସିଧାସଳଖ ଆକ୍ସନ ମୋଡକୁ ଆସିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦେଶର ଶିକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ଏବଂ ଛାତ୍ରଛାତ୍ରୀଙ୍କ ହଜିଯାଇଥିବା ବିଶ୍ୱାସକୁ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ଏକ ଐତିହାସିକ ତଥା ନିର୍ଣ୍ଣାୟକ ପଦକ୍ଷେପ ନେଇଛନ୍ତି।

ଦେଶର ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବା ଉଦ୍ଦେଶ୍ୟରେ ଏକ 'ଉଚ୍ଚସ୍ତରୀୟ ଟାସ୍କଫୋର୍ସ' ଗଠନ କରାଯାଇଥିବା ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଟାସ୍କଫୋର୍ସର ନେତୃତ୍ୱ ନେବେ ଆଧାରର ରୂପକାର ତଥା ଇନଫୋସିସ୍‌ର ସହ-ପ୍ରତିଷ୍ଠାତା, ଟେକ୍ନୋକ୍ରାଟ୍ ନନ୍ଦନ ନିଲେକାନୀ। ବାରମ୍ବାର ପେପର ଲିକ୍ ଓ ➪ପୃଷ୍ଠା-୬



## ନନ୍ଦନ ନିଲେକାନୀଙ୍କ ନେତୃତ୍ୱରେ ଟାସ୍କଫୋର୍ସ

## ତ୍ରୁଟିଶୂନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି

## ଟେକ୍ନୋଲୋଜିର ବ୍ୟବହାରରେ ସ୍ୱଚ୍ଛତା ଅଣାଯିବ

### 'ମନ୍ କୀ ବାତ୍'ରେ ବର୍ଷା ଜଳ ସଂରକ୍ଷଣ ଉପରେ ମୋଦିଙ୍କ ଗୁରୁତ୍ୱ

# ବୁନ୍ଦାଏ ବର୍ଷାପାଣି ଭବିଷ୍ୟ ପିଢ଼ି ପାଇଁ ବଡ଼ ସମ୍ପତ୍ତି

ନୂଆଦିଲ୍ଲୀ,୨୬।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର 'ମନ୍ କୀ ବାତ୍'ର ୧୩୬ତମ ଏପିସୋଡ୍‌ରେ ମୁଖ୍ୟତଃ କାର୍ଗିଲ ବିଜୟ ଦିବସ ଓ ବର୍ଷାଜଳ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ତାଙ୍କର ଏହି ବ୍ୟକ୍ତିଗତ ରେଡିଓ କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ କାର୍ଗିଲରେ ନିହତ ସାହସୀ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେହିଭଳି ଭୁବନେଶ୍ୱର ସମେତ ଦେଶର ଅନ୍ୟାନ୍ୟ ସ୍ଥାନରେ ବର୍ଷାଜଳ ସଂରକ୍ଷଣ ନେଇ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି।

ସେ କହିଛନ୍ତି ଯେ ବର୍ଷାଜଳକୁ ଧରି ରଖିବା ପାଇଁ ଜୁଲାଇ ୪ରୁ ସାରା ଦେଶରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ବର୍ଷାଜଳ ଅମଳ, ଭୂତଳ ଜଳ ପୁନଃଚାର୍ଜ, ପୁରୁଣା ଜଳ ଉତ୍ସର ପୁନରୁଦ୍ଧାର ଓ ଚାରା ରୋପଣକୁ ଏକ ନୂତନ ପ୍ରେରଣା ଦିଆଯାଉଛି। ଗାଁ ହେଉ କି ସହର, ପଞ୍ଚାୟତ ହେଉ କି ସାମାଜିକ ସଂଗଠନ ଲୋକମାନେ ସବୁଠି ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିବାକୁ ନେଇ ସେ ଖୁସି ବ୍ୟକ୍ତ କରିଛନ୍ତି। ବର୍ଷା ପାଣିର ଗୋଟିଏ ଗୋଟିଏ ବୁନ୍ଦାକୁ ସଂରକ୍ଷିତ କରି ଜନ ଆନ୍ଦୋଳନରେ ପରିଣତ କରିବାକୁ ଯେଉଁ ଅପିଲ୍ କରାଯାଇଥିଲା ତାହା ସଫଳ ହୋଇଛି। 'କ୍ୟାଚ୍ ଦି ରେନ୍' କାର୍ଯ୍ୟକ୍ରମ ଅର୍ଥ ବହୁତ ସରଳ। ତାହା ହେଉଛି, ଯେଉଁଠି ବର୍ଷା ପାଣି ପଡ଼ିଲା ତାକୁ ସେହିଠାରେ ଧରି ରଖିବା ବା ସଂରକ୍ଷଣ କରିବା। ଆଜି ସଞ୍ଚିତ ପ୍ରତ୍ୟେକଟି ବୁନ୍ଦା ଆଗାମୀ ପିଢ଼ିର ଭବିଷ୍ୟତ ପାଇଁ ସବୁଠାରୁ ବଡ଼ ସମ୍ପତ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

'ମନ୍ କି ବାତ୍'ରେ ୨୭ତମ କାର୍ଗିଲ ବିଜୟ ଦିବସର ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ସେ କହିଛନ୍ତି ଯେ ଏହା ଆମର ବୀର ଯବାନଙ୍କ ବୀରତ୍ୱକୁ ମନେ ପକାଇବାର ଦିନ। ମା' ଭାରତୀଙ୍କ ସୁରକ୍ଷା ପାଇଁ ଆମର ବୀର ଯବାନମାନେ ବଳିଦାନ ଦେଇଥିଲେ। ଅନ୍ତରୀକ୍ଷ ଗବେଷଣା ତଥା ପ୍ରତିରକ୍ଷା ସମ୍ପର୍କରେ ମତବ୍ୟକ୍ତ କରି ମୋଦି କହିଛନ୍ତି ଯେ, ଇଣ୍ଡୋନେସିଆ ଗସ୍ତ ବେଳେ ବ୍ରହ୍ମୋସ୍ ଓ କ୍ଷେପଣାସ୍ତ୍ର ପାଇଁ ପ୍ରମୁଖ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ସେହିଭଳି ଭାରତୀୟ ନୌସେନାରେ ଆଇଏନଏସ ମହେନ୍ଦ୍ରଗିରି ସାମିଲ ➪ପୃଷ୍ଠା-୬



## କାର୍ଗିଲ୍ ସହିଦଙ୍କୁ ମନେ ପକାଇଲେ

# କମାଲ କଲେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ

### ଜିତିଲେ ଇଣ୍ଡିଆନ ଆଇଡଲ୍ କ୍ରାଉନ

ମୁମ୍ବାଇ,୨୬।୭: ସୋନି ଟିଭିର ଲୋକପ୍ରିୟ ସଙ୍ଗୀତଭିତ୍ତିକ ରିଆଲିଟି ଶୋ 'ଇଣ୍ଡିଆନ୍ ଆଇଡଲ୍ ସିଜନ୍ ୧୬'ର ଗ୍ରାଣ୍ଡ ଫିନାଲେ ଆଜି ଶେଷ ହୋଇଛି। ଓଡ଼ିଶାର ଜ୍ୟୋତିର୍ମୟୀ ନାୟକ ଏହି ସିଜନରେ ବିଜୟୀ ହୋଇଛନ୍ତି। ଜ୍ୟୋତିର୍ମୟୀଙ୍କୁ 'ଇଣ୍ଡିଆନ୍ ଆଇଡଲ୍ ୧୬'ର ଚାମ୍ପିଅନ୍ ଟ୍ରଫି ସହ ୨୦ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ମିଳିଛି।

ପୁଣି ଜାତୀୟ ସ୍ତରରେ ଉଜ୍ଜ୍ୱଳିତ ହେଲା ଓଡ଼ିଶାର ନାଁ। ନିଜର ସୁମଧୁର କଣ୍ଠ ଓ ଚିତ୍ତାକର୍ଷକ ପ୍ରଦର୍ଶନ ବଳରେ ସେ ଗ୍ରାଣ୍ଡ ଫିନାଲେରେ ଅନ୍ୟ ୫ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ସଫଳତା ହାସଲ କରିଛନ୍ତି। ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ଜିତିବାରେ ଜ୍ୟୋତିର୍ମୟୀ ହେଉଛନ୍ତି ପ୍ରଥମ ଓଡ଼ିଆ। ଫାଇନାଲ୍ ମୁକାବିଲାରେ ଟପ୍-୩ ପ୍ରତିଯୋଗୀଙ୍କ ମଧ୍ୟରେ ତୀବ୍ର ଲଢ଼େଇ ହୋଇଥିଲା। ତନିସ୍କ ଶୁକ୍ଲା ଏବଂ ମନରାଜ ବୀର ସିଂଙ୍କ ଭଳି ପ୍ରତିଭାବାନ ଗାୟକଙ୍କୁ ପଛରେ ପକାଇ ଜ୍ୟୋତିର୍ମୟୀ ଚାମ୍ପିଅନ୍ ହୋଇଛନ୍ତି। ତାଙ୍କର ଏହି କୀର୍ତ୍ତିମାନ ପାଇଁ ସମଗ୍ର ଓଡ଼ିଶାରେ ଏବେ ଖୁସିର ଲହରୀ ଖେଳିଯାଇଛି। ଜ୍ୟୋତିର୍ମୟୀ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ➪ପୃଷ୍ଠା-୬




# ମନ୍ତ୍ରୀ ପଦରୁ ଦୁଇଥର ଇସ୍ତଫା ଦେଇଥିଲେ ଧର୍ମେନ୍ଦ୍ର

## ପ୍ରତ୍ୟାଖ୍ୟାନ କରିଥିଲେ କେନ୍ଦ୍ର ସରକାର

## ସୁରକ୍ଷା ସଂସ୍ଥା ଦେଇଥିଲା ସମ୍ବେଦନଶୀଳ ରିପୋର୍ଟ

## ଚିହ୍ନଟ ହୋଇଥିଲା ୫୦୦ରୁ ଅଧିକ ପାକ୍ ଆକାଉଣ୍ଟ



ନୂଆଦିଲ୍ଲୀ,୨୬।୭: କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ପୂର୍ବରୁ ଦୁଇ ଦୁଇ ଥର ଇସ୍ତଫା ଦେବାକୁ ପ୍ରସ୍ତାବ ଦେଇଥିଲେ ହେଁ, ସେତେବେଳେ କେନ୍ଦ୍ର ସରକାର ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ନିଟ୍ ପ୍ରଶ୍ନପତ୍ର ଲିକ୍ ବିବାଦକୁ ନେଇ ସୃଷ୍ଟି ହୋଇଥିବା ପରିସ୍ଥିତିରୁ ଓହରି ଯିବା ପରିବର୍ତ୍ତେ ଶିକ୍ଷା ବ୍ୟବସ୍ଥାର ସୁଧାର ଉପରେ ଗୁରୁତ୍ୱ ଦେବାକୁ କହି ଗତ ଜୁଲାଇ ୨୦ ତାରିଖର ଉଚ୍ଚସ୍ତରୀୟ ବୈଠକରେ ମଧ୍ୟ ତାଙ୍କୁ ଦାୟିତ୍ୱରେ ରହିବାକୁ ସରକାର ଅନୁରୋଧ କରିଥିଲେ। ମାତ୍ର ଏହାପରେ ପରିସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଆସିଥିଲା। 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)ର ପୁନର୍ବାର 'ସଂସଦ ଚଲୋ' ଆନ୍ଦୋଳନ ଚେତାବନୀ ଓ ସୁରକ୍ଷା ସଂସ୍ଥାଗୁଡ଼ିକର ସମ୍ବେଦନଶୀଳ ➪ପୃଷ୍ଠା-୬

# ଭାବପ୍ରବଣ ଶୁଭେନ୍ଦୁ

କୋଲକାତା,୨୬।୭(ସଂଚାର ବ୍ୟୁରୋ): ସାରା ଦେଶରେ ଛାତ୍ରଛାତ୍ରୀଙ୍କ ବିରୋଧ ମଧ୍ୟରେ ଶେଷରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଗତକାଲି ଇସ୍ତଫା ଦେଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ତେବେ ତାଙ୍କ ଇସ୍ତଫାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବେଶ୍ ଭାବପ୍ରବଣ ହୋଇପଡ଼ିଛନ୍ତି। ସେ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲରେ ଏକ ପୋଷ୍ଟ ଶେୟାର କରିଛନ୍ତି। ସେ ଲେଖିଛନ୍ତି, କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଉଥିବାରୁ ମୁଁ ଦୁଃଖିତ। ପ୍ରାୟତଃ କଷ୍ଟକର ନିଷ୍ପତ୍ତି ନେବାକୁ ପଡ଼ିଥାଏ। ତାଙ୍କ ଅବଦାନ ପିଢ଼ି ପରେ ପିଢ଼ି ପର୍ଯ୍ୟନ୍ତ ରହିବ। ସେ ଜାତୀୟ ଶିକ୍ଷା ନୀତି ୨୦୨୦ ମାଧ୍ୟମରେ ଦେଶର ଶିକ୍ଷା ବ୍ୟବସ୍ଥାର ମୂଳଦୁଆ ସ୍ଥାପନ କରିଥିଲେ, ଯାହା ଛାତ୍ରମାନଙ୍କ ପାଇଁ ଏକ ଦୃଢ଼ ଶିକ୍ଷାଗତ ଭିତ୍ତିଭୂମି ନିର୍ମାଣ କରେ।



### ରାଜଧାନୀ ଛାତିରେ ଛାତିଥରା ହିଟ୍ ଆଣ୍ଡ୍ ରନ୍ ଘଟଣା

# ପାତ୍ରପଡ଼ାରେ ଦୁର୍ଘଟଣା, ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ମୃତଦେହ ଉଦ୍ଧାର



ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ): ରବିବାର ଭୋରରେ ରାଜଧାନୀ ଛାତିରେ ଘଟିଛି ଏକ ଛାତିଥରା ଦୁର୍ଘଟଣା। ଭୁବନେଶ୍ୱର ପାତ୍ରପଡ଼ା ଫ୍ଲାଇ ଓଭର ବ୍ରିଜ୍ ନିକଟରେ। ଆଉ ମୃତଦେହ ଉଦ୍ଧାର ହୋଇଛି ବରମୁଣ୍ଡା ବସଷ୍ଟାଣ୍ଡ ସମ୍ମୁଖ ରାସ୍ତାରୁ। ଏ କଥା ଶୁଣିଲେ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। କିନ୍ତୁ ଏହି ଦୁର୍ଘଟଣା ଘଟିଛି ଜାତୀୟ ରାଜପଥ ଉପରେ। ଏହି ହିଟ୍ ଆଣ୍ଡ ରନ୍ ମାମଲାରେ ଚାଲିଯାଇଛି ଖୋର୍ଦ୍ଧା ବେଗୁନିଆର ହାଡୁ ମଲ୍ଲିକଙ୍କ ନାମକ ଜଣେ ମାଛ ବ୍ୟବସାୟୀଙ୍କ ଜୀବନ। ବଡ଼ି ଭୋର୍‌ରୁ ମାଛ ନେବା ପାଇଁ ଭୁବନେଶ୍ୱର ଆସୁଥିଲେ। ହେଲେ ଭୋର୍ ୪ଟା ବେଳେ ଓଭରବ୍ରିଜ୍ ନିକଟରେ ଯେମିତି ତାଙ୍କୁ ଯମ ଜଗିରହିଥିଲା। ରାସ୍ତା କଡ଼ରେ ସେ ତାଙ୍କର ଜଣେ ସହଯୋଗୀଙ୍କ ସହ ଛିଡ଼ା ହୋଇଥିବା ବେଳେ ଅଚାନକ ସେମାନଙ୍କୁ ଧକ୍କା ଦେଇଥିଲା ଏକ ଅଜଣା ଗାଡ଼ି। ରାସ୍ତା ଉପରେ ସେ ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ଆଉ ଏକ ଗାଡ଼ି ତାଙ୍କୁ ପ୍ରାୟ ୨ କିମି ଦୂରକୁ ଟାଣି ନେଇଯାଇଥିଲା। ଆଜି ସକାଳୁ ବରମୁଣ୍ଡା ନିକଟରୁ ତାଙ୍କର ମୃତଦେହ ଉଦ୍ଧାର ହୋଇଛି। ଦୁର୍ଘଟଣା ଘଟାଇ ଫେରାର୍ ହୋଇଯାଇଥିବା ଗାଡ଼ିଟି ଏକ ଡମ୍ପର ବୋଲି ପୁଲିସ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ଗୁରୁତର ଆହତ ହୋଇଥିବା ସହଯୋଗୀଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଛି। ଏଭଳି ଏକ ଛାତି ଥରାଇଦେବା ଭଳି ଅଘଟଣ ଖବର ସାମ୍ନାକୁ ଆସିବା ପରେ ଘଟଣାସ୍ଥଳରେ ଡିସିପି ପହଞ୍ଚି ସିସିଟିଭି ଯାଞ୍ଚ କରିଥିଲେ। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ତୁରନ୍ତ ଧରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ୧୪ଦିନିଆ ନ୍ୟାୟିକ ହେପାଜତରେ ତେଜପ୍ରତାପ

ପାଟନା,୨୬।୭: ବିହାର ବନ୍ଦ ବେଳେ ପ୍ରଦର୍ଶନ ବେଳେ ପୁଲିସ ସହ ମୁହାଁମୁହିଁ ମାମଲାରେ ଆରଜେଡି ମୁଖ୍ୟ ଲାଲୁ ଯାଦବଙ୍କ ବଡ ପୁଅ ତେଜ ପ୍ରତାପ ଯାଦବଙ୍କୁ ପୁଲିସ ଗିରଫ କରିଛି। ମାମଲାରେ ତେଜ ପ୍ରତାପ ଯାଦବଙ୍କୁ ପୁଲିସ ଗିରଫ କରି ଜେଲ୍ ପଠାଇ ଦେଇଛି। ଶନିବାର ବିଳମ୍ବିତ ରାତ୍ରରେ ତାଙ୍କୁ ଗିରଫ କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଉପସ୍ଥିତ କରାଯାଇଥିଲା। ଏହାପରେ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନିଟ୍ ପେପର ଲିକ୍ ଏବଂ ପ୍ରଦର୍ଶନକାରୀଙ୍କ ଉପରେ ପୋଲିସର ଆକ୍ରମଣକୁ ବିରୋଧ କରି ଶନିବାର ବିହାର ବନ୍ଦ ଡାକରା ଦିଆଯାଇଥିଲା।

## କାରଖାନାରେ ବିସ୍ଫୋରଣ: ୪ ମୃତ

ସିଲଚର, ୨୬।୭: ଆସାମର କାଚର ଜିଲ୍ଲାରେ ରବିବାର ଏକ ରଡ ତିଆରି ୟୁନିଟରେ ବିସ୍ଫୋରଣ ଘଟି ଚାରିଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଗ୍ୟାସ ସିଲିଣ୍ଡର ଫାଟି ଘଟିଥିବା ଏହି ବିସ୍ଫୋରଣରେ ବହୁ କର୍ମଚାରୀ ଆହତ ହୋଇଛନ୍ତି। ଉଧରବନ୍ଦ ଥାନା ଅନ୍ତର୍ଗତ ପାନଗ୍ରାମରେ ଥିବା କେଡ ଗ୍ଲୋବାଲ ଇନଫ୍ରାଷ୍ଟ୍ରକର ୟୁନିଟରେ ଦିନ ପ୍ରାୟ ସାଢ଼େ ୧୧ଟା ବେଳେ ଏହି ଘଟଣା ଘଟିଛି। ବିସ୍ଫୋରଣରେ ଫ୍ୟାକ୍ଟ୍ରିର ବହୁ ଅଂଶ ଉଡ଼ିଯାଇଛି।

## ଭାରତୀୟ ଜାହାଜ ଉପରେ ଆକ୍ରମଣ, ୨ ନିଖୋଜ

କିଭ,୨୬।୭: ୟୁକ୍ରେନର ଓଡେସା ବନ୍ଦରରେ ରବିବାର ଦିନ ଚାରିଜଣ ଭାରତୀୟ ନାଗରିକଙ୍କୁ ନେଇ ଯାଉଥିବା ଏକ ବାଣିଜ୍ୟ ଜାହାଜ ଉପରେ ଆକ୍ରମଣ ହୋଇଛି। କିଭ୍‌ରେ ଥିବା ଭାରତୀୟ ଦୂତାବାସର ଏକ ସରକାରୀ ବିବୃତ୍ତି ଅନୁଯାୟୀ, ଦୁଇଜଣ କ୍ରିଉ ସଦସ୍ୟ ସୁରକ୍ଷିତ ଥିବା ସୂଚନା ମିଳିଛି, ଯେତେବେଳେ ଅନ୍ୟ ଦୁଇଜଣଙ୍କ ସମ୍ପର୍କରେ ସୂଚନା ଅପେକ୍ଷାରେ ଅଛି। ଦୂତାବାସ କହିଛି ଯେ ଶନିବାର ଏହି ଘଟଣା ଘଟିଥିଲା ଯେତେବେଳେ ଓଡେସା ବନ୍ଦରରେ ଏମ୍‌ଭି ଏଜିଏନ୍ ରାଗନର ଉପରେ ଆକ୍ରମଣ କରାଯାଇଥିଲା। ଓଡେସା ହେଉଛି ୟୁକ୍ରେନର ପ୍ରମୁଖ କଳା ସାଗର ବନ୍ଦର ମଧ୍ୟରୁ ଗୋଟିଏ ଏବଂ ୨୦୨୨ରେ ରୁଷିଆ-ୟୁକ୍ରେନ ବିବାଦ ଆରମ୍ଭ ହେବା ପରଠାରୁ ଏହା ଅନେକ ଆକ୍ରମଣର ସମ୍ମୁଖୀନ ହୋଇଛି।



### କାନ ଡେରିଥା

ରଥଯାତ୍ରା ଏଠି ଧୁମ ଚାଲିଥିଲା
ଚୋରଟି ଥିଲା ସଜାଗ
ଜଗାକୁ ଅନାଇ ରଥକୁ ଟାଣିଲେ
ମନେ ଥିଲା ଭକ୍ତି ଭାବ
ଚୋର ବି ଦେଲା ଜବାବ...
ଜଗାକୁ ଡାକି ସେ ଚୋରି କରୁଥିଲା
ଚୋରଙ୍କ ଯାହା ସ୍ୱଭାବ
ଗୁରୁ ମନ୍ତ୍ର କିସ ହେବ।

■ ଦେବାଶିଷ

# ରାଜନୀତିରେ ନୀଚମନା ନବୀନ

## ଭୁଲିଗଲେ ସୌଜନ୍ୟତା

## ନିଜ ସ୍ୱାର୍ଥ ପାଇଁ ସବୁକିଛି

ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ): ଓଡ଼ିଶା ରାଜନୀତିରେ ନବୀନ ଯେ କେତେ ନୀଚମନା ରାଜନେତା, ତାହା ସେ ପୁଣିଥରେ ପ୍ରମାଣିତ କରିଛନ୍ତି। ଓଡ଼ିଶାରୁ କେନ୍ଦ୍ରରେ ମନ୍ତ୍ରୀ ହୋଇଥିବା ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କରିବା ଓ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଧର୍ମେନ୍ଦ୍ର ଇସ୍ତଫା ଦେବା ପରେ ଜେନ୍-ଜି'ଙ୍କ ପଦକ୍ଷେପକୁ ସ୍ୱାଗତ କରିବା ପରେ ନବୀନଙ୍କ ନୀଚମନା ରାଜନୀତିକୁ ନେଇ ପୁଣିଥରେ ରାଜନୈତିକ ମହଲରେ ଆଲୋଚନା ଆରମ୍ଭ ହୋଇଛି।



ନବୀନଙ୍କ ଏଭଳି ଆଚରଣକୁ ନେଇ ତାଙ୍କରି ଦଳର କର୍ମୀମାନେ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି। ହେଉଥିବା ଆଲୋଚନା ଅନୁଯାୟୀ ଜେନ୍-ଜି'ଙ୍କ ଆନ୍ଦୋଳନରୁ ଦଳକୁ ଦୂରେଇ ରଖି ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କରିବା ସମୟରେ ନବୀନ ଥରେ ହେଲେ ଧର୍ମେନ୍ଦ୍ରଙ୍କ ସହ ତାଙ୍କ ସମ୍ପର୍କକୁ ମନେ ପକାଇଲେ ନାହିଁ। ସବୁ କିଛି ପାଶୋରିବା ଭଳି ଆଚରଣ କଲେ ସେ। ରାଜ୍ୟରେ ବିଜେପି ସରକାରର ଶପଥ ଗ୍ରହଣ ସମୟରେ ମଞ୍ଚ ଉପରେ ପାଛୋଟି ନେଇ ଆସନରେ ବସାଇବା ହେଉ କିମ୍ବା ବଡ଼ଦାଣ୍ଡରେ ନବୀନଙ୍କୁ ଦେଖି ଧର୍ମେନ୍ଦ୍ର ମଞ୍ଚ ତଳକୁ ଆସି ହାତ ଧରି ଉପରକୁ ନେବା ହେଉ, ନବୀନ ସବୁକିଛି ଭୁଲିଗଲେ।

ସବୁଠାରୁ ବଡ଼ କଥା ହେଲା, ରାଜନୀତିରେ ଭିନ୍ନ ଦଳରେ ଥିଲେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଭାବେ ଧର୍ମେନ୍ଦ୍ର କେବେ ହେଲେ ନବୀନଙ୍କ ବିରୋଧରେ କୌଣସି କଟୁ ମନ୍ତବ୍ୟ ଦେଇନାହାନ୍ତି କିମ୍ବା କୌଣସିଠାରେ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିନାହାନ୍ତି। ବରଂ ନୂଆଦିଲ୍ଲୀ ବିମାନ ବନ୍ଦରରେ ଭେଟ ହେଲା ପରେ ନିଜେ ନବୀନଙ୍କ ବ୍ୟାଗକୁ ଟ୍ରଲିରେ ଲଦି ତାଙ୍କୁ ସହାୟତା କରିଥିବାର ଭିଡିଓ ଅତୀତରେ ବେଶ୍ ଭାଇରାଲ ହୋଇଥିଲା।

ନବୀନ ଅତୀତରେ ଯେଭଳି ନିଜ ଦଳର ମାଳ ମାଳ ନେତାଙ୍କୁ ନିଜର ସ୍ୱାର୍ଥ ପାଇଁ ନୀଚମନା ପ୍ରଦର୍ଶନ କରି ବଳି ପକାଇଥିଲେ ଏବେ କ୍ଷମତାରୁ ଯିବା ପରେ ମଧ୍ୟ ସେହିଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି। ଗୋଟିଏ ପଟେ ବିଜେପି ସହ ୨୪ ବର୍ଷ କାନ୍ଧରେ କାନ୍ଧ ମିଶାଇ ଚାଲିଥିବା ବେଳେ ଧର୍ମେନ୍ଦ୍ରଙ୍କ ଇସ୍ତଫା ବେକଲୁ କିନ୍ତୁ ନବୀନ ସମ୍ପୂର୍ଣ୍ଣ ବଦଳିଗଲେ। ଏଥିରୁ ବିଜେଡି କେତେକ ଲାଭବାନ୍ ହେବ ଓ ଜେନ୍-ଜିମାନେ ନବୀନଙ୍କ ପାଇଁ କେତେ ବାହାରିବେ, ତାହା ବଡ଼ ପ୍ରଶ୍ନ ହୋଇଥିବା ବେଳେ ଓଡ଼ିଶା କୋଟାରୁ ଜଣେ ମନ୍ତ୍ରୀଙ୍କୁ ତଡ଼ିବା ପାଇଁ ନବୀନ ଯେଭଳି ଆଚରଣ ପ୍ରଦର୍ଶନ କଲେ, ତାହା ଏବେ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଆଲୋଚନାର ବିଷୟବସ୍ତୁ ପାଲଟିଛି।

# ଶେଷ ନିଷ୍ପତ୍ତି



## ପୁଷ୍ପଲତା ମିଶ୍ର



ରତନପୁର ପାଖ ସହର ଗୋଟିଏ ଛୋଟ ଗାଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ସେହି ଗ୍ରାମର ମୁଖିଆ ସନାତନ ପ୍ରହରାଜ ସେହି ଗ୍ରାମ ସ୍କୁଲର ଶିକ୍ଷକ। ତାଙ୍କର ଦୁଇ ପୁଅ ସୁଖୀ ପରିବାର, ଯାହାକି ଆମେ ଦୁଇ ଆମର ଦୁଇ, ଯାହା କିଛି ଜମି ବାଡ଼ି ଅଛି ସେଥିରେ ଚାରି ପ୍ରାଣୀ କୁଟୁମ୍ବ ଖୁସି ରେ ଚଳି ଯାଆନ୍ତି। ସନାତନଙ୍କ ସ୍ତ୍ରୀ ଶାରିଆ ବେଶୀ ପାଠ ନ ପଢ଼ି ଥିଲେ ବି ମୂର୍ଖ ନୁହେଁ। ପିଲା ଦୁଇ ଜଣ ରାମ କୃଷ୍ଣ ପରି ଚଳୁ ଥିଲେ। ଶାରିଆ ପିଲା ଦୁଇ ଜଣକୁ ପଢେଇଲା ବେଳେ, ଖେଳେଇଲା ବେଳେ କୁହେ କଳି ଯଦି କରି ବସିବୁ ସଙ୍ଗେ ଥିବ ଭାଇ , କ୍ଷୀର ଯଦି ଖାଇ ବସିବୁ ଘରେ ଥିବ ଗାଈ। ଏହି ପରି ବିଭିନ୍ନ ପ୍ରକାର ର କଥା କହି ପିଲା ମାନଙ୍କ ମନରେ ପୁରାଣ ପୋଥି ର ଗପ କହି କହି ବଡ଼ କରିଥିବା ଦୁଇ ପୁଅ ମାନସ ଆଉ ସୁରେଶ ଶାନ୍ତ ସରଳ ସ୍ୱଭାବର ଥିଲେ।। ପିଲା ମାନଙ୍କୁ ଶାରିଆ କହେ ପ୍ରଂଶସା ନ ମିଳୁ ଦୁଃଖ କରିବା ଦରକାର ନାହିଁ ଲୋକଙ୍କ କଥା ରେ କଣ ମିଳୁଛି ତେଲ ବି ଜଳୁଛି ସଳିତା ବି ଜଳୁଛି କିନ୍ତୁ ଲୋକେ କୁହନ୍ତି ଦୀପ ଜଳୁଛି। ଏହାକୁ ପାଥେୟ କରି ସନାତନ ବାବୁ ଆଉ ଶାରିଆ ବେଶ ଆନନ୍ଦ ରେ ଜୀବନ ନଉକା ବାହି ଚାଲିଥାନ୍ତି। ପରିବାର ଠାରୁ କିଛି ବଡ଼ ଧନ ନାହିଁ, ପିତାଙ୍କଠାରୁ କେହି ସ୍ନେହୀ ନାହିଁ ମାଙ୍କ କୋଳଠାରୁ ବଡ଼ ଦୁନିଆ ନାହିଁ।ଭାଇ ଭଉଣୀଠାରୁ ଶୁଭ ଚିନ୍ତକ କେହି ପ ଯୁଇନାହିଁ ,ସେଥିପାଇଁ ପରିବାର ବିନା କୌଣସି ଜୀବନ ନାହିଁ।ଦୁଇ ପୁଅ ଙ୍କ ସଫଳତା ର ମାପ କାଠି ରେ ଖୁସି ମନରେ ସ୍ୱାମୀ ଓ ସ୍ତ୍ରୀ ରହିଥାନ୍ତି।ସନାତନ ବାବୁ କୁହନ୍ତି ଶୁଣ ଶାରିଆ, ବାହାର ଦୁନିଆ ରେ ଯାହା ଦେଖା ଯାଉଛି ତାହା ସତରେ ଜୀବନ ନୁହେଁ। ନିଜ ଘର ର ପରିସ୍ଥିତି ଅନୁସାରେ ବଞ୍ଚିବା ତାହାକୁ ଜୀବନ କୁହାଯାଏ। କେବେ ବି ନିଜକୁ ଅନ୍ୟ ସହ ତୁଳନା କର ନାହିଁ। ଏହି ଗୁରୁ ମନ୍ତ୍ର ପାଇ ଶାରିଆ ପିଲା ଦୁଇ ଜଣ ଙ୍କୁ ନେଇ ବହୁତ ଖୁସିରେ ଥାଏ।

ମାନସ ଆଉ ସୁରେଶ ଦୁଇଜଣ ଙ୍କର ପାଠ ପଢା ସରିଲା ପରେ ସଫ୍ଟୱେୟର ରେ ଚାକିରୀ କଲେ ସୁଦୂର ବାଙ୍ଗାଲୋରରେ ତାପରେ ଦୁଇ ପୁଅ ଙ୍କ ର ବିବାହ ସାରିଦେଲେ ସନାତନ ବାବୁ। ଦୁଇପୁଅ ଙ୍କ ର ବିବାହ ପରେ ସେମାନେ ବୋହୂ ପିଲା କୁ ସାଙ୍ଗରେ ଧରି ତାଙ୍କ କର୍ମ କ୍ଷେତ୍ର କୁ ଚାଲି ଗଲେ। ଗଲାବେଳେ ପିଲା ଦୁଇ ଜଣ ଙ୍କ ର ମୁହଁ ମଳିନ ପଡ଼ିଥାଏ। ଆଖି ଛଳ ଛଳ କରି ବାହାରି ଗଲେ ,କାନ୍ଦି ପାରିଲାନି ଶାରିଆ କାରଣ ସନାତନ ବାବୁ ଆଗରୁ ତାଗିଦ୍ କରି କହିଛନ୍ତି ପିଲା ଗଲା ବେଳେ ଆଖି ରୁ ଟୋପାଏ ବି ଲୁହ ଗଡେଇବନି ହେଲେ ମାଆ ମନ କେମିତି ବୁଝିବ ଯେ ....।

ସନାତନ ବାବୁ କହିଲେ କାହା ଉପରେ ଅତ୍ୟଧିକ ଭରଷା କରିବା ଠିକ୍ ନୁହେଁ କାରଣ ଅନ୍ଧାର ରେ ନିଜ ଛାଇ ବି ସାଥିରେ ରହେ ନାହିଁ ,ଯଦି ସ୍ୱପ୍ନ ପୁରା ହେଉନାହିଁ ତେବେ ରାସ୍ତା ବଦଳାଇ ଦିଅ ,ସିଦ୍ଧାନ୍ତ ନୁହେଁ କାରଣ ଗଛ ସର୍ବଦା ପତ୍ର ବଦଳାଇ ଥାଏ ମୂଳ ନୁହେଁ। ଏତେକ କହି ସାରି ସନାତନ ବାବୁ ଆଖି ବୁଜି ଚୁପ୍ ହେଇ କିଛି ସମୟ ବସି ରହିଲେ ହଲେଇ ଦେଲେ ଶାରିଆ କଣ ଏମିତି ବସିପଡିଲ ? ମତେ ତ ମନା କଲ ଆଉ ତୁମେ ? ଶାରିଆ ତୁମେ ମା ହେଲେ ମୁଁ ପରା ବାପା ମୁଁ ଉପରେ ଯେତିକି କଠୋର ମୋ ଭିତର ସେତିକି ନରମ ପିଲାଙ୍କ ଗହଳି ରେ ଘର ପୁରି ଉଠୁଥିଲା।

ଏବେ ଘରେ ତୁମେ ଆଉ ମୁଁ ..... । ଅନେକ ଦିନ ହେଲାଣି ପିଲା ମାନେ ବାହାରେ ରହୁଛନ୍ତି,ଥରେ କି ଦୁଇ ତିନି ଥର ଆସିଛନ୍ତି ଦୁଇ ଦିନ ରହି ପଳେଇ ଯାଆନ୍ତି। ଅଟକାଇଲେ ବି କୁହନ୍ତି ପିଲା ଙ୍କ ର ପାଠ ପଢ଼ା ଅସୁବିଧା ହବ। କଣ କହିବେ ଆଉ ସନାତନ ଶାରିଆ ଚୁପ୍ ରୁହନ୍ତି। ଏଇ ଦୁଃଖରେ ଭାଙ୍ଗି ପଡ଼ିଲା ଶାରିଆ,ଅସୁସ୍ଥ ଅନୁଭବ କଲା। ଡାକ୍ତର ଦେଖେଇ କେତେ ଔଷଧ ଦେଲେ କିନ୍ତୁ ଭଲ କଣ ହେବ ଦିନକୁ ଦିନ ବହୁତ ଖରାପ ଆଡ଼କୁ ଗତି କରୁଛି। ଦୁଇ ପୁଅ ଙ୍କ ସହ ଫୋନ ରେ କଥା ହେଲେ ସନାତନ ବାବୁ। ପିଲା ଆସିବେ କଣ ବରଂ ବାପା ଙ୍କୁ କହିଲେ ଭଲ ଡାକ୍ତର ଦେଖାଅ। ସନାତନ ବାବୁ କହିଲେ ମାଆ ତୁମକୁ ଖୋଜୁଛି ତମେ ମାନେ ଆସିଗଲେ ଭଲ ଡାକ୍ତର ଦେଖେଇବା ଆଉ ତୁମ ଦୁଇଜଣ କୁ ଦେଖିଲେ ଭାବୁଛି ନିଶ୍ଚିନ୍ତ ସେ ଭଲ ହେଇଯିବ। ବିଭିନ୍ନ ଅସୁବିଧା ଜଣେଇ ପିଲା ମାନେ କଥାକୁ ଏଡ଼େଇ ଯାଆନ୍ତି।

ଦିନକୁ ଦିନ ଅତି ଶୋଚନୀୟ ଅବସ୍ଥା ଶାରିଆ ର ,ଯାହା ବିନା ଘର ଏକ ସେକେଣ୍ଡ ଭଲ ଲାଗେନା, ସେହି ମାଆ କୁ ଏତେ ଅବହେଳା କେମିତି କରି ପାରୁ ଛନ୍ତି ? ସନାତନ ବାବୁ ଫୋନ କଲେ ମାନସ ପାଖକୁ ତୋ ମାଆ ର ଦେହ ଭୀଷଣ ଖରାପ ହୋଇଗଲାଣି ତୁ ସୁରେଶ କୁ ଖବର ଦେ ଦୁଇ ଜଣ ଯାକ ଆସ। କିନ୍ତୁ କେହି ଆସିଲେ ତ ନାହି ଫୋନ ବି କଲେ ନାହିଁ। ପିଲାଙ୍କ ପାଖରୁ କିଛି ଖବର ନ ପାଇ ହାରାସ ହୋଇ ଗଲେ ସନାତନବାବୁ ମନେମନେ ଭାବୁଛନ୍ତି ସନାତନ ବାବୁ, ଯାହା ମୋ ହାତ ରେ ନାହିଁ ,ତାକୁ ନେଇ ଚିନ୍ତା କଲେ ବହୁତ କଷ୍ଟ ଲାଗୁଛି ହଉ କେବଳ ପ୍ରଭୁ ହିଁ ଭରସା।

ବିକଳ ହେଇ ଶାରିଆ ଖୋଜୁଥାଏ ତାର ପିଲା ମାନ ଙ୍କୁ, ଡାକ୍ତର ବି କହି ସାରିଲେଣି ଘରକୁ ନେଇ ଯାଆନ୍ତୁ ,ଘରେ ରଖି କିଛି ସେବା କରନ୍ତୁ।କଥାରେ ଅଛି ସାହା ହେବାର ଅଛି ତ ମଣିଷ ର ଦୁଃଖ ର ସମୟରେ ହୁଅନ୍ତୁ, କାରଣ ଦୁଃଖ ଏମିତି ଏକ ସମୟ ଯେଉଁ ସମୟ ରେ ମଣିଷ ର ସାହାଯ୍ୟ ହୃଦୟ ରେ ସ୍ମରଣ ର ଗୋଟିଏ ଦାଗ ଲାଗିଯାଏ। ଏହି ସମୟରେ ଡାକ୍ତର ଆସି କହିଲେ ଶାରିଆ ଆଉ ନାହାନ୍ତି । ସନାତନ ଦୁଇ ପୁଅ ଙ୍କ ପାଖକୁ ଫୋନ କଲେ ଯେ ତୁମ ମାଆ ଆଉ ନାହିଁ ଯେତେ ଶୀଘ୍ର ଆସିବ ମାଆ ର ସଂସ୍କାର କାର୍ଯ୍ୟ ହବ। ଦୁଇ ପୁଅ ଫୋନ ରେ ହଁ କହି ଚୁପ୍ ରହିଲେ ,ଗ୍ରାମ ଲୋକ ମାନେ ବି ଉପାସ ରେ ଅଛନ୍ତି। କିଛ ସମୟ ପରେ ଗାଡି ଆସି ଲାଗିଲା ,ଗାଡ଼ି ଭିତରୁ କେବଳ ସାନ ପୁଅ ସୁରେଶ ବାହାରି ଆସିଲା କାନ୍ଦ କାନ୍ଦ ହୋଇ ବାପାଙ୍କ ପାଦ ପାଖରେ ବସି ପଡ଼ିଲା। ସନାତନ ବାବୁ ପଚାରିଲେ ଅନ୍ୟ ମାନେ କୁଆଡେ ଗଲେ ? ତୋ ପିଲାପିଲି ମାନସ କେତେବେଳେ ଆସିଓ୍ୱେ। ସୁରେଶ କହିଲା, ମୋ ପିଲା ଙ୍କ ର ପରୀକ୍ଷା ତେଣୁ ତୋ ବୋହୂ କି ପିଲା ମାନେ ଆସି ପାରିଲେନି। ବାପା କହିଲେ ଆଉ ମାନସ ? ସୁରେଶ କହିଲା ନା ଭାଇ ଆସି ପାରିଲାନି ଭାଇ କହିଲା ତୁ ମାଆ କାମ ପାଇଁ ଯା ମୁଁ ବାପାଙ୍କ ବେଳକୁ ଯିବି। ସନାତନ ର ପାଦ ତଳୁ ମାଟି ଖସି ଗଲା , ପାଟି ରୁ କଥା ବାହାରିଲା ନାହିଁ।ହଉ କହି ସନାତନ ଘର ଭିତରକୁ ଚାଲିଗଲେ। କିଛି ସମୟ ପରେ ଘର ଭିତରୁ ସନାତନ ନ ଆସିବାରୁ କବାଟ ବାଡେଇ ଡକା ଡକି କଲେ। କିଛି ଶବ୍ଦ ନ ଆସିବାରୁ କବାଟ ଭାଙ୍ଗି ଭିତର କୁ ଗଲାରୁ ଦେଖିଲେ ସନାତନ ଦୌଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ପାଖରେ ଗୋଟିଏ ଚିଠି ପଡ଼ିଛି ,ତାକୁ ଖୋଲି ଦେଖିଲେ, ସେଥିରେ ଲେଖା ଅଛି ଶେଷ ନିଷ୍ପତ୍ତି !

ଶ୍ରଦ୍ଧେୟ ମାନସ ଓ ସୁରେଶ ସୁଭାଶିଷ ନେବୁ। ପିଲା ଙ୍କୁ ଜନ୍ମ କରି ପାଠ ପଢେଇ ଭଲ ମଣିଷ କରି ଗଢ଼ି ତୋଳିବା କଣ ଆମର ଭୁଲ୍ ? ଯୋଉ ମା ତୁମ ଭାବ ଅଭାବ ଦେଖିବାର ଆବଶ୍ୟକତା ନାହିଁ ସେ କେବଳ ଫୋନରେ ତୁମ କଣ୍ଠ ସ୍ୱର ଶୁଣି ଦେଲେ କହି ପାରେ,ତୁମେ ଖୁସି ଅଛ ନା ଦୁଃଖୀ ସେ ଆଉ କେହି ନୁହେଁ ସେ ତୁମର ମା ! ତୁ ଆସିଛୁ ସୁରେଶ ମା କାମ ସହିତ ମୋ କାମ ବି ଏକା ବେଳକେ କରିଦେଇ ଯା। ଦୁଇ ଥର ଆସି କାହିଁକି ସମୟ ନଷ୍ଟ କରିବ। ମୋର ଶେଷ ନିଷ୍ପତ୍ତି କୁ ଶୁଣି ଯା। ଏ ଘର ସମ୍ପତି ସବୁ କୁ ମୁଁ ସନାତନ ପ୍ରହରାଜ ବୃଦ୍ଧାଶ୍ରମ କୁ ଦାନ କରିଦେଲି। ଏ ସମ୍ପତି ଉପରେ କାହାରି ଅଧିକାର ରହିବ ନାହିଁ।

ଇତି

ତୁମର ବାପା

ସନାତନ ପ୍ରହରାଜ

ସାନ ପୁଅ ସୁରେଶ ନିର୍ବାକ ହୋଇ ଠିଆ ହୋଇଥିଲା, ବାପାଙ୍କର ଏହି ଶେଷ ନିଷ୍ପତ୍ତି ଶୁଣି।

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭

# ମେଘର ଚାଦର ତଳେ



## ଡ. ଶୁଭେନ୍ଦୁ ମେହେର

ମେଘର ଚାଦର ତଳେ......
ଯୁଗ ଯୁଗର ଋଷି ସମାଧିରେ
ଚୁପ ଚାପ ଶୋଇଛି !

ନା ଶବ୍ଦ,
ନା କମ୍ପନ !
ଗମ୍ଭୀରତା ଆଉ ଅନନ୍ତ ଧୈର୍ଯ୍ୟ

ସତ୍ୟ କେବେ ଚିତ୍କାର କରେନି,
ତା' ମସ୍ତକରେ ମେଘର ଶୀତଳ ହାତ,
ପାପୁଲିରେ ବର୍ଷାର ଅର୍ଘ୍ୟ,
କାନରେ ପବନର ପ୍ରାଚୀନ ସ୍ତୁତି ।

ନଦୀକୁ ଜନ୍ମ........!
ବନକୁ ଜୀବନ..........!!
ମଣିଷକୁ ଆଶ୍ରୟ............!!!

ତାକୁ ପଥର କୁହନ୍ତି !
ଯେ ନିଜେ ଭାଙ୍ଗେ,
କିନ୍ତୁ ଅନ୍ୟକୁ ଭାଙ୍ଗିବାକୁ ଦିଏନି,
ଯେ ନିଜେ ସହେ,
କିନ୍ତୁ ଅନ୍ୟର ଭାର ଛାତିରେ ଧରେ ।

ମେଘ ତା' ପାଇଁ ଆଭରଣ ନୁହେଁ,
କେବଳ ପ୍ରେମର ଆଶୀର୍ବାଦ
ଗୁରୁଙ୍କ ହାତ ଶିଷ୍ୟର ମୁଣ୍ଡ ଉପରେ
ଠିକ ଯେମିତି ।

ମେଘ ସରିଯିବ,
ପାହାଡ଼ ପୁଣି ଉଲଗ୍ନ ହେବ !
ଛାତିରେ ସୂର୍ଯ୍ୟ ଖେଳିବ,
ଫୁଲ ଫୁଟିବ,
ପୁଣି ଅପେକ୍ଷା କରିବ ଆଉ ଗୋଟେ ମେଘ ପାଇଁ ।

ଏକା ସୁନ୍ଦର ହେବା ସହଜ,
ଆଉ ଜଣଙ୍କ ପାଇଁ ସୁନ୍ଦର ହେବା ହିଁ ତପସ୍ୟା ।
ପାହାଡ଼ ତ ଆମକୁ ଶିଖାଏ,
ନୀରବ ରହିବା,
ତ୍ୟାଗ, ଅଟଳ ହେବା ଅଟଳ ହେବା ।

ଯଦି ମୁଁ ମେଘ ହୁଏ,
ତୁମ ଉପରେ ଚାଦର ହେବି,
ତୁମ ଉତ୍ତାପ ଆଚ୍ଛାଦନ କରିବି,
ତୁମ ନୀରବତାକୁ ସମ୍ମାନ ଦେବି ।

ମେଘ ନୁହେଁ,
ସେ' କରୁଣା !
ପାହାଡ଼ ନୁହେଁ,
ସେ ସନାତନ ।
ଦୁହେଁ ମିଶିଲେ ସୃଷ୍ଟି ହୁଏ ଯେମିତି
କେବଳ କବିତା, କବିତା ଆଉ କବିତା ।।

ଯାଲୋଏ, ସୁବର୍ଣ୍ଣପୁର
ମୋ -9938433664



# ଅଧର ପଣା



## ଭାରତୀ ବାସନ୍ତୀ ଲତା ଜେନା

ଆଷାଢ ଶୁକ୍ଳ ଦ୍ୱିତୀୟା ଅଧର ପଣା
ଶ୍ରୀଜୀଉ ପାଖରେ ଭୋଗ ଲାଗଇ ସିନା ।।

ମଧ୍ୟାହ୍ନ ଧୂପ ଶେଷରେ ଆରମ୍ଭ ନୀତି
ପୂଜା ପଣ୍ଡା ସେବକ ଯେ ୱିଧି କରନ୍ତି ।।

ଶ୍ରୀବିଗ୍ରହ ମାନଙ୍କର ଅଧର ଯାଏ
ମାଟି ହାଣ୍ଡିରେ ପଣାକୁ ରଖା ତ ଯାଏ ।।

ପଣା ପ୍ରସ୍ତୁତିରେ ଛେନା କଦଳୀ ସର
ଗୋଲମରିଚ ଯାଇ ଫଳ ଗୁଣ୍ଡ କର୍ପୂର ।।

ପ୍ରତି ରଥେ ତିନି ହାଣ୍ଡି ଅଧର ପଣା
ତିନି ରଥେ ନଅ ହାଣ୍ଡି ରଖନ୍ତି ପଣା ।।

ପଞ୍ଚଉପଚାରେ ଶ୍ରୀବିଗ୍ରହ ମାନଙ୍କୁ
ଅର୍ପନ୍ତି ସେବକ ମାନେ ଶ୍ରଦ୍ଧାରେ ତାଙ୍କୁ ।।
ରଥ ପରେ ଭୋଗ ପଣା ହାଣ୍ଡି ଭାଙ୍ଗନ୍ତି
ପାଶ୍ୱର୍ ଦେବୀ ଆଶରୀର ପାଇଣ ଥାନ୍ତି ।।

ଅଧର ପଣା ଦିଅଇ ମୁକ୍ତି ଉଦ୍ଧାର
ସେଥିପାଇଁ ଏହି ୱିଧି ଶ୍ରୀଜୀଉଙ୍କର ।।

ଶଙ୍ଖ ହୁଳହୁଳି ଘଣ୍ଟା ବାଜେ କାହାଳୀ
ବେଦମନ୍ତ୍ର ସ୍ତୁତି ପାଠ ପଢେ ଉଚ୍ଛୁଳି ।।

ଭକ୍ତ ସମାବେଶ ହୁଏ ଦିଅଁ ଦର୍ଶନ
ଜୟ ଜଗନ୍ନାଥ ଧ୍ୱନି ଆନନ୍ଦ ମନ ।।

ବଡ଼ ଦାଣ୍ଡ ଲୋକାରଣ୍ୟ ସମୁଦ୍ର ପରି
ଭାବଗ୍ରାହୀ କୃପାମୟ ପ୍ରିୟ ସବୁରି ।।

ଅଭୟ ବର ଦିଅନ୍ତି କରୁଣା ଢାଳି
ରୋଗ ଦୁଃଖ ଯାତନା ଯେ ଯାଏ ମଉଳି ।।

**ଗାନ୍ଧୀନଗର, ନବରଙ୍ଗପୁର**



# କାଉଡ଼ିଆ କାନ୍ଧେ ଭକ୍ତିର ଭାର



## ସ୍ୱାଗତିକା ସାହୁ

କାଉଡ଼ିଆ କାନ୍ଧରେ ଭକ୍ତିର ଭାର
ଚାଲେ ଶିବପଥେ ଭକ୍ତ ଯେ ଅପାର।
ତାକୁ ବାଧ୍ୟ କରେ ଶିବ ଅଲୌକିକ
ତାଙ୍କ ଅନାଭରଣ ବେଶ ବ୍ୟାପକ

ଆସିଲା ଶ୍ରାବଣ ମାସ ସୋମବାର,
ଶିବ ମନ୍ଦିରରେ ଲାଗେ ଦରବାର।

"ହର ହର ବମ୍ ବମ୍" ଧ୍ୱନି ଗାଇ,
ଭୋଳାନାଥଙ୍କୁ ଭାବେ ଭକ୍ତ ଡାକଇ।

ଗେରୁଆ ବସ୍ତ୍ର ସର୍ବେ ଦେହରେ ପିନ୍ଧି,
ଭକ୍ତି ଅନ୍ତର୍ମନେ ହୃଦୟେ ବାନ୍ଧି।
ଖାଲି ପାଦେ ଅତିକ୍ରମି ହୁଏ ପାର,
କାଉଡ଼ିଆଙ୍କ କାନ୍ଧେ ଭକ୍ତିର ଭାର।

ପୁଣ୍ୟ ପବିତ୍ର ନଦୀ ଘାଟରେ ଯାଇ,
ଜଳ ଭରନ୍ତି ମନ ସମର୍ପି ଦେଇ ।
"ଓଁ ନମଃ ଶିବାୟ" ନାମ ଜପି ଜପି,
ଆଗେ ବଢ଼ନ୍ତି ପାଦ ଭକ୍ତିରେ ମାତି।

ନଭରି ମନେ ଅହଂ, ଲୋଭ କି ଗର୍ବ,
ଶିବ ଚରଣେ ଶ୍ରାୱଣେ ଅର୍ପି ସର୍ବ।
ଚାଲେ ଅବିଶାନ୍ତ ପଥିକଟେ ପରି
ଶିବ ଗୁଞ୍ଜରଣ ବାହାରେ ଉତୁରି ।

ମନ୍ଦିରେ ପହଞ୍ଚି ଜଳ ଯେ ଢାଳନ୍ତି,
ଅନିର୍ବଚନୀୟ ସେ ଅନୁଭବନ୍ତି ।

ଶାନ୍ତି, ଶକ୍ତି, ଆଶିଷ ସର୍ବେ ପାଆନ୍ତି,
ଆନନ୍ଦମୟ ଉପମା ହୃଦେ ବାଢ଼ନ୍ତି।

ଶିବଙ୍କୁ ସାଥି କରି ଚାଲିବା ସମସ୍ତେ,
ଶୃଙ୍ଖଳା ରଖିବା ସର୍ବ ଅବସ୍ଥାରେ।
ହର୍ଷ ଉକ୍ତି ସ୍ପର୍ଶରେ ବିଭୋର ହେବା
ଆକାଶର କାନ୍ ଭାସ୍ ରେ ଖୋଜିବା....
କେବଳ ଶିବଙ୍କୁ ଲଭିବା...!!

ଉମରକୋଟ, ନବରଙ୍ଗପୁର



# ସଂସ୍କାର ଖୋଜୁଛି ଭଲ ମଣିଷ



## ଡଃ ତାନଶ୍ରୀ ପାଣିଗ୍ରାହୀ

ଅମୃତ ସୃଷ୍ଟିର ଅମୃତ ମଣିଷ
ହଜିଛି ତୋର ସଂସ୍କାର
ମଣିଷପଣିଆ କୁଆଡେ ଗଲା ଯେ
କାହାକୁ ନାହିଁ ତା ଡର...

ଧର୍ମ ନାମରେ ଅଧର୍ମର ସ୍ୱର
ହଟେଇ ଦିଅନ୍ତୁ ତାକୁ
ଦୟା ଦାନ ଧର୍ମ ହୃଦୟରେ ବହି
ନିଜର ଜାତକ ଦେଖୁ...

ନିଜ ସ୍ୱାର୍ଥ ଠାରୁ ଦୂରେଇ ଯାଇ ସେ
ଗାଉ ସାମ୍ୟ ବାଦ ସ୍ୱର
ପ୍ରତି ହୃଦୟରେ ସ୍ନେହ ମମତାରେ
ବାନ୍ଧୁ ଏକ ପରିବାର...

ଅଧର୍ମ ଅନ୍ୟାୟ ଲକ୍ଷ୍ମଣ ରେଖାକୁ
ସହଜେ ଯାଇଛି ପାରି
ଭାଙ୍ଗି ଦେଇଅଛି ବିଶ୍ୱାସ ଭରସା
କେମିତି ହେବ ସଂସ୍କାରୀ...

ବଡ଼ଙ୍କୁ ସମ୍ମାନ ସାନଙ୍କୁ ସେନେହ
ଭାଷାରେ ଭରୁ ଅମୃତ
ସଂସ୍କାର ଖୋଜୁଛି ଭଲ ମଣିଷଟେ
ହସିବ ସାରା ଜଗତ ।।

ବାଲେଶ୍ୱର



ସମୟର ଛାୟାଚିତ୍ର



# ସମୟର ଛାୟା ଚିତ୍ରରେ ଜଙ୍ଗଲ କନ୍ୟା ଏହସାସ

## ଡକ୍ଟର ଲକ୍ଷ୍ମଣ ସାହୁ



ସହିତ ଏକ ଅଦ୍ଭୁତ ଆଧ୍ୟାତ୍ମିକ ସମ୍ପର୍କ ଗଢ଼ି ଉଠିଲେ। ସେ ଦୁର୍ବଳ ପ୍ରାଣୀଙ୍କୁ କଠୋର ଭାବରେ ରକ୍ଷା କରୁଥିଲେ ଓ ଅନ୍ୟାୟ ବିରୁଦ୍ଧରେ ଅତ୍ୟନ୍ତ କଠୋର ଭାବରେ ଠିଆ ହୋଇଥିଲେ। ଥରେ କିଛି ଅନୁସନ୍ଧାନକାରୀ ଆଫ୍ରିକାର ଜଙ୍ଗଲକୁ ଆସିଥିଲେ। ସେମାନଙ୍କ ମଧ୍ୟରେ ସୁନ୍ଦରୀ ଯୁବତୀ ଜେନ୍ ପୋର୍ଟର ଥିଲେ। ଟାର୍ଜାନ୍ ପ୍ରଥମ ଥର ପାଇଁ ମାନବ ସମାଜ ସହିତ ପରିଚିତ ହୋଇଥିଲେ ଓ ଜେନ୍ ସହିତ ପ୍ରେମରେ ପଡ଼ିଥିଲେ। ଧୀରେ ଧୀରେ, ସେ ଜାଣିଲେ ଯେ ସେ ଜଣେ ବାନର ନୁହଁନ୍ତି, ବରଂ ଏକ ଇଂରାଜୀ ସମ୍ଭ୍ରାନ୍ତ ପରିବାରର ପିଲା। ପରେ, ସେ କଥିତ ଭାଷା, ଶିକ୍ଷା ଓ ସଭ୍ୟତାର ବିଭିନ୍ନ ଦିଗ ଉପରେ ଆୟତ୍ତ କରିଥିଲେ। କିନ୍ତୁ ଜଙ୍ଗଲ ପ୍ରତି ତାଙ୍କର ଅଦମ୍ୟ ଆକର୍ଷଣ କେବେ ହ୍ରାସ ପାଇଲା ନାହିଁ। ଜେନ୍ ସହିତ ବିବାହ କରିବା ପରେ ମଧ୍ୟ, ସେ ଏହି ଦୁଇଟି ପୃଥକ ଜଗତ, ଜଙ୍ଗଲ ଓ ମାନବ ସମାଜ ମଧ୍ୟରେ ଏକ ସୁନ୍ଦର ସନ୍ତୁଳନ ବଜାୟ ରଖି ତାଙ୍କ ଜୀବନ ବଞ୍ଚି ରହିଛନ୍ତି। ଟାର୍ଜନଙ୍କ କାହାଣୀର ମୁଖ୍ୟ ଆକର୍ଷଣ ହେଉଛି ମଣିଷ ଓ ପ୍ରକୃତି ମଧ୍ୟରେ ଗଭୀର ସୁସଙ୍ଗତ ସମ୍ପର୍କ, ସାହସ, ନ୍ୟାୟ, ମାନବିକତା ତଥା ଆତ୍ମ-ପରିଚୟ ପାଇଁ ସନ୍ଧାନ। ଯଦିଓ ଚରିତ୍ରଟି ସମ୍ପୂର୍ଣ୍ଣ କାଳ୍ପନିକ, ତଥାପି ଟାର୍ଜନ ଏବେ ବି ବିଶ୍ୱର ପିଲା, କିଶୋର ଓ ବୟସ୍କ ପାଠକଙ୍କ ପ୍ରିୟ।

ମହାନ ହିରୋ ନିକଟତର ମୋଗଲି ଓ ଟାର୍ଜାନ ଚରିତ୍ରଗୁଡ଼ିକ ନିଶ୍ଚିତ ଭାବରେ କାଳ୍ପନିକ। ଜଙ୍ଗଲ ଜୀବନ ସହିତ ସେମାନଙ୍କର ଅନୁକୂଳନର କାହାଣୀ ଏବେ ବି ଆମକୁ ବିଚଳିତ କରେ ଓ ଆମ ମନୋରଞ୍ଜନର ଉତ୍ସ ପାଲଟି ଯାଇଛି। ଯଦି ଏସବୁ କାଳ୍ପନିକ ଚରିତ୍ର ଆମ ପିଢ଼ି ପାଇଁ ରୋମାଞ୍ଚକର ମନୋରଞ୍ଜନର ଉତ୍ସ ହୋଇଯାଏ। ପ୍ରାରମ୍ଭରୁ ସୂଚେଇ କହିଦେଉଛି ସମ୍ପ୍ରତି ଭାରତର ଉତ୍ତର ପ୍ରଦେଶର ଏକ ଜଙ୍ଗଲରେ ସମାନ ସତ୍ୟ କାହାଣୀ ମିଳିଛି। ସେହି ରାଜ୍ୟର ବହରାଇଚ୍ ଜିଲ୍ଲାରେ ଭାରତ-ନେପାଳ ସୀମାରେ ଅବସ୍ଥିତ ଏହି ବନ୍ୟପ୍ରାଣୀ ଅଭୟାରଣ୍ୟ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଅନନ୍ତ ଜୈବ ବିବିଧତା ପାଇଁ ବହୁଳ ଭାବରେ ଜଣାଶୁଣା। ୨୦୧୭ ଜାନୁଆରୀ ରେ ଏହି ଅଭୟାରଣ୍ୟରୁ ହଠାତ୍ ଗୋଟିଏ ଅଦ୍ଭୁତ ଆଶ୍ଚର୍ଯ୍ୟଜନକ ଝିଅକୁ ଉଦ୍ଧାର କରାଯାଇଥିଲା, ଯାହା ସାରା ବିଶ୍ୱକୁ ବିସ୍ମିତ କରିଥିଲା। ତାଙ୍କର ଆଚରଣ ସାଧାରଣ ବ୍ୟକ୍ତିଙ୍କ ପରି ନଥିଲା। ସେ ଜଙ୍ଗଲ ଜୀବନରେ ସମ୍ପୂର୍ଣ୍ଣ ଅଭ୍ୟସ୍ତ ହୋଇଯାଇଥିଲେ। ଏହି କାରଣରୁ, ସେ ରାତାରାତି ପ୍ରକୃତ 'ମୋଗଲି ଗାର୍ଲ' କିମ୍ବା ପ୍ରକୃତ 'ଜଙ୍ଗଲ ଗାର୍ଲ' ଭାବରେ ପରିଚିତ ହୋଇଗଲେ। ଯଦିଓ ସେହି ସମୟରେ, ଉତ୍ତର ପ୍ରଦେଶ ସମାଜ କଲ୍ୟାଣ ବିଭାଗ ପ୍ରଥମେ ତାଙ୍କର ନାମ 'ପୂଜା' ରଖିଥିଲା। ସେଠାରୁ ନାମ 'ଏହସାସ' ରେ ପରିବର୍ତ୍ତନ କରାଯାଇଥିଲା।

ଯେତେବେଳେ କିଛି କାଠ କଟାଳି ଏହି ଅଭୟାରଣ୍ୟରେ କାଠ କାଟିବା ପାଇଁ ଜଙ୍ଗଲ ଅଞ୍ଚଳରେ ପ୍ରବେଶ କଲେ, ସେମାନେ ହଠାତ୍ ଏକ ନଅ ବର୍ଷର ଝିଅକୁ ଦେଖିଲେ। କାଠ କଟାଳିମାନେ ଝିଅଟିକୁ ଉଦ୍ଧାର କରିବାକୁ ଯିବା ସମୟରେ, ସେ ତୁରନ୍ତ ଦୌଡ଼ି ପଳାଇଗଲା। କିନ୍ତୁ ଯେତେବେଳେ ଦଳେ ମାଙ୍କଡ଼ ଆକ୍ରମଣାତ୍ମକ ମନୋଭାବରେ ସେମାନଙ୍କୁ ପିଛା କଲେ, କାଠ କଟାଳିମାନେ ନିଜ ଜୀବନକୁ ଭୟ କରି ପଳାଇଗଲେ ଓ ସ୍ଥାନୀୟ ପୋଲିସକୁ ସମଗ୍ର ଘଟଣା ବିଷୟରେ କହିଥିଲେ। ଏହା ଶୁଣି ପୋଲିସ, ବନ କର୍ମଚାରୀ ଓ କାଠ କଟାଳି ଦଳ ପୁଣି ସେହି ସ୍ଥାନରେ ଚଢାଉ କରିଥିଲେ। କିନ୍ତୁ ଝିଅଟି କେଉଁଠି ଦେଖାଗଲା ନାହିଁ। ବନ କର୍ମଚାରୀ ଓ ପୋଲିସ ମଧ୍ୟ ହାର ମାନିବାକୁ ନଥିଲେ। ଗୋଟିଏ ମାସ ଖୋଜାଖୋଜି କରିବା ପରେ, ଶେଷରେ ଝିଅଟି ପୁଣି ମିଳିଗଲା। ସେତେବେଳେ ସେ ଜଙ୍ଗଲରେ ମାଙ୍କଡ଼ମାନଙ୍କ ଦଳରେ ଖେଳୁଥିଲା।

ଏପରିକି ସେ ମଧ୍ୟ ମାଙ୍କଡ଼ର ଚିତ୍କାରକୁ ଅନୁକରଣ କରି ଚିତ୍କାର କରୁଥିଲା। ସେ ମାଙ୍କଡ଼ ପରି ଚାରିପାଦରେ ଦ୍ରୁତ ଗତିରେ ଦୌଡୁଥିଲା। ସେ ହାତରେ ଖାଦ୍ୟ ଉଠାଇବା ପରିବର୍ତ୍ତେ ମୁହଁରେ ଖାଦ୍ୟ ସଂଗ୍ରହ କରୁଥିଲା। ସେ କୌଣସି ପୋଷାକ ପିନ୍ଧି ନଥିଲା। ଦୂରରୁ ଝିଅଟିର ଏପରି ଅଜବ ଆଚରଣ ଦେଖି ଉପସ୍ଥିତ ସମସ୍ତେ କିଛି ସମୟ ପାଇଁ ଆଶ୍ଚର୍ଯ୍ୟ ହୋଇଗଲେ। ଜଙ୍ଗଲରେ ଏକାଥରେ ଅନେକ ଲୋକଙ୍କ ଉପସ୍ଥିତି ଅନୁଭବ କରି, ସେ ପୁଣି ଖସିଯିବାକୁ ଚେଷ୍ଟା କଲା। କିନ୍ତୁ ଏଥର ପୋଲିସ ଫୋର୍ସ ସବୁ ପ୍ରସ୍ତୁତି କରିସାରିଥିଲା ଓ ତାକୁ ଧରିପାରିଥିଲା। କିନ୍ତୁ ଝିଅଟି କାହାକୁ ନିଜ ପାଖକୁ ଯିବାକୁ ଯିବାକୁ ପସନ୍ଦ କଲା ନାହିଁ। ସେ କୌଣସି ମଣିଷ ଭାଷା ମଧ୍ୟ କହିପାରୁନଥିଲା। ବରଂ ସେ ବିଭିନ୍ନ ପଶୁଙ୍କ ପରି ଚିତ୍କାର କରିବାକୁ ଲାଗିଲା। ସେ ପୋଷାକ ପିନ୍ଧିବାକୁ ଆଦୌ ଚାହୁଁ ନଥିଲା। ଯେତେବେଳେ ତାକୁ ଗାଡ଼ିରେ ଉଠାଇ ନେବାକୁ ବାଧ୍ୟ କରାଗଲା, ଅନେକ ମାଙ୍କଡ଼ ଚଳନ୍ତା ଗାଡ଼ିକୁ ଅନୁସରଣ କରି ତାଙ୍କ ଉପରେ ଆକ୍ରମଣ କଲେ। ସେ ତାକୁ ଜଙ୍ଗଲ ପର୍ଯ୍ୟନ୍ତ ବହୁ ଦୂରକୁ ଘଉଡ଼ାଇ ଦେଲେ। ବହୁତ ଚେଷ୍ଟା ସତ୍ତ୍ୱେ, ସେ କିପରି ଓ କେବେ ତାହା ଜାଣିପାରିଲେ ନାହିଁ।

ସେ ସେହି ଆଶ୍ରୟସ୍ଥଳକୁ ଆସିଥିଲେ କି ନାହିଁ ତାହା ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ବିକଳ୍ପ ଖୋଜିବା ପରେ ସମ୍ପୃକ୍ତ ସମାଜ କଲ୍ୟାଣ ବିଭାଗ ଅଧୀନରେ ଥିବା ବହରାଇଚ୍ ଶିଶୁ କଲ୍ୟାଣ କମିଟି ଶେଷରେ ତାଙ୍କୁ ଲକ୍ଷ୍ନୌର ଏକ ସ୍ୱତନ୍ତ୍ର ଗୃହ 'ନିର୍ବାଣ ରୟାଲ୍ ଚିଲ୍ଡ୍ରେନ୍ସ ହୋମ୍ ସ୍ପେଶାଲାଇଜ୍ଡ'ରେ ରଖିବାକୁ ନିଷ୍ପତ୍ତି ନେଇଥିଲା। ସେଠାରେ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରଖାଗଲା। ତାଙ୍କୁ ଧୀରେ ଧୀରେ ଜଣେ ସାଧାରଣ ବ୍ୟକ୍ତି ପରି ବ୍ୟବହାର କରିବା ଓ ଦୁଇ ଗୋଡ଼ରେ ଚାଲିବା ଶିଖାଯାଇଥିଲା। ସମୟ ବିତିବା ସହିତ, ସେ ଦୁଇ ଗୋଡ଼ରେ ଚାଲିବା ଶିଖିଥିଲେ। ସେ ଆପେ ପୋଷାକ ପିନ୍ଧିବା ମଧ୍ୟ ଶିଖିଥିଲେ। ସେ ଛୋଟ ଛୋଟ ଶବ୍ଦ ମଧ୍ୟ କହିପାରୁଥିଲେ। ସେ କେନ୍ଦ୍ରର ପରିଚାରିକା ରାଣୀ ଦେବୀଙ୍କୁ 'ଆମ୍ମା' ବୋଲି ମଧ୍ୟ ଡାକିଥିଲେ। ଯଦିଓ ଏହସାସଙ୍କୁ ମାନବ ସମାଜରେ ଅଣାଯାଇଥିଲା, ସେ ତାଙ୍କ ପଛରେ ଛାଡି ଆସିଥିବା ବନ୍ୟ ପ୍ରକୃତିକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିପାରି ନଥିଲେ। ବିପରୀତରେ ତାଙ୍କର ମାନସିକ ବିକାଶ ଓ ଶାରୀରିକ ଆଚରଣ କୌଣସି ପ୍ରକାରେ ଜଣେ ସାଧାରଣ ବ୍ୟକ୍ତିଙ୍କ ସ୍ୱଭାବକୁ ସିଦ୍ଧ କରୁନଥିଲା। ବରଂ ସାମାଜିକ ପରିବେଶ ସହିତ ସମ୍ପୂର୍ଣ୍ଣ ଖାପ ଖୁଆଇ ନ ପାରିବା କାରଣରୁ ସେ ଧୀରେ ଧୀରେ ଅସୁସ୍ଥ ହୋଇପଡୁଥିଲେ। ତାଙ୍କୁ ପ୍ରାୟତଃ ମୂର୍ଚ୍ଛା ହେଉଥିଲା। ଦୀର୍ଘ ଶାରୀରିକ ସଂଘର୍ଷ ପରେ, ୨୦୨୬ ଜୁନ୍ ୧୫ ରେ, ଜଙ୍ଗଲ ଝିଅ ଏହସାସ ମାତ୍ର ୧୮ ବର୍ଷ ବୟସରେ ଲକ୍ଷ୍ନୌର ଡକ୍ଟର ରାମ ମନୋହର ଲୋହିଆ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଶବ ବ୍ୟବଚ୍ଛେଦରେ କୁହାଯାଇଥିଲା ଯେ ମୃତ୍ୟୁର କାରଣ ଫୁସଫୁସରେ ସେପ୍ଟିସେମିଆ ସଂକ୍ରମଣ ଥିଲା।

ଏକ ପୋଲିସ ସୂତ୍ର କହିଛି ଯେ ଏହସାସଙ୍କ ଫଟୋ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ, ହମିଦ ଅଲି ଶାହ ନାମକ ଜଣେ ବୃଦ୍ଧ ବ୍ୟକ୍ତି ପୋଲିସ ସହିତ ଯୋଗାଯୋଗ କରିଥିଲେ। ସେ ଦାବି କରିଥିଲେ ଯେ ଏହସାସ ତାଙ୍କର ନାତୁଣୀ। ଜଙ୍ଗଲୀ ଝିଅଟି ପ୍ରକୃତରେ ଉତ୍ତର ପ୍ରଦେଶର କମଳାପୁର ଗାଁର ବାସିନ୍ଦା। ସେହି ଗାଁ କଟାର୍ନିଆଘାଟ ଅଭୟାରଣ୍ୟରୁ ୨୮୫ କିଲୋମିଟର ଦୂରରେ ଅବସ୍ଥିତ। ତାଙ୍କ ବାପା ବୃତ୍ତିଗତ କାରଣରୁ ଦିଲ୍ଲୀରେ ରହୁଥିଲେ। ଏହସାସର ଛଅ ଭଉଣୀ ଓ ଜଣେ ଭାଇ ଥିଲେ। ୨୦୧୬ ମାର୍ଚ୍ଚ ୧୮ ତାରିଖରେ ସେ ହଠାତ୍ ତାଙ୍କ ଘରୁ ନିଖୋଜ ହୋଇଗଲେ। ଅନେକ ବିଶ୍ୱାସ କରନ୍ତି ଯେ କୌଣସି ବିଶେଷ ଗୁପ୍ତ ପାରିବାରିକ କାରଣରୁ ତାଙ୍କ ପରିବାର ଜାଣିଶୁଣି ଏହସାସଙ୍କୁ ଅଭୟାରଣ୍ୟରେ ଏକା ଛାଡି ଦେଇଥିଲେ। ଯଦିଓ ତାଙ୍କ ନିଖୋଜ ସମ୍ପର୍କରେ ଆଞ୍ଚଳିକ ବାଦଶାପୁର ପୋଲିସ ଷ୍ଟେସନରେ ଏକ ଅଭିଯୋଗ ଡାଏରୀ ମଧ୍ୟ ଦାଖଲ କରାଯାଇଥିଲା। ବ୍ୟାପକ ଖୋଜାଖୋଜି ସତ୍ତ୍ୱେ, ପରିବାର ତାଙ୍କୁ ପାଇପାରିଲେ ନାହିଁ। ତଥାପି ଘରେ ତାଙ୍କ ଜେଜେବାପା ଓ ବାପାଙ୍କ ସାଥ୍ ଥିଲେ ମଧ୍ୟ, ଏହସାସ ତାଙ୍କ ବନ୍ୟ ଜୀବନ ଦ୍ୱାରା ଛାଡ଼ିଯାଇଥିବା ପ୍ରକୃତିକୁ ଅଧିକ ଆରାମଦାୟକ ଅନୁଭବ କରୁଥିଲେ। ଯଦିଓ ଆଉ ଏହସାସ୍ ନାହାନ୍ତି, ସେ ଆମ ପାଇଁ କିଛି ରହସ୍ୟମୟ ପ୍ରଶ୍ନ ଛାଡ଼ିଯାଇଛନ୍ତି।

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪ ୭୫**

# ଖୋଲିଲା ଲୋୟର ସୁକତେଲ ଡ୍ୟାମ୍‌ର ୩ ଗେଟ୍



ବଲାଙ୍ଗୀର,୨୬।୭(ସଂଚାର ବ୍ୟୁରୋ): ଲୋୟର ସୁକତେଲ ଡ୍ୟାମରେ କ୍ରମାଗତ ଭାବେ ଜଳସ୍ତର ବଢ଼ିଚାଲିଛି। ଏଥିସହ ଏଠାରେ ଜଳ ସ୍ତର ବିପଦ ସଂକେତ ଛୁଇଁ ୨ ଶହ ମିଟରକୁ ଡେଇଁଯାଇଛି। ଫଳରେ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ୟାମର ୩ଟି ଗେଟ୍ ଖୋଲାଯାଇଛି। ଏଥିସହ ଲୋୟର ସୁକତେଲ ଡ୍ୟାମରୁ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ସୁକତେଲ ମୁଖ୍ୟ ଯନ୍ତ୍ରୀ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ଉପସ୍ଥିତିରେ ପୂଜା ହୋଇଥିଲା। ପରେ ସାଇରନ ବାଜି ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯାଇଥିଲା। ଲଗାଣ ବର୍ଷା ଯୋଗୁଁ ଡ୍ୟାମର ଜଳସ୍ତର ବିପଦ ସଙ୍କେତ ଉପରେ ଥିବାରୁ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି ବୋଲି ଲୋୟର ସୁକତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ସୁରେନ୍ଦ୍ର ଭୋଇ ସୂଚନା ଦେଇଛନ୍ତି। ଏବେ ପ୍ରତି ସେକେଣ୍ଡରେ ଡ୍ୟାମକୁ ୫ ଶହ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ବିପଦ ସଂକେତ ଛୁଇଁ ଡ୍ୟାମର ଜଳସ୍ତର ୨ ଶହ ମିଟର ଡେଇଁଛି। ଫଳରେ ବର୍ଷା ଜଳ ନିଷ୍କାସନ ପାଇଁ ଗେଟ୍ ଖୋଲାଯାଇଛି।

### ଦିନିକିଆ ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ଗସ୍ତରେ ମନମୋହନ

# ଜଳ ସୁରକ୍ଷିତ ଭବିଷ୍ୟତ ଗଢ଼ିବା ସମସ୍ତଙ୍କ କର୍ତ୍ତବ୍ୟ

● ବିଜେପିରେ ସାମିଲ୍ ହେଲେ ବିଜେଡି ଓ କଂଗ୍ରେସ କର୍ମୀ



ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ): ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ଆଜି ଦିନିକିଆ ବଲାଙ୍ଗୀର ଜିଲ୍ଲା ଗସ୍ତରେ ଯାଇ ପ୍ରଥମେ ଟିଟିଲାଗଡ଼ଠାରେ ପହଞ୍ଚିଥିଲେ। ଏକ ଶୋଭାଯାତ୍ରାରେ ଶ୍ରୀ ସାମଲ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଯାଇ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ସେ ଟିଟିଲାଗଡ ସହରର ୧୩୬ ନମ୍ବର ବୁଥ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୩୬ତମ 'ମନ୍ କୀ ବାତ୍' ରେଡିଓ କାର୍ଯ୍ୟକ୍ରମ ଶୁଣିବା ସହ ୧୫ ନମ୍ବର ୱାର୍ଡ ଅନ୍ତର୍ଗତ ୧୮୧ ନମ୍ବର ବୁଥ୍ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକରେ ଯୋଗଦେଇ ସାଙ୍ଗଠନିକ ଏବଂ ବିଭିନ୍ନ ପ୍ରସଙ୍ଗରେ ଚର୍ଚ୍ଚା ଆଲୋଚନା କରିଥିଲେ। ଟିଟିଲାଗଡ଼ ସହର ଦଳୀୟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି, ରାଜ୍ୟ ସମ୍ପାଦକ ସରୋଜ କର, ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ବଲାଙ୍ଗୀର ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ଏନ୍‌ଏସି ଅଧ୍ୟକ୍ଷା ମମତା ଦେବୀ ଜୈନ, ଯୁବ ଅଧ୍ୟକ୍ଷା ସଞ୍ଜୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷା ଜଳ ସଂରକ୍ଷଣ ଆଜି ଜନ ଆନ୍ଦୋଳନରେ ପରିଣତ ହୋଇଛି। ବର୍ଷାର ପ୍ରତ୍ୟେକ ବୁନ୍ଦାକୁ ସଂରକ୍ଷଣ କରି ଭବିଷ୍ୟତ ପାଇଁ ଜଳ ସୁରକ୍ଷା ସୁନିଶ୍ଚିତ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। ପରେ ଶ୍ରୀ ସାମଲ କଣ୍ଟାବାଞ୍ଜି ଗସ୍ତ କରିଥିବା ବେଳେ ତାଙ୍କୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି, ରାଜ୍ୟ ସମ୍ପାଦକ ସରୋଜ କର, ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ବଲାଙ୍ଗୀର ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରାଙ୍କ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଚୌଦ୍ୱାରରେ କାର୍ଗିଲ ଦିବସ



କଟକ,୨୬।୭ (ସଂଚାର ବ୍ୟୁରୋ): ଉତ୍କଳ ଫାଉଣ୍ଡେସନ ତରଫରୁ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। କାର୍ଗିଲ ଯୁଦ୍ଧରେ ପ୍ରାଣ ହରାଇଥିବା ସହିଦଙ୍କ ମଧ୍ୟରୁ କଟକ ଚୌଦ୍ୱାର ଅଞ୍ଚଳର ରାଜକିଶୋର ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶାନ୍ତି ପାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ନରୋତ୍ତମ ଦାସ, ଉପସଭାପତି ଦିଲୀପ ସାହୁ, ସହସମ୍ପାଦକ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ ଭଜନାମୃତ କାର୍ଯ୍ୟକ୍ରମ



କଟକ, ୨୬।୭ (ସଂଚାର ବ୍ୟୁରୋ): କଟକ ଉନ୍ନୟନ କର୍ତ୍ତୃପକ୍ଷ ଦ୍ୱାରା ଆୟୋଜିତ ଓ ମହାନଦୀବିହାର ଡେଭଲପମେଣ୍ଟ ଆସୋସିଏସନ୍ ଓ ଶ୍ରୀଜଗନ୍ନାଥ ସାଂସ୍କୃତିକ ପରିଷଦର ମିଳିତ ସହଯୋଗରେ ୨୬ ଓ ୨୭ ତାରିଖ ଦୁଇଦିନ ଧରି ମହାନଦୀବିହାରଠାରେ ଜଗନ୍ନାଥ ଭଜନାମୃତ କାର୍ଯ୍ୟକ୍ରମ 'ହୋ ଭକତେ' ଅନୁଷ୍ଠିତ ହୋଇଛି। ସଞ୍ଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସନ୍ଧ୍ୟାରେ ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚତୁର୍ଭୁଜ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉଲ୍ଲାସ ବେଉରା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଥିବା ବକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏମଡିଏର ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁ, ସହ ସମ୍ପାଦକ ଜ୍ଞାନରଞ୍ଜନ ଦାସ, ଗୋଲେଖ କାନୁନଗୋ, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ନିକୁଞ୍ଜ ରଥ, ପ୍ରଦୀପ ମହାନ୍ତି ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

■ ରାଜଧାନୀରେ ମୁଣ୍ଡବିହୀନ ମୃତଦେହ

## ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରୁ ମୃତଦେହ ଠାବ

ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ସମ୍ମୁଖ ରାସ୍ତାରୁ ରବିବାର ଭୋର ସମୟରେ ଏକ ମୁଣ୍ଡବିହୀନ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ଏହି ଘଟଣାଟି ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମିଳିଥିବା ସୂଚନାନୁଯାୟୀ, ଭୋର ପ୍ରାୟ ୪ଟା ସମୟରେ ସ୍ଥାନୀୟ ଲୋକେ ରାସ୍ତା ଉପରେ ମୃତଦେହଟି ପଡ଼ିଥିବା ଦେଖି ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସମ୍ପୃକ୍ତ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଏହା କୌଣସି ସଡ଼କ ଦୁର୍ଘଟଣାର ପରିଣାମ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଥିଲେ ବି ପୁଲିସ କୌଣସି ସମ୍ଭାବନାକୁ ଏଡ଼ାଇନାହିଁ। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ବିଭିନ୍ନ ଦିଗରୁ ତଦନ୍ତ ଜାରି ରହିଛି। ଘଟଣାସ୍ଥଳ ଓ ଏହାର ଆଖପାଖ ଅଞ୍ଚଳରେ ଉପଲବ୍ଧ ସିସିଟିଭି କ୍ୟାମେରାର ଫୁଟେଜ୍ ସଂଗ୍ରହ କରି ପୁଲିସ ଯାଞ୍ଚ କରୁଛି। ସେହିପରି ମୃତକଙ୍କ ପରିଚୟ ଓ ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ଜାଣିବା ପାଇଁ ପୁଲିସ ତା'ର ଛାନଭିନ୍ ଜାରି ରଖିଛି।



## ନାନାଦି ସମସ୍ୟା ଦେଇ ଗତି କରୁଛି ପୌର ଚିକିତ୍ସାଳୟ

■ ପ୍ରତିବାଦରେ ୪୬ ମାସରେ ପହଞ୍ଚିଛି ସେବା ପ୍ରତିନିଧିର ଧାରଣା

■ ବିଭିନ୍ନ ଦାବି ପୂରଣ ନେଇ ସରକାର ପଦକ୍ଷେପ ନିଅନ୍ତୁ

ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ): ସ୍ଥାନୀୟ ଓଲ୍ଡ ଟାଉନ୍‌ସ୍ଥିତ ପୌର ଚିକିତ୍ସାଳୟରେ ଦିନକୁ ଦିନ ଅବ୍ୟବସ୍ଥା ବଢ଼ିଚାଲିଛି। ୧୯୪୨ରେ ପ୍ରତିଷ୍ଠା ହୋଇଥିବା ଏହି ପୁରୁଣା ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବା ବେଳେ ଶଯ୍ୟା ସଂଖ୍ୟା ବି ୧୦୬ରୁ ୫୬କୁ ଖସିଆସିଛି। ଏହି ଚିକିତ୍ସାଳୟକୁ ଏବେ ୪୫ ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବା



ବେଳେ କାର୍ଯ୍ୟରତ ଅଛନ୍ତି ମାତ୍ର ୯ ଜଣ। ଏହାଛଡ଼ା ଚିକିତ୍ସାଳୟ ୨୪ ଘଣ୍ଟା ଖୋଲା ରହିବାର ବ୍ୟବସ୍ଥା ଥିଲେ ହେଁ ଏହା ମାତ୍ର ୪ ଘଣ୍ଟା ପାଇଁ ଖୋଲା ରହୁଛି। ଏସବୁ ଅବ୍ୟବସ୍ଥା ପ୍ରତିବାଦରେ ଆଜି ସେବା ପ୍ରତିନିଧି ପକ୍ଷରୁ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଗତ ୪୬ ମାସ ଧରି ଧାରଣା ଜାରି ରହିଛି। ଦାବିଗୁଡ଼ିକ ହେଲା, ଦରକାର ଭେଉଥିବା ଚିକିତ୍ସାଳୟରେ ନୂଆ ଡାକ୍ତରଙ୍କ ନିଯୁକ୍ତି, ଖାଲି ଥିବା ଡାକ୍ତର, ସେବିକା, ସହଯୋଗୀ ଓ ନିଶା ଡାକ୍ତରଙ୍କ ତୁରନ୍ତ ନିଯୁକ୍ତି, ଦୀର୍ଘ ୨୫ ବର୍ଷ ଧରି ସେବା ଯୋଗାଇ ଆସିଥିବା ଜିଏଆର, ସିଏଲ୍‌ଆର୍ ଓ ଖଣ୍ଡକାଳୀନମାନଙ୍କୁ ନିୟମିତ କରିବା, ଚିକିତ୍ସାଳୟରେ ରୁଗଣ ଅବସ୍ଥାରେ ପଡ଼ିଥିବା ବିଭିନ୍ନ ଯନ୍ତ୍ରପାତିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଚିକିତ୍ସାଳୟକୁ ସୁପର୍ ସ୍ପେଶାଲିଷ୍ଟ ଡାକ୍ତରଖାନାରେ ପରିଣତ କରିବା ଆଦି ପ୍ରମୁଖ ରହିଛି। ଏଥିସହ ଚିକିତ୍ସାଳୟର ପରିସରକୁ ସମ୍ପ୍ରସାରଣ କରାଯିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଚିକିତ୍ସାଳୟ ନିକଟରେ ଥିବା ସୁଭଦ୍ରା ମହତାବ ବାଳିକା ବିଦ୍ୟାଳୟ ରହିଥିବା ବେଳେ ଏଠାକାର ଛାତ୍ରୀମାନଙ୍କୁ ବିଏମ୍ ହାଇସ୍କୁଲ୍‌କୁ ସ୍ଥାନାନ୍ତର କରାଯାଇଛି। ତେଣୁ ଏବେ ସୁଭଦ୍ରା ମହତାବ ବାଳିକା ବିଦ୍ୟାଳୟ ଭୂତକୋଠିରେ ପରିଣତ ହୋଇଛି। ତେଣୁ ଏହି ବିଦ୍ୟାଳୟ ରହିଥିବା ସ୍ଥାନକୁ ଚିକିତ୍ସାଳୟ ସହ ମିଶାଇ ଦିଆଯାଇପାରିଲେ, ରୋଗୀମାନେ ନିଶ୍ଚିତ ଭାବେ ଅଧିକ ଉପକୃତ ହୋଇପାରିବେ ବୋଲି ଶ୍ରୀ ମିଶ୍ରଙ୍କ ନେତୃତ୍ୱରେ ଚାଲିଥିବାରେ ଧାରଣାରେ ଦାବି କରାଯାଇଛି।

## 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଗୋଲକ ମହାପାତ୍ର



ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ): ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦାଡ଼ା ପଞ୍ଚାୟତର ପଦାସାହିସ୍ଥିତ ବୁଥ୍ ନମ୍ବର-୩ଠାରେ ଆୟୋଜିତ ୧୩୬ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣାଦାୟକ ସମ୍ବୋଧନ ଶୁଣିଥିଲେ। ଏହି ଅବସରରେ ଶ୍ରୀ ମହାପାତ୍ର କହିଥିଲେ ଯେ 'ମନ୍ କୀ ବାତ୍' କେବଳ ଏକ ରେଡିଓ କାର୍ଯ୍ୟକ୍ରମ ନୁହେଁ, ବରଂ ଦେଶବାସୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ସିଧାସଳଖ ସଂଳାପର ଏକ ସଶକ୍ତ ମାଧ୍ୟମ। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଦେଶର ବିକାଶ, ସାମାଜିକ ଦାୟିତ୍ୱବୋଧ, ଜନଭାଗୀଦାରି, ଆତ୍ମନିର୍ଭର ଭାରତ ଓ ରାଷ୍ଟ୍ର ଗଠନରେ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ଅବଦାନକୁ ଆହୁରି ସୁଦୃଢ଼ କରିବାର ପ୍ରେରଣା ଦେଇଥାଏ। ସେ ଆହୁରି କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକ ଆହ୍ୱାନ ଜନସାଧାରଣଙ୍କୁ ଦେଶହିତରେ ସକାରାତ୍ମକ ଚିନ୍ତାଧାରା ସହ ଆଗକୁ ବଢ଼ିବା, ସମାଜସେବାରେ ନିଜକୁ ସମର୍ପିତ କରିବା ଏବଂ 'ବିକଶିତ ଭାରତ' ଗଠନରେ ସକ୍ରିୟ ସହଭାଗୀ ହେବା ପାଇଁ ଉତ୍ସାହିତ କରୁଛି।

### କ୍ୟୁବା ସହ ସଂହତି ପାଇଁ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ କନଭେନସନ୍

## ଆମେରିକୀୟ ଆର୍ଥିକ ଅବରୋଧ ତୁରନ୍ତ ପ୍ରତ୍ୟାହାର ଦାବି

ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ): କ୍ୟୁବା ସଂହତି କମିଟି, ଓଡ଼ିଶା ପକ୍ଷରୁ ଆଜି ସ୍ଥାନୀୟ ଲୋହିଆ ଏକାଡେମୀରେ ଏକ ରାଜ୍ୟସ୍ତରୀୟ କନଭେନସନ୍ ଅନୁଷ୍ଠିତ ହୋଇଛି। ପ୍ରଫେସର ଅମୀୟ କୁମାର ମହାନ୍ତି ଓ ପୁଷ୍ପା ଦାଶ ସଭାପତିମଣ୍ଡଳୀ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ। କମିଟିର ଯୁଗ୍ମ ଆବାହକ ଜନାର୍ଦ୍ଦନ ପତି ଭିତ୍ତିପତ୍ର ଉପସ୍ଥାପନ କରିଥିବା ବେଳେ ଅନ୍ୟତମ ଯୁଗ୍ମ ଆବାହକ ଡ. ପ୍ରଶାନ୍ତ କୁମାର ମିଶ୍ର ଆଲୋଚନା ଆରମ୍ଭ କରିଥିଲେ। ବକ୍ତାମାନେ କହିଥିଲେ ଯେ ୬ ଦଶନ୍ଧିରୁ ଅଧିକ ସମୟ ଧରି କ୍ୟୁବା ଉପରେ ଆମେରିକାର ଆର୍ଥିକ, ବାଣିଜ୍ୟିକ ଓ ଆର୍ଥିକ-ବ୍ୟାଙ୍କିଙ୍ଗ ଅବରୋଧ ଓ ଏକତରଫା ପ୍ରତିବନ୍ଧକ କ୍ୟୁବାର ସାଧାରଣ ଜନଜୀବନ ଉପରେ ଗୁରୁତର ପ୍ରଭାବ ପକାଇଛି। ରାଷ୍ଟ୍ରସଂଘ ସାଧାରଣ ପରିଷଦ ବାରମ୍ବାର ଏହି ଅବରୋଧ ଉଠାଇବାକୁ ଆହ୍ୱାନ କରିଥିବା ସତ୍ତ୍ୱେ ଆମେରିକା ତାହାକୁ ଅବ୍ୟାହତ ରଖିଛି। କନଭେନସନ୍ କ୍ୟୁବାର ସାର୍ବଭୌମତ୍ୱ, ସ୍ୱାଧୀନତା, ସମାଜବାଦ ଓ ନିଜସ୍ୱ ସାମାଜିକ-ଆର୍ଥିକ ବ୍ୟବସ୍ଥା ଚୟନ କରିବା ଅଧିକାର ପ୍ରତି ଦୃଢ଼ ସମର୍ଥନ ଜଣାଇବା ସହ ଆମେରିକୀୟ ଅବରୋଧକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛି।

## ଅନ୍ତର୍ଜାତୀୟ ମ୍ୟାଙ୍ଗ୍ରୋଭ୍ ପରିବେଶ ସଂରକ୍ଷଣ ଦିବସ ପାଳିତ

ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ): କଳିଙ୍ଗ କୁସୁମ ଫାଉଣ୍ଡେସନ୍ (କେକେଏଫ୍) ପକ୍ଷରୁ ଅନ୍ତର୍ଜାତୀୟ ମ୍ୟାଙ୍ଗ୍ରୋଭ୍ ପରିବେଶ ସଂରକ୍ଷଣ ଦିବସ ଅବସରରେ ସ୍ଥାନୀୟ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଇମେଜ୍ ସଭାଗୃହରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷର ବିଶ୍ୱସ୍ତରୀୟ ବିଷୟବସ୍ତୁ 'ମ୍ୟାଙ୍ଗ୍ରୋଭ୍‌କୁ ସୁରକ୍ଷା କରନ୍ତୁ, ଆମର ଭବିଷ୍ୟତକୁ ସୁରକ୍ଷା କରନ୍ତୁ' ରଖାଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍, ପରିବେଶବିତ୍, ଗବେଷକ, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ଛାତ୍ରଛାତ୍ରୀ ଓ ପରିବେଶପ୍ରେମୀମାନେ ଯୋଗଦେଇ ମ୍ୟାଙ୍ଗ୍ରୋଭ୍ ପରିବେଶର ସଂରକ୍ଷଣ, ପୁନରୁଦ୍ଧାର ଓ ସ୍ଥାୟୀ ପରିଚାଳନା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଙ୍କୁ ସ୍ୱାଗତ ଜଣାଇ କଳିଙ୍ଗ କୁସୁମ ଫାଉଣ୍ଡେସନ୍‌ର ଟ୍ରଷ୍ଟି ଇଂ. ସଞ୍ଜିତ କୁମାର ବେହେରା 'ଅନ୍ତର୍ଜାତୀୟ ମ୍ୟାଙ୍ଗ୍ରୋଭ୍ ପରିବେଶ ସଂରକ୍ଷଣ ଦିବସର ଗୁରୁତ୍ୱ' ବିଷୟରେ ଉପସ୍ଥାପନା ପ୍ରଦାନ କରିଥିଲେ। ସେ ମ୍ୟାଙ୍ଗ୍ରୋଭ୍‌ର ପରିବେଶଗତ, ଆର୍ଥିକ ଓ ସାମାଜିକ ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ଓ ସ୍ଥାନୀୟ ସମୁଦାୟର ମିଳିତ ପ୍ରୟାସ ମାଧ୍ୟମରେ ଓଡ଼ିଶାର ମ୍ୟାଙ୍ଗ୍ରୋଭ୍ ପରିବେଶର ସଂରକ୍ଷଣ ଓ ପୁନରୁଦ୍ଧାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟ ଅତିଥି ବାରିପଦା ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ ପ୍ରଫେସର (ଡଃ) ମହେନ୍ଦ୍ର କୁମାର ମହାନ୍ତି କହିଥିଲେ ଯେ ମ୍ୟାଙ୍ଗ୍ରୋଭ୍ ଉପକୂଳୀୟ ବିପର୍ଯ୍ୟୟ ଜନିତ ବିପଦକୁ ହ୍ରାସ କରିବା, ଜଳବାୟୁ ସହନଶୀଳତା ବୃଦ୍ଧି, କାର୍ବନ ସଂରକ୍ଷଣ ଏବଂ ଉପକୂଳବର୍ତ୍ତୀ ଜନସାଧାରଣଙ୍କ ଜୀବିକା ସୁରକ୍ଷାରେ ଅପରିହାର୍ଯ୍ୟ। ମୁଖ୍ୟବକ୍ତା ପ୍ରଫେସର (ଡଃ) ମନୋଜ କୁମାର ତ୍ରିପାଠୀ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ କଳିଙ୍ଗ କୁସୁମ ଫାଉଣ୍ଡେସନ୍‌ର ପରିଚାଳନା ଟ୍ରଷ୍ଟି ଇଂ. ଦିବ୍ୟଚାନ୍ଦ ଶୁକ୍ଳ ଧନ୍ୟବାଦ ଦେଇଥିବା ବେଳେ ସମସ୍ତ ଅଂଶଗ୍ରହଣକାରୀ ମ୍ୟାଙ୍ଗ୍ରୋଭ୍ ପରିବେଶର ସଂରକ୍ଷଣ ଓ ପୁନରୁଦ୍ଧାରକୁ ସୁଦୃଢ଼ କରିବା ସହ ଓଡ଼ିଶାର ସମୃଦ୍ଧ ଉପକୂଳୀୟ ପ୍ରାକୃତିକ ଐତିହ୍ୟର ସୁରକ୍ଷା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସୁରକ୍ଷିତ ଓ ସହନଶୀଳ ପରିବେଶ ଗଠନ ନିମନ୍ତେ ସାମୂହିକ ସଂକଳ୍ପ ଗ୍ରହଣ କରିଥିଲେ।

## ବୁଡ଼ିଲା କନ୍ଦରପୁର ଲେବଲ କ୍ରସିଂ ରାସ୍ତା



କଟକ,୨୬।୭(ସଂଚାର ବ୍ୟୁରୋ): କଟକ-ନୂଆଗାଁ ଜାତୀୟ ରାଜପଥ ନଂ. ୫୫ର କନ୍ଦରପୁର ଲେବଲ କ୍ରସିଂ ନିକଟ ଅସ୍ଥାୟୀ ରାସ୍ତାଟି ଗତକାଲି ରାତିର ଅବିଶ୍ରାନ୍ତ ବର୍ଷାରେ ବୁଡ଼ିଯାଇଛି। ଫଳରେ ଆଉ ସେହି ରାସ୍ତାରେ କୌଣସି ଯାନବାହନ ଚଳାଚଳ କରିପାରୁନାହିଁ। ବସ୍, ଟ୍ରକ୍ ଓ ହାଲୁକା ଯାନ ମାଛଗାଁ କେନାଲ ବନ୍ଧ ରାସ୍ତା ଦେଇ ଯିବା ଆସିବା କରି ବିରିବାଟି ନିକଟରେ ଏନ୍‌ଏଚ୍‌କୁ ଆସୁଛନ୍ତି। ଏହାଛଡ଼ା ପଲ୍ଲୀପଦା ବାଟ ଦେଇ ଗାଡ଼ି ମୋଟର ବି ଚଳାଚଳ କରୁଛି। କନ୍ଦରପୁର ଲେବଲ୍ କ୍ରସିଂ ନିକଟରେ ଓଭର ବ୍ରିଜ୍ କାମ ଚାଲିଥିବାରୁ ଗାଡ଼ି ଚଳାଚଳ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରିଥିଲେ ସୁଦ୍ଧା ବର୍ଷା ଜଳ ନିଷ୍କାସିତ ହୋଇପାରୁନାହିଁ। ଫଳତଃ ଚଳିତ ବର୍ଷ ଏହି ସମସ୍ୟା ବର୍ଷସାରା ଲାଗି ରହିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

● ଚଳନ୍ତା ଆମ ବସ୍‌କୁ ପଥରମାଡ଼

## କାଚ ଭାଙ୍ଗି ମହିଳାଙ୍କ ମୁଣ୍ଡ ଫାଟିଲା

ବୁର୍ଲା,୨୬।୭(ସଂଚାର ବ୍ୟୁରୋ): ବୁର୍ଲା ସହରର ଗାନ୍ଧୀପଡ଼ା ଛକ ନିକଟରେ ଏକ ଚଳନ୍ତା ଆମ ବସ୍ ଉପରକୁ କେତେକ ଦୁର୍ବୃତ୍ତ ପଥର ମାଡ଼ କରିଛନ୍ତି। ବସ୍‌ର ଝରକା କାଚ ଭାଙ୍ଗିଯିବା ସହ ଜଣେ ମହିଳା ଯାତ୍ରୀ ଆହତ ହୋଇଛନ୍ତି। ଘଟଣା ପରେ ବୁର୍ଲା ପୁଲିସ୍ ତଦନ୍ତ ଆରମ୍ଭ କରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ମିଳିଥିବା ସୂଚନାନୁଯାୟୀ, ସମ୍ବଲପୁରରୁ ବୁର୍ଲା ଦେଇ ଅଟଳ ଛକ ଅଭିମୁଖେ ଯାଉଥିବା ଆମ ବସ୍ ପ୍ଲାନେଟୋରିୟମ୍ ଛକରୁ ଜ୍ୟୋତିବିହାର ଛକକୁ ସଂଯୋଗ କରୁଥିବା ଭିଆଇପି ରାସ୍ତାର ଗାନ୍ଧୀପଡ଼ା ଛକ ନିକଟରେ ପହଞ୍ଚିଥିବା ସମୟରେ କିଛି ଦୁର୍ବୃତ୍ତ ପଥର ମାଡ଼ କରିଥିଲେ। ପଥର ଯାତ୍ରୀ ଚଢ଼ିବା ଦ୍ୱାର ନିକଟରେ ଥିବା ଝରକା କାଚରେ ବାଜିଥିଲା। ଫଳରେ କାଚ ଭାଙ୍ଗିଯିବା ସହ ସେହି ସିଟ୍‌ରେ ବସିଥିବା ଜଣେ ମହିଳାଙ୍କ ମୁଣ୍ଡରେ ପଥର ବାଜିଥିଲା। ଏଥିରେ ତାଙ୍କ ମୁଣ୍ଡ ଫାଟିଯାଇଛି। ଆହତ ମହିଳା ଯାତ୍ରୀ ଜଣଙ୍କ ହେଲେ ବୁର୍ଲା ବସନ୍ତ ବିହାର ଅଞ୍ଚଳର ମୀନାକ୍ଷୀ ବାରିକ (୩୬)। ଘଟଣା ପରେ ବସ୍‌ଟି ଜ୍ୟୋତିବିହାର ଛକରେ ଅଟକିଥିଲା। ଖବର ପାଇ ବୁର୍ଲା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆହତ ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭିମ୍‌ସାର୍ ପଠାଇଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି।

## ଅବୈଧ କେନ୍ଦୁପତ୍ର ପରିବହନ: ୨ ଗିରଫ



ନୀଳଗିରି,୨୬।୭(ସଂଚାର ବ୍ୟୁରୋ): ଶେରଗଡ଼ ଟୋଲ୍ ଗେଟ୍‌ରେ ଅବୈଧ କେନ୍ଦୁପତ୍ର ପରିବହନ ବେଳେ ଧରାପଡିଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ ଆଜି ଭୋର୍ ପ୍ରାୟ ୩.୫୫ ସମୟରେ ବାଲେଶ୍ୱର ବନ୍ୟପ୍ରାଣୀ ବିଭାଗର ଚାନ୍ଦିପୁର ବନ୍ୟପ୍ରାଣୀ ରେଞ୍ଜର ବନ କର୍ମଚାରୀମାନେ ଶେରଗଡ଼ ଟୋଲ୍ ଗେଟ୍ ନିକଟରେ ଯାଞ୍ଚ କରି ଓଡି୦୮ ୫୮୯୮ ନମ୍ବର ବିଶିଷ୍ଟ ଏକ ୭୦୯ ଟ୍ରକ୍‌ରୁ ବୈଧ ଟ୍ରାନ୍‌ଜିଟ୍ ପରମିଟ୍ ବିନା ପ୍ରାୟ ୧୨ କ୍ୱିଣ୍ଟାଲ ଓଜନର କେନ୍ଦୁପତ୍ର ପରିବହନ କରାଯାଉଥିବା ବେଳେ ଏହାକୁ ଜବତ କରିଥିଲେ। ଉକ୍ତ ଟ୍ରକ୍‌କୁ ଓଡି୦୨ବିଟି ୦୬୪୫ ନମ୍ବର ବିଶିଷ୍ଟ ଏକ କିଆ କାର୍ ଏସ୍କର୍ଟ କରି ନେଉଥିଲା।

ଯାଞ୍ଚ ସମୟରେ ଟ୍ରକ୍‌ରେ ଥିବା କେନ୍ଦୁପତ୍ରକୁ ନୀଳ ରଙ୍ଗର ତାରପୋଲିନ୍ ଓ ପ୍ଲାଷ୍ଟିକ୍ ଦଉଡ଼ିରେ ଘୋଡ଼ାଇ ରଖାଯାଇଥିବା ବେଳେ ଚାଳକ କିମ୍ବା ସହାୟକ କୌଣସି ବୈଧ ଟ୍ରାନ୍‌ଜିଟ୍ ପରମିଟ୍ କିମ୍ବା ପରିବହନ ସମ୍ବନ୍ଧୀୟ ବୈଧ ଦସ୍ତାବିଜ ଦେଖାଇ ପାରି ନ ଥିଲେ। ଉକ୍ତ କେନ୍ଦୁପତ୍ର ଜବତ କରାଯିବା ସମୟରେ ଅଭିଯୁକ୍ତମାନେ ବନ କର୍ମଚାରୀଙ୍କ ଉପରେ ଆକ୍ରମଣ କରି ଫେରାର ହେବାକୁ ଉଦ୍ୟମ କରିଥିଲେ। କିନ୍ତୁ ପରେ ଏନ୍‌ଏଚ୍-୬୦ରେ ତଲାସି ଅଭିଯାନ ସମୟରେ ଅମର୍ଦ୍ଦା ରୋଡ୍ ନିକଟରେ ଏସକର୍ଟ କାରକୁ ଅଟକ ରଖାଯାଇ ଦୁଇ ଅଭିଯୁକ୍ତ କେଦାର ପ୍ରଧାନ ଓ ପୁଟଲୁରି ଈଶ୍ୱର ରେଡ୍ଡୀଙ୍କୁ ଗିରଫ କରାଯାଇ ଅଧିକ ତଦନ୍ତ ପାଇଁ ଚାନ୍ଦିପୁର ବନ୍ୟପ୍ରାଣୀ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏହି ଘଟଣାରେ ଓଆର ନମ୍ବର ୧୬ସିଏଚ ଓ ୨୦୨୬-୨୭ରେ ଓଡ଼ିଶା କେନ୍ଦୁପତ୍ର ଆଇନ, ୧୯୬୧, ଓଡ଼ିଶା ବନ ଆଇନ, ୧୯୭୨ ଏବଂ ଓଡ଼ିଶା କାଠ ଓ ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ପରିବହନ ନିୟମାବଳୀ, ୧୯୮୦ର ପ୍ରଯୁଜ୍ୟ ଧାରାରେ ମାମଲା ରୁଜୁ କରାଯାଇଛି। ଉକ୍ତ ଚଢ଼ାଉରେ ନୀଳଗିରି ବନ ଖଣ୍ଡ ଅଧିକାରୀ ମନଓ୍ୱର ଖାଁ, ଫରେଷ୍ଟର ଦିଲ୍ଲୀପ କୁମାର ସିଂ, ଫରେଷ୍ଟ ଗାର୍ଡ ଅଞ୍ଜନ କୁମାର ଦାସ ସାମିଲ ଥିଲେ।

### ଜମିଜମା ବିବାଦରୁ ହତ୍ୟାକାଣ୍ଡ ଘଟଣା

## ଦୁଇ ଅଭିଯୁକ୍ତ ଗିରଫ

କଳାହାଣ୍ଡି,୨୬।୭(ସଂଚାର ବ୍ୟୁରୋ): କଳାହାଣ୍ଡିରେ ଜମି ବିବାଦ ନେଇ ଘଟିଥିଲା ହତ୍ୟାକାଣ୍ଡ। ସାମାନ୍ୟ ଜମିଜମା ବିବାଦ ଓ ପୂର୍ବ ଶତ୍ରୁତା ଶେଷରେ ନେଇଛି ଜଣେ ବ୍ୟକ୍ତିଙ୍କ ଜୀବନ। କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା କୁମଜୋର ଗାଁରେ ୫୦ ବର୍ଷୀୟ ସୁବେ ଶବରଙ୍କୁ ଅତି ନିର୍ମମ ଭାବେ ଆକ୍ରମଣ କରାଯାଇଥିବା ବେଳେ ଆଜି ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଗତ ୨୪ ତାରିଖ ସନ୍ଧ୍ୟାରେ ସୁବେ ଶବର ଓ ତାଙ୍କ ସ୍ତ୍ରୀ ବିଲରୁ ଘରକୁ ଫେରୁଥିବା ବେଳେ ଗାଁର ଜଗନ୍ନାଥ ଶବର ଓ ଦେସେରାମ ଶବର ସେମାନଙ୍କୁ ଅଟକାଇ ଲାଠି ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଆହତ ସୁବେଙ୍କୁ ଜୟପାଟଣା ମେଡିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୟପାଟଣା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# କେନ୍ଦ୍ର ମନ୍ତ୍ରିମଣ୍ଡଳ, ଧର୍ମେନ୍ଦ୍ରଙ୍କ ପରେ ଓଡ଼ିଶାରୁ କିଏ ?

ଭୁବନେଶ୍ୱର,୨୬।୭: କେନ୍ଦ୍ର ମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ମନ୍ତ୍ରୀ ହେବା ଲାଗି ରାଜନୈତିକ ମହଲରେ ଅନେକ ସାଂସଦଙ୍କ ନାଁ ଚର୍ଚ୍ଚା ହେଉଛି। କେନ୍ଦ୍ର ମନ୍ତ୍ରିମଣ୍ଡଳରେ କିଏ ସ୍ଥାନ ପାଇବ ତାହା ପ୍ରଧାନମନ୍ତ୍ରୀଙ୍କ ଇଚ୍ଛାଧୀନ ବ୍ୟାପାର ହୋଇଥିଲେ ମଧ୍ୟ ସଂସଦର ମୌସୁମୀ ଅଧିବେଶନ ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ଓ ନୂଆ ମନ୍ତ୍ରୀ ନିଯୁକ୍ତି ହୋଇପାରେ ବୋଲି ଆଶା କରାଯାଉଛି।

ଶ୍ରୀ ପ୍ରଧାନ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ପ୍ରହ୍ଲାଦ ଯୋଶୀ ଶିକ୍ଷା ମନ୍ତ୍ରାଳୟଳର ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଛନ୍ତି। ଶିକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ସ୍ୱତନ୍ତ୍ର ଭାବେ ଜଣେ ବରିଷ୍ଠ ମନ୍ତ୍ରୀଙ୍କ ଦାୟିତ୍ୱରେ ରଖାଯାଇପାରେ। ଏହାଛଡ଼ା କଂଗ୍ରେସରୁ ଆସି ବିଜେପିର ରାଜ୍ୟସଭା ସାଂସଦ ହେବା ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ରଭନୀତ ସିଂହ ବିଟ୍ଟୁଙ୍କ ରାଜ୍ୟସଭା କାର୍ଯ୍ୟକାଳ ପୂରିଯିବା ପରେ ତାଙ୍କୁ ଆଉ ରାଜ୍ୟସଭା ସଦସ୍ୟ କରାଯାଇନାହିଁ। ଏ ପରିପ୍ରେକ୍ଷୀରେ ଶ୍ରୀ ବିଟ୍ଟୁ ବି କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇସାରିଛନ୍ତି।

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଇତିମଧ୍ୟରେ ରାଜ୍ୟ ବିଧାନସଭା ଓ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ ଆସିଛନ୍ତି। ପୂର୍ବରୁ ନୀତିଶ ବାଜପେୟୀଙ୍କ ସରକାରରେ ରେଳ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଥିଲେ। ନୀତିଶଙ୍କ ଦଳ ଜେଡିୟୁର ବହୁ ନେତା ଆଶା କରୁଛନ୍ତି ଯେ ସେ ଉପପ୍ରଧାନମନ୍ତ୍ରୀ ହୋଇପାରନ୍ତି। ଏହାଛଡ଼ା ଦକ୍ଷତା ଆଧାରରେ ମନ୍ତ୍ରିମଣ୍ଡଳ ଅଦଳବଦଳ ବେଳେ କିଛି ନୂଆ ମୁହଁକୁ ନିଆଯିବା ସହ ଆଉ କିଛି ମନ୍ତ୍ରୀଙ୍କୁ ଅବସର ଦିଆଯାଇ ସେମାନଙ୍କୁ ଦଳୀୟ ସଂଗଠନ କାମରେ ନିଯୁକ୍ତି କରାଯାଇପାରେ। ଏହାଛଡ଼ା ବିଭିନ୍ନ ରାଜ୍ୟର ସ୍ଥିତି ଓ ଯୁବ ମାନସର ଭାବାବେଗକୁ ଆଖି ଆଗରେ ରଖି ମଧ୍ୟ ନୂଆ ମନ୍ତ୍ରୀ ଚୟନ ବେଳେ ବିଚାର କରାଯାଇପାରେ ବୋଲି ରାଜନୈତିକ ସ୍ତରରେ ଚର୍ଚ୍ଚା ହେଉଛି।

ଶ୍ରୀ ପ୍ରଧାନ ପୂର୍ବରୁ ବିହର ଓ ମଧ୍ୟପ୍ରଦେଶ ଆଦି ରାଜ୍ୟରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ପେଟ୍ରୋଲିୟମ୍, ଦକ୍ଷତା ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଥିଲେ। ସମ୍ବଲପୁରରୁ ସେ ଲୋକସଭାକୁ ନିର୍ବାଚିତ ହେବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ମଧ୍ୟ କାମ କରିଆସୁଥିଲେ। ଦୀର୍ଘ ୧୨ ବର୍ଷ ଧରି ସେ ମୋଦିଙ୍କ ସରକାରରେ ମନ୍ତ୍ରୀ ଥିଲେ। ପୂର୍ବରୁ ତାଙ୍କ ପିତା ଡା. ଦେବେନ୍ଦ୍ର ପ୍ରଧାନ ବାଜପେୟୀଙ୍କ ସରକାରରେ ମନ୍ତ୍ରୀ ଥିଲେ ଓ ସେ ମନ୍ତ୍ରୀ ପଦ ଛାଡ଼ି ଦଳର କେନ୍ଦ୍ରୀୟ ଉପସଭାପତି ହୋଇଥିଲେ।

ମୋଦିଙ୍କ ସରକାରରେ ଏଯାବତ୍ ଦକ୍ଷିଣ ଓଡ଼ିଶାରୁ କେହି ମନ୍ତ୍ରୀ ହୋଇନାହାନ୍ତି। ଏବେ ଲୋକସଭାରେ ଓଡ଼ିଶାର ୨୧ଟି ଆସନରୁ ୨୦ଟି ବିଜେପି ଦଖଲରେ ଥିବାବେଳେ ରାଜ୍ୟସଭାରେ ମଧ୍ୟ ବିଜେପିର ସ୍ଥିତି ୬କୁ ବଢ଼ିଲାଣି। ପଶ୍ଚିମ ଓଡ଼ିଶାରୁ ଜୁଏଲ୍ ଓରାମ୍ କେନ୍ଦ୍ରରେ ମନ୍ତ୍ରୀ ଅଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ମଧ୍ୟ ମୂଳତଃ ସେ ରାଜସ୍ଥାନର ବାସିନ୍ଦା।

ଧର୍ମେନ୍ଦ୍ରଙ୍କ ସ୍ଥାନରେ ମନ୍ତ୍ରୀ ହେବା ଲାଗି ଯେଉଁ ବିଜେପି ନେତାଙ୍କ ନାମ ଚର୍ଚ୍ଚା ହେଉଛି ସେମାନଙ୍କ ଭିତରେ ୩ଜଣ ରାଜ୍ୟସଭା ଓ ୪ଜଣ ଲୋକସଭା ସାଂସଦ ରହିଛନ୍ତି। ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ଅଦଳବଦଳ ଘେନି ପ୍ରାୟ ଦୁଇ ବର୍ଷ ଧରି ଚର୍ଚ୍ଚା ଚାଲୁଥିଲେ ବି ଏଯାବତ୍ ଏ ସଂକ୍ରାନ୍ତରେ କିଛି ନିଷ୍ପତ୍ତି ହୋଇନାହିଁ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ବିଜେପି ନେତୃତ୍ୱ ଓ ପ୍ରଧାନମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀ ପରିଷଦରେ ଓଡ଼ିଶାରୁ କାହାକୁ ସ୍ଥାନ ଦେବେ ତାହାକୁ ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କ ସହିତ ଆଶାୟୀମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। (ତଥ୍ୟ)

## ବଜ୍ରପାତରେ ବାପ-ପୁଅ ମୃତ

### ଧାନ ରୋଇବା ବେଳେ ଅଘଟଣ

କାମାକ୍ଷାନଗର,୨୬।୭(ସଂଚାର ବ୍ୟୁରୋ): ବଜ୍ରପାତରେ ବାପା ଓ ପୁଅ ମୃତ। ଧାନ ରୋଇବା ବେଳେ ଘଟିଛି ଏହି ଅଘଟଣ। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ବାଲିପଡ଼ା ଗ୍ରାମର ଦୁଃଖଦ ଘଟଣା। ବିଲରେ ଧାନ ରୋଇବାକୁ ଯାଇଥିବା ବେଳେ ବଜ୍ରପାତରେ ବାପା ଓ ପୁଅ ଉଭୟଙ୍କ ମୃତ୍ୟୁ ହୋଇଛି। ମୃତକ ଦୁଇ ଜଣ ହେଲେ ବାଲିପଡ଼ା ଗାଁର ସନ୍ତୋଷ ଦେହୁରୀ ଓ ପୁଅ ସତ୍ୟନାରାୟଣ ଦେହୁରୀ। ଆଜି ଦ୍ୱିପ୍ରହର ସମୟରେ ସନ୍ତୋଷ ଗାଁ ନିକଟରେ ଥିବା ଗୋରଡ଼ିଆ ଜମିକୁ ଧାନ ରୋଇବାକୁ ପୁଅ ସତ୍ୟନାରାୟଣଙ୍କୁ ସାଙ୍ଗରେ ନେଇ ଯାଇଥିଲେ।

ତେବେ ସେଠାରେ ବାପା ଓ ପୁଅ ଧାନ ରୋଇବା ସମୟରେ ହଠାତ ବଜ୍ରପାତ ହୋଇଥିଲା। ଫଳରେ ଉଭୟ ବିଲରେ ଟଳି ପଡ଼ିଥିଲେ। ନିକଟରେ ଥିବା ସ୍ଥାନୀୟ ଲୋକେ ଏହା ଦେଖି ଉଭୟଙ୍କୁ ତୁରନ୍ତ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପରିବାର ଲୋକେ ମେଡିକାଲରେ ପହଞ୍ଚିଥିବା ବେଳେ ବଜ୍ରପାତରେ ବାପା ଓ ପୁଅର ମୃତ୍ୟୁକୁ ନେଇ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏଥିସହ ଉକ୍ତ ପରିବାରକୁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇଦେବା ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ | ସୋମବାର ୨୭ ଜୁଲାଇ ୨୦୨୬, ଭୁବନେଶ୍ୱର
Monday 27 July 2026, Bhubaneswar


# ନୈତିକ ସାହସ ପାଇଁ ଗର୍ବିତ



ଭାରତୀୟ ରାଜନୀତିରେ କ୍ୱଚିତ ହିଁ ଏପରି ଘଟଣା ଘଟେ ଯେଉଁଠି ଜଣେ କେନ୍ଦ୍ର ମନ୍ତ୍ରୀ ନିଜେ ନିଜର ପଦରୁ ଇସ୍ତଫା ଦେଇ ଦାୟିତ୍ୱ ଗ୍ରହଣ କରନ୍ତି। ଗତ କିଛି ଦିନ ଧରି ସମଗ୍ର ଦେଶ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ବିଷୟରେ ଆଲୋଚନା କରୁଛି। ଶିକ୍ଷା ମନ୍ତ୍ରୀ ଭାବେ ଥିବା ସମୟରେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ଅନେକ ଅନିୟମିତତା ଘଟିଥିବା କାରଣରୁ ଯୁବସମାଜ ବିରୋଧ କରିଥିଲେ। ସେହି ପରିସ୍ଥିତିରେ ଧର୍ମେନ୍ଦ୍ର ପ୍ରଧାନ ନିଜେ ଇସ୍ତଫା ଦେଇ ଏକ ବଡ଼ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ପଦକ୍ଷେପ ପାଇଁ ସମଗ୍ର ଭାରତରୁ ତାଙ୍କୁ ପ୍ରଶଂସା ମିଳୁଛି ଏବଂ ତାଙ୍କ ଏହି କାର୍ଯ୍ୟ ଭବିଷ୍ୟତରେ ସ୍ମରଣୀୟ ରହିବ।

ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ଗୌରବ। ସେ ଦୀର୍ଘ ଦିନ ଧରି ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ଓ ଭାଜପାରେ କାର୍ଯ୍ୟ କରି ଆସିଛନ୍ତି। କେନ୍ଦ୍ର ସରକାରରେ ଶିକ୍ଷା ମନ୍ତ୍ରୀ ଭାବେ ଥିବା ସମୟରେ ସେ ଶିକ୍ଷା ବ୍ୟବସ୍ଥାରେ ଅନେକ ସୁଧାର ଆଣିବାକୁ ଚେଷ୍ଟା କରିଥିଲେ। ନୂତନ ଶିକ୍ଷା ନୀତି, କୌଶଳ ବିକାଶ, ଡିଜିଟାଲ ଶିକ୍ଷା ଓ ବିଭିନ୍ନ ଯୋଜନା ମାଧ୍ୟମରେ ସେ ଯୁବପିଢ଼ିଙ୍କ ଭବିଷ୍ୟତ ପାଇଁ କାମ କରିଥିଲେ। ତଥାପି ପରୀକ୍ଷା ପ୍ରଣାଳୀରେ ଥିବା ତ୍ରୁଟି ଓ ଲିକ୍ ଘଟଣା ଯୋଗୁଁ ଛାତ୍ରଛାତ୍ରୀମାନେ ବିରୋଧ ପ୍ରଦର୍ଶନ କରିଥିଲେ। ଏହି ସଙ୍କଟମୟ ସମୟରେ ସେ ନିଜର ପଦଗୌରବକୁ ତୁଚ୍ଛ କରି ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହା କେବଳ ଏକ ରାଜନୈତିକ ପଦକ୍ଷେପ ନୁହେଁ, ବରଂ ନୈତିକ ଦାୟିତ୍ୱର ଏକ ସଶକ୍ତ ଉଦାହରଣ।

ଭାରତର ବିଭିନ୍ନ ରାଜ୍ୟରୁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଶଂସା ମିଳୁଛି। ଓଡ଼ିଶାରୁ ଆରମ୍ଭ କରି ଦିଲ୍ଲୀ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ବଙ୍ଗଳା ଏବଂ ଦକ୍ଷିଣ ଭାରତ ପର୍ଯ୍ୟନ୍ତ ଲୋକମାନେ ତାଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଅନେକ ଯୁବକ କହୁଛନ୍ତି ଯେ ଏପରି ଦାୟିତ୍ୱ ଗ୍ରହଣ କରିବା ଆମ ରାଜନୀତିରେ ଅତ୍ୟନ୍ତ ଆବଶ୍ୟକ। ବିରୋଧୀ ଦଳର ନେତାମାନେ ମଧ୍ୟ ତାଙ୍କ ଇସ୍ତଫାକୁ ଗଣତାନ୍ତ୍ରିକ ବିଜୟ ବୋଲି ଅଭିହିତ କରିଛନ୍ତି। ସାଧାରଣ ନାଗରିକମାନେ ସୋସିଆଲ ମିଡ଼ିଆରେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପ୍ରଶଂସା କେବଳ ତାଙ୍କ ବ୍ୟକ୍ତିଗତ ଗୁଣ ପାଇଁ ନୁହେଁ, ବରଂ ସେ ଯେଉଁ ନୈତିକ ମାନଦଣ୍ଡ ସ୍ଥାପନ କରିଛନ୍ତି ତାହା ପାଇଁ।

ଧର୍ମେନ୍ଦ୍ର ପ୍ରଧାନଙ୍କ ଏହି ପଦକ୍ଷେପ ରାଜନୀତିରେ ଏକ ନୂଆ ବାର୍ତ୍ତା ଦେଇଛି। ଅନେକ ସମୟରେ ମନ୍ତ୍ରୀମାନେ ପଦରୁ ହଟିବାକୁ ଚାହାନ୍ତି ନାହିଁ। କିନ୍ତୁ ସେ ନିଜେ ନିଷ୍ପତ୍ତି ନେଇ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଇସ୍ତଫା ପତ୍ର ଦାଖଲ କରିଛନ୍ତି। ଏହା ଦେଖାଏ ଯେ ସେ କେବଳ ପଦପଦବୀ ପାଇଁ ରାଜନୀତି କରୁନାହାନ୍ତି, ବରଂ ଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ସମ୍ମାନ ଦିଅନ୍ତି। ଯୁବସମାଜର କ୍ରୋଧ ଓ ଅସନ୍ତୋଷକୁ ସେ ଗମ୍ଭୀରତାର ସହିତ ଗ୍ରହଣ କରିଛନ୍ତି। ଏହି କାରଣରୁ ତାଙ୍କ ନାମ ଆଜି ସମଗ୍ର ଦେଶରେ ସମ୍ମାନର ସହିତ ଉଚ୍ଚାରିତ ହେଉଛି।

ତାଙ୍କ ପୂର୍ବରୁ କାର୍ଯ୍ୟର ମଧ୍ୟ ସ୍ମରଣ କରାଯାଉଛି। ଶିକ୍ଷା କ୍ଷେତ୍ରରେ ସେ ଯେଉଁ ଉଦ୍ୟମ କରିଥିଲେ ତାହା ଅନେକ ପରିବର୍ତ୍ତନ ଆଣିଥିଲା। କୌଶଳ ବିକାଶ ମନ୍ତ୍ରାଳୟରେ ଥିବା ସମୟରେ ସେ ଯୁବକମାନଙ୍କୁ ରୋଜଗାର ଯୋଗ୍ୟ କରିବା ପାଇଁ ବିଭିନ୍ନ ଯୋଜନା ଆରମ୍ଭ କରିଥିଲେ। ଓଡ଼ିଶାରେ ତାଙ୍କ ରାଜନୈତିକ ଯାତ୍ରା ମଧ୍ୟ ଉଲ୍ଲେଖନୀୟ। ସେ ରାଜ୍ୟରୁ ଜାତୀୟ ସ୍ତରକୁ ଉଠି ଆସିଥିବା ଜଣେ ନେତା। ତାଙ୍କ ଇସ୍ତଫା ପରେ ମଧ୍ୟ ଲୋକମାନେ କହୁଛନ୍ତି ଯେ ତାଙ୍କ ଭଳି ନେତା ଆଉ କେତେଜଣ ଥାଆନ୍ତେ ତ ରାଜନୀତିର ମାନ ବଢ଼ିଥାନ୍ତା।

ଏହି ଘଟଣାରୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମିଳେ। ରାଜନୀତିରେ ଦାୟିତ୍ୱ ଗ୍ରହଣ କରିବା ଏକ ବଡ଼ ଗୁଣ। ଧର୍ମେନ୍ଦ୍ର ପ୍ରଧାନ ଏହି ଗୁଣକୁ ପ୍ରମାଣିତ କରିଛନ୍ତି। ତାଙ୍କ ଏହି ପଦକ୍ଷେପ ଯୋଗୁଁ ପ୍ରତିବାଦ ଶାନ୍ତ ହୋଇଛି ଏବଂ ସରକାର ମଧ୍ୟ ପରୀକ୍ଷା ପ୍ରଣାଳୀରେ ସୁଧାର ଆଣିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହା ଗଣତନ୍ତ୍ରର ବିଜୟ। ଯୁବସମାଜର ସ୍ୱର ଶୁଣାଗଲା ଏବଂ ଜଣେ ମନ୍ତ୍ରୀ ନିଜେ ପଦତ୍ୟାଗ କଲେ। ଆଜି ସମଗ୍ର ଭାରତରେ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ସମ୍ମାନର ସହିତ ନିଆଯାଉଛି। ତାଙ୍କ ଏହି କାର୍ଯ୍ୟ ଭବିଷ୍ୟତର ନେତାମାନଙ୍କ ପାଇଁ ଏକ ଆଦର୍ଶ ହୋଇ ରହିବ। ରାଜନୀତିରେ କେବଳ ପଦ ଧରି ରହିବା ନୁହେଁ, ବରଂ ସମୟ ଆସିଲେ ପଦ ଛାଡ଼ିବା ମଧ୍ୟ ଏକ ବଡ଼ ସାହସ। ଧର୍ମେନ୍ଦ୍ର ପ୍ରଧାନ ଏହି ସାହସ ଦେଖାଇଛନ୍ତି। ତାଙ୍କ ଏହି ପଦକ୍ଷେପ ଯୋଗୁଁ ସେ ଆଜି ସମଗ୍ର ଦେଶର ପ୍ରଶଂସା ପାଇଛନ୍ତି ଏବଂ ତାଙ୍କ ନାମ ଇତିହାସରେ ସ୍ମରଣୀୟ ହୋଇ ରହିବ। ଓଡ଼ିଶା ଏବଂ ଭାରତ ଉଭୟ ତାଙ୍କ ଏହି ନୈତିକ ସାହସ ପାଇଁ ଗର୍ବିତ।

# ନବ ଦିନାତ୍ମକ ଯାତ୍ରାର ଶେଷ ପର୍ବ ନୀଳାଦ୍ରି ବିଜେ

**ସନ୍ତୋଷ କୁମାର ଦାଶ**



ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରାକୁ ନବ ଦିନାତ୍ମକଯାତ୍ରା ବୋଲି ମଧ କୁହାଯାଇଥାଏ। ଏହି ନବଦିନାତ୍ମକ ଯାତ୍ରା ର ଶେଷ ପର୍ବ ହେଉଛି ନୀଳାଦ୍ରି ବିଜେ। ଅର୍ଥାତ ପବିତ୍ର ସ୍ନାନ ପୂର୍ଣ୍ଣିମା ଦିନ ଠାରୁ ଶ୍ରୀ ମନ୍ଦିର ର ରତ୍ନ ସିଂହାସନ ଛାଡ଼ି ଯାଇଥିବା ଚତୁର୍ଦ୍ଧା ବିଗ୍ରହ ଏହି ଦିନ ପୁଣି ଥରେ ଶ୍ରୀ ମନ୍ଦିର ର ରତ୍ନ ସିଂହାସନ କୁ ଫେରିଥାନ୍ତି। ଶେଷ ହୋଇ ଥାଏ ମହାପ୍ରଭୁ ଙ୍କ ଜନ୍ମ ବେଦୀ ଆଉ ମାଉସୀ ମା ଘର ବୁଲା। ଏହି ପର୍ବ କୁ ନୀଳାଦ୍ରି ବିଜୟ ମଧ କୁହାଯାଇଥାଏ। ରଥ ଉପରେ ସଂଧ୍ୟା ଧୂପ ନୀତି ପରେ ବନ୍ଦାପନା ଓ ଡୋରି ଲାଗି ଅନୁଷ୍ଠିତ ହୋଇଥାଏ। ବିଜେ କାହାଳୀ ବାଜିବା ପରେ ଆରମ୍ଭ ହୋଇଥାଏ ଶ୍ରୀ ବିଗ୍ରହ ମାନଙ୍କ ଗୋଟି ପହଣ୍ଡି। ତା ପୂର୍ବରୁ ରଥ ରେ ବିରାଜିତ ମଦନ ମୋହନ ଓ ରାମକୃଷ୍ଣ ବିଗ୍ରହ କୁ ଦକ୍ଷିଣୀ ଘରକୁ ବିଜେ କରା ଯାଇଥାଏ। ଏହି ପର୍ବ ର ଏକ ବିଶେଷ ଆକର୍ଷଣ ହେଉଛି ମହାପ୍ରଭୁଙ୍କୁ ରସଗୋଲା ଭୋଗ ଲାଗି ଆଉ ମା ଲକ୍ଷ୍ମୀ ଙ୍କ ସହିତ ବଚନିକା ଓ ଭେଟ ଉତ୍ସବ।ଏହି ସମୟରେ ଭକ୍ତ ମାନଙ୍କ ହରିବୋଲ, ହୁଳହୁଳି, ଘଣ୍ଟ, ଘଣ୍ଟି ନାଦ ରେ ଶ୍ରୀ ମନ୍ଦିରର ସିଂହଦ୍ୱାର ପ୍ରକମ୍ପିତ ହୋଇଉଠେ।ପରମ୍ପରା ଅନୁସାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ପହଣ୍ଡି ରେ ଯାଇ ସିଂହଦ୍ୱାର ପହଞ୍ଚିବା ପରେ ସାମୟିକ ଭାବେ ବନ୍ଦ ଥିବା ସିଂହଦ୍ୱାର ଖୋଲିଥାଏ କିନ୍ତୁ ଠାକୁର ଜୟ ବିଜୟ ଦ୍ୱାର ନିକଟରେ ପହଞ୍ଚିବା ପରେ ଆଉ ଥରେ ସିଂହଦ୍ୱାର ଭିତର ପଟୁ ବନ୍ଦ କରିଦିଆଯାଏ। ଏଠାରେ ଶ୍ରୀ ଜଗନ୍ନାଥ ଓ ମା ଲକ୍ଷ୍ମୀ ଙ୍କ ମଧରେ କଳି ଲାଗିଥାଏ। ମହାପ୍ରଭୁ ବଡ଼ ଭାଇ ଓ ଭଉଣୀ ଙ୍କୁ ନେଇ ନବ ଦିନାତ୍ମକ ଯାତ୍ରା କରିଥିଲେ କିନ୍ତୁ ମା ଲକ୍ଷ୍ମୀ ଙ୍କୁ ସାଙ୍ଗରେ ନେଇ ନଥିଲେ।ସେଥିପାଇଁ ମା ଲକ୍ଷ୍ମୀ ରାଗରେ ଏଣୁ ତେଣୁ ଗାଳି କରିଥାନ୍ତି। ଉଭୟ ଶ୍ରୀ ଜଗନ୍ନାଥ ଓ ମା ଲକ୍ଷ୍ମୀ ଙ୍କ ସେବକ ମାନେ ଠାକୁର ଓ ଠାକୁରାଣୀ ଙ୍କ ପ୍ରତିନିଧି ସାଜି ପରସ୍ପର ମଧରେ ବଚନିକା କରିଥାନ୍ତି। ଯାହା ଶୁଣିବାକୁ ବେଶ ଆମୋଦିତ ଲାଗେ। ଠିକ୍ ଓଡ଼ିଆ ପରିବାର ରେ ସ୍ୱାମୀ ଆଉ ସ୍ତ୍ରୀ ଙ୍କ ମଧରେ କଳି ଝଗଡ଼ା ଲାଗିବା ପରି ପ୍ରତୀୟମାନ ହୋଇଥାଏ। ଶେଷରେ ସାଙ୍ଗରେ ଆଣିଥିବା ରସଗୋଲା କୁ ମହାପ୍ରଭୁ ମା ଲକ୍ଷ୍ମୀ ଙ୍କୁ ଖୁଆଇ ତାଙ୍କ ମାନ ଭଞ୍ଜନ କରି ଥାନ୍ତି। ଏହା ପରେ ଜୟ ବିଜୟ ଦ୍ୱାର ଖୋଲେ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଶ୍ରୀ ମନ୍ଦିର କୁ ପ୍ରବେଶ କରି ରତ୍ନ ସିଂହାସନ ଉପରେ ବିରାଜ ମାନ କରିଥାନ୍ତି। ଶେଷ ହୋଇଥାଏ ପ୍ରସିଦ୍ଧ ରଥଯାତ୍ରା ଉତ୍ସବ ବା ମହାପ୍ରଭୁ ଙ୍କ ନବ ଦିନାତ୍ମକ ଯାତ୍ରା। ବର୍ଷ କୁ ଗୋଟିଏ ଦିନ ନୀଳାଦ୍ରି ବିଜେ ଉତ୍ସବ ରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କୁ ରସଗୋଲା ଭୋଗ ଲାଗି କରାଯାଇଥାଏ। ଜୟ ଜଗନ୍ନାଥ ସ୍ୱାମୀ।।

**ତୁଳସୀପୁର, ପୁରୀ**
**ମୋବାଇଲ୍:୯୪୩୯୩୬୧୮୮**



# ନନ୍ଦନ ନିଲେକାଣି ଟାସ୍କଫୋର୍ସ: ପରୀକ୍ଷା ସଂସ୍କାରର ଗଭୀର ବିଶ୍ଳେଷଣ, ବୈଷୟିକ ରଣନୀତି ଓ ପ୍ରଭାବ



**ସୌଭାଗ୍ୟ ରଞ୍ଜନ ମହାନ୍ତି**

କେନ୍ଦ୍ର ସରକାରଙ୍କ ଦ୍ୱାରା ଶ୍ରୀ ନନ୍ଦନ ନିଲେକାଣିଙ୍କ ନେତୃତ୍ୱରେ ଗଠିତ ଉଚ୍ଚସ୍ତରୀୟ ଟାସ୍କଫୋର୍ସ କେବଳ ଏକ ସାଧାରଣ ପରାମର୍ଶଦାତା କମିଟି ନୁହେଁ, ବରଂ ଏହା ଭାରତର ପରୀକ୍ଷା ନିୟନ୍ତ୍ରଣ ବ୍ୟବସ୍ଥାରେ ଏକ ବୃହତ୍ ଆମୂଳଚୂଳ ପରିବର୍ତ୍ତନର ଆଭାସ ଦେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ଏହି ନିଷ୍ପତ୍ତି ଘୋଷଣା କରିବା ପଛରେ ସବୁଠାରୁ ବଡ଼ କାରଣ ହେଉଛି ଦେଶର କୋଟି କୋଟି ଛାତ୍ରଛାତ୍ରୀ, ଅଭିଭାବକ ଓ ଯୁବପିଢ଼ିଙ୍କ ମନରେ ସରକାରୀ ପରୀକ୍ଷା ବ୍ୟବସ୍ଥା ପ୍ରତି ହରାଇଯାଉଥିବା ବିଶ୍ୱାସକୁ ପୁନରୁଦ୍ଧାର କରିବା। ନନ୍ଦନ ନିଲେକାଣି, ଯିଏ 'ଆଧାର' ମାଧ୍ୟମରେ ୧୪୦ କୋଟି ଭାରତୀୟଙ୍କ ଜୈବମିତିକ ତଥ୍ୟକୁ ସୁରକ୍ଷିତ ରଖିବାରେ ନିଜର ବୈଷୟିକ କୁଶଳତା ପ୍ରମାଣିତ କରିସାରିଛନ୍ତି, ତାଙ୍କୁ ଏହି ଦାୟିତ୍ୱ ଦିଆଯିବା ଦ୍ୱାରା ଏହା ସ୍ପଷ୍ଟ ହେଉଛି ଯେ ଭବିଷ୍ୟତର ପରୀକ୍ଷାଗୁଡ଼ିକ କେବଳ ମାନବୀୟ ସୁରକ୍ଷା ଉପରେ ନିର୍ଭର ନକରି କଠୋର ଡିଜିଟାଲ୍ ଓ ପ୍ରଯୁକ୍ତିବିଦ୍ୟା ଆଧାରିତ ନିରାପତ୍ତା ବଳୟ ମଧ୍ୟରେ କାର୍ଯ୍ୟ କରିବ। ଏହି ଟାସ୍କଫୋର୍ସର ମୁଖ୍ୟ ବିଶ୍ଳେଷଣାତ୍ମକ ଦିଗଗୁଡ଼ିକ ମଧ୍ୟରେ ରହିଛି - ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ବ୍ଲକଚେନ୍ ଏବଂ ଶେଷ ମୁହୂର୍ତ୍ତର ଏନକ୍ରିପସନ୍ ଟେକ୍ନୋଲୋଜିର ବ୍ୟବହାର, ପରୀକ୍ଷା କେନ୍ଦ୍ରଗୁଡ଼ିକରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଚାଳିତ ସିସିଟିଭି ମନିଟରିଂ, ଡିଜିଟାଲ୍ ଆଧାର ଭେରିଫିକେସନ୍ ଦ୍ୱାରା ପ୍ରୋକ୍ସି ପରୀକ୍ଷାର୍ଥୀଙ୍କୁ ରୋକିବା, ଏବଂ ଜାତୀୟ ପରୀକ୍ଷଣ ସଂସ୍ଥା (ଏନଟିଏ) ଭଳି ପ୍ରମୁଖ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଶୈଳୀକୁ ସମ୍ପୂର୍ଣ୍ଣ ସ୍ୱାୟତ୍ତ ଓ ତ୍ରୁଟିହୀନ କରିବା। ଏହାବ୍ୟତୀତ, ଏହି ସଂସ୍କାର ଦ୍ୱାରା ଦେଶର କୋଚିଂ ମାଫିଆ, ବେଆଇନ କୋଚିଂ ସେଣ୍ଟରଗୁଡ଼ିକର ଅନୁଚିତ ପ୍ରଭାବ ଏବଂ ପ୍ରଶ୍ନପତ୍ର କ୍ରୟ-ବିକ୍ରୟର କଳାବଜାରୀ ଉପରେ ଶକ୍ତ ଆଘାତ ଲାଗିବ। କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳର ମେଧାବୀ ଛାତ୍ରଛାତ୍ରୀମାନେ ଯେପରି କୌଣସି ପ୍ରକାରର ପକ୍ଷପାତିତା ବା ଅପରାଧିକ ଗୋଷ୍ଠୀର ଶିକାର ନହୋଇ ସେମାନଙ୍କର ପ୍ରକୃତ ଯୋଗ୍ୟତା ଅନୁସାରେ କ୍ୟାରିଅର୍ ଗଢ଼ିପାରିବେ, ସେଥିପାଇଁ ଏହି ଟାସ୍କଫୋର୍ସ ଗଠନ ଏକ ଯୁଗାନ୍ତକାରୀ ଓ ସମୟୋପଯୋଗୀ ପଦକ୍ଷେପ ହୋଇଛି, ଯାହା ଭାରତୀୟ ଶିକ୍ଷା ଓ ପ୍ରଶାସନିକ ବ୍ୟବସ୍ଥାରେ ଏକ ନୂତନ ଏବଂ ସ୍ୱଚ୍ଛ ସୁବର୍ଣ୍ଣ ଯୁଗର ଆରମ୍ଭ କରିବ। ଦେଶର ଭବିଷ୍ୟତ ତଥା କୋଟି କୋଟି ମେଧାବୀ ଯୁବପିଢ଼ିଙ୍କ ସ୍ୱପ୍ନକୁ ସୁରକ୍ଷିତ କରିବା ଏବଂ ପରୀକ୍ଷା ପରିଚାଳନା ପ୍ରକ୍ରିୟାରେ ଅଭୂତପୂର୍ବ ସ୍ୱଚ୍ଛତା ଆଣିବା ପାଇଁ କେନ୍ଦ୍ର ସରକାର ଏକ ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବିଶିଷ୍ଟ ଉଦ୍ୟୋଗପତି, ତଥ୍ୟ-ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ଭାରତର ବିପ୍ଳବୀ 'ଆଧାର' ପ୍ରକଳ୍ପର ପ୍ରଣେତା ଶ୍ରୀ ନନ୍ଦନ ନିଲେକାଣିଙ୍କ ସଭାପତିତ୍ୱରେ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇଛି, ଯାହା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଦେଶବାସୀଙ୍କୁ ବାର୍ତ୍ତା ଦେଇ ସୂଚନା ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନିଜ ବାର୍ତ୍ତାରେ ସ୍ପଷ୍ଟ କରିଛନ୍ତି ଯେ ଦେଶରେ ପରୀକ୍ଷାର ସୁରକ୍ଷା, ନିରପେକ୍ଷତା ଏବଂ ପ୍ରଯୁକ୍ତିବିଦ୍ୟାର ସଠିକ୍ ବିନିଯୋଗ ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ନିକଟ ଅତୀତରେ ବିଭିନ୍ନ ଜାତୀୟ ସ୍ତରର ପ୍ରବେଶିକା ଓ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଦେଖାଦେଇଥିବା ପ୍ରଶ୍ନପତ୍ର ପ୍ରକାଶ, ବୈଷୟିକ ତ୍ରୁଟି ଏବଂ ପରିଚାଳନାଗତ ବିଭ୍ରାଟ ଭଳି ଗମ୍ଭୀର ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ଏହି କମିଟି କାର୍ଯ୍ୟ କରିବ। ନନ୍ଦନ ନିଲେକାଣିଙ୍କ ଦୂରଦୃଷ୍ଟି, ବୈଷୟିକ କୌଶଳ ଓ ପ୍ରଶାସନିକ ଅଭିଜ୍ଞତାକୁ ଆଧାର କରି ଏହି ଟାସ୍କଫୋର୍ସ ପରୀକ୍ଷା ପରିଚାଳନା କରୁଥିବା ଜାତୀୟ ସଂସ୍ଥାଗୁଡ଼ିକର ସଂରଚନା, କାର୍ଯ୍ୟଶୈଳୀ, ପ୍ରଶ୍ନପତ୍ର ସେଟ୍ କରିବାର ସୁରକ୍ଷିତ ପ୍ରଣାଳୀ, କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି)ର ସୁରକ୍ଷା, ଏବଂ ଏଆଇର ବ୍ୟବହାର ଉପରେ ଗୁରୁତ୍ୱପୂର୍ଣ୍ଣ ସୁପାରିଶ ପ୍ରଦାନ କରିବ। ଏହି ସ୍ୱତନ୍ତ୍ର କମିଟିରେ ଦେଶର ମାନ୍ୟଗଣ୍ୟ ଶିକ୍ଷାବିତ୍, ତଥ୍ୟ ସୁରକ୍ଷା ବିଶେଷଜ୍ଞ, ସାଇବର ସୁରକ୍ଷା ଅଧିକାରୀ ଏବଂ ପ୍ରଶାସକମାନଙ୍କୁ ସାମିଲ କରାଯାଇଛି, ଯେଉଁମାନେ ପରୀକ୍ଷା କେନ୍ଦ୍ରଗୁଡ଼ିକର କଠୋର ଯାଞ୍ଚଠାରୁ ଆରମ୍ଭ କରି ପ୍ରଶ୍ନପତ୍ର ପ୍ରେରଣରେ ଏନକ୍ରିପସନ୍ ଟେକ୍ନୋଲୋଜିର ବ୍ୟବହାର ପର୍ଯ୍ୟନ୍ତ ସମସ୍ତ ଦିଗକୁ ପରଖିବେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କୋଟି କୋଟି ଛାତ୍ରଛାତ୍ରୀଙ୍କ ଦିନରାତିର କଠୋର ପରିଶ୍ରମ ଓ ସେମାନଙ୍କ ପରିବାରର ତ୍ୟାଗ ଯେପରି କୌଣସି ଅସାଧୁ ଉପାୟ ଯୋଗୁଁ ବ୍ୟର୍ଥ ନଯାଏ, ସେଥିପାଇଁ ପରୀକ୍ଷା ବ୍ୟବସ୍ଥାରେ ଏକ ବ୍ୟାପକ 'ଜିରୋ-ଟୋଲେରାନ୍ସ' ନୀତି ଆପଣାଯାଉଛି। ଶ୍ରୀ ନିଲେକାଣିଙ୍କ ପରି ଜଣେ ବିଚକ୍ଷଣ ପ୍ରଯୁକ୍ତିବିଦ୍‌ଙ୍କ ନେତୃତ୍ୱରେ ଏହି ଟାସ୍କଫୋର୍ସ ଭାରତର ଶିକ୍ଷା ଓ ପରୀକ୍ଷା ପ୍ରଣାଳୀକୁ ସମ୍ପୂର୍ଣ୍ଣ ଦୋଷମୁକ୍ତ କରିବା ସହ ଦେଶର ଯୁବସମାଜ ମନରେ ପୁଣି ଥରେ ବିଶ୍ୱାସ ଓ ଆଶାର ସଞ୍ଚାର କରିବ ବୋଲି ସମଗ୍ର ଦେଶ ଆଶାବାଦୀ। ଦେଶର ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ସ୍ୱଚ୍ଛ, ଆଧୁନିକ, ସୁରକ୍ଷିତ ଓ ବିଶ୍ୱସନୀୟ କରିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ଓ ଐତିହାସିକ ପଦକ୍ଷେପ ଗ୍ରହଣ କରି ବିଶିଷ୍ଟ ଉଦ୍ୟୋଗପତି ଥା ଆଧାର ପ୍ରକଳ୍ପର ପ୍ରଣେତା ଶ୍ରୀ ନନ୍ଦନ ନିଲେକାଣିଙ୍କ ନେତୃତ୍ୱରେ ଏକ ବିଶେଷ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଦେଶବାସୀଙ୍କୁ ସୂଚନା ଦେଇ କହିଛନ୍ତି ଯେ ଆମର ଯୁବପିଢ଼ିଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ଏବଂ ପରୀକ୍ଷା ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ସରକାରଙ୍କ ପ୍ରାଥମିକତା। ପ୍ରଧାନମନ୍ତ୍ରୀ ନିଜ ବାର୍ତ୍ତାରେ ସ୍ପଷ୍ଟ କରିଛନ୍ତି ଯେ ଏହି ବିଶେଷ କମିଟି ନନ୍ଦନ ନିଲେକାଣିଙ୍କ ଦୂରଦୃଷ୍ଟି ଓ ବୈଷୟିକ ଅଭିଜ୍ଞତାର ଉପଯୋଗ କରି ପ୍ରଶ୍ନପତ୍ର ପ୍ରସ୍ତୁତି, ପ୍ରଶ୍ନପତ୍ରର ସୁରକ୍ଷିତ ପ୍ରେରଣ, ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ଏବଂ ଡିଜିଟାଲ୍ ମୂଲ୍ୟାୟନ ଭଳି ଗୁରୁତ୍ୱପୂର୍ଣ୍ଣ ଦିଗରେ ବ୍ୟାପକ ସଂସ୍କାର ଆଣିବା ପାଇଁ ସୁପାରିଶ ପ୍ରଦାନ କରିବ। ନିକଟ ଅତୀତରେ ବିଭିନ୍ନ ପ୍ରତିଯୋଗିତାମୂଳକ ଓ ପ୍ରବେଶିକା ପରୀକ୍ଷାରେ ଦେଖାଦେଇଥିବା ବିଭ୍ରାଟ ଓ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ଏହି ଟାସ୍କଫୋର୍ସ ଗଠନ କରାଯାଇଛି, ଯାହା ପରୀକ୍ଷା କରାଉଥିବା ସଂସ୍ଥାଗୁଡ଼ିକର କାର୍ଯ୍ୟଶୈଳୀ, ତ୍ରୁଟିହୀନ ସୁରକ୍ଷା ବ୍ୟବସ୍ଥା ଏବଂ ସାମ୍ପ୍ରତିକ ସଂସ୍କାର ଉପରେ କାର୍ଯ୍ୟ କରିବ। ଏହି କମିଟିରେ ଶିକ୍ଷାବିତ୍, ବୈଷୟିକ ବିଶେଷଜ୍ଞ, ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ସାମିଲ କରାଯାଇଛି, ଯେଉଁମାନେ ପରୀକ୍ଷା ବ୍ୟବସ୍ଥାକୁ ଅଧିକ ଦୃଢ଼ କରିବା ପାଇଁ ନିଜର ବହୁମୂଲ୍ୟ ପରାମର୍ଶ ଦେବେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଶର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ନିଷ୍ଠା ଓ ପରିଶ୍ରମ ଯେପରି ବୃଥା ନଯାଏ ଏବଂ ସେମାନଙ୍କର ପ୍ରକୃତ ଯୋଗ୍ୟତା ଅନୁସାରେ ନ୍ୟାୟ ମିଳିପାରିବ, ସେଥିପାଇଁ ଏହି ସଂସ୍କାର ଅତ୍ୟନ୍ତ ଜରୁରୀ। ନନ୍ଦନ ନିଲେକାଣିଙ୍କ ପରି ଜଣେ ଅଭିଜ୍ଞ ନେତାଙ୍କ ହାତରେ ଏହି ଦାୟିତ୍ୱ ନ୍ୟସ୍ତ କରାଯାଇଥିବାରୁ ପରୀକ୍ଷା ସଂସ୍କାର କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି ଏବଂ ସମଗ୍ର ଦେଶର ଯୁବପିଢ଼ି ଓ ଅଭିଭାବକମାନେ ସରକାରଙ୍କ ଏହି ସମୟୋପଯୋଗୀ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

**ମୋବାଇଲ୍:୯୪୩୭୯୯୪୩୭୯**



# ରସଗୋଲା ଦିବସର ଅନୁଚିନ୍ତା



**ଚିତ୍ତରଞ୍ଜନ ପୃଷ୍ଟି**



ମହାଭାରତୀୟ ସଂସ୍କୃତି ଭିତରେ ଓଡ଼ିଶା ନିଜ ପାଇଁ ତିଆରି କରିଛି ନିଜସ୍ୱ ପରିଚୟ। ଏହି ପରିଚୟ ଭିତରେ ରସଗୋଲା ଗୋଟିଏ ଅଙ୍ଗ। କିମ୍ବଦନ୍ତୀ କୁହେ ଜଗନ୍ନାଥ ପରମ୍ପରାରୁ ହିଁ ରସଗୋଲା ଓଡିଶା ସହ ଜଡିତ। ଶ୍ରୀଜଗନ୍ନାଥ ସଂସ୍କୃତିରେ ରସଗୋଲାର ବେଶ୍ ଗୁରୁତ୍ୱ ରହିଛି। ଯାହା ଆମ ସଂସ୍କୃତି ପରମ୍ପରା ଓ ବଡ ଠାକୁରଙ୍କ ସହ ଜଡିତ। ଏହା ଓଡ଼ିଆ ଜାତିର ପରିଚୟ। ଏହା କେବଳ ମିଠା ନୁହେଁ ପ୍ରତି ଓଡ଼ିଆଙ୍କ ଭାବନା ସହ ଅଙ୍ଗାଅଙ୍ଗୀ ଭାବେ ଜଡିତ।ପ୍ରତିବର୍ଷ ଚତୁର୍ଦ୍ଧା ମୂରତିଙ୍କ ନୀଳାଦ୍ରି ବିଜେ ଅବସରରେ ରସଗୋଲା ଭୋଗ ଲାଗୁଥିବାରୁ ଏହି ଦିନକୁ ରସଗୋଲା ଦିବସ ଭାବେ ପାଳନ କରାଯାଉଛି। ଏହାସହ ସାରା ବିଶ୍ୱରେ ରସଗୋଲାକୁ ଅଧିକ ପରିଚିତ କରିବା ଉଦ୍ଦେଶ୍ୟରେ ମଧ୍ୟ ଏହି ଦିବସକୁ ପାଳନ କରାଯାଏ।

ରସଗୋଲା ହେଉଛି ମିଠାମାନଙ୍କ ରାଜା। ଓଡ଼ିଆମାନଙ୍କ ପ୍ରିୟ ଖାଦ୍ୟ ମଧ୍ୟରୁ ରସଗୋଲା ଅନ୍ୟତମ। କେତେକ ଓଡ଼ିଆ ଗବେଷକଙ୍କ ମତରେ ଜଗନ୍ନାଥ ପରମ୍ପରାରେ ରସଗୋଲାର ବ୍ୟବହାର ଦ୍ୱାଦଶ ଶତାବ୍ଦୀରୁ ଚାଲିଆସୁଛି।ନୀଳାଦ୍ରି ବିଜେରେ ପ୍ରତିବର୍ଷ ପାଳନ ହୁଏ ରସଗୋଲା ଦିବସ। ୨୦୧୫ରୁ ଓଡ଼ିଶାରେ ଏହି ଦିବସ ପାଳନ କରାଯାଇଆସୁଛି।ନୀଳାଦ୍ରି ବିଜେରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିକଟରେ ଭୋଗ ହୋଇଥାଏ ରସଗୋଲା।ପୌରାଣିକ କଥା ଅନୁଯାୟୀ, ରସଗୋଲା ଦେବୀ ଲକ୍ଷ୍ମୀଙ୍କୁ ଭୋଗ ଭାବରେ ଅର୍ପଣ କରାଯାଇଛି। ବିଶ୍ୱାସ କରାଯାଏ, ପ୍ରଭୁ ଜଗନ୍ନାଥ ମା' ଲକ୍ଷ୍ମୀଙ୍କ ବିନା ଅନୁମତିରେ ନଅଦିନ ଯାତ୍ରାରେ ଯାଇଥିଲେ। ସ୍ୱାମୀ ଏବଂ ତାଙ୍କ ଯାତ୍ରାକୁ ନେଇ ମା' ଲକ୍ଷ୍ମୀ ରାଗି ମନ୍ଦିରର ପ୍ରବେଶ ଦ୍ୱାରରେ ତାଲା ପକାଇ ଦେଇଥିଲେ ଯେ, ତାଙ୍କ ସ୍ୱାମୀ ଯେପରି ଘର ଭିତରକୁ ପ୍ରବେଶ ନ କରନ୍ତି। ତେଣୁ ଲକ୍ଷ୍ମୀଙ୍କ ମାନଭଞ୍ଜନ ପାଇଁ ପ୍ରଭୁ ଜଗନ୍ନାଥ ତାଙ୍କୁ ରସଗୋଲା ଅର୍ପଣ କରିଥିଲେ।ପ୍ରଭୁ ଜଗନ୍ନାଥଙ୍କ ରତ୍ନବେଦୀକୁ ପ୍ରତ୍ୟାବର୍ତ୍ତନ ରସଗୋଲା ଦିବସ ସହିତ ଜଡ଼ିତ ରହିଛି।ଜଗନ୍ନାଥ ଓ ଲକ୍ଷ୍ମୀମାଆଙ୍କ ଭିତରେ ବୁଝାମଣାର ବାହକ ଓ ପ୍ରେମର ପ୍ରତୀକ ହୋଇ ରସଗୋଲା ରହିଥିବା ବେଳେ ନୀଳାଦ୍ରି ବିଜେକୁ ରସଗୋଲା ଦିବସ ଭାବେ ପାଳନ କରାଯାଇଥାଏ। ରସଗୋଲାର ଇତିହାସ ଏବଂ ଉତ୍ପତ୍ତି ବିଷୟରେ ଲୋକଙ୍କୁ ଜଣାଇବା ପାଇଁ ରସଗୋଲା ଦିବସ ପାଳନ କରାଯାଉଛି।ରସଗୋଲାର ଉତ୍ପତ୍ତି ଓଡ଼ିଶାର ପବିତ୍ର ଶ୍ରୀମନ୍ଦିର ସହିତ ଜଡ଼ିତ। ପ୍ରାୟ ୧୨ଶ ଶତାବ୍ଦୀରୁ ଶ୍ରୀଜଗନ୍ନାଥଙ୍କ ଭୋଗ ଭାବେ ରସଗୋଲା ପରମ୍ପରା ଆରମ୍ଭ ହୋଇଥିଲା।

ରସଗୋଲାକୁ ନେଇ ପଶ୍ଚିମବଙ୍ଗ ଓ ଓଡିଶା ମଧ୍ୟରେ 'ମିଠାଯୁଦ୍ଧ' ଆରମ୍ଭ ହୋଇଥିଲା।ପଶ୍ଚିମବଙ୍ଗ 'ରସଗୁଲ୍ଲା' ତାଙ୍କର ବୋଲି ଦାବି କରିଥିଲା। ୧୮୬୮ ମସିହାରେ କଲିକତାରେ ନବୀନ ଚନ୍ଦ୍ର ଦାସ ପ୍ରଥମେ 'ରସଗୁଲ୍ଲା' ତିଆରି କରିଥିଲେ ବୋଲି ଯୁକ୍ତି କରିଥିଲା ପଶ୍ଚିମବଙ୍ଗ। ନଥିକରଣ ଅଭାବରୁ ସଠିକ ମସିହା ଲିପିବଦ୍ଧ ହୋଇପାରିନଥିଲା। କିନ୍ତୁ ଏହା ମାନିବାକୁ ନାରାଜ ପଡୋଶୀ ପଶ୍ଚିମବଙ୍ଗ। ରସଗୋଲାକୁ ନିଜର ବୋଲି ଦାବି କରି GI ଟ୍ୟାଗ ଦାବି କଲା ପଡୋଶୀ ରାଜ୍ୟ। ରସଗୋଲାର ପ୍ରକୃତ ଉତ୍ପତ୍ତିସ୍ଥଳ ଏବଂ ସଂସ୍କୃତି ଓ ପରମ୍ପରାଗତ ସଂପର୍କର ବଳିଷ୍ଠ ପ୍ରମାଣ ପାଇବା ପରେ ଭାରତ ସରକାରଙ୍କ ଜିଆଇ ରେଜିଷ୍ଟ୍ରେସନ ପକ୍ଷରୁ ମିଳିଥିଲା ମାନ୍ୟତା। ଶେଷରେ ଓଡିଶାର ଦୃଢୋକ୍ତି ଅକ୍ଷୁର୍ଣ୍ଣ ରହିଲା। ୨୦୧୯ ଜୁଲାଇ ୨୯ ରେ ଓଡିଶା ରସଗୋଲାକୁ ମିଳିଲା ଜିଆଇ ଟ୍ୟାଗ।

ପ୍ରାଚୀନ ଦାଣ୍ଡି ରାମାୟଣରେ ବର୍ଣ୍ଣିତ ରସଗୋଲାର ଗାଥା ସାଙ୍ଗକୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସହ ମିଠା ଶ୍ରେଷ୍ଠ ରସଗୋଲାର ରହିଛି ଗଭୀର ସମ୍ପର୍କ। ସେଥିପାଇଁ ତ ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେରେ ରଥ ଉପରେ ମହାପ୍ରଭୁଙ୍କ ଲାଗି ରସଗୋଲା ଭୋଗ କରନ୍ତି ଭକ୍ତ। କେବଳ ଶ୍ରୀକ୍ଷେତ୍ର ନୁହେଁ, ଗାଁରୁ ସହର ଆଜି ସବୁଠି ଛାଇ ଯାଇଛି ରସଗୋଲା। ମହ ମହ ବାସିଛି ରସଗୋଲାର ବାସ୍ନା। ଓଡ଼ିଆ ପରମ୍ପରାର ପ୍ରତୀକ ଏହି ସୁସ୍ୱାଦୁ ମିଷ୍ଟାନ୍ନକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ପାଳନ ହୋଇଛି ରସଗୋଲା ଦିବସ।ଆଜିମଧ୍ୟ ବିକଳାନନ୍ଦ କରଙ୍କ ସାଲେପୁର ରସଗୋଲା ଓ ପାହାଳରେ ପ୍ରସ୍ତୁତ ରସଗୋଲା ଦେଶ ତଥା ବିଦେଶରେ ପରିଚିତ।

ଏହି ଅବସରରେ ସମଗ୍ର ଓଡ଼ିଶାରେ ରସଗୋଲା ଦିବସ ପାଳନ କରାଯାଉଛି, ଯାହା କେବଳ ଏକ ମିଠା ନୁହେଁ, ବରଂ ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ଆବେଗର ପ୍ରତୀକ। ଓଡ଼ିଶାବାସୀଙ୍କ ପାଇଁ ରସଗୋଲା ଏକ ସ୍ୱାଦିଷ୍ଟ ଖାଦ୍ୟରୁ ଅଧିକ, ଏହା ପ୍ରାଚୀନ ଇତିହାସ ଓ ଜାତୀୟ ଗର୍ବର ସାକ୍ଷୀ।ରସଗୋଲା ଦିବସ ଓଡ଼ିଶାବାସୀଙ୍କୁ ଏକତ୍ର କରିବା ସହ ଏହାର ଐତିହାସିକ ଓ ସାଂସ୍କୃତିକ ମହତ୍ତ୍ୱକୁ ସାରା ବିଶ୍ୱକୁ ପହଞ୍ଚାଇଛି।

**ନିମାପଡା, ପୁରୀ**
**ମୋବାଇଲ୍:୯୭୭୮୧୭୭୫୦୧**

# ସାମୟିକ ବିରତି ଘୋଷଣା କଲା ଆମେରିକା





ୱାଶିଂଟନ୍, ୨୬।୭: ଦୀର୍ଘ ଦୁଇସପ୍ତାହର ଘମାଘୋଟ ଯୁଦ୍ଧ ପରେ ଆମେରିକା ଇରାନ୍ ବିରୋଧରେ ଏହାର ଯୁଦ୍ଧ ଅଭିଯାନକୁ ସ୍ଥଗିତ ଘୋଷଣା କରିଛି। ଆମେରିକାର ପ୍ରତିରକ୍ଷା ମନ୍ତ୍ରଣାଳୟ ରବିବାର ଯୁଦ୍ଧ ଅଭିଯାନକୁ ଏବେ ସ୍ଥଗିତ ରଖାଯାଇଥିବା ସୂଚନା ଦେଇଛି। ତେବେ ଏହା ଯୁଦ୍ଧ ଶେଷ ହୋଇଗଲା ବୋଲି କହିନାହିଁ ତା' ପରିବର୍ତ୍ତେ ମାର୍କିନ ପ୍ରତିରକ୍ଷା ମନ୍ତ୍ରଣାଳୟ ସ୍ପଷ୍ଟ ବିରତି ବା ଅପାରେସନ୍ ପଜ୍ ଭଳି ଏକ ଶବ୍ଦ ବ୍ୟବହାର କରିଛି।

କ୍ରମାଗତ ୧୩ ରାତିର ବୋମା ବିସ୍ଫୋରଣ ପରେ ଏହି ସପ୍ତାହନ୍ତରେ ଇରାନ ଉପରେ ଆମେରିକା କୌଣସି ନୂତନ ସାମରିକ ଆକ୍ରମଣ କରିନାହିଁ। ଅପରପକ୍ଷରେ, ସପ୍ତାହନ୍ତରେ କୌଣସି ଆକ୍ରମଣ ନହେବା, ଆମେରିକା ପକ୍ଷରୁ ନିରବତା ଅବଲମ୍ବନ କରିବାକୁ ନେଇ ତେହରାନରେ ଅଭୂତପୂର୍ବ ଖୁସିର ମାହୋଲ ସୃଷ୍ଟି ହୋଇଛି। ଆମେରିକା ଯୁଦ୍ଧ ସରିଗଲା ବୋଲି କହି ନଥିଲେ ମଧ୍ୟ ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟର ସ୍ପଷ୍ଟ ବିରତି ବା ଅପାରେସନ୍ ପଜ୍ ଘୋଷଣାକୁ ତେହରାନ୍ ଆମେରିକା ଉପରେ ଏହାର ବିଜୟ ବୋଲି ଧରିନେଇଛି। ହ୍ୱାଇଟ୍ ହାଉସ୍‌ରେ ଆୟୋଜିତ ଏକ କ୍ୟାବିନେଟ୍ ବୈଠକରେ ଇରାନ ବିରୋଧରେ ଯୁଦ୍ଧକୁ ଆଗକୁ ବଢ଼ାଇବା ସହ ତାହାକୁ ଏକ ନିର୍ଣ୍ଣାୟକ ମୋଡ଼ ଦେବା ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଚାରବିମର୍ଶ ଆରମ୍ଭ କରିଥିଲେ। ମାତ୍ର ଟ୍ରମ୍ପଙ୍କ ଆଲୋଚନା ଆଗକୁ ବଢ଼ିବା ଆରମ୍ଭ କରିବା ପୂର୍ବରୁ ଏହା ଉପରେ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଓ ଚିଫ୍-ଅଫ୍-ଷ୍ଟାଫ୍‌ର ଯୁଗ୍ମ ଅଧ୍ୟକ୍ଷ ଜେନେରାଲ ଡାନ୍ କେନ୍ ରୋକ୍ ଲଗାଇଥିଲେ। ମଧ୍ୟପ୍ରାଚ୍ୟ ଯୁଦ୍ଧର ଭବିଷ୍ୟତକୁ ନେଇ ସେମାନେ ଚିନ୍ତାପ୍ରକଟ କରିଥିଲେ। ହ୍ୱାଇଟ୍ ହାଉସରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୁଦ୍ଧ ବିଷୟରେ ଅନେକ ପ୍ରମୁଖ ଚିନ୍ତା ଖୋଲାଖୋଲି ଭାବରେ ପ୍ରକାଶ କରାଯାଇଥିଲା। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିନ୍ତା ଥିଲା ଆମେରିକାର ସାମରିକ ବାହିନୀର କ୍ରମାଗତ ଭାବରେ ଅସ୍ତ୍ରଶସ୍ତ୍ର ଭଣ୍ଡାର ହ୍ରାସ ପାଇବା। ଯୁଗ୍ମ ମୁଖ୍ୟ କର୍ମଚାରୀଙ୍କ ଅଧ୍ୟକ୍ଷ ଡାନ୍ କେନ୍ ବିଶେଷ ଭାବରେ ଆମେରିକାର ହ୍ରାସ ପାଉଥିବା ଅସ୍ତ୍ରଶସ୍ତ୍ର ଭଣ୍ଡାର ବିଷୟରେ ଚେତାବନୀ ଦେଇଥିଲେ। ସେ ଚେତାବନୀ ଦେଇଥିଲେ ଯେ ଦୀର୍ଘକାଳୀନ ସାମରିକ ଅଭିଯାନ ଆମେରିକାର ଅସ୍ତ୍ରଶସ୍ତ୍ର ଭଣ୍ଡାର ଉପରେ ଏକ ବିନାଶକାରୀ ପ୍ରଭାବ ପକାଇପାରେ।

ଏହା ମଧ୍ୟରେ ବିଶ୍ୱ ତୈଳ ପରିବହନର ଗୁରୁତ୍ୱପୂର୍ଣ୍ଣ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ନେଇ ଇରାନ ଓ ଓମାନ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ଇରାନର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଗତ ଦୁଇଦିନ ଧରି ଇରାନ ଓ ଓମାନ ଅଧିକାରୀମାନେ ହର୍ମୁଜ୍‌ର ଆଗାମୀ ଭବିଷ୍ୟତକୁ ନେଇ ବିଚାର କରୁଛନ୍ତି। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଜାହାଜ ପରିବହନ ଲେନ୍‌ରେ ସାମୁଦ୍ରିକ ଯାତାୟତ ଅପରିବର୍ତ୍ତିତ ରହିଛି।

### ସ୍ପଷ୍ଟ ବିରତି ନୁହେଁ, ତେହରାନର ବିଜୟ: ଇରାନ୍

- ଟ୍ରମ୍ପଙ୍କ ଯୁଦ୍ଧ ଅଭିଯାନରେ ରୋକ୍ ଲଗାଇଲେ ଭାନ୍ସ
- ଆମେରିକାର ଅସ୍ତ୍ରଭଣ୍ଡାର ହ୍ରାସ ହେଉଥିବା ଚେତାବନୀ
- ହର୍ମୁଜ୍ ନେଇ ଇରାନ-ଓମାନ ଆଲୋଚନା

## ଦିନେ ନା ଦିନେ ପିଓକେ କହିବ ମୁଁ ଭାରତର: ରାଜନାଥ ସିଂ



ନୂଆଦିଲ୍ଲୀ, ୨୬।୭: ପାକିସ୍ତାନ ଅଧିକୃତ କାଶ୍ମୀର ବା ପିଓକେକୁ ଦଖଲ କରିବା ପାଇଁ ଭାରତକୁ କୌଣସି ଆକ୍ରମଣ କରିବାକୁ ପଡ଼ିବ ନାହିଁ। ବରଂ ସେଠାକାର ଜନସାଧାରଣ ନିଜେ ମୁକ୍ତି ଚାହୁଁଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମରୋକୋ ଗସ୍ତରେ ଥିବା ବେଳେ ସେ ଏହି ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, ପିଓକେକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଭାରତକୁ କୌଣସି ଆକ୍ରମଣାତ୍ମକ ପଦକ୍ଷେପ ନେବାକୁ ପଡ଼ିବ ନାହିଁ। କାରଣ ସେଠାକାର ସ୍ଥାନୀୟ ଜନସାଧାରଣ ବର୍ତ୍ତମାନର ପ୍ରଶାସନଠାରୁ ସ୍ୱାଧୀନତା ପାଇଁ ନିଜେ ଦାବି କରୁଛନ୍ତି। ତେଣୁ ସମୟ ଆସିଲେ ପିଓକେ ଆପେ ଆପେ ଆମର ହୋଇଯିବ ସେଥିରେ କିଛି ସନ୍ଦେହ ନାହିଁ। ମରୋକୋର ରାଜଧାନୀ ରାବାଟରେ ଭାରତୀୟ ସମୁଦାୟଙ୍କୁ ସମ୍ବୋଧନ କରି ପ୍ରତିରକ୍ଷା ମନ୍ତ୍ରୀ ଏଭଳି କହିଛନ୍ତି। ପିଓକେରୁ ଏବେଠାରୁ ଏହି ସ୍ଲୋଗାନ୍ ଓ ଦାବି ଆସିବାରେ ଲାଗିଛି। ଦିନେ ସମୟ ଆସିବ ଯେତେବେଳେ ପିଓକେ ନିଜେ କହିବ, 'ମୁଁ ମଧ୍ୟ ଭାରତ ଅଟେ' ବୋଲି ସେ ପ୍ରକାଶ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ବୟାନ ଶୁଣିଲା ପରେ ସାରା ଦେଶ ସ୍ତବ୍ଧ ହୋଇଯାଇଛି। ପାଞ୍ଚ ବର୍ଷ ପୂର୍ବେ ଜମ୍ମୁ-କାଶ୍ମୀରରେ ଏକ ସେନା କାର୍ଯ୍ୟକ୍ରମରେ ସେ ଯାହା କହିଥିଲେ, ଆଜି ମଧ୍ୟ ସେହି କଥା ଦୋହରାଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଭାରତୀୟ ସେନାର ତତ୍କାର୍ଯ୍ୟାନୁଷ୍ଠାନ ଏବଂ 'ଅପରେସନ୍ ସିନ୍ଦୂର' ପରେ ବିରୋଧୀ ଦଳଗୁଡ଼ିକର କିଛି ନେତା କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ଅଭିଯୋଗ କରିଥିଲେ ଯେ ଭାରତ ପାକିସ୍ତାନୀ ଜେଟ୍ ଗୁଡ଼ିକୁ ଖସିବା ପରେ ମଧ୍ୟ ଯୁଦ୍ଧବିରତି ଘୋଷଣା କରି ପିଓକେ ଦଖଲ କରିବାର ସୁଯୋଗ ହାତଛଡ଼ା କରିଦେଇଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।

## ନେପାଳରେ ବୈଧ ହେଲା ଭାରତୀୟ ୨୦୦ ଓ ୫୦୦ ଟଙ୍କିଆ ନୋଟ୍



କାଠମାଣ୍ଡୁ, ୨୬।୭: ଭାରତୀୟ ଏବଂ ନେପାଳୀ ନାଗରିକଙ୍କ ପାଇଁ ନେପାଳ ସରକାର ଏକ ବଡ଼ ଆଶ୍ୱସ୍ତିକର ନିଷ୍ପତ୍ତି ନେଇଛନ୍ତି। ଏବେଠାରୁ ଦୁଇ ଦେଶର ନାଗରିକମାନେ ନେପାଳକୁ ଆସିବା କିମ୍ବା ସେଠାରୁ ଯିବା ସମୟରେ ନିଜ ସାଥିରେ ସର୍ବାଧିକ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଭାରତୀୟ ୨୦୦ ଓ ୫୦୦ ଟଙ୍କିଆ ନୋଟ୍ ନେଇପାରିବେ। ତେବେ ଏହି ନୋଟଗୁଡ଼ିକ ୨୦୧୬ ନଭେମ୍ବର ୯ କିମ୍ବା ତା'ପରେ ଜାରି ହୋଇଥିବା ଆବଶ୍ୟକ। ନେପାଳର କେନ୍ଦ୍ରୀୟ ବ୍ୟାଙ୍କ ନେପାଳ ରାଷ୍ଟ୍ର ବ୍ୟାଙ୍କ (ଏନଆରପି) ଏକ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦେଇଛି। ଏଥିସହ ୨୦୧୬ ନଭେମ୍ବର ୯ ପୂର୍ବରୁ ଜାରି ହୋଇଥିବା ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବ୍ୟବହାର ଉପରେ ପୂର୍ବଭଳି କଟକଣା ବଳବତ୍ତର ରହିବ ବୋଲି ସ୍ପଷ୍ଟ କରାଯାଇଛି। ବ୍ୟାଙ୍କର ପ୍ରବକ୍ତା ଗୁରୁ ପ୍ରସାଦ ପାଉଡେଲଙ୍କ କହିବା ଅନୁଯାୟୀ, ନେପାଳୀ ନାଗରିକମାନେ କେବଳ ଭାରତରୁ ନେପାଳକୁ ଭାରତୀୟ ମୁଦ୍ରା ଆଣିପାରିବେ ଏବଂ ନେପାଳରୁ କେବଳ ଭାରତକୁ ଏହି ଟଙ୍କା ନେଇପାରିବେ। ଭାରତ ବ୍ୟତୀତ ଅନ୍ୟ କୌଣସି ତୃତୀୟ ଦେଶକୁ ଏହି ମୁଦ୍ରା ନେବାଆଣିବା କରିବା ଉପରେ କଟକଣା ରହିବ।

## ବିକଶିତ ହେଲା ଉନ୍ନତ ଗାଲିୟମ୍ ନାଇଟ୍ରାଇଡ୍ ଚିପ୍



ବେଙ୍ଗାଲୁରୁ, ୨୬।୭: ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍‌ସି), ବେଙ୍ଗାଲୁରୁର ୫ ଜଣ ଅଧ୍ୟାପକ ଓ ୨ ଜଣ ପିଏଚ୍‌ଡି ଗବେଷକଙ୍କ ଏକ ଦଳ ଭାରତରେ ଉନ୍ନତ ଗାଲିୟମ୍ ନାଇଟ୍ରାଇଡ୍ ଚିପ୍ ବିକାଶ କରିଛନ୍ତି। ଏହି ପ୍ରକଳ୍ପରେ ଷ୍ଟାର୍ଟଅପ୍ 'ଅଗ୍ନିଟ୍ ସେମିକଣ୍ଡକ୍ଟର୍ସ' ମଧ୍ୟ ସହଯୋଗ କରିଛି। ଏହି ଚିପ୍ ପୂର୍ବରୁ ବିଦେଶରୁ ଆମଦାନି କରିବାକୁ ପଡୁଥିଲା ଏବଂ ଏହାର ମୂଲ୍ୟ ଅଧିକ ଥିବାରୁ ଦେଶରେ ବ୍ୟାପକ ବ୍ୟବହାର ସମ୍ଭବ ହେଉନଥିଲା। ଏହି ଗବେଷଣା ଦଳର ନେତୃତ୍ୱ ନେଇଥିବା ପ୍ରଫେସର ମୟଙ୍କ ଶ୍ରୀବାସ୍ତବ କହିଛନ୍ତି, ଭାରତରେ ଉନ୍ନତ ସେମିକଣ୍ଡକ୍ଟର ପ୍ରଯୁକ୍ତିର ଆବଶ୍ୟକତା ବହୁଦିନ ଧରି ଅନୁଭବ କରାଯାଉଥିଲା। ଦେଶୀୟ ଜ୍ଞାନକୌଶଳକୁ ଆଧାର କରି ଏହି ଚିପ୍ ବିକାଶ କରାଯାଇଥିବାରୁ ଭବିଷ୍ୟତରେ ବିଦେଶୀ ନିର୍ଭରଶୀଳତା ଯଥେଷ୍ଟ କମିବ ବୋଲି ସେ କହିଛନ୍ତି।

## ଚୀନ୍‌ରେ ତାଣ୍ଡବ ରଚିଲା ଟାଇଫୁନ୍ ନୌଲ୍



ବେଜିଂ, ୨୬।୭: ରବିବାର ପ୍ରତ୍ୟୁଷରେ ଦକ୍ଷିଣ ଚୀନ୍‌ର ଉପକୂଳବର୍ତ୍ତୀ ଅଞ୍ଚଳରେ ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ ନୌଲ୍ ସ୍ଥଳଭାଗ ଛୁଇଁଛି। ଘଣ୍ଟା ପ୍ରତି ୧୪୫ କିଲୋମିଟର ବେଗରେ ପବନ ବହିବା ଏବଂ ପ୍ରବଳ ବର୍ଷା ଯୋଗୁଁ, ଏହି ଘୂର୍ଣ୍ଣିଝଡ଼ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ କରିଦେଇଛି। ବିପର୍ଯ୍ୟୟର ଗମ୍ଭୀରତାକୁ ଦୃଷ୍ଟିରେ ରଖି, କର୍ତ୍ତୃପକ୍ଷ ଗୁଆଙ୍ଗଡୋଙ୍ଗ ପ୍ରଦେଶରୁ ୩,୪୦,୦୦୦ ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛନ୍ତି। ଚୀନ୍‌ର ଜାତୀୟ ପାଣିପାଗ କେନ୍ଦ୍ର ଅନୁଯାୟୀ, ଦକ୍ଷିଣ ଗୁଆଙ୍ଗଡୋଙ୍ଗ ପ୍ରଦେଶର ହୁଇଝୋଉ ସହରର ହୁଇଡୋଙ୍ଗ କାଉଣ୍ଟିରେ ସ୍ଥାନୀୟ ସମୟ ରବିବାର ଭୋର ପ୍ରାୟ ୩ଟା ୫୦ରେ ଟାଇଫୁନ ନୌଲ୍ ସ୍ଥଳଭାଗକୁ ଛୁଇଁଛି। ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ଅତ୍ୟନ୍ତ ଶକ୍ତିଶାଳୀ ଥିଲା। ହଂକଂ ଅବଜରଭେଟୋରୀ କହିଛି ଯେ ସ୍ଥଳଭାଗ ଛୁଇଁବା ପରେ, ଟାଇଫୁନ ଧୀରେ ଧୀରେ ଗୁଆଙ୍ଗଡୋଙ୍ଗର ଆଭ୍ୟନ୍ତରୀଣ ଅଞ୍ଚଳ ଆଡକୁ ଗତି କରୁଛି ଏବଂ ଏହାର ତୀବ୍ରତା ସାମାନ୍ୟ ହ୍ରାସ ପାଇଛି।

## ନେପାଳ ଯାତ୍ରା ପାଇଁ ଏନ୍‌ଆଇଡି ବୈଧ ଡକ୍ୟୁମେଣ୍ଟ



କାଠମାଣ୍ଡୁ, ୨୬।୭: ପ୍ରତିଦିନ ବହୁ ଲୋକ ଭାରତ ଓ ନେପାଳ ସୀମା ପାର ହୋଇଥାନ୍ତି। ଏହି ଯାତ୍ରାକୁ ଅଧିକ ସହଜ କରିବା ପାଇଁ ଦୁଇ ଦେଶ ମଧ୍ୟରେ ଆଲୋଚନା ଚାଲିଛି। ନେପାଳ ସରକାର ଉଭୟ ଦେଶ ମଧ୍ୟରେ ଯାତ୍ରା ପାଇଁ ଭାରତକୁ ଏହାର ନୂତନ ବାୟୋମେଟ୍ରିକ୍ ଜାତୀୟ ପରିଚୟ ପତ୍ର (ଏନଆଇଡି)କୁ ଏକ ବୈଧ ଡକ୍ୟୁମେଣ୍ଟ ଭାବରେ ଗ୍ରହଣ କରିବାକୁ ଆନୁଷ୍ଠାନିକ ଭାବରେ ଅନୁରୋଧ କରିଛନ୍ତି। ଯଦି ଭାରତ ସରକାର ଏହି ପ୍ରସ୍ତାବକୁ ଅନୁମୋଦନ କରେ, ତେବେ ନେପାଳୀ ନାଗରିକମାନଙ୍କୁ ଭାରତ ଯାତ୍ରା ପାଇଁ ବାରମ୍ବାର ପାସପୋର୍ଟ କିମ୍ବା ପୁରୁଣା ନାଗରିକତା ପ୍ରମାଣପତ୍ର ବହନ କରିବାରୁ ଆଶ୍ୱସ୍ତି ମିଳିବ। ନେପାଳର ଇମିଗ୍ରେସନ ବିଭାଗର ମହାନିର୍ଦ୍ଦେଶକ ରାମଚନ୍ଦ୍ର ତିୱାରୀ ନିଶ୍ଚିତ କରିଛନ୍ତି ଯେ ବୈଦେଶିକ ମନ୍ତ୍ରଣାଳୟ ମାଧ୍ୟମରେ ପ୍ରସ୍ତାବଟି ନୂଆଦିଲ୍ଲୀକୁ ପଠାଯାଇଛି। ନେପାଳର ଅଧିକାରୀମାନେ ବର୍ତ୍ତମାନ ଭାରତରୁ ଏକ ସରକାରୀ ପ୍ରତିକ୍ରିୟାକୁ ଅପେକ୍ଷା କରିଛନ୍ତି।

ନିକଟରେ କାଠମାଣ୍ଡୁରେ ଥିବା ଭାରତୀୟ ଦୂତାବାସର ଏକ ପ୍ରତିନିଧିମଣ୍ଡଳୀ ଏହି ପ୍ରସଙ୍ଗରେ ନେପାଳର ଇମିଗ୍ରେସନ ବିଭାଗର ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ସୂତ୍ର ଅନୁସାରେ, ଭାରତୀୟ ପକ୍ଷ ଏହି ପଦକ୍ଷେପ ପ୍ରତି ସକାରାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଏହି ମାମଲାକୁ ନୂଆଦିଲ୍ଲୀର ଗୃହ ଏବଂ ବୈଦେଶିକ ମନ୍ତ୍ରଣାଳୟର ଉଚ୍ଚ ଅଧିକାରୀଙ୍କ ନିକଟକୁ ପଠାଯାଇଛି। ବର୍ତ୍ତମାନର ନିୟମ ଅନୁଯାୟୀ, ବିମାନ କିମ୍ବା ସଡ଼କ ପଥରେ ଭାରତରେ ପ୍ରବେଶ କରୁଥିବା ଜଣେ ନେପାଳୀ ନାଗରିକଙ୍କୁ ପରିଚୟ ପ୍ରମାଣ ସ୍ୱରୂପ ଏକ ବୈଧ ପାସପୋର୍ଟ କିମ୍ବା ମୂଳ ନାଗରିକତା ପ୍ରମାଣପତ୍ର ଉପସ୍ଥାପନ କରିବାକୁ ପଡୁଛି। ଅନ୍ୟପକ୍ଷରେ, ଭାରତୀୟ ନାଗରିକମାନଙ୍କୁ ନେପାଳରେ ପ୍ରବେଶ କରିବା ପାଇଁ ଏକ ପାସପୋର୍ଟ କିମ୍ବା ମୂଳ ଫଟୋ ଭୋଟର ପରିଚୟପତ୍ର ଉପସ୍ଥାପନ କରିବାକୁ ପଡୁଛି।

## ରୁଷ୍ ଉପଗ୍ରହ ବ୍ୟବହାର କରୁଛି ଇରାନ



### ଅଭିଯୋଗ ଆଣିଲେ ଜେଲେନସ୍କି

କିଭ୍, ୨୬।୭: ସାରା ବିଶ୍ୱରେ ପୁଣିଥରେ ଏକ ବଡ଼ ଯୁଦ୍ଧର ଆଶଙ୍କା ଦେଖାଦେଇଛି। ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ରୁଷ ବିଷୟରେ ଏକ ଚାଞ୍ଚଲ୍ୟକର ଦାବି କରିଛନ୍ତି ଯାହା ଆମେରିକାଠାରୁ ଆରମ୍ଭ କରି ଉପସାଗରୀୟ ଦେଶ ପର୍ଯ୍ୟନ୍ତ ସମସ୍ତଙ୍କର ହୋସ୍ ଉଡାଇ ଦେଇଛି। ସେ ଅଭିଯୋଗ କରିଛନ୍ତି ଯେ, ରୁଷ ପକ୍ଷରୁ ୟୁକ୍ରେନ ଉପରେ ଆକ୍ରମଣ କରାଯିବା ସହିତ ଇରାନକୁ ସିଧାସଳଖ ସହାୟତା ଯୋଗାଇଦେଉଛି। ଉପସାଗରୀୟ ଦେଶଗୁଡ଼ିକରେ ଥିବା ଆମେରିକା ସାମରିକ ଘାଟି ବିଷୟରେ ସାଟେଲାଇଟ୍ ଚିତ୍ର ଏବଂ ଗୁପ୍ତ ସୂଚନା ଇରାନକୁ ପ୍ରଦାନ କରୁଛି। ଯାହା ଫଳରେ ଇରାନ ସଠିକ୍ ଆକ୍ରମଣ କରିବାକୁ ସକ୍ଷମ ହେଉଛି। ୟୁକ୍ରେନୀୟ ଗୁପ୍ତଚର ସଂସ୍ଥାର ଏକ ରିପୋର୍ଟ ଆଧାରରେ ଜେଲେନସ୍କି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏନେଇ ସୂଚନା ସେୟାର କରି କହିଛନ୍ତି ଯେ, ୟୁକ୍ରେନୀୟ ଗୁପ୍ତଚରମାନେ ଜୁଲାଇ ଆରମ୍ଭରୁ ରୁଷୀୟ ଉପଗ୍ରହଗୁଡ଼ିକର ଗତିବିଧି ଉପରେ ନଜର ରଖିଛନ୍ତି। ଜେଲେନସ୍କିଙ୍କ ଅନୁଯାୟୀ, ରୁଷିଆ ଗୁପ୍ତଚର ଉପଗ୍ରହଗୁଡ଼ିକ ନିରନ୍ତର ଉପସାଗରୀୟ ଦେଶ ଏବଂ ସେଠାରେ ଥିବା ଆମେରିକୀୟ ସାମରିକ ଘାଟିର ଉଚ୍ଚ-ରିଜୋଲ୍ୟୁସନ୍ ଚିତ୍ର ଉଠାଉଛି। ଏହି ଚିତ୍ରଗୁଡ଼ିକ ତୁରନ୍ତ ଇରାନକୁ ପଠାଯାଉଛି।

## ପେଲେଟ୍ ଗନ୍ ଆଘାତରେ ଦୃଷ୍ଟିଶକ୍ତି ହରାଇପାରନ୍ତି ଛାତ୍ର



### ଛାତ୍ରଙ୍କୁ ମାଡ଼ ନେଇ ଗୃହମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାହୁଲ

ନୂଆଦିଲ୍ଲୀ, ୨୬।୭: ଜନ୍ତର ମନ୍ତରରେ ପ୍ରତିବାଦ କରୁଥିବା ଛାତ୍ରଙ୍କ ଉପରେ ପେଲେଟ୍ ଗନ୍ କିଏ ଅନୁମତି ଦେଇଥିଲା ବୋଲି ପଚାରି ରାହୁଲ ଗାନ୍ଧୀ ଅମିତ ଶାହଙ୍କୁ ଚିଠି ଲେଖିଛନ୍ତି। ଛାତ୍ରମାନଙ୍କୁ ପିଟିବାକୁ କିଏ ନିର୍ଦ୍ଦେଶ ଦେଇଥିଲା ବୋଲି ରାହୁଲ୍ ଚିଠିରେ ପ୍ରଶ୍ନ କରିଛନ୍ତି। ରାହୁଲ ଗାନ୍ଧୀ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖି ଦୁଇଟି ପ୍ରଶ୍ନ ପଚାରିଛନ୍ତି। ରବିବାର ସେ ଆନୁଷ୍ଠାନିକ ଭାବରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏକ ଚିଠି ଲେଖି ଅନେକ ପ୍ରଶ୍ନର ଉତ୍ତର ଦାବି କରିଛନ୍ତି।

ରାହୁଲ କହିଛନ୍ତି, ଦିଲ୍ଲୀରେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରୁଥିବା ଛାତ୍ରମାନଙ୍କ ଉପରେ ହୋଇଥିବା ନୃଶଂସ ଆକ୍ରମଣର ଜବାବ ଦାବି କରିବା ପାଇଁ ମୁଁ ଏହି ଚିଠି ଲେଖୁଛି। ସେ ଲେଖିଛନ୍ତି, ଆମର ଛାତ୍ରମାନେ ଏକ ନିରପେକ୍ଷ ଏବଂ ଉତ୍ତରଦାୟୀ ଶିକ୍ଷା ବ୍ୟବସ୍ଥା ଦାବି କରୁଥିଲେ। ସେମାନଙ୍କ କଥା ଶୁଣିବା ପରିବର୍ତ୍ତେ, ସୁରକ୍ଷା ବାହିନୀ ମାରାତ୍ମକ ଅସ୍ତ୍ର ଏବଂ ଲୁହବୁହା ଗ୍ୟାସ୍ ବ୍ୟବହାର କରି ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଲେଖିଥିବା ଚିଠିରେ ରାହୁଲ ଉଲ୍ଲେଖ କରିଛନ୍ତି ଯେ ପୁଲିସ ଏବଂ ସୁରକ୍ଷା ବାହିନୀଙ୍କ ଲାଠିଚାର୍ଜରେ ଶହ ଶହ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ପୁଲିସ ଅଧିକାରୀମାନେ ମହିଳା ଛାତ୍ରୀମାନଙ୍କୁ ଆକ୍ରମଣ କରିଥିଲେ, ଯେଉଁଥିରେ ଜାଣିଶୁଣି ସେମାନଙ୍କ ଗୁପ୍ତାଙ୍ଗକୁ ଟାର୍ଗେଟ କରାଯାଇଥିଲା।

ରାହୁଲ ଗାନ୍ଧୀ କହିଛନ୍ତି ଯେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଘାତକ ପେଲେଟ୍ ଗନ୍ ବ୍ୟବହାର। ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମ ରିପୋର୍ଟ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଜଣେ ସାମ୍ବାଦିକଙ୍କ ସମେତ ଅନେକ ଆହତ ହୋଇଛନ୍ତି। ରାହୁଲ ୧୯ ବର୍ଷୀୟ ଛାତ୍ର ସାହିଲ ଲୋଚାବଙ୍କୁ ଭେଟିଛନ୍ତି, ସେ ବର୍ତ୍ତମାନ ପ୍ରବଳ ଯନ୍ତ୍ରଣା ଅନୁଭବ କରୁଛନ୍ତି ଏବଂ ପେଲେଟ୍ ଗନ୍ ଆଘାତ ଯୋଗୁଁ ତାଙ୍କର ଗୋଟିଏ ଆଖିର ଦୃଷ୍ଟିଶକ୍ତି ହରାଇବାର ସମ୍ଭାବନା ରହିଛି।

### ସହିଦ ରାଜେଶ ଗୁରୁଙ୍ଗଙ୍କ ଶେଷ ଚିଠି

# ଯଦି ଫେରିବି, ମୁଁ ନିଜେ ଫୋନ୍ କରିବି



ଡେରାଡୁନ, ୨୬।୭: କାର୍ଗିଲ ଯୁଦ୍ଧର ୨୭ ବର୍ଷ ପରେ ମଧ୍ୟ ଦେଶ ତାହାର ସାହସୀ ସୈନିକମାନଙ୍କୁ ସ୍ମରଣ କରୁଛି। ସେମାନଙ୍କ ମଧ୍ୟରୁ ନାଗା ରେଜିମେଣ୍ଟର ସହିଦ ସିପାହୀ ରାଜେଶ ଗୁରୁଙ୍ଗଙ୍କ କାହାଣୀ ଆଜି ମଧ୍ୟ ହୃଦୟକୁ ଭାବପ୍ରବଣ କରେ। ଡେରାଡୁନର ଚାନ୍ଦମାରି-ଗଢ଼ୀ କ୍ୟାଣ୍ଟର ବାସିନ୍ଦା ରାଜେଶ ୬ ଜୁଲାଇ ୧୯୯୯ରେ ଟାଇଗର ହିଲରେ ଶତ୍ରୁଙ୍କ ସହ ଯୁଦ୍ଧ କରି ମାତୃଭୂମି ପାଇଁ ନିଜ ଜୀବନ ବଳିଦାନ କରିଥିଲେ।

ଯୁଦ୍ଧ ପୂର୍ବରୁ ସେ ତାଙ୍କ ବାପାଙ୍କୁ ଲେଖିଥିବା ଶେଷ ଚିଠି ଆଜି ମଧ୍ୟ ପରିବାର ପାଇଁ ସବୁଠାରୁ ମୂଲ୍ୟବାନ ସ୍ମୃତି। ସେହି ଚିଠିରେ ସେ ଲେଖିଥିଲେ, "ଯଦି ମୁଁ ଫେରିବି, ମୁଁ ନିଜେ ତୁମକୁ ଦୁଇ-ତିନି ଦିନ ମଧ୍ୟରେ ଫୋନ୍ କରିବି, ନଚେତ୍ ମୋ ପକ୍ଷରୁ ଅନ୍ୟ କେହି ଫୋନ୍ କରିବେ।" ଏହି ଶବ୍ଦଗୁଡ଼ିକ ପଢ଼ିଲେ ଆଜି ମଧ୍ୟ ପରିବାର ସଦସ୍ୟମାନଙ୍କ ଆଖିରେ ଲୁହ ଆସିଯାଏ।

ଚିଠିରେ ରାଜେଶ ତାଙ୍କ ପରିବାର ପ୍ରତି ଗଭୀର ସ୍ନେହ ଓ ଚିନ୍ତା ବ୍ୟକ୍ତ କରିଥିଲେ। ସେ ଘରରୁ ଚିଠି ନ ଆସିବାକୁ ନେଇ ଅଭିଯୋଗ କରିଥିଲେ ଏବଂ ତାଙ୍କ ମଙ୍ଗେତରଙ୍କ ପାଇଁ ସନ୍ଦେଶ ଦେଇଥିଲେ ଯେ ସେ ଭଲ ଅଛନ୍ତି। ଶେଷରେ ସେ ଆଶା ବ୍ୟକ୍ତ କରିଥିଲେ ଯେ ଯୁଦ୍ଧ ଶେଷ ହେଲେ ସେ ଫେରି ଆସି ପରିବାର ଓ ଦେଶର ଗୌରବ ବଢ଼ାଇବେ, କିନ୍ତୁ ଭାଗ୍ୟର ନିର୍ଦ୍ଦେଶ ଅନ୍ୟ ଥିଲା।

## ରୁଷରେ ସୈନ୍ୟ ଅଭାବ

ମସ୍କୋ, ୨୬।୭: ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଗୁଇନ୍ଦା ରିପୋର୍ଟ ଆଧାରରେ ଏକ ବଡ଼ ଚେତାବନୀ ଦେଇଛନ୍ତି। ସେ ଦାବି କରିଛନ୍ତି ଯେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଯୁଦ୍ଧକ୍ଷେତ୍ରରେ କ୍ରମାଗତ କ୍ଷତିର ପୂରଣ ପାଇଁ ଏକ ବିଶାଳ ନୂତନ ସୈନ୍ୟବାହିନୀ ପ୍ରସ୍ତୁତ କରୁଛନ୍ତି। ସେ ରୁଷୀୟ ସେନାର କ୍ଷତି ନିଯୁକ୍ତି ଅପେକ୍ଷା ବହୁତ ଅଧିକ। ରୁଷ ୨୦୨୬ ମସିହାରେ ଏପର୍ଯ୍ୟନ୍ତ ୨,୨୧,୦୦୦ ଲୋକଙ୍କୁ ସେନାରେ ନିଯୁକ୍ତି ଦେଇଛି, କିନ୍ତୁ ସେହି ସମୟ ମଧ୍ୟରେ ୨,୨୫,୫୦୦ ଲୋକ ମୃତାହତ ହୋଇଛନ୍ତି। ମୃତ ସୈନିକଙ୍କ ସଂଖ୍ୟା ଲକ୍ଷେ ୩୧ ହଜାର ଥିବାବେଳେ ପ୍ରାୟ ୯୩ ହଜାର ଗୁରୁତର ଆହତ ହୋଇଛନ୍ତି। ଜେଲେନସ୍କିଙ୍କ ଅନୁଯାୟୀ, ରୁଷ ମୋର୍ଚ୍ଚାରେ ଚିକିତ୍ସା ସୁବିଧାର ଖରାପ ଅବସ୍ଥା ଯୋଗୁଁ ଆହତ ସୈନିକଙ୍କ ଅବସ୍ଥା ଆହୁରି ଖରାପ ହେବାରେ ଲାଗିଛି। ରୁଷ ନିଜର ସାମରିକ ଶକ୍ତିକୁ ବୃଦ୍ଧି କରିବା ପାଇଁ ଉତ୍ତର କୋରିଆରୁ ୩୦ ହଜାର ଅତିରିକ୍ତ ସୈନ୍ୟ ଆଣିବାକୁ ଯୋଜନା କରୁଛି । ରିପୋର୍ଟ ଅନୁଯାୟୀ, ଜୁନ୍ ମାସରୁ ରୁଷିଆର ଭୋରୋନେଜ୍ ଅଞ୍ଚଳରେ ଏହି ସୈନ୍ୟମାନଙ୍କୁ ସ୍ୱାଗତ ଏବଂ ନିୟୋଜିତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।



ମୁତୟନ ହେବେ ୩୦ ହଜାର ଉତ୍ତର କୋରିଆ ସୈନ୍ୟ

## ବନ୍ୟାରେ ଭାସୁଛି ଆସାମ

### ମୃତ୍ୟୁ ସଂଖ୍ୟା ୬୨କୁ ବୃଦ୍ଧି

ନୂଆଦିଲ୍ଲୀ ୨୬।୭: ଆସାମରେ ଏବେ ବନ୍ୟା ବିପ୍ଳାତ। ଜନ ଜୀବନ ଅସ୍ତବ୍ୟସ୍ତ। ଚାରିଆଡେ ଖାଲି ପାଣି ଆଉ ପାଣି। ଘର ବୁଡି ଗଲାଣି ତ ରାସ୍ତାରେ ଆଣ୍ଠୁଏ ପାଣି। ଖାଲି ଆସାମ ନୁହେଁ, ଗୁଜରାଟରେ ପ୍ରବଳ ବର୍ଷା ଏବଂ ବନ୍ୟା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଦେଶର ବିଭିନ୍ନ ରାଜ୍ୟରେ ବନ୍ୟା ସ୍ଥିତି ଦେଖିବାକୁ ମିଳିଛି। ହେଲେ ଆସାମରେ ସ୍ଥିତି ଗମ୍ଭୀର ଥିବା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପ୍ରକାଶ କରିଛି। ୨୪ ଘଣ୍ଟା ମଧ୍ୟରେ ସେଠାରେ ଆଉ ୧୪ ଜଣଙ୍କ ମୃତ୍ୟୁ ପରେ ମୋଟ ମୃତ୍ୟୁ ସଂଖ୍ୟା ୬୨କୁ ବୃଦ୍ଧି ପାଇଛି। ୭ ଲକ୍ଷରୁ ଅଧିକ ଲୋକେ ଏଥିରେ ପ୍ରଭାବିତ ହୋଇଛନ୍ତି। ରାଜ୍ୟର ୧୨ଟି ଜିଲ୍ଲା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ସେଥିମଧ୍ୟରେ ଗୋଲାଘାଟ, ଚରାଇଦେବ, ଡିବ୍ରୁଗଡ, ହୋଜାଇ, ନଗାଓଁ, ବିଶ୍ୱନାଥ, ଜୋରହାଟ, ଧେମାଜୀ, ଶିବସାଗର, ସୋନିତପୁର, କାମରୁପ, କାର୍ବି ଅଙ୍ଗଲୋଙ୍ଗ ସାମିଲ। ସବୁଠୁ ଅଧିକ କ୍ଷୟକ୍ଷତି ଶିବସାଗର ଜିଲ୍ଲାରେ ହୋଇଛି। ସେଠାରେ ୩.୪୮ ଲକ୍ଷ ଲୋକ ବନ୍ୟା ଘେରରେ ଅଛନ୍ତି। ଚରାଇଦେବରେ ୧.୮୮ ଲକ୍ଷ ଏବଂ ଜୋରହାଟରେ ୧.୨୮ ଲକ୍ଷ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି। ରାଜ୍ୟରେ ୫୬,୬୦୬ ହେକ୍ଟରରୁ ଅଧିକ ଚାଷଜମି ପାଣିରେ ବୁଡି ରହିଛି। ପ୍ରାୟ ୩.୧୫ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି।

# ନାଚିନାଚି ଜୀବନ ହରାଇଥିଲେ ଶତାଧିକ ଲୋକ




ରୋମ୍, ୨୬।୭: ଶହ ଶହ ଲୋକ ରାସ୍ତାରେ ନାଚିନାଚି ନିଜ ଜୀବନ ହାରିଥିଲେ। ଏହା କୌଣସି ଅଭିଶାପ ଥିଲା ନା ଏକ ଅଜଣା ମାନସିକ ରୋଗ - ବିଜ୍ଞାନ ପାଖରେ ଏହାର ଉତ୍ତର ନାହିଁ।

ଜୁଲାଇ ୧୫୧୮ରେ ସେତେବେଳର ପବିତ୍ର ରୋମାନ୍ ସାମ୍ରାଜ୍ୟର ଅଂଶ ଥିବା ଫରାସୀ ସହର ଷ୍ଟ୍ରାସବର୍ଗରେ ଏହି ବିଚିତ୍ର ଘଟଣା ଦେଖିବାକୁ ମିଳିଥିଲା। ଏହି ମହାମାରୀରେ ପ୍ରଥମ ଆକ୍ରାନ୍ତ ହେଇଥିବା ଫ୍ରାଉ ଟ୍ରୋଫିଆ ନାମକ ଜଣେ ମହିଳା ହଠାତ୍ ରାସ୍ତା ମଝିରେ ବିନା କୌଣସି ସଙ୍ଗୀତରେ ନାଚିବା ଆରମ୍ଭ କରିଥିଲେ। ସେ ସ୍ରୋତହୀନ ଭାବେ ଗୋଟିଏ ସପ୍ତାହ ଧରି ନିରନ୍ତର ନାଚି ଚାଲିଲେ। କିଛି ଦିନ ମଧ୍ୟରେ ଅନ୍ୟ ସାଧାରଣ ଲୋକମାନେ ମଧ୍ୟ ତାଙ୍କ ସହ ଯୋଗ ଦେବାକୁ ଲାଗିଲେ। ଗୋଟିଏ ମାସ ମଧ୍ୟରେ ଏହି ସଂଖ୍ୟା ୪୦୦ରୁ ଅଧିକ ହୋଇଯାଇଥିଲା। ଏହାର ପରିଣାମରେ ଲୋକମାନେ କ୍ଲାନ୍ତ ହୋଇ ପଡୁଥିଲେ ମଧ୍ୟ ନାଚ ବନ୍ଦ କରିପାରୁ ନଥିଲେ। ନାଚି ନାଚି ଗୋଡ଼ରୁ ରକ୍ତସ୍ରାବ ହେବା ସହ ଅନେକ ଲୋକ ଏବଂ ଅତ୍ୟାଧିକ କ୍ଲାନ୍ତି ଯୋଗୁଁ ପ୍ରାଣ ହରାଇଥିଲେ।

ଏହି ବିଚିତ୍ର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସେତେବେଳର ପ୍ରଶାସନ ଓ ଚିକିତ୍ସକମାନେ ଯେଉଁ ପଦକ୍ଷେପ ନେଇଥିଲେ, ତାହା ପରିସ୍ଥିତିକୁ ଆହୁରି ବିଗାଡ଼ି ଦେଇଥିଲା। ସେତେବେଳର ଡାକ୍ତରମାନେ ଏହାକୁ ହଟ ବ୍ଲଡ୍ ରୋଗ ବୋଲି ଆଖ୍ୟା ଦେଇଥିଲେ। ଏବଂ ଧାର୍ମିକ ନେତାମାନେ ଏହା ପଛରେ ସଇତାନର ପ୍ରଭାବ କିମ୍ବା କୌଣସି ଅଭିଶାପ ଥିବା ବୋଲି ଦାବି କରିଥିଲେ।

ସହର ଅଧିକାରୀମାନେ ଭାବିଥିଲେ ଯେ ଲୋକମାନେ ନାଚି ନାଚି କ୍ଲାନ୍ତ ହୋଇଗଲେ ଆପେ ଆପେ ବନ୍ଦ ହୋଇଯିବେ। ଏଥିପାଇଁ ସେମାନେ ନାଚିବାକୁ ଉତ୍ସାହିତ କରିବା ପାଇଁ ସଂଗୀତଜ୍ଞମାନଙ୍କୁ ଡାକି ବାଜା ବଜାଇଥିଲେ। କିନ୍ତୁ ଏହି ପ୍ରୟାସ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା ଏବଂ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇଥିଲା।

ଆଜିର ବୈଜ୍ଞାନିକ ଏବଂ ଇତିହାସକାରମାନେ ଏହାକୁ ଏକ ସାମୂହିକ ମାନସିକ ରୋଗ ବୋଲି ବିବେଚନା କରନ୍ତି। ସେହି ସମୟରେ ଅଞ୍ଚଳରେ ଅନାହାର, ଦାରିଦ୍ର୍ୟ, ଚାପ ଏବଂ ସିଫିଲିସ୍ ପରି ଭୟାନକ ରୋଗ ବ୍ୟାପିଥିଲା।

## ମହିଳା ଆଇଆଇସିଙ୍କୁ ଦୁଷ୍କର୍ମ



ଚଣ୍ଡିଗଡ଼, ୨୬।୭: ପଞ୍ଜାବରେ ଜଣେ ମହିଳା ଇନ୍ସପେକ୍ଟରଙ୍କୁ ଦୁଷ୍କର୍ମ, ବ୍ଲାକମେଲିଂ ଘଟଣାରେ ମାମଲା ରୁଜୁ ହେବା ପରେ ଏସଏସପି ଅଭିଯୁକ୍ତ ପୁଲିସ ଏସଆଇ ସାହିବମିତ ସିଂହଙ୍କୁ ସସପେଣ୍ଡ୍ କରିଛନ୍ତି। ସିଂହ ଲୁଧିଆନା ସୁନ୍ଦର ନଗରର ବାସିନ୍ଦା। ତଦନ୍ତରୁ ଜଣାପଡ଼ିଛି ଯେ, ୨୦୨୩ରେ ଇନଷ୍ଟାଗ୍ରାମ ମାଧ୍ୟମରେ ଦୁଇ ପୁଲିସ ଅଧିକାରୀ ପରିଚିତ ହୋଇଥିଲେ। ସେହିବର୍ଷ ନଭେମ୍ବର ମାସରେ ସିଂହ ମହିଳା ଇନ୍ସପେକ୍ଟରଙ୍କୁ ସାକ୍ଷାତ କରିବା ଲାଗି ମୁଲଗୁନପୁର ଡାକିଥିଲେ। ତାଙ୍କୁ ଚା' ପିଇବା ବାହାନାରେ ଏକ ହୋଟେଲକୁ ନେଇଥିଲେ। ସେଠାରେ ସେ ପୀଡ଼ିତାଙ୍କୁ ପାନୀୟରେ ନିଶା ମିଶାଇ ପିଇବାକୁ ଦେଇ ଦୁଷ୍କର୍ମକରି ଏହାର ଭିଡିଓ ଏବଂ ଫଟୋ ଉତ୍ତୋଳନ କରିଥିଲେ। ଚେତା ଫେରିବା ପରେ ପୀଡ଼ିତା ଏହାର ବିରୋଧ କରିବାରୁ ସେ ସର୍ଭିସ ବନ୍ଧୁକ କାଢ଼ି ହତ୍ୟା ଧମକ ଦେଇଥିଲେ। ପୁଲିସ ନିକଟରେ ଅଭିଯୋଗ କଲେ ସେହି ଭିଡିଓକୁ ଭାଇରାଲ୍ କରିଦେବାକୁ କହିଥିଲେ।

## ଆଉ ନିର୍ବାଚନ ଲଢ଼ିବେନି ସିଦ୍ଧରମୈୟା



ବେଙ୍ଗାଲୁରୁ, ୨୬।୭: ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରମୁଖ କଂଗ୍ରେସ ନେତା ସିଦ୍ଧରମୈୟା ୨୦୨୮ ବିଧାନସଭା ନିର୍ବାଚନରେ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି। ସେ କହିଛନ୍ତି ମୁଁ ଏବେ ୭୯ ବର୍ଷ ବୟସର। ଆମ ସରକାରର କାର୍ଯ୍ୟକାଳ ଆହୁରି ଦେଢ଼ ବର୍ଷ ବାକି ଅଛି। ସେତେବେଳକୁ ମୁଁ ୮୧-୮୨ ବର୍ଷ ବୟସର ହେବି। ମୋର ସ୍ୱାସ୍ଥ୍ୟ ଆଉ ପୂର୍ବ ପରି ଭଲ ନାହିଁ। ପୂର୍ବ ପରି ଉତ୍ସାହର ସହିତ କାମ କରିବା ଆଉ ସମ୍ଭବ ନୁହେଁ। ମାଣ୍ଡ୍ୟା ଜିଲ୍ଲାର କେ.ଆର. ପେଟରେ ଏକ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ସିଦ୍ଧରମୈୟା ଏହି କଥା କହିଛନ୍ତି। ସିଦ୍ଧରମୈୟା କହିଛନ୍ତି, ଆଜିର ରାଜନୀତିରେ ଦୁର୍ନୀତି ପ୍ରବେଶ କରିଛି। ତେଣୁ ମୁଁ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବି ନାହିଁ। ତେବେ ରାଜନୀତିରେ ସକ୍ରିୟ ରହି ମୁଁ ଲୋକଙ୍କ ସୁଖ ଦୁଃଖର ସ୍ୱର ହୋଇ ରହିବି। ସେ କହିଛନ୍ତି, ବରୁଣା ନିର୍ବାଚନମଣ୍ଡଳୀର ଲୋକମାନେ ମୋତେ ପୁଣି ଥରେ ନିର୍ବାଚନ ଲଢ଼ିବାକୁ ଅନୁରୋଧ କରୁଛନ୍ତି। କିନ୍ତୁ ମୁଁ ଆଉ କୌଣସି ନିର୍ବାଚନ ନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଏବେ ସମୟ ଆସିଛି ଆମେ ନିର୍ବାଚନ ଲଢ଼ିଲେ ଆମକୁ ଲୋକଙ୍କୁ ଦେବାକୁ ପଡୁଛି। ଆଜିର ରାଜନୀତି ସମ୍ପୂର୍ଣ୍ଣ ଦୁର୍ନୀତିଗ୍ରସ୍ତ ହୋଇଗଲାଣି। ସଚ୍ଚୋଟ ରାଜନୀତି ପାଇଁ ଆଉ କୌଣସି ସ୍ଥାନ ନାହିଁ।

### ଟି-୨୦ ସିରିଜ୍: ଜିମ୍ବାୱେର ପରାଜୟ ଧାରା ଜାରି

# ୩-୦ରେ ସିରିଜ ପୋଛିନେଲା ଭାରତ

ହରାରେ,୨୬।୭(ସଂଚାର ବ୍ୟୁରୋ): ଚଳିତ ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜ୍‌କୁ ୩-୦ରେ ପୋଛିନେଇଛି ଭ୍ରମଣକାରୀ ଭାରତ। ପୂର୍ବରୁ ସିରିଜ୍ ଜିତିସାରିଥିବା ଭାରତ ଆଜି ଅନ୍ତିମ ଟି-୨୦କୁ ୩୫ ରନ୍‌ରେ ଜିତିନେବା ଫଳରେ ଘରୋଇ ଜିମ୍ବାୱେ ଟିମ୍‌ର ପରାଜୟ ଧାରା ଜାରି ରହିଛି। ଯୁବ ସେନ୍‌ସେସନ୍ ବୈଭବ ସୂର୍ଯ୍ୟବଂଶୀ ୮୧ ରନ୍‌ର ଦମ୍‌ଦାର ଇନିଂସ ଖେଳିଥିବା ବେଳେ ତାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଓ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି।



ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫ ୱିକେଟ୍ ବିନିମୟରେ ୧୯୨ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ସୂର୍ଯ୍ୟବଂଶୀ ୪୯ଟି ବଲ୍ ଖେଳି ୮ଟି ଚୌକା ଓ ୪ଟି ଛକା ସହ ୮୧ ରନ୍ କରିଥିଲେ। ଏଥିସହ ସେ ଟି-୨୦ କ୍ରିକେଟ୍‌ରେ ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ପୁଣିଥରେ ତାଙ୍କ ଯୋଡ଼ିଦାର ଅଭିଷେକ ଶର୍ମା ବିଫଳ ହୋଇଥିବା ବେଳେ ଈଶାନ୍ କିଶନ୍ ୪ ଚୌକା ସହ ୨୯, ଅଧିନାୟକ ଶ୍ରେୟସ୍ ଆୟର୍ ୨ଟି ଚୌକା ସହ ୨୭ ଏବଂ ରିଙ୍କୁ ସିଂହ ୨ଟି ଚୌକା ଓ ଗୋଟିଏ ଛକା ସହ ୨୫ ରନ୍‌ର ଅବଦାନ ଦେଇଥିଲେ। ଜିମ୍ବାୱେ ପକ୍ଷରୁ ବ୍ରାଡ୍ ଇଭାନ୍ସ ସର୍ବାଧିକ ୨ଟି ୱିକେଟ୍ ନେଇଥିବା ବେଳେ ଅଧିନାୟକ ସିକନ୍ଦର ରାଜା, ବ୍ଲେସିଙ୍ଗ୍ ମୁଜାରବାନି ଓ ୱେସ୍‌ଲି ମାଧେଭେରେ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଦଳ ୭ ୱିକେଟ୍ ବିନିମୟରେ ୧୫୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ୍ ର୍ୟାନ୍ ବୁର୍ଲ ଅପରାଜିତ ୫୪ ରନ୍‌ର ଇନିଂସ ଖେଳିଥିଲେ। ଏହି ଇନିଂସ ସକାଶେ ସେ ୪୩ଟି ବଲ୍ ନେଇଥିବା ବେଳେ ୫ଟି ଚୌକା ଲଗାଇଥିଲେ। ଏହାଛଡ଼ା ଭାଧେଭେରେ ଗୋଟିଏ ଚୌକା ଓ ୨ଟି ଛକା ସହ ୨୮, ଓପନର ବେନ୍ କରନ୍ ୨୦, ଡିଅନ୍ ମାୟେର୍ସ ଗୋଟିଏ ଲେଖାଏଁ ଚୌକା ଓ ଛକା ସହ ୧୯ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ଯୁବ ପେସର୍ ମୟଙ୍କ ଯାଦବ ୩ଟି, ଯଶ୍ ଠାକୁର ୨ଟି ଏବଂ ଅଶୋକ ଶର୍ମା ଓ ରବି ବିଷ୍ଣୋଇ ଗୋଟିଏ ଲେଖାଏଁ ୱିକେଟ୍ ଦଖଲ କରିଥିଲେ।

## ୮ମ ବେତନ ଉପରେ ହେବ ଆଲୋଚନା

ନୂଆଦିଲ୍ଲୀ, ୨୬।୭: କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନସନ୍ ଉପଭୋକ୍ତାଙ୍କ ପାଇଁ ଆସିଛି ଏକ ଗୁରୁତ୍ୱପୂର୍ଣ୍ଣ ଅପଡେଟ୍। ୮ମ ବେତନ ଆୟୋଗ ଦରମା, ଭତ୍ତା ଏବଂ ସେବା ସମ୍ବନ୍ଧୀୟ ସୁବିଧା ନେଇ ଆଲୋଚନା କରିବା ପାଇଁ ବୈଠକର ତାରିଖ ଘୋଷଣା କରିଛନ୍ତି। ଆସନ୍ତା ଅଗଷ୍ଟ ୭ ଏବଂ ୧୦ ତାରିଖରେ ଦିଲ୍ଲୀ ଠାରେ କେନ୍ଦ୍ର ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳର କର୍ମଚାରୀ ସଂଗଠନ, ମହାସଂଘ ଏବଂ ୟୁନିୟନଗୁଡ଼ିକ ସହ ଆୟୋଗ ଆଲୋଚନା କରିବେ। ଏହି ବୈଠକରେ ଭାଗ ନେବାକୁ ଇଚ୍ଛୁକ ଥିବା ଯୋଗ୍ୟ କର୍ମଚାରୀ ସଂଗଠନଗୁଡ଼ିକୁ ୩୧ ଜୁଲାଇ ୨୦୨୬ ସୁଦ୍ଧା ଆବେଦନ କରିବାକୁ ପଡ଼ିବ। ଆୟୋଗ ସ୍ପଷ୍ଟ କରିଛନ୍ତି ଯେ, କେବଳ ସେହି ସଂଗଠନଗୁଡ଼ିକ ଆବେଦନ କରି ପାରିବେ, ଯେଉଁମାନେ ପୂର୍ବରୁ ସେମାନଙ୍କର ମେମୋରାଣ୍ଡମ୍ ଦାଖଲ କରି ସାରିଛନ୍ତି ଏବଂ ଏପର୍ଯ୍ୟନ୍ତ ଦିଲ୍ଲୀ କିମ୍ବା ଅନ୍ୟ କୌଣସି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଆୟୋଗଙ୍କ ସହ ସାକ୍ଷାତ କରି ନାହାନ୍ତି। ଆବେଦନ ସମୟରେ ସମ୍ପୃକ୍ତ ସଂଗଠନକୁ ୟୁନିକ୍ ମେମୋ ଆଇଡି ମଧ୍ୟ ଦେବାକୁ ହେବ।




## କୋନିୟକ୍ଷ୍ମନ ମନ୍ଦିରରେ ଦାନ ହେରଫେର, ୮ ନିଲମ୍ବିତ



କୋଏମ୍ବାଟୁର, ୨୬।୭: ଅଯୋଧ୍ୟା ରାମ ମନ୍ଦିର ଓ ଉତ୍ତରାଖଣ୍ଡର ବଦ୍ରିନାଥ ମନ୍ଦିରରେ ଦାନ ହେରଫେର ମାମଲା ପରେ କୋଏମ୍ବାଟୁରସ୍ଥିତ ପ୍ରସିଦ୍ଧ ଅରୁଲମିଗୁ କୋନିୟକ୍ଷ୍ମନ ମନ୍ଦିରରେ ମଧ୍ୟ ଦାନ ହେରଫେର ହୋଇଥିବା ଘଟଣା ସାମ୍ନାକୁ ଆସିଛି। ହୁଣ୍ଡି ନିଧିର ଦୁରୁପଯୋଗ ଲାଗି ମନ୍ଦିରର ୮ ଜଣ ଅଧିକାରୀଙ୍କୁ ରବିବାର ନିଲମ୍ବିତ କରାଯାଇଛି। ହିନ୍ଦୁ ଧାର୍ମିକ ଓ ଧର୍ମାର୍ଥ ବନ୍ଦୋବସ୍ତି (ଏଚଆର ଆଣ୍ଡ ସିଇ) ଯୁଗ୍ମ କମିଶନର ରମେଶ କୁମାର ଏହି ନିଲମ୍ବନ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ପ୍ରତ୍ୟକ୍ଷ ଚୋରି ସନ୍ଦେହରେ ୪ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ବେଳେ ଗୁରୁତର ପ୍ରଶାସନିକ ଦାୟିତ୍ୱହୀନତା ଲାଗି ଅନ୍ୟ ୪ ଜଣ ଅଧିକାରୀଙ୍କୁ ଦଣ୍ଡିତ କରାଯାଇଛି। ମନ୍ଦିରରେ ଜୁଲାଇ ୧୫ ତାରିଖ ଦିନ ଦାନ ଗଣନା ସମୟରେ ପ୍ରଥମ ଥର ହୁଣ୍ଡି ନିଧିର ଦୁରୁପଯୋଗ ଅଭିଯୋଗ ଉଠିଥିଲା।

## ଯୁବ ଭଲିବଲ ଖେଳାଳିଙ୍କ ଅକାଳ ବିୟୋଗ




କଟକ,୨୬।୭ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ଆଠଗଡ ନିର୍ବାଚନମଣ୍ଡଳୀ ନାରଙ୍ଗବସ୍ତ ଗ୍ରାମର ଗୋପାଳ ଚନ୍ଦ୍ର ରାଉତଙ୍କ ପୁଅ ଅଭିଜିତ ରାଉତଙ୍କ ବିୟୋଗ ଘଟିଛି। ତାଙ୍କୁ ୨୮ ବର୍ଷ ହୋଇଥିଲା। ଅଭିଜିତଙ୍କ ମୃତ୍ୟୁ ଖବର ପ୍ରକାଶ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତାଙ୍କ ବାସଭବନରେ ପହଞ୍ଚି ପରିବାରକୁ ଶାନ୍ତ୍ୱନା ଦେଇଛନ୍ତି। ଅଭିଜିତ ଜଣେ ଯୁବ ଭଲିବଲ ଖେଳାଳି ଭାବେ ଓଡିଶାରେ ବେଶ୍ ପରିଚିତ ଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଏକ ଶୋକସଭା ଆୟୋଜନ କରାଯାଇଛି। ଶୋଭାଯାତ୍ରାରେ ଗ୍ରାମର ମୁରବି ବିହାରୀ ଖିଟୁଆ, କୈଳାସ ଚନ୍ଦ୍ର ସ୍ୱାଇଁ, କାର୍ତ୍ତିକ ଖିଟୁଆ ପ୍ରମୁଖ ବହୁ ବ୍ୟକ୍ତି ସାମିଲ ହେବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ୭ ଦିନ ଭିତରେ ଶିକ୍ଷାମନ୍ତ୍ରୀ ଇସ୍ତଫା ନଦେଲେ ଓଡ଼ିଶା ବନ୍ଦ: ଭକ୍ତ



ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ): ଆଜି ସାମ୍ବାଦିକମାନଙ୍କୁ ବିବୃତ୍ତି ଦେଇ ଓପିସିସି ସଭାପତି ଭକ୍ତ ଚରଣ ଦାସ ସରକାରଙ୍କୁ ରୋକଠୋକ କହିଛନ୍ତି ଯେ ଯଦି ଆଗାମୀ ୭ ଦିନ ମଧ୍ୟରେ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ନ ଦେଲେ, ଏହା ପ୍ରତିବାଦରେ କଂଗ୍ରେସ ଓଡ଼ିଶା ବନ୍ଦ କରିବ। ୧୯୪୨ ଆନ୍ଦୋଳନ ପରେ ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ଭାରତରେ ଛାତ୍ରଙ୍କ ଆନ୍ଦୋଳନ ଏକ ବିଶାଳ ଜନ ଆନ୍ଦୋଳନରେ ପରିବର୍ତ୍ତନ ହୋଇଛି। ଛାତ୍ରଙ୍କ ଭବିଷ୍ୟତ ସହ କୌଣସି ପ୍ରକାର ସାଲିସ କରାଯିବ ନାହିଁ ଏବଂ ଛାତ୍ରଙ୍କ ପ୍ରତ୍ୟେକ କାର୍ଯ୍ୟରେ ସହାୟତା ପାଇଁ ରାହୁଲଙ୍କ ଆହ୍ୱାନ କଂଗ୍ରେସ ରାଜ୍ୟର କୋଣ ଅନୁକୋଣରେ ଲାଗୁ କରିବ। ଓଡ଼ିଶାରେ ଜେନ୍-ଜି'ଙ୍କ ଆନ୍ଦୋଳନକୁ କଂଗ୍ରେସର ସମସ୍ତ ପ୍ରକାର ସମର୍ଥନ ଓ ସହଯୋଗ ରହିବ ବୋଲି ଶ୍ରୀ ଦାସ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଜେନ୍-ଜି' ଆନ୍ଦୋଳନ ପରେ ବିଜେପିର ଓଲଟା ଗଣତି ଆରମ୍ଭ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ପରେ ରାଜ୍ୟ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦେବାରେ ଅସୁବିଧା କ'ଣ ବୋଲି ଶ୍ରୀ ଦାସ ସରକାରଙ୍କୁ ପ୍ରଶ୍ନ ପଚାରିଛନ୍ତି।

## ଜାତୀୟ ମାଷ୍ଟର ଶକ୍ତି ଉତ୍ତୋଳନରେ ଓଡ଼ିଶାର ସଫଳତା



ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ): ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ଗତ ୧୮ରୁ ଆରମ୍ଭ ହୋଇ ୨୩ ତାରିଖରେ ଉଦ୍‌ଯାପିତ ହୋଇଥିବା ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ଦଳ ଗୋଟିଏ ରୌପ୍ୟ ସମେତ ମୋଟ ୫ଟି ପଦକ ହାସଲ କରିଛି। ଦଳର ପ୍ରତିଯୋଗୀମାନେ ରୌପ୍ୟ ବ୍ୟତୀତ ୪ଟି ବ୍ରୋଞ୍ଜ୍ ପଦକ ମଧ୍ୟ ହାସଲ କରିଛନ୍ତି। ପଦକ ପାଇଥିବା ପୁରୁଷ ୮୩ କିଲୋଗ୍ରାମ ଓଜନ ବର୍ଗରେ କୃଷ୍ଣଚନ୍ଦ୍ର ସାହୁ ରୌପ୍ୟ ପଦକ ଜିତିଥିବା ବେଳେ ପୁରୁଷ ୭୪ କିଲୋଗ୍ରାମ ବର୍ଗରେ ଉମାକାନ୍ତ ବେହେରା, ପୁରୁଷ ୮୩ କିଗ୍ରା ବର୍ଗରେ ମୋହନ ନାଗ, ପୁରୁଷ ୯୩ କିଗ୍ରା ବର୍ଗରେ ବାବୁଲା ସାମଲ ଓ ୮୩ କିଗ୍ରା ବର୍ଗରେ ବିଟିଭି ରମନ ମୂର୍ତ୍ତି ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

ଆହୁରି ବ୍ୟକ୍ତିଗତ ଲିଫ୍ଟରେ ରିତା ଘୋଷ, ମହିଳା ମାଷ୍ଟର-୧, ୫୭ କିଗ୍ରା ବର୍ଗରେ ବେଞ୍ଚ ପ୍ରେସରେ ବ୍ରୋଞ୍ଜ୍ ପଦକ ପାଇଥିବା ବେଳେ ପ୍ରତିମା ରଥ, ମହିଳା ମାଷ୍ଟର-୧, ବେଞ୍ଚ ପ୍ରେସ ୮୪ କିଗ୍ରାରୁ ଅଧିକ ଓଜନ ବର୍ଗରେ ବ୍ରୋଞ୍ଜ୍, ଗୀତାଞ୍ଜଳି ନାୟକ, ମହିଳା ମାଷ୍ଟର-୨, ୮୪ କିଗ୍ରାରୁ ଅଧିକ ବେଞ୍ଚ ପ୍ରେସରେ ବ୍ରୋଞ୍ଜ୍ ସହ ଡେଡଲିଫ୍ଟରେ ମଧ୍ୟ ବ୍ରୋଞ୍ଜ୍ ପଦକ ପାଇଛନ୍ତି। ଏହାଛଡ଼ା ମୌସୁମୀ ଟକରି, ମହିଳା ମାଷ୍ଟର-୧, ୭୬ କିଗ୍ରା ବେଞ୍ଚପ୍ରେସ ବର୍ଗରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ରାକେଶ ଶତପଥୀ ଓଡ଼ିଶା ଦଳର କୋଚ ଭାବେ ଦଳ ସହ ଯାତ୍ରା କରିଥିବା ବେଳେ ଓଡ଼ିଶା ଦଳର ଏହି ସଫଳତା ପାଇଁ ପଦକ ବିଜେତାମାନଙ୍କୁ ଓଡିଶା ଶକ୍ତିଉତ୍ତୋଳନ ସଂଘର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ, ଚିତ୍ତ ରଞ୍ଜନ ସ୍ୱାଇଁ, ଡ. ଗୌରି ମହାନ୍ତି ଶୁଭେଚ୍ଛା ଜଣାଇଛନ୍ତି।

### କେଭିଏସ୍ ଜାତୀୟ କ୍ରୀଡ଼ା

## ଶୁଟିଂରେ ସତ୍ୟମଙ୍କୁ ରୌପ୍ୟ



ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ): ପଞ୍ଜାବ ଫଗୁୱାଡାରେ ସଦ୍ୟ ସମାପ୍ତ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (କେଭିଏସ୍)ର ୫୫ତମ ଜାତୀୟ କ୍ରୀଡ଼ାରେ ଓଡିଶା ପାଇଁ ଗୌରବ ଆଣିଛନ୍ତି ସତ୍ୟମ ବିଷୋୟୀ। ସେ ୧୦ ମିଟର ଏୟାର ରାଇଫଲ ପିପ୍ ସାଇଟ ଇଭେଣ୍ଟର ୧୭ ବର୍ଷରୁ କମ ବାଳକ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି ସତ୍ୟମ। ଏଥିସହ ସତ୍ୟମ ତାଙ୍କ କ୍ୟାରିୟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ୩୯୪ ପଏଣ୍ଟ ହାସଲ କରି ଏହି ସଫଳତା ପାଇଛନ୍ତି। ସତ୍ୟମ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ୩ର ଅଷ୍ଟମ ଶ୍ରେଣୀ ଛାତ୍ର। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ସ୍କୁଲ ପ୍ରିନ୍ସିପାଲ ଓ କ୍ରୀଡ଼ା ଶିକ୍ଷକଙ୍କ ସହ ଏସକର୍ଟ ଟିଚର ଅଭିନନ୍ଦନ ଜଣାଇଛନ୍ତି। ସତ୍ୟମ ଆଗକୁ ସର୍ବୋଚ୍ଚ ସ୍କୁଲ କ୍ରୀଡା ଏସ୍‌ଜିଏଫ୍ ୨୦୨୬ରେ ଭାଗନେବା ସକାଶେ ଯୋଗ୍ୟ ବିବେଚିତ ହୋଇଛନ୍ତି। ସତ୍ୟମ ଗତବର୍ଷ ମଧ୍ୟ କେଭିଏସ୍ ଜାତୀୟ କ୍ରୀଡ଼ାରେ ବ୍ରୋଞ୍ଜ୍ ପଦକ ଜିତି ଶୁଟିଂରେ ଓଡ଼ିଶା ପାଇଁ ପ୍ରଥମ ପଦକ ଆଣି ଗୌରବ ଥିଲେ। ଗତ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟ ଶୁଟିଂ ପ୍ରତିଯୋଗିତା ୨୦୨୬ର ଯୁଥ କାଟାଗୋରିରେ ରୌପ୍ୟ ଓ ଜୁନିଅର କାଟାଗୋରିରେ ବ୍ରୋଞ୍ଜ ପଦକ ଜିଣିଥିଲେ। ସତ୍ୟମଙ୍କ ନିଜ ଘର ଖୋର୍ଦ୍ଧା ଜିଲ୍ଲା ବେଗୁନିଆରେ। ସେ ବେଗୁନିଆ ବଜାରର ପୁରୁଖା ବ୍ୟବସାୟୀ ଅଧିକାରୀ ବିଷୋୟୀଙ୍କ ନାତି। ସତ୍ୟମ ଏବେ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ଗଗନ ନାରଙ୍ଗ ସୁଟିଂ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।

## ମହେଶ କର ଫାଉଣ୍ଡେସନ ପକ୍ଷରୁ ବିସ୍କୁଟ ଓ ପାନୀୟ ଜଳ ବଣ୍ଟନ



କେନ୍ଦ୍ରାପଡ଼ା,୨୬।୭(ସଂଚାର ବ୍ୟୁରୋ): ପବିତ୍ର ବାହୁଡ଼ା ଯାତ୍ରା ଅବସରରେ କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡରେ ମହେଶ କର ଫାଉଣ୍ଡେସନ ପକ୍ଷରୁ ପାନୀୟ ଜଳ ଓ ବିସ୍କୁଟ ବଣ୍ଟନ କରାଯାଇଛି। ଫାଉଣ୍ଡେସନର ଉପଦେଷ୍ଟା ସମାଜସେବୀ ପ୍ରଦୀପ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭକ୍ତ ମାନଙ୍କୁ ପାଣି ବୋତଲ ଓ ବିସ୍କୁଟ ପ୍ୟାକେଟ ବଣ୍ଟା ଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭାଗିରଥି ଜେନା, ସମାଜସେବୀ ଦେବେନ୍ଦ୍ର ଦାସ, ପ୍ରମୋଦ ମହାପାତ୍ର ଓ ସାମ୍ବାଦିକ ମୁକ୍ତେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫାଉଣ୍ଡେନର ଟ୍ରଷ୍ଟି ତଥା ସ୍ୱର୍ଗତଃ କରଙ୍କ ସୁପୁତ୍ର ହିଂମାଂଶୁ ଭୂଷଣ କର ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଜମି ହଡ଼ପ ଅଭିଯୋଗରେ ତୃଣମୂଳ ଛାତ୍ର ସଭାପତି ଗିରଫ

କୋଲକାତା,୨୬।୭(ସଂଚାର ବ୍ୟୁରୋ): ଜମି ହଡ଼ପ ଓ ଦାଦାବଟି ଆଦାୟ ଅଭିଯୋଗରେ ପୁଲିସ ପୁରୁଲିଆର ପୂର୍ବତନ ଜିଲ୍ଲା ତୃଣମୂଳ ଛାତ୍ର ପରିଷଦର ସଭାପତି କିରିଟି ଆଚାର୍ଯ୍ୟଙ୍କୁ ଗିରଫ କରିଛି। ଏକ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାଡ଼ାଥାନା ଅଧିକାରୀମାନେ ଶନିବାର ଗିରଫ କରିଛି। ରବିବାର ତାଙ୍କୁ ରଘୁନାଥପୁର ସବ୍‌ଡିଭିଜନାଲ କୋର୍ଟରେ ହାଜର କରାଯାଇଥିଲା, ଯେଉଁଠାରେ ବିଚାରପତି ତାଙ୍କୁ ଚାରି ଦିନ ପାଇଁ ପୁଲିସ ହେପାଜତକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। କିରିଟି ପ୍ରାୟ ଏକ ଦଶନ୍ଧି ଧରି ତୃଣମୂଳ ଛାତ୍ର ପରିଷଦର ଜିଲ୍ଲା ସଭାପତି ଭାବରେ କାର୍ଯ୍ୟ କରିଥିଲେ। କାର୍ଯ୍ୟକାଳ ମଧ୍ୟରେ ତାଙ୍କ ବିରୁଦ୍ଧରେ ଜମି ହଡ଼ପ ଓ ଦାଦାବଟି ଆଦାୟର ଅନେକ ଅଭିଯୋଗ ଆସିଥିଲା।

# ପୂର୍ବ ବର୍ଷ ତୁଳନାରେ ବଜେଟ୍ ବ୍ୟୟ ବୃଦ୍ଧି

ଭୁବନେଶ୍ୱର,୨୬। ୭: ରାଜ୍ୟରେ ବଜେଟ୍ ଖର୍ଚ୍ଚ ବୃଦ୍ଧି ପାଉଛି। ଚଳିତ ଆର୍ଥିକ ବର୍ଷର ଜୁନ୍ ସୁଦ୍ଧା ମୋଟ ଖର୍ଚ୍ଚ (ଋଣ ସେବା ଏବଂ ବିପର୍ଯ୍ୟୟ ପରିଚାଳନାକୁ ବାଦ ଦେଇ) ୪୪,୩୮୯ କୋଟି ଟଙ୍କା, ଯାହା ବଜେଟ୍ ର ୧୫.୭%। ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ମୋଟ ବଜେଟ୍ ଖର୍ଚ୍ଚ ୩୮,୬୬୨ କୋଟି ଟଙ୍କା ଥିଲା, ଯାହା ବଜେଟ୍ ର ୧୪.୮% ରହିଥିଲା। ପୂର୍ବ ବର୍ଷ ତୁଳନାରେ ଜୁନ୍ ୨୦୨୬ ଶେଷ ସୁଦ୍ଧା ମୋଟ ଖର୍ଚ୍ଚ ୧୪.୮% ବୃଦ୍ଧି ପାଇଛି। ବଜେଟ୍ ବ୍ୟବହାର ଗତ ବର୍ଷ ତୁଳନାରେ ୦.୯% ବଢ଼ିଛି।



ଜୁନ୍ ୨୦୨୬ ଶେଷ ସୁଦ୍ଧା କାର୍ଯ୍ୟକ୍ରମ ଖର୍ଚ୍ଚ ୨୬,୪୩୭ କୋଟି ଟଙ୍କା, ଯାହା ବଜେଟ୍ ର ୧୪.୧%। ଜୁନ୍ ୨୦୨୫ ସୁଦ୍ଧା ଏହା ୨୧,୫୦୩ କୋଟି ଟଙ୍କା ଥିଲା, ଯାହା ବଜେଟ୍ ର ୧୨.୩%। ଗତ ବର୍ଷ ତୁଳନାରେ ୨୦୨୬ ଜୁନ୍ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଅବଧିରେ କାର୍ଯ୍ୟକ୍ରମ ଖର୍ଚ୍ଚ ୨୨.୯% ବୃଦ୍ଧି ପାଇଛି, ତଥାପି ବଜେଟ୍ ବ୍ୟବହାର ମାତ୍ର ୧.୮% ବୃଦ୍ଧି ପାଇଛି। ୨୦୨୬ ଜୁନ୍ ଶେଷ ସୁଦ୍ଧା ବ୍ୟୟ ୧୭,୯୫୩ କୋଟି ଟଙ୍କା, ଯାହା ବଜେଟ୍ ର ୧୮.୮%। ୨୦୨୫ ଜୁନ୍ ଶେଷ ସୁଦ୍ଧା ଏହା ୧୭,୧୫୯ କୋଟି ଟଙ୍କା ଥିଲା, ଯାହା ବଜେଟ୍ ର ୧୯.୬%। ୨୦୨୬ ଜୁନ୍ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଅବଧିରେ ଖର୍ଚ୍ଚ ଗତ ବର୍ଷ ତୁଳନାରେ ୪.୬% ବୃଦ୍ଧି ପାଇଛି। ବଜେଟ୍ ବ୍ୟବହାର ୦.୮% ହ୍ରାସ ପାଇଛି। ରାଜ୍ୟ ସରକାର ବଜେଟରେ ବରାଦ ଅର୍ଥ ଖର୍ଚ୍ଚ ନେଇ ସମସ୍ତ ବିଭାଗଗୁଡିକୁ ଦାଗିଦା କରିଛନ୍ତି। ବିଶେଷକରି ଭିତ୍ତିଭୂମି ବିକାଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସାମାଜିକ କ୍ଷେତ୍ର ପାଇଁ ବରାଦ ହୋଇଥିବା ଅର୍ଥ ଯେଭଳି ଅଧିକରୁ ଅଧିକ ପରିମାଣରେ ଖର୍ଚ୍ଚ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସରକାର ଆସନ୍ତାବର୍ଷ ପ୍ରାରମ୍ଭରେ ପଞ୍ଚାୟତ ନିର୍ବାଚନ ଓ ପରେ ପରେ ପୌର ନିର୍ବାଚନକୁ ଯିବାକୁ ପ୍ରସ୍ତୁତ ହେଉଥିବା ବେଳେ ଚଳିତବର୍ଷର ବଜେଟ୍ ଅର୍ଥ ବ୍ୟୟ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। କାରଣ ସାମାଜିକ କ୍ଷେତ୍ରରେ ବ୍ୟୟ ଅର୍ଥର ପ୍ରଭାବ ସାଧାରଣ ଭୋଟରଙ୍କୁ ପ୍ରଭାବିତ କରିବ। ତେଣୁ ପଞ୍ଚାୟତିରାଜ ଓ ପାନୀୟ ଜଳ, ଏମଏସଏମଇ, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଯେଭଳି ଅଧିକରୁ ଅଧିକ ବଜେଟ୍ ଅର୍ଥ ବ୍ୟୟ କରିବେ ତାହା ଉପରେ ସରକାର ନଜର ରଖିଛନ୍ତି। (ତଥ୍ୟ)

## ଯୋବ୍ରାରେ ସଂକୀର୍ତ୍ତନ ସମାରୋହ




କଟକ,୨୬।୭(ସଂଚାର ବ୍ୟୁରୋ): ଯୋବ୍ରା ରଥ ଉପରେ ଅଧରପଣା ନୀତି ସମ୍ପର୍ଣ୍ଣ ହୋଇଛି। କାଶୀନାଥ ନାୟକଙ୍କ ତତ୍ତ୍ୱାବଧାନରେ ମନ୍ଦିର ପୂଜକମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ ଅଧରପଣା ନୀତି ସମ୍ପର୍ଣ୍ଣ କରିଥିଲେ। ୭୨ ଦିଗ ଭାଗ ସଂକୀର୍ତ୍ତନମଣ୍ଡଳୀର ଦେବେନ୍ଦ୍ର ନାଥ ସାହୁ, ୨୨ ଦିଗ ଭାଗ ସର୍ବାଧିକାରୀ ସୁବାଷ ଚନ୍ଦ୍ର ସାହୁ, ସର୍ବକଟୁଆଳ ଗୋପୀନାଥ ସାହୁ ଓ ଶିଖରପୁର ଅଧିକାରୀ ଗଣେଶ ଚନ୍ଦ୍ର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଜେପି ନେତା ବିନୋଦ ଦାସ, ଶିବେନ୍ଦ୍ର ହାତୀ, କର୍ପୋରେଟର ଦୀପକ ଦାସ, ଇତିଶ୍ରୀ ଦାସଙ୍କ ସହ ସ୍ୱଦେଶ ଦାସ ଓ ବିଶ୍ୱଜିତ ସ୍ୱାଇଁଙ୍କୁ କମିଟି ପକ୍ଷରୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ସମ୍ପାଦକ ଅମ୍ବିକା ସାମଲଙ୍କ ସହିତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାଦେ ଗଡ଼ିଲେ...

ଇଞ୍ଜିନ ଗରମ ହୋଇଯିବା ଫଳରେ ଗାଡ଼ି ଚାଳକ ସମସ୍ୟା ଭୋଗିଥିଲେ। ଭିଡ଼ ଭିତରେ ଆମ୍ବୁଲାନ୍ସ ବି ଫସିଥିବା ଦେଖିବାକୁ ମିଳିଥିଲା। କେବଳ ଭୁବନେଶ୍ୱରରୁ ପୁରୀ ପଟ ରାସ୍ତା ନୁହେଁ, ସୁନାବେଶ ଦେଖି ପୁରୀରୁ ଫେରୁଥିବା ଯାତ୍ରୀଙ୍କ ପାଇଁ କୋଣାର୍କ ପଟ ରାସ୍ତାରେ ବି ଅସମ୍ଭାଳ ଭିଡ଼। ସାଧାରଣତଃ ବାହୁଡ଼ା ଓ ସୁନାବେଶରେ ଜାମ୍ ହୁଏ, କିନ୍ତୁ ଏଭଳି ନୁହେଁ। ଚଳିତ ବର୍ଷ ବର୍ଷା ହେଉ କିମ୍ବା ପରିଚାଳନା ଗତ ସମସ୍ୟା ପାଇଁ ଟ୍ରାଫିକ ସମସ୍ୟା ଅସମ୍ଭାଳ ହୋଇଛି। ସେପଟେ ରବିବାର ରଥାରୂଢ଼ ଠାକୁରଙ୍କୁ ଅଧର ପଣା ଭୋଗ ଲାଗି ହୋଇଛି। ନୀତି ସମୟ ଶ୍ରୀମନ୍ଦିର ପ୍ରଶାସନ ଅନୁସାରେ ଅଧର ନୀତି ସମୟ ରାତି ୮ଟା ଆରମ୍ଭ ହୋଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କ ଅଧର ଉଚ୍ଚା ତୁମ୍ବାକୃତି ମାଟିପାତ୍ରରେ ପଣା ପ୍ରସ୍ତୁତ ହୋଇ ଶ୍ରୀଜିଉଙ୍କୁ ଭୋଗ ଲାଗି ହୋଇଥିଲା। ଭୋଗ ପରେ ରଥ ଉପରେ ହାଣ୍ଡି ଭଙ୍ଗାଯାଇଥିଲା। ପ୍ରତି ରଥରେ ଦାରୁ ବିଗ୍ରହଙ୍କ ଉଦ୍ଦେଶ୍ୟରେ ୩ଟି ଲେଖାଏଁ ହାଣ୍ଡିରେ ପଣା ଭୋଗ କରାଯାଇଥିଲା। କ୍ଷୀର, ସର, କଦଳୀ, ଛେନା, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ, ଶର୍କରା ଆଦି ବିଭିନ୍ନ ସୁବାସିତ ଦ୍ରବ୍ୟ ମିଶାଯାଇ ସ୍ୱତନ୍ତ୍ର ପଣା ପ୍ରସ୍ତୁତ ହୋଇଥିଲା। ମହାପ୍ରଭୁଙ୍କ ସେବକମାନେ ପଣା ପ୍ରସ୍ତୁତ କରିଥିଲେ। ଅଧର ନୀତି ପାଇଁ ଶ୍ରୀମନ୍ଦିର ପ୍ରଶାସନ, ରାଘବ ଦାସ ମଠ ଓ ବଡ଼ ଓଡ଼ିଆ ମଠ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ପାରମ୍ପରିକ କୁମ୍ଭାରମାନେ ୯ଟି ଅଧର ହାଣ୍ଡି ତିଆରି କରି ଯୋଗାଇଥିଲେ। ମଧ୍ୟାହ୍ନ ଧୂପ ସରିବା ପରେ ଅଧରପଣା ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପ୍ରଶାସନିକ ଅଧର ନୀତି ମୁତାବକ ସକାଳ ୬ଟାରୁ ରଥରେ ଠାକୁରଙ୍କ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ହେବା ସହ ଅପରାହ୍ନ ସାଢ଼େ ୩ଟାରୁ ସାଢ଼େ ୪ଟା ମଧ୍ୟରେ ଠାକୁରଙ୍କ ମଧ୍ୟାହ୍ନ ଧୂପ ନୀତି ହୋଇଥିଲା। ପରେ ରାତି ୮ଟାରେ ୩ ରଥରେ ଅଧର ନୀତି ହୋଇଥିଲା। ଶ୍ରୀବିଗ୍ରହମାନଙ୍କର ଶ୍ରୀଅଧର ଉଚ୍ଚତା ବିଶିଷ୍ଟ ଲାଉତୁମ୍ବ ଭଳି ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ପଣା ସବୁକୁ ରଥ ଉପରେ ରଖାଯାଇଥିଲା। ପ୍ରତି ରଥରେ ୩ଟି ଲେଖାଏଁ ହାଣ୍ଡି ହିସାବରେ ମୋଟ ୯ଟି ହାଣ୍ଡିରେ ଅଧର ପଣା ଭୋଗ କରାଯାଇଥିଲା। ଏହି ୯ ହାଣ୍ଡି ପଣାକୁ ପୂଜାପଣ୍ଡା ସେବକମାନେ ପଞ୍ଚୋପଚାର ପଦ୍ଧତିରେ ଶ୍ରୀବିଗ୍ରହମାନଙ୍କୁ ଅର୍ପଣ କରିଥିଲେ। ଶାସ୍ତ୍ରରେ ବର୍ଣ୍ଣନା ଅନୁଯାୟୀ, ମହାପ୍ରଭୁଙ୍କ ରଥଯାତ୍ରାରେ ରଥ ସହ ଅନେକ ଦେବାଦେବୀ, ଚଣ୍ଡିଚାମୁଣ୍ଡା ତଥା ଅଶରୀରୀମାନେ ଯାତ୍ରା କରିଥାନ୍ତି। ମହାପ୍ରଭୁ ନୀଳକନ୍ଦରକୁ ଫେରିବା ପୂର୍ବରୁ ସେମାନଙ୍କର ଉଦ୍ଧାର ପାଇଁ ତଥା ସନ୍ତୋଷ ପ୍ରଦାନ ନିମନ୍ତେ ଏହି ଅଧରପଣା ନୀତି ଅନୁଷ୍ଠିତ ହୋଇଥାଏ। ଭୋଗ ହେବା ପରେ ପଣା ଥିବା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ। ରଥଗୁଡ଼ିକରେ ଥିବା ପାର୍ଶ୍ୱଦେବଦେବୀ, ଚଣ୍ଡିଚାମୁଣ୍ଡା ତଥା ଅଶରୀରୀମାନଙ୍କ ଉଦ୍ଧାର ପାଇଁ ପଣା ହାଣ୍ଡି ସବୁକୁ ଭୋଗ ହେବା ପରେ ଭାଙ୍ଗି ଦିଆଯିବାର ବିଧି ରହିଆସିଛି। ଅପେକ୍ଷାରତ ଦେବାଦେବୀ, ଚଣ୍ଡିଚାମୁଣ୍ଡା, ଅଶରୀରୀମାନେ ଏହି ପଣାକୁ ପାନ କରି ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରନ୍ତି।

### କମାଲ କଲେ...

ଅନ୍ତର୍ଗତ ଜଡ଼ିତା ପଞ୍ଚାୟତର ବାହିଁଶଜାଳ ଗ୍ରାମର ଝିଅ। ପିଲାଦିନରୁ ସଙ୍ଗୀତ ପ୍ରତି ତାଙ୍କର ଗଭୀର ରୁଚି ରହିଥିଲା। ଶାସ୍ତ୍ରୀୟ ଓ ଆଧୁନିକ ସଙ୍ଗୀତରେ ନିଜର ଦକ୍ଷତା ପ୍ରତିପାଦିତ କରି ସେ ପୂର୍ବରୁ ଓଲିଉଡ୍ (ଓଡ଼ିଆ ସିନେମା)ରେ କଣ୍ଠଦାନ କରିସାରିଛନ୍ତି। ସେ ଭୁବନେଶ୍ୱରର ଏକ ଘରୋଇ ବିଶ୍ୱବିଦ୍ୟାଳୟରୁ ବି.ଟେକ୍ ସମାପ୍ତ କରିବା ପରେ ଚେନ୍ନାଇରୁ ମ୍ୟୁଜିକ୍ ଥେରାପି ଶିକ୍ଷା କରିଥିଲେ। ଶାରୀରିକ ଓ ମାନସିକ ସମସ୍ୟାରେ ପୀଡ଼ିତ କ୍ୟାନ୍ସର ରୋଗୀ ଏବଂ ଗର୍ଭବତୀ ମହିଳାମାନଙ୍କୁ ସଙ୍ଗୀତ ମାଧ୍ୟମରେ ସେବା ଓ ଚିକିତ୍ସା ଯୋଗାଇବାରେ ତାଙ୍କର ଅବଦାନ ଅତୁଳନୀୟ। 'ଇଣ୍ଡିଆନ୍ ଆଇଡଲ୍ ସିଜନ୍-୧୭' ମଞ୍ଚରେ ନିଜର ପ୍ରଥମ ଅଡିସନ୍‌ରୁ ହିଁ ବିଚାରକ ଶ୍ରେୟା ଘୋଷାଲ, ବିଶାଲ ଦଦଲାନି ଓ ବାଦଶାହଙ୍କୁ ମୁଗ୍ଧ କରିଥିଲେ। ନିଜର ଭାବପୂର୍ଣ୍ଣ ଗାୟକୀ ଓ ଶ୍ରୁତିମଧୁର କଣ୍ଠ ପାଇଁ ସେ କ୍ରମାଗତ ଭାବେ ଶୋ'ରେ ସଫଳତା ପାଇ ସ୍ଥାନ ପକ୍କା କରିଚାଲିଥିଲେ। ଫାଇନାଲରେ ତାଙ୍କର ସୁନ୍ଦର ପ୍ରଦର୍ଶନ ପାଇଁ ସେ ଦେଶବାସୀଙ୍କ ହୃଦୟ ଜିତି ପ୍ରଥମ ଓଡ଼ିଆ ଭାବେ ଟ୍ରଫି ନିଜ ନାମରେ କରିଛନ୍ତି। ଓଡ଼ିଆ ଝିଅ ଜ୍ୟୋତିର୍ମୟୀଙ୍କ ଏହି ବିରାଟ ସଫଳତା ପରେ ତାଙ୍କୁ ରାଜ୍ୟ ତଥା ସାରା ଦେଶରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଶିକ୍ଷା ମାଫିଆଙ୍କୁ...

ହ୍ୟାକିଂ ଭଳି ଘଟଣା ସରକାରୀ ବ୍ୟବସ୍ଥାର ତ୍ରୁଟିକୁ ପଦାରେ ପକାଇଥିଲା। ତେଣୁ ପୁରୁଣା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର ଉପରେ ଏହି ନୂଆ ଟାସ୍‌ଫୋର୍ସ ଗୁରୁତ୍ୱ ଦେବ। ନନ୍ଦନ ନିଲେକାନୀଙ୍କ ସୁଦକ୍ଷ ନେତୃତ୍ୱରେ ଗଠିତ ଏହି କମିଟି ସମ୍ପୂର୍ଣ୍ଣ ପରୀକ୍ଷା ପ୍ରକ୍ରିୟାର ସୂକ୍ଷ୍ମ ତର୍ଜମା କରିବ। ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ର ସୁରକ୍ଷା, ଡିଜିଟାଲ୍ ମୂଲ୍ୟାୟନ ଓ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ପ୍ରତିଟି ସ୍ତରରେ କିପରି ୧୦୦ ପ୍ରତିଶତ ସ୍ୱଚ୍ଛତା ବଜାୟ ରହିବ, ସେନେଇ ଏକ ନୂଆ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବ। ଆଗାମୀ ଦିନରେ ପରୀକ୍ଷା ବ୍ୟବସ୍ଥାକୁ ହ୍ୟାକ୍-ପ୍ରୁଫ୍ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ବ୍ଲକଚେନ୍ ଭଳି ଉନ୍ନତ ଟେକ୍ନୋଲୋଜିର ବିନିଯୋଗ କରାଯାଇପାରେ। ଏହି ଟାସ୍‌ଫୋର୍ସ ନିଜର ବିସ୍ତୃତ ରିପୋର୍ଟ ପ୍ରଦାନ କରିବା ପରେ ଦେଶରେ ସମସ୍ତ ବଡ଼ ପରୀକ୍ଷା ପାଇଁ ଏକ କଠୋର ଏବଂ ନୂତନ ନିୟମାବଳୀ ଲାଗୁ ହେବ। ସେପଟେ ଆସନ୍ତାକାଲି ସଂସଦରେ କେନ୍ଦ୍ର ସରକାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଓ ପରୀକ୍ଷା ମାଫିଆଙ୍କୁ ରୋକିବାକୁ ଏକ ଆଇନ ଆଣିବାକୁ ଯାଉଛନ୍ତି। ଏହି ଆଇନରେ ପରୀକ୍ଷା ବିଭ୍ରାଟକାରୀଙ୍କ ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା କରାଯାଉଛି। ୧୦ ବର୍ଷ ଜେଲ ସହ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ଏ ସମ୍ପର୍କିତ ବିଲ୍‌କୁ ଦୁଇ ଦିନ ପୂର୍ବରୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇଥିଲା। ପ୍ରଶ୍ନପତ୍ର ଲିକକୁ ନେଇ ସାରା ଦେଶରେ ଗତ ସପ୍ତାହେ ଧରି ସୃଷ୍ଟି ହୋଇଥିବା ହଙ୍ଗାମା ଓ ରାଜନୀତି କିଛିଟା ଥମିଥିଲେ ବି କେନ୍ଦ୍ର ସରକାର ଶିକ୍ଷା ପଦ୍ଧତିରେ ସଂସ୍କାର ଆଣିବା ପ୍ରକ୍ରିୟାରୁ ହଟୁନାହାନ୍ତି।

### ବୃନ୍ଦାଏ ବର୍ଷାପାଣି...

ହୋଇଛି। ଭାରତୀୟ କ୍ରୀଡ଼ାର ଉଲ୍ଲେଖନୀୟ ଯାତ୍ରା ଉପରେ ଆଲୋକପାତ କରି ମୋଦି କହିଛନ୍ତି ଯେ ଆମର ଯୁବପିଢ଼ି କ୍ରୀଡ଼ାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ପିଭି ସିନ୍ଧୁ ପ୍ରଥମ ଭାରତୀୟ ଭାବେ ଜାପାନ ଓପନ୍ ବ୍ୟାଡମିଣ୍ଟନ୍ ଟାଇଟଲ୍ ଜିତିଛନ୍ତି। ଭାରତୀୟ ମହିଳା କ୍ରିକେଟ୍ ଦଳ ଲଣ୍ଡନର ଲର୍ଡସ୍ ଷ୍ଟାଡିୟମରେ ମଧ୍ୟ ପ୍ରଥମ ଟେଷ୍ଟ ମ୍ୟାଚ୍ ଜିତିଛି। ଶେଷରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ଗତ କିଛିବର୍ଷ ମଧ୍ୟରେ 'ହର ଘର ତ୍ରିରଙ୍ଗା' ଅଭିଯାନ ସମଗ୍ର ଦେଶକୁ ଏକ ଅଦ୍ଭୁତ ଆତ୍ମା ସହ ଯୋଡ଼ିଛି। ଏହି ବର୍ଷ ମଧ୍ୟ ଆମକୁ ପୂର୍ଣ୍ଣ ଉତ୍ସାହର ସହିତ ହର ଘର ତିରଙ୍ଗା ଅଭିଯାନକୁ ଆଗକୁ ନେବାକୁ ପଡିବ। ଆମକୁ ପୂର୍ଣ୍ଣ ସମ୍ମାନର ସହିତ ଆମ ଘରେ ତ୍ରିରଙ୍ଗା ଉତ୍ତୋଳନ କରିବାକୁ ପଡିବ।

### ମନ୍ତ୍ରୀ ପଦରୁ...

ରିପୋର୍ଟ ପରେ ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଥିଲା। ସୁରକ୍ଷା ସଂସ୍ଥାର ତଦନ୍ତରୁ ଜଣାପଡ଼ିଛି ଯେ ଛାତ୍ର ଆନ୍ଦୋଳନର ସୁଯୋଗ ନେଇ କିଛି ଦେଶବିରୋଧୀ ଶକ୍ତି ଅଶାନ୍ତି ସୃଷ୍ଟି କରିବାକୁ ଚେଷ୍ଟା କରୁଥିଲେ। ଡିଜିଟାଲ ମନିଟରିଂ ମାଧ୍ୟମରେ ପାକିସ୍ତାନରୁ ପରିଚାଳିତ ପ୍ରାୟ ୧୦୦ଟି ଇନଷ୍ଟାଗ୍ରାମ ଆକାଉଣ୍ଟ ସମେତ ୪୦୦ରୁ ଉର୍ଦ୍ଧ୍ୱ ସୋସିଆଲ ମିଡିଆ ଆକାଉଣ୍ଟ ଚିହ୍ନଟ କରାଯାଇଛି, ଯେଉଁଗୁଡ଼ିକ ଭାରତବିରୋଧୀ ପ୍ରଚାରରେ ସାମିଲ ଥିଲେ। ଏଥିସହ ଦିଲ୍ଲୀ ପୁଲିସର ଫେସିଆଲ ରେକଗନିସନ ସିଷ୍ଟମ ଜରିଆରେ ଜନ୍ତରମନ୍ତର ଆନ୍ଦୋଳନ ସ୍ଥଳରୁ ୪୦୦ରୁ ଅଧିକ ଅପରାଧିକ ପୃଷ୍ଠଭୂମି ଥିବା ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଯାଇଥିଲା। ଏହି ସମ୍ବେଦନଶୀଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦେଶର ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଶେଷରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଗ୍ରହଣ କରାଯାଇଛି ଓ କ୍ୟାବିନେଟ୍ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ଅନିୟମିତ ପାର୍କିଂ ବନ୍ଦ ପାଇଁ ନିର୍ଦ୍ଦେଶାବଳୀ

କୋଲକାତା,୨୬।୭(ସଂଚାର ବ୍ୟୁରୋ): ରାଜ୍ୟ ପୌରବ୍ୟାପାର ଓ ନଗର ଉନ୍ନୟନ ବିଭାଗ ଅବ୍ୟବସ୍ଥିତ କାର ପାର୍କିଂ ଏବଂ ଅଳିଆ ଆବର୍ଜନା ସମ୍ପର୍କରେ କଠୋର ପଦକ୍ଷେପ ନେଉଛି। ଏହି ନିୟମଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ପୌରବ୍ୟାପାର ମନ୍ତ୍ରୀ ଅଗ୍ନିମିତ୍ରା ପାଲ ଶନିବାର ଅପରାହ୍ଣରୁ ରାତି ପର୍ଯ୍ୟନ୍ତ ନ୍ୟୁ ମାର୍କେଟ ସମେତ କୋଲକାତାର ଅନେକ ବଜାର ଗସ୍ତ କରିଥିଲେ। ସେ ସ୍ଥାନୀୟ ବ୍ୟବସାୟୀ ଓ କ୍ରେତାଙ୍କ ସହିତ ଆଲୋଚନା କରିବା ସହ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶାବଳୀ ଜାରି କରିଥିଲେ। ସେ ପୁଲିସ ସହିତ ମଧ୍ୟ ପରାମର୍ଶ କରିଥିଲେ ଏବଂ ଅନଧିକୃତ ପାର୍କିଂ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ କହିଛନ୍ତି ଯେ ନାଗରିକ ସେବାକୁ କୌଣସି ପ୍ରକାରେ ବାଧାପ୍ରାପ୍ତ କରାଯିବା ଉଚିତ ନୁହେଁ। ମନ୍ତ୍ରୀ ଅଗ୍ନିମିତ୍ରା ପାଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏକ 'ସ୍ୱଚ୍ଛ ବଙ୍ଗଳା' କଳ୍ପନା କରିଛନ୍ତି। ତେଣୁ ଏହାକୁ ହାସଲ କରିବା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ ଜରୁରୀ। ସେହି ଦିନ ପୂର୍ବରୁ ସେ କୋଲକାତା ନଗର ନିଗମ କ୍ଷେତ୍ର ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ବିଧାନନଗରର ନଗର ଉନ୍ନୟନ ବିଭାଗରେ ଏକ ପାରସ୍ପରିକ 'ମୁଖମୁଖୀ' (ମୁହାଁମୁହିଁ) କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ସାମ୍ବାଦିକଙ୍କ ଉପରେ ଆକ୍ରମଣ, ଜଣେ ଗିରଫ

କୋଲକାତା,୨୬।୭(ସଂଚାର ବ୍ୟୁରୋ): ଧର୍ମତଲାରେ ଛାତ୍ର ପ୍ରତିବାଦ ସମୟରେ ବିଶୃଙ୍ଖଳା ଓ ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣାରେ ଶେଖ ଆଫରୋଜଙ୍କୁ ଗିରଫ କରାଯାଇଛି। ସୂତ୍ର ଅନୁଯାୟୀ ପୁଲିସ ତୃଣମୂଳ କଂଗ୍ରେସ ମଧ୍ୟରେ ତାଙ୍କର ସମ୍ପର୍କ ବିଷୟରେ ଖୋଳତାଡ଼ କରିଛି। ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ତାଙ୍କୁ ମେଟିଆବ୍ରୁଜ ତୃଣମୂଳ ବିଧାୟକ ଖାଲେକ ମୋଲ୍ଲାଙ୍କ ସହ ମଧ୍ୟ ଦେଖାଯାଇଥିବା ଜଣାପଡ଼ିଛି। ତେବେ ବିଧାୟକ ଖାଲେକ ମୋଲ୍ଲା ଦାବି କରିଛନ୍ତି ଯେ ସେ ଆଫରୋଜଙ୍କୁ ଜାଣନ୍ତି ନାହିଁ।

# ଖବର ପ୍ରସାରଣ ପରେ ହେଲା ରାସ୍ତା ମରାମତି

## ନୂଆପଡ଼ା-ଗରଦପୁର ମୁଖ୍ୟ ରାସ୍ତା ସାଜିଥିଲା ମରଣଯନ୍ତା

ଗରଦପୁର, ୨୬।୭ (ସଂଚାର ବ୍ୟୁରୋ): ଗଣମାଧ୍ୟମର ସଚେତନତା ଓ ଜନସ୍ୱାର୍ଥର ସ୍ୱର ସାଜିବାରେ ପୁଣି ଥରେ ନିଜର ଦାୟିତ୍ୱବୋଧ ପ୍ରମାଣିତ କରିଛି 'ସଂଚାର'। କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକର ଯମୁନାବାଦ ଠାରୁ ଗରଦପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଶୋଚନୀୟ ଅବସ୍ଥା ନେଇ 'ସଂଚାର'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଓ ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କ ଚେତା ଫେରିଛି। ଖବର ପ୍ରସାରଣର ଅଳ୍ପ ସମୟ ମଧ୍ୟରେ ହିଁ ତୁରନ୍ତ ରାସ୍ତା ମରାମତି କାର୍ଯ୍ୟ ଶେଷ କରାଯାଇଛି, ଯାହା ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଓ ଯାତାୟାତ କରୁଥିବା ଛାତ୍ରଛାତ୍ରୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଗରଦପୁର ବ୍ଲକର ଏହି ଗୁରୁତ୍ୱପୂର୍ଣ୍ଣ ମୁଖ୍ୟ ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଏବଂ ନିକଟସ୍ଥ ଆଦର୍ଶ ବିଦ୍ୟାଳୟକୁ ଯାତାୟାତ କରିଥାନ୍ତି। କଣ୍ଟ୍ରାକ୍ଟର କାର୍ଯ୍ୟାଦେଶ ପାଇବା ପରେ କାମ ଆରମ୍ଭ କରିଥିଲେ ସତ, ମାତ୍ର ଲଗାଣ ବର୍ଷା ଯୋଗୁଁ କାର୍ଯ୍ୟକୁ ଅଧାରୁ ବନ୍ଦ କରିଦେଇଥିଲେ। ଫଳରେ ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ଏହା ଏକ ପ୍ରକାର ମରଣଯନ୍ତାରେ ପରିଣତ ହୋଇଥିଲା। ଛାତ୍ରଛାତ୍ରୀ ଓ ସାଧାରଣ ଜନତା ନାହିଁ ନଥିବା କଷ୍ଟ ସ୍ୱୀକାର କରି ଗମନାଗମନ କରୁଥିଲେ।

ଏହି ସମସ୍ୟା ନେଇ ସ୍ଥାନୀୟ ଲୋକେ ଗଭୀର ଅସନ୍ତୋଷ ପ୍ରକାଶ କରିବା ସହ 'ସଂଚାର'ର ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜନସାଧାରଣଙ୍କ ସମସ୍ୟା କୁ ପ୍ରାଥମିକତା ଦେଇ 'ସଂଚାର' ପକ୍ଷରୁ ଏହି ଖବରକୁ ପ୍ରମୁଖତାର ସହ ପ୍ରକାଶ ବା ପ୍ରସାରଣ କରାଯାଇଥିଲା।

ଖବର ପ୍ରକାଶ ପାଇବା ମାତ୍ରକେ ବିଭାଗୀୟ ଅଧିକାରୀ ଓ କଣ୍ଟ୍ରାକ୍ଟର ତୁରନ୍ତ ଘଟଣାସ୍ଥଳର ସ୍ଥିତି ଅନୁଧ୍ୟାନ କରି ରାସ୍ତା ମରାମତି କାମ ସମ୍ପୂର୍ଣ୍ଣ କରିଛନ୍ତି। ବର୍ତ୍ତମାନ ଯାତାୟାତ ସ୍ୱାଭାବିକ ହୋଇଥିବାରୁ ସ୍ଥାନୀୟ ନାଗରିକ, ବୁଦ୍ଧିଜୀବୀ ଓ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ 'ସଂଚାର' ଏବଂ ଏହାର ସାମ୍ବାଦିକଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।


ଏବେ


ପୂର୍ବରୁ

# ବଦଳିଲେ ୨, ଆଉ ୩ କେବେ ?

ମହାକାଳପଡ଼ା,୨୬।୭(ସଂଚାର ବ୍ୟୁରୋ): ଦୈନିକ ଖବରକାଗଜ 'ସଂଚାର'ରେ ଖବର ପ୍ରକାଶ ପାଇବା ପରେ ଶେଷରେ ଚେତିଛି ମହାକାଳପଡ଼ା ବ୍ଲକ୍ ପ୍ରଶାସନ। ବଦଳି ନିର୍ଦ୍ଦେଶ ପାଇଥିବା ପାଞ୍ଚ ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କ ମଧ୍ୟରୁ ଦୁଇଜଣଙ୍କୁ ଦାୟିତ୍ୱମୁକ୍ତ କରାଯାଇଥିବା ବେଳେ ଅବଶିଷ୍ଟ ତିନିଜଣଙ୍କ କ୍ଷେତ୍ରରେ ପ୍ରଶାସନର ନୀରବତା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶ (ଚିଠି ନମ୍ବର - ୯୫୬) ଅନୁଯାୟୀ ବଦଳି ହୋଇଥିବା ୫ ଜଣ ପିଇଓଙ୍କୁ ଗତ ୧୦ ଜୁଲାଇ ସୁଦ୍ଧା ପୂର୍ବତନ ଦାୟିତ୍ୱ ହସ୍ତାନ୍ତର କରି ନୂତନ କର୍ମସ୍ଥଳରେ ଯୋଗଦେବାକୁ କୁହାଯାଇଥିଲା। କିନ୍ତୁ ୨୩ ଜୁଲାଇ ପର୍ଯ୍ୟନ୍ତ ମଧ୍ୟ ସେମାନେ ପୂର୍ବତନ ପଞ୍ଚାୟତରେ କାର୍ଯ୍ୟ କରୁଥିଲେ। ଏହି ଅବ୍ୟବସ୍ଥାକୁ ନେଇ 'ସଂଚାର'ରେ ୨୩ ଜୁଲାଇ ସଂସ୍କରଣରେ ଖବର ପ୍ରକାଶ ପାଇଥିଲା।

ଖବର ପ୍ରକାଶର ପରଦିନ, ଅର୍ଥାତ୍ ୨୪ ଜୁଲାଇରେ, ମହାକାଳପଡ଼ା ବ୍ଲକ୍ ପ୍ରଶାସନ ଚିଠି ନମ୍ବର- ୩୩୯୫ ଜାରି କରି ଦୁଇଜଣ ପିଇଓଙ୍କୁ ଦାୟିତ୍ୱମୁକ୍ତ କରିଛି। ପ୍ରକାଶ ମଲ୍ଲିକ ପାଟୁଳିପଙ୍କ ପଞ୍ଚାୟତର ପିଇଓ ରୋହିତ ହାଂସଦାଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ଆଳି ବ୍ଲକରେ ଯୋଗଦେଇଥିବା ବେଳେ ମୃତ୍ୟୁଞ୍ଜୟ ରାଉତ ରାଜଗଡ଼ ପଞ୍ଚାୟତର ପିଇଓ ଧରମାନନ୍ଦ ବେହେରାଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ଡେରାବିଶ ବ୍ଲକରେ ଯୋଗଦାନ କରିଛନ୍ତି।

ତେବେ ସୁକୁମାର ମଣ୍ଡଳ, ବିଭୁରଞ୍ଜନ ସାହୁ ଓ ଚନ୍ଦନ କୁମାର ଦାସଙ୍କୁ ଏପର୍ଯ୍ୟନ୍ତ କାହିଁକି ଦାୟିତ୍ୱମୁକ୍ତ କରାଯାଇନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଜିଲ୍ଲାପାଳଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ କେତେକ ଅଧିକାରୀଙ୍କ କ୍ଷେତ୍ରରେ ନିୟମ କାର୍ଯ୍ୟକାରୀ ହେଉଥିବା ବେଳେ ଅନ୍ୟମାନଙ୍କ ପ୍ରତି କୋହଳ ମନୋଭାବ କାହିଁକି ଅବଲମ୍ବନ କରାଯାଉଛି, ସେନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ତେବେ କେବେ ଅବଶିଷ୍ଟ ତିନିଜଣ ପିଇଓଙ୍କୁ ମହାକାଳପଡ଼ା ପ୍ରଶାସନ ଦାୟିତ୍ୱମୁକ୍ତ କରିବ ତାହା ଦେଖିବାକୁ ବାକି।




ସଂଚାର ପ୍ରଭାବ

## ସମ୍ବଲପୁରୀ ଦିନ ଲାଗି ନିମନ୍ତ୍ରଣ ପାଇଲେ ପୂର୍ବତନ ମୁଖ୍ୟମନ୍ତ୍ରୀ



ସୁନ୍ଦରଗଡ଼, ୨୬।୭ (ସଂଚାର ବ୍ୟୁରୋ): ଆସନ୍ତା ଅଗଷ୍ଟ ୧ ତାରିଖ ଦିନ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅବସରରେ ସମ୍ବଲପୁରୀ ଦିନ ପାଳନ କରାଯାଉଛି, ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁନ୍ଦରଗଡ଼ କଳାକାର ମଞ୍ଚ ତରଫରୁ ଆଡ଼ମ୍ବର ସହ ସୁନ୍ଦରଗଡ଼ ସିଭିକ ସେଣ୍ଟର ଠାରେ ଆୟୋଜନ କରାଯାଉଛି, ଏହି ଭବ୍ୟ କାର୍ଯ୍ୟକ୍ରମକୁ କଳାକାର ମଞ୍ଚ ତରଫରୁ ବିଭିନ୍ନ ରାଜନୈତିକ ନେତାଙ୍କୁ ଆମନ୍ତ୍ରଣ କରାଯାଇ ନିଯୁତ୍ର ପ୍ରଦାନ କରାଯାଉଛି, ଗତକାଲି ଭୁବନେଶ୍ୱର ଠାରେ କଳାକାର ମଞ୍ଚର ସଦସ୍ୟ ମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ଙ୍କୁ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଇଛି, କଳାକାର ମଞ୍ଚ ତରଫରୁ ରୋଶନ ସାହୁ, ଡାକ୍ତର ଜନନୀ ମିଶ୍ର, ସୋମ ରାଏ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମାର୍ଶାଘାଇରେ ଦ୍ୱିତୀୟ ବନ୍ୟା

ମାର୍ଶାଘାଇ,୨୬।୭(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ଅଞ୍ଚଳରେ ପ୍ରବାହିତ ହେଉଥିବା ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା ଏବଂ ପାଇକା ନଦୀରେ ଦ୍ୱିତୀୟ ଥର ବନ୍ୟା ଜଳ ପ୍ରବାହିତ ହେଉଛି । ମାର୍ଶାଘାଇ ଜଳସମ୍ପଦ କାର୍ଯ୍ୟାଳୟ ନିକଟରେ ଲୁଣା ନଦୀରେ ଥିବା ବନ୍ୟାଜଳ ମାପକ ସ୍ଥାନରେ ବିପଦ ସଙ୍କେତ ୨୨ ଫୁଟ ଥିବା ବେଳେ ରବିବାର ସକାଳେ ଜଳସ୍ତର ୨୧ ଫୁଟ୍ ହୋଇଥିଲା । ରବିବାର ସନ୍ଧ୍ୟା ସମୟକୁ ପ୍ରାୟ ଏକ ଫୁଟ କମିଯାଇ ୨୦ ଫୁଟ୍ରେ ଜଳ ପ୍ରବାହିତ ହେଉଥିଲା ।

ହୀରାକୁଦରୁ ମହାନଦୀରେ ଛଡ଼ା ଯାଉଥିବା ବନ୍ୟାଜଳ ଏବେ ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା, ପାଇକା ନଦୀରେ ପ୍ରବାହିତ ହେଉଛି, ମହାନଦୀର ତଳ ମୁଣ୍ଡରେ ବି ବର୍ଷା ଲାଗିରହିଛି ତେଣୁ ଏହି ସବୁ ନଦୀରେ ବନ୍ୟାଜଳ ଭରପୂର ହୋଇ ପ୍ରବାହିତ ହେଉଛି । ବିପଦ ସଙ୍କେତ ପାଖାପାଖି ବନ୍ୟାଜଳ ଥିଲେ ବି ମାର୍ଶାଘାଇ ଅଞ୍ଚଳ ପାଇଁ ବିପଦ ଆଣିବାର ଆଶଙ୍କା ନାହିଁ ।

ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ଲଗାଣ ବର୍ଷା ଜାରିରହିଥିବାରୁ ହୀରାକୁଦକୁ ଅଧିକ ଜଳ ଆସୁଛି । ଆଗକୁ ଅଧିକ ଗେଟ୍ ଖୋଲା ହେଲେ ମାର୍ଶାଘାଇ ଅଞ୍ଚଳରେ ପ୍ରବାହିତ ନଦୀ ଗୁଡ଼ିକରେ ଅଧିକ ପାଣି ପ୍ରବାହିତ ହୋଇପାରେ । ତେବେ ଏବେ ସେଭଳି କିଛି ଆଶଙ୍କା ନାହିଁ ବୋଲି ମାର୍ଶାଘାଇ ଜଳସମ୍ପଦ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ତରାଇ କହିଛନ୍ତି ।



# ରଥ ଉପରେ ଶ୍ରୀଜୀଉଙ୍କ ଶ୍ରୀ ରଘୁନାଥ ବେଶ

## ମହାପ୍ରଭୁଙ୍କ ଅପୂର୍ବ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼

କେନ୍ଦ୍ରାପଡ଼ା,୨୬।୭ (ସଂଚାର ବ୍ୟୁରୋ): ତୁଳସୀ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବାହୁଡ଼ା ଯାତ୍ରା ସଂପନ୍ନ ହେଉଛି । ରବିବାର ଶ୍ରୀଜୀଉ ମାନଙ୍କ ଦୁର୍ଲ୍ଲଭ ଶ୍ରୀ ରଘୁନାଥ ବେଶ ହେବାପରେ ବିଳମ୍ବିତ ରାତିରେ ମୁଖ୍ୟ ମନ୍ଦିରକୁ ଶ୍ରୀ ବଳଦେବଜୀଉ ସାନଭାଇ ଶ୍ରୀ ଜଗନ୍ନାଥ ଓ ଭଉଣୀ ସୁଭଦ୍ରା ପହଣ୍ଡି ବିଜେ କରି ମନ୍ଦିର ପ୍ରବେଶ କରିଥିବା ଜଣାପଡ଼ିଛି । ଗତକାଲି ସନ୍ଧ୍ୟା ସୁଦ୍ଧା ବ୍ରହ୍ମ ତାଳଧ୍ୱଜ ରଥ ମୁଖ୍ୟ ମନ୍ଦିର ଚକଡାରେ ଲାଗିବା ପରେ ରଥ ଉପରେ ଦିଅଁ ମାନଙ୍କ ସମସ୍ତ ନୀତିକାନ୍ତି କରାଯାଇଥିଲା । ରବିବାର ରଥ ଉପରେ ଦିଅଁ ମାନଙ୍କ ନିତ୍ୟ ପୂଜା ବିଧି ଅନୁଷ୍ଠିତ ହେବାପରେ ଦିବା ୧୦ ଘଟିକା ସମୟରେ ଶ୍ରୀ ରଘୁନାଥ ବେଶ ପାଇଁ ସମସ୍ତ ପ୍ରକାର ଆୟୋଜନ କରା ଯାଇଥିଲା ।

ରୂପାର କିରିଟ କୁଣ୍ଡଳ, ଧନୁତୀର ସହ ସମସ୍ତ ପ୍ରକାର ଅଳଙ୍କାର ଦିଅଁ ମାନଙ୍କୁ ସଜ୍ଜିତ କରାଯାଇ ଅପରାହ୍ନ ପ୍ରାୟ ୨ଟା ସମୟରେ ଦର୍ଶନାର୍ଥୀଙ୍କ ଦର୍ଶନ ପାଇଁ ଦିଅଁ ମାନଙ୍କୁ ସଜ୍ଜିତ କରାଯାଇ ଥିଲା । ଏହି ବେଶ ଦେଖିବା ପାଇଁ କେନ୍ଦ୍ରାପଡା ସହର ସମେତ ଆଖପାଖ ଗ୍ରାମ ଏବଂ ଦୂର ଦୂରାନ୍ତରୁ ବହୁ ଶ୍ରଦ୍ଧାଳୁ ରଥଦାଣ୍ଡ ରେ ସମବେତ ହୋଇଥିଲେ । ରାତି ୭ଟା ସୁଦ୍ଧା ଏହି ବେଶ ସର୍ବ ସାଧାରଣଙ୍କ ଦର୍ଶନ ପାଇଁ ରଖାଯିବା ପରେ ବେଶଲାଗି କରାଯାଇ ପଣା ଭୋଗ ଲାଗି କରା ଯାଇଥିଲା । ଏହା ସହ ସନ୍ଧ୍ୟା ଆଳତୀ କରାଯାଇ ପହଣ୍ଡି ବିଜେ ପାଇଁ ଦିଅଁ ମାନଙ୍କୁ ସେନାପଟା କରାଯିବା ସହ ପହଣ୍ଡିର ସମସ୍ତ ଆୟୋଜନ ପ୍ରସ୍ତୁତ କରାଯାଇ ଥିଲା । ତେବେ ବିଳମ୍ବିତ ରାତିରେ ଧାଡି ପହଣ୍ଡିରେ ଦିଅଁ ମାନେ ମନ୍ଦିର ପ୍ରବେଶ କରି ସିଂହାସନ ଆରୂଢ଼ ହୋଇଥିଲେ । ସେଠାରେ ମହାସ୍ନାନ କରାଯାଇ ଦୈନନ୍ଦିନ ନୀତି ସଂପନ୍ନ କରାଯିବା ସହ ବଡସିଂହାର ବେଶ କରାଯାଇ ଥିବା ଜଣାପଡ଼ିଛି ।

ପହଣ୍ଡି ଦର୍ଶନ କରିବାକୁ ଅସିଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇ ଥିବା ଜଣାପଡିଛି । ଟାଉନ ଥାନା ଅଧିକାରୀ ନିଜେ ଉପସ୍ଥିତ ରହି ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଭିଡ ନିୟନ୍ତ୍ରଣ କରୁଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ଦିଅଁ ମାନଙ୍କୁ ଲାଗି କରାଯାଇ ଥିବା ପଣା ଭୋଗ ବଣ୍ଟନ କରାଯାଇ ଥିବା ଜଣାପଡିଛି ।



## ଗଛଲତାରେ ଲୁଚି ଗଲାଣି ସାହେବନଗର ୨ ନମ୍ବର ଶାଖା କେନାଲ



ବାଲିଅନ୍ତା, ୨୬।୭ (ସଂଚାର ବ୍ୟୁରୋ): ବାଲିଅନ୍ତା କେନାଲ ସବ ଡିଭିଜନ ଅଧୀନ ଗୋପ ବ୍ରାଞ୍ଚ କେନାଲ ସାହେବନଗର ୨ ନମ୍ବର ଶାଖା କେନାଲ ଦୀର୍ଘ ବର୍ଷ ହେବ ମରାମତି ଏବଂ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ହୋଇପଡିଛି ।

କେନାଲ ଭିତରେ ଅନାବନା ଘାସ ଲତା ସବୁ ମାଡି ଯାଇଥିବାରୁ ଶଯ୍ୟା ଲୁଚି ଗଲାଣି। ଶତାଧିକ ଚାଷୀ କେନାଲ ମାରାମତି ଏବଂ ସଫେଇ ନେଇ ବାରମ୍ବାର ଦାୟିତ୍ୱରେ ଥିବା ବାଲିଅନ୍ତା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ, ପାଣି ପଞ୍ଚାୟତ ସଭାପତି, ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇ ଆସୁଛନ୍ତି । ହେଲେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଏନେଇ କିଛି ପଦକ୍ଷେପ ଗ୍ରହଣ କରୁନଥିବା ଜଣାଯାଇଛି । କେନାଲ ଶଯ୍ୟା ମରାମତି ଏବଂ ଅନାବନା ଗଛ ଲତା ସଫେଇ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଚାଷୀ ସଂଗଠନ ଦାବି କରିଛି ।

# ସିଦ୍ଧ ଶ୍ରୀବଳଦେବଜୀଉଙ୍କ ନୂତନ ଭଜନ ଲୋକାର୍ପିତ

କେନ୍ଦ୍ରାପଡ଼ା,୨୬।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ଦୁଇଟି ଭଜନ ବାହୁଡାଯାତ୍ରା ଅବସରରେ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଲୋକାର୍ପିତ ହୋଇଯାଇଛି । ସଂଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କ ବଳିଷ୍ଠ ସ୍ୱର ସଂଯୋଜନାରେ ଲୋକପ୍ରିୟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ଏବଂ ଅନ୍ତରା ଚକ୍ରର୍ବୀଙ୍କ ସୁମଧୁର କଣ୍ଠରେ 'ରଥରେ ବସିଛି ବଳିଆ ସାଆନ୍ତ ଓ ରଥେ ହଳଧର' ଭଜନରେ ଗୀତିକାର ସୁବାସ ପାତ୍ର ଗୀତ ରଚନା କରିଥିବା ବେଳେ ଶରତ ପଟ୍ଟନାୟକ ପ୍ରଯୋଜନା କରିଛନ୍ତି। ଏମ.ପି. କ୍ରିଏସନ ଦ୍ୱାରା ମୁକ୍ତିଲାଭ କରିଥିବା ଗୀତ ଦୁଇଟି ଓଡିଶାର ଶ୍ରଦ୍ଧାଳୁ ଭକ୍ତମାନଙ୍କ ମଧ୍ୟରେ ଭାବର ଆବେଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି।

ଏହି ଅବସରରେ ଏକ ବର୍ଣ୍ଣାଢ୍ୟ ସାଂସ୍କୃତିକ ମରେ କେନ୍ଦ୍ରାପଡା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ତଥା ବିଶିଷ୍ଟ ସଂଗୀତଜ୍ଞ ଜ୍ୟୋତିରଞ୍ଜନ ଗୋଡା ମୁଖ୍ୟଅତିଥି, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୂବନ ଜୟସିଂ, ବିଶିଷ୍ଟ କବି ଅଶୋକ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ରାପଡା ବଳଦେବ ସଂସ୍କୃତି ପରିଷଦ ପକ୍ଷରୁ ଗୀତର ପ୍ରଯୋଜକ ଶରତ ପଟ୍ଟନାୟକଙ୍କୁ ତୁଳସୀକ୍ଷେତ୍ର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । କେନ୍ଦ୍ରାପଡାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାଗଦେବୀ କଳାମନ୍ଦିରର ଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା ।



# ଭରା ନଈରେ ଶବ ବୋହି ମଶାଣିକୁ ନେଲେ ଗ୍ରାମବାସୀ

## ଶଙ୍କ ନିର୍ମାଣ ପାଇଁ ଦାବି



ଫୁଲବାଣୀ,୨୬।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଳାପଡ଼ା ପଞ୍ଚାୟତର ଗେରୁପଡ଼ା ଗାଁରୁ ଗାଧୁଆ ତୋଠ ଦେଇ ବଳରାମପୁର ଗାଁକୁ ଯାଇଥିବା ରାସ୍ତାର ନାଳରେ ପୋଲ ନିର୍ମାଣ ହୋଇନଥିବାରୁ ଅଞ୍ଚଳବାସୀ ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ବ୍ଲକ ପ୍ରଶାସନ ତରଫରୁ ଗେରୁପଡ଼ା ଗାଁ ନିକଟରେ ଅଳ୍ପ କିଛି ଗାର୍ଡ ୱାଲ କରି ଅଳ୍ପ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ନାଳ ପର୍ଯ୍ୟନ୍ତ ରାସ୍ତା କି ପୋଲ ନିର୍ମାଣ ହୋଇ ପାରିନଥିବାରୁ ଲୋକେ ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଗେରୁପଡ଼ା ଠାରୁ ବଳରାମପୁର, ଗଞ୍ଜୁପଙ୍ଗା ଏବଂ ଉର୍କିଆପଦରକୁ ଏହି ରାସ୍ତା ସଂଯୋଗ ହୋଇଥିବା ବେଳେ ଗେରୁପଡ଼ା ଗ୍ରାମବାସୀଙ୍କ ଏହି ନାଳ ଗାଧୁଆ ତୋଠ ଏବଂ ନାଳ ଆରପଟେ ଗାଁ ମସାଣି ସହ ଚାଷ ଜମି ଏବଂ ନିତିଦିନିଆ ରାସ୍ତା ହୋଇଥିବାରୁ ରାସ୍ତା ଓ ପୋଲ ଏମାନଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟିଛି । ଦୀର୍ଘ ଦିନରୁ ଗେରୁପଡ଼ା ଗ୍ରାମବାସୀ ଏହି ରାସ୍ତାରେ ଯାତାୟତ କରୁଛନ୍ତି। କିନ୍ତୁ ବର୍ଷା ଦିନ ହେଲେ ଏମାନଙ୍କ ପାଇଁ ନାଳ ଯାତାୟତର ମୁଖ୍ୟ ସମସ୍ୟା ହେଉଚି ।

କାହିଁ କେଉଁ କାଳରୁ ଗାଁରେ ମୃତାହତ ହେଲେ ମସାଣି ଯିବାକୁ ହେଲେ ଏହି ନାଳ ଦେଇ ଯିବାକୁ ପଡୁଥିବା ବେଳେ ବହୁତ ଥର ଭରା ନାଳରେ ବିପଦ ପୂର୍ଣ୍ଣ ଭାବରେ ଶବକୁ କାନ୍ଧରେ ବୋହି ଆରପଟକୁ ନେଇଁ ମସାଣିରେ ଶବଦାହ କରିଥିବା ବେଳେ ପୁଣି ଥରେ ଗେରୁପଡା ଗାଁରେ ଜଣେ ମହିଳାଙ୍କ ମୃତ୍ୟୁ ହେବାରୁ ଗ୍ରାମବାସୀ ଓ ଅଞ୍ଚଳବାସୀ ଏହି ଭରା ନାଳରେ ଶବକୁ କାନ୍ଧରେ ବୋହି ବିପଦପୂର୍ଣ୍ଣ ଭାବରେ ଆରପଟକୁ ଯାଇ ମସାଣିରେ ଶବ ଦାହ କରିଥିବା ଦେଖିବାକୁ ମିଳିଛି ।

ବାରମ୍ବାର ଦାବୀ ସତ୍ତ୍ୱେ ଏହି ରାସ୍ତା ଓ ପୋଲ ନିର୍ମାଣ ହେଉନଥିବାରୁ ଗେରୁପଡ଼ା ଗାଁ ସମେତ ଅଞ୍ଚଳ ରେ ଅସନ୍ତୋଷ ଦେଖା ଦେଇଛି। ତୁରନ୍ତ ଏହି ରାସ୍ତା ଓ ପୋଲ ନିର୍ମାଣ କରିବାକୁ ଭ୍ରମର ବର ନାୟକ, ବିଶ୍ରବା ନାୟକ, ପ୍ରଦୀପ ନାୟକ, ବିଲା ନାୟକ , ବାଇଧନ ସାହୁ, ସୁରେଶ ପ୍ରଧାନ, ମେହେର ପ୍ରଧାନ, ଅର୍ଜୁନ ବେହେରାଙ୍କ ସହ ଗେରୁପଡ଼ା ଗ୍ରାମବାସୀ ଦାବୀ କରିଛନ୍ତି ।

# ବର୍ଷାରେ ତିଷ୍ଠିଲାନି ପାଇକପଡ଼ାବାସୀଙ୍କ ଉଦ୍ୟମରେ ନିର୍ମିତ ରାସ୍ତା

ଭବାନୀପାଟଣା, ୨୬।୭ (ସଂଚାର ବ୍ୟୁରୋ): ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଧାଁଅର ପୁର ପଞ୍ଚାୟତର ପାଇକପଡା ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତା ନିର୍ମାଣର ଦୀର୍ଘ ୬ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର କୌଣସି ପ୍ରକାର ମରାମତି କରାଯାଇ ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ରାସ୍ତାର ଶୋଚନୀୟ ଅବସ୍ଥା ଏବଂ ପ୍ରଶାସନର ଉଦାସୀନତା ଦେଖି ଶେଷରେ ପାଇକପଡାବାସୀ ନିଜେ ଉଦ୍ୟମ କରିଥିଲେ। ଗ୍ରାମର ଲୋକେ ଏକାଠି ହୋଇ ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲଖମା ଏବଂ ନାଳଗୁଡ଼ିକରେ ମାଟି ପକାଇ ଯାତାୟାତ ଉପଯୋଗୀ କରିବାକୁ ଚେଷ୍ଟା କରିଥିଲେ। ତେବେ ଗ୍ରାମବାସୀଙ୍କ ଏହି ପରିଶ୍ରମ ବେଶୀ ଦିନ ତିଷ୍ଠି ପାରିନାହିଁ। ଚଳିତ ବର୍ଷାରେ ସେହି ସବୁ ମାଟି ଧୋଇଯିବା ଫଳରେ ସମଗ୍ର ରାସ୍ତା ଏବେ କାଦୁଅମୟ ହୋଇପଡ଼ିଛି। ଗୋଡ଼େ ଗୋଡ଼େ ଖାଲ ଏବଂ ଆଣ୍ଠୁଏ କାଦୁଅ ଯୋଗୁଁ ସ୍କୁଲ କଲେଜ ପିଲା, ରୋଗୀ ଏବଂ ସାଧାରଣ ଲୋକଙ୍କ ଯିବା ଆସିବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଗାଡ଼ି ମୋଟର ତ ଦୂରର କଥା, ପାଦ ଚାଲିଗଲେ ବି ଦୁର୍ଘଟଣାର ଭୟ ରହୁଛି। '୬ ବର୍ଷ ହେଲା ଆମ ଦୁଃଖ କେହି ଶୁଣୁନାହାନ୍ତି, ବର୍ଷା ଦିନେ ସ୍ଥିତି ଆହୁରି ସାଙ୍ଘାତିକ ହୋଇପଡୁଛି' ବୋଲି ସ୍ଥାନୀୟ ବାସିନ୍ଦା କ୍ଷୋଭର ସହ ପ୍ରକାଶ କରିଛନ୍ତି।



# ଦେଶୀ ମଦ ଜବତ, ଜଣେ ଗିରଫ

ଯାଜପୁର ରୋଡ଼,୨୬।୭(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାରୁ ଯାଜପୁର ରସୁଲପୁର ଅଂଚଳ ଭାୟା ଯାଜପୁର ରୋଡ ଦେଇ ଦେଶୀ ମଦ ଚୋରା ଚାଲାଣ ହେଉଥିବାର ଏକ ବିଶେଷ ସୂତ୍ରରୁ ଜିଲ୍ଲା ଅବକାରୀ ବିଭାଗ ଖବର ପାଇଥିଲା। ଅବକାରି ଅଧିକ୍ଷକ ଅଜୟ କୁମାର ବେହେରା'ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ଅଭୟ କୁମାର ନାୟକ ଏବଂ ତାଙ୍କ ସହଯୋଗୀ ଏଏସଆଇ ଦେବକାନ୍ତ ଅର୍ଚ୍ଚାଯ୍ୟ, କନଷ୍ଟେବଳ ଧବଳେଶ୍ୱର ମହାନ୍ତି , ରାକେଶ ମୁର୍ମୁ ପ୍ରମୁଖ ରାଜପଥରେ ଏକ ମାରୁତି କାର (ଓଡି୩୪ଏସ୮୬୪୯) ନମ୍ବର ଗାଡ଼ିରୁ ୩୦୦ ଲିଟର ଦେଶୀ ମଦ ଜବତ କରିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ କୋରେଇ ଥାନା କାଚରାସାହି ପଂଚାୟତ କୟାଁ ଗ୍ରାମର ସାଗର ଜେନା(୩୫)। ଅବକାରୀ କେସ ନଂ ୯୫/୨୬ରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଅଛି।ବାରମ୍ବାର ଏହି ଚଢ଼ାଉ ଜାରି ରହିବ ବୋଲି ଅବକାରି ବିଭାଗ ପକ୍ଷରୁ ସୁଚନା ମିଳିଛି।




# ହେନ୍ତାଳ ନଥିଲେ ଓଡ଼ିଶା ନଥିବ!

## ଅସ୍ତରଙ୍ଗରୁ ଉଠିଲା ଏକ ମିଲିୟନ୍ ହରିତ କ୍ରାନ୍ତିର ଡାକରା

## ବିଶ୍ୱ ହେନ୍ତାଳ ଦିବସରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନର ଆଦର୍ଶ ମଡେଲ

କାକଟପୁର/ଅସ୍ତରଙ୍ଗ,୨୬।୭ (ସଂଚାର ବ୍ୟୁରୋ): ବାତ୍ୟା ଆସୁ, ସୁନାମୀ ଆସୁ କି ସମୁଦ୍ର ଜଳୋଚ୍ଛ୍ୱାସ ଆସୁ - ଓଡ଼ିଶା ଉପକୂଳର ପ୍ରଥମ ରକ୍ଷକ ହେଉଛି ହେନ୍ତାଳ ବଣ। ଏହି ଲୁଣା ଜଙ୍ଗଲ ହିଁ ବାରମ୍ବାର ଆମକୁ ମୃତ୍ୟୁର କବଳରୁ ଟାଣି ଆଣିଛି। ତେଣୁ ବିଶ୍ୱ ହେନ୍ତାଳ ଦିବସରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମାଟିରୁ ଆସୁଛି ଏକ ନୂଆ ସଂକଳ୍ପ - ୨୦୩୦ ସୁଦ୍ଧା ଏକ ମିଲିୟନ୍ ହେନ୍ତାଳ। ହେନ୍ତାଳ ହେଉଛି ପ୍ରକୃତିର ଦିଆଯାଇଥିବା ସବୁଠୁ ବଡ ବାତ୍ୟା କବଚ। ଏହା ଝଡ଼ର ବେଗକୁ ୭୦% ପର୍ଯ୍ୟନ୍ତ କମ୍ କରିଦିଏ। ସମୁଦ୍ର କ୍ଷୟରୁ କୂଳ ମାଟିକୁ ରକ୍ଷା କରେ। ଗୋଟିଏ ହେନ୍ତାଳ ଗଛର ଶିକଡ ୫ ମିଟର ପର୍ଯ୍ୟନ୍ତ ମାଟିକୁ ବାନ୍ଧି ରଖେ। ସାଧାରଣ ଜଙ୍ଗଲ ତୁଳନାରେ ଏହା ୪ ଗୁଣ ଅଧିକ କାର୍ବନ ଶୋଷେ। ମାଛ, କଙ୍କଡା ଓ ହଜାର ଜୀବଜନ୍ତୁଙ୍କ ପାଇଁ ଏହା ହିଁ ପ୍ରଜନନ କ୍ଷେତ୍ର। ଅର୍ଥାତ୍ ଲକ୍ଷ ଲକ୍ଷ ମତ୍ସ୍ୟଜୀବୀଙ୍କ ରୋଜଗାରର ଆଧାର। ସରକାରୀ ଯୋଜନା ଯେତେବେଳେ ଫାଇଲ୍ ରେ ବନ୍ଦ, ସେତେବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ବାସ୍ତବରେ କ୍ରାନ୍ତି ଆଣୁଛି।

ଗତ କିଛି ବର୍ଷ ହେଲା ଅସ୍ତରଙ୍ଗ, ଝାଡଲିଙ୍ଗ, ନୂଆଗଡ଼ ଓ ଛୁରିଆନା ସମେତ ସମଗ୍ର ଉପକୂଳରେ ଏକ ବ୍ୟାପକ ହେନ୍ତାଳ ରୋପଣ ଅଭିଯାନ ଚାଲିଛି। ସବୁଠୁ ବଡ କଥା ହେଉଛି - କେବଳ ଗଛ ପୋତା ଯାଉନି, ଗଛ ପାଳନ କରାଯାଉଛି।

"ଗଛ ପୋତିବା ଆଉ ଗଛ ପାଳିବା" ଏହି ଅଭିନବ ମଡେଲରେ ପ୍ରତି ଗୋଟିଏ ଚାରାର ଦାୟିତ୍ୱ ନେଇଛନ୍ତି ଗୋଟିଏ ପରିବାର। ସ୍ଥାନୀୟ ଯୁବକ ଓ ମହିଳା ଗୋଷ୍ଠୀ ହେଉଛନ୍ତି ଏହି ଅଭିଯାନର ମେରୁଦଣ୍ଡ। ସ୍ୱେଚ୍ଛାସେବୀମାନେ ସ୍କୁଲ୍ ପିଲାଙ୍କୁ ନେଇ ଗାଁ ଗାଁ ବୁଲି ସଚେତନତା ସୃଷ୍ଟି କରୁଛନ୍ତି। ଆଜି ଅସ୍ତରଙ୍ଗର ଲୋକ ହେନ୍ତାଳକୁ ସରକାରୀ ସମ୍ପତ୍ତି ଭାବେ ନୁହେଁ, ନିଜର ଘର ପାଚେରୀ ଭାବେ ଦେଖୁଛନ୍ତି।

ଜଣେ ସ୍ଥାନୀୟ ବାସିନ୍ଦାଙ୍କ କଥା: "ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ନଥିଲେ ଆମ ଗାଁ ପାଖର ଖାଲି ମାଟି ଆଜି ବି ଖାଲି ପଡି ଥାନ୍ତା। ସେମାନେ ଆମକୁ ଶିଖାଇଲେ ଯେ ହେନ୍ତାଳ ମାନେ ହିଁ ଆମ ଭବିଷ୍ୟତର ସୁରକ୍ଷା କବଚ।" ଏନେଇ ନୂଆଗଡ଼ ପଞ୍ଚାୟତର ସରପଞ୍ଚ ଶ୍ରୀ ଜିତେନ୍ଦ୍ର ସ୍ୱାଇଁ କହିଛନ୍ତି, "ହେନ୍ତାଳ ହିଁ ଆମ ଜୀବନ ରେଖା। ଯେତେବେଳେ ସରକାରୀ ବାବୁମାନେ ଫାଇଲ୍ ଖୋଲି ବସିଛନ୍ତି, ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ସେତେବେଳେ ମାଟିରେ ଝାଡୁ ଧରିଛି। ଆମ ପଞ୍ଚାୟତ ତରଫରୁ ପୂର୍ଣ୍ଣ ସହଯୋଗ ରହିବ। ୨୦୩୦ ସୁଦ୍ଧା ଆମେ ଏକ ମିଲିୟନ୍ ହେନ୍ତାଳ ଲଗାଇ ଦେଖାଇବୁ।"

ବିଶ୍ୱ ହେନ୍ତାଳ ଦିବସରେ ଅଭିଯାନର ଗୋଟିଏ ଦାବି - ସରକାର ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଭଳି ତୃଣମୂଳ ସଂଗଠନକୁ ଆର୍ଥିକ ଓ ବୈଷୟିକ ସହଯୋଗ ଦିଅନ୍ତୁ। କାରଣ କାଗଜରେ ଟାର୍ଗେଟ୍ ନୁହେଁ, ମାଟିରେ ଗଛ ହିଁ ଆମକୁ ବଞ୍ଚାଇବ। ହେନ୍ତାଳ ଥିଲେ ଓଡ଼ିଶା ଥିବ।



# ବାଲିଆପାଳରେ ଖୋଲିଲା ଓଡ଼ିଶା ବେକରି ହାଉସ

ବାଲିଆପାଳ,୨୬।୭ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଛକ ନିକଟରେ ନୂଆ କରି ଖୋଲିଲା ଓଡିଶା ବେକେରି ହାଉସ। ଲୋକ ମାନଙ୍କର ଚାହିଦା ଏବଂ ବିଶେଷ କରି ଯୁବପିଢ଼ିଙ୍କୁ ଲକ୍ଷ କରି ଏହି ବେକେରି ହାଉସ ଖୋଲା ଯାଇଛି ବୋଲି ଦୋକାନର ପ୍ରୋପାଇଟର ହୃଷିକେଶ ଦାସ ମହାପାତ୍ର କହିଛନ୍ତି। ବାହାଘର,ଏନଗେଜମେଣ୍ଟ, ଜନ୍ମ ଦିନ, ବିବାହ ବାର୍ଷିକ, ନୂଆବର୍ଷ , ଗୁରୁଦିବସ ପ୍ରଭୃତି ପ୍ରୋଗ୍ରାମରେ ଉନ୍ନତ ମାନର କେକ ଓ ଅନ୍ୟ ସାମଗ୍ରୀ ପାଇଁ ବାଲିଆପାଳ ଠାରୁ ବାଲେଶ୍ୱର ଯିବାକୁ ପଡୁଥିଲା। ଯାହା ଫଳରେ ଲୋକେ ଅଧିକ ଖର୍ଚ୍ଚାନ୍ତ ହେବା ସହିତ ସମୟ ସାପେକ୍ଷ ହେଉଥିଲା। ବ୍ଲକ ଛକ ନିକଟରେ ଆଜି ଏହି ହାଉସ ଖୋଲାଲା ପରେ ଯୁବକ ଯୁବତୀ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

ଏଠାରେ କେକ ବ୍ୟତିତ ୧୦୦ ରୁ ଊର୍ଦ୍ଧ୍ୱ ପ୍ରକାରର ଆଇଟମ ସୁଲଭମୂଲ୍ୟରେ ପାରିପାରେବ। ସକାଳ ଆଠଟାରୁ ରାତି ଦଶଟା ପର୍ଯ୍ୟନ୍ତ ଲୋକ ମାନଙ୍କୁ ସେବା ଯୋଗାଇ ଦିଆଯିବ ବୋଲି ହାଉସର ପ୍ରୋପାଟର କହିଛନ୍ତି।। ଏହି ଉଦଘାଟନି ଉତ୍ସବରେ ବାଲିଆପାଳ ଥାନା ଆଇଆଇସି ସାଲିଖାନ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଉଦଘାଟନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମାଜସେବୀ ବିଜନ ନାୟକ, ରବିନ୍ଦ୍ର ଅଣ୍ଡିଆ, କମଳାକାନ୍ତ ଦାଶ ମହାପାତ୍ର,ସତ୍ୟକାମ ମହାନ୍ତି, ହରେକୃଷ୍ଣ ଜେନା ପ୍ରମୁଖ ଯୋଗଦେଇ ଥିଲେ। ହାଉସର ପରିଚାଳକ କାହ୍ନୁ, ବବଲୁ, ଚିଲିକା ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।






## ଅସରପା ହୋଇ ନପାରିବାରୁ ମନ ଦୁଃଖ

ରାଜ୍ୟ ବିଜେଡିର ଦୁଇ ଛାମୁଆ ନେତା ଚିନ୍ମୟ ସାହୁ ଓରଫ ଚିନ୍ଟୁ ଓ ଇପ୍ସିତା ସାହୁଙ୍କ ମନ ଭାରି ଦୁଃଖ। ମୁଖିଆଙ୍କ ଠାରୁ ଡକରା ପାଇ ଦିଲ୍ଲୀ ଯାଇଥିଲେ ଅସରପା (କକ୍ରୋଚ୍ଚ ପାର୍ଟି) ଆନ୍ଦୋଳନରେ ସାମିଲ ପାଇଁ। ସେଠାରେ ପହଞ୍ଚି କିଏ କେମିତି ଭାଷଣ ଦେବ ଓ ଫଟୋ ଉଠାଇବ ତାହାର ବି ଯୋଜନା କରିଥିଲେ। ଜାତୀୟ ରାଜନୀତିରେ ନିଜର ଉପସ୍ଥିତି ଜାହିର ପାଇଁ ବେଶ୍ ଉତ୍ସୁକ ଥିଲେ ଦୁଇ ନେତା। କାରଣ ଚିନୁ ହେଉଛନ୍ତି ଯୁବ ବିଜେଡି ସଭାପତି ଓ ଇପ୍ସିତା ହେଉଛନ୍ତି ଛାତ୍ର ବିଜେଡି ସଭାପତି। ଏ ଦୁଇଜଣ ଦିଲ୍ଲୀ ଯନ୍ତର ମନ୍ତରରେ ଭାଷଣ ଦେଇଥିଲେ ସେମାନଙ୍କର ଉଚ୍ଚତା ଆଉ ଟିକେ ବଢ଼ିଥାନ୍ତା। ହେଲେ ଦିଲ୍ଲୀରେ ପହଞ୍ଚିବା ପରେ ସବୁକିଛି ଓଲଟ ପାଲଟ ହୋଇଗଲା। ମୁଖିଆ କହିଲେ ଯନ୍ତର ମନ୍ତର ଯିବା ମନା। ସେଠାରେ ଚାଲିଥିବା ଅସରପା ଆନ୍ଦୋଳନରେ ବିଜେଡି ସାମିଲ ହେବନାହିଁ। ଏକଥା ଶୁଣିଲା ପରେ ଦୁଇ ନେତାଙ୍କ ମୁହଁ ଶୁଖିଗଲା। ମନରେ ଥିବା ଅସୁମାରୀ ଆଶା ମରିଗଲା। ଏହାପରେ ଦଳ ସଭାପତି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ ବି ଦୁଇ ନେତା ନୂଆଦିଲ୍ଲୀରେ ପାଟି ଖୋଲିଲେନି। ଓଡିଶା ଫେରିବାପରେ ପ୍ରତିବାଦରେ କାମଚଳା ଭାବେ ସାମିଲ ହେଲେ। ଅସରପା ନହେବାର ଦୁଃଖକୁ ସହଜରେ ଭୁଲିପାରୁ ନାହାନ୍ତି। ନିଜର ସମର୍ଥକ ଓ କର୍ମୀମାନଙ୍କୁ କ'ଣ କହିବେ ଜାଣିପାରୁନଥିବାବେଳେ ମନେ ମନେ କିଏ ବାଟ ଓଗାଳିଲା ତାହାକୁ ଖୋଜୁଛନ୍ତି।



## ପାଢ଼ୀବାବୁଙ୍କୁ ସୁହାଉନି ରଥଯାତ୍ରା

ଏବର୍ଷ ରଥଯାତ୍ରାରେ ଉଭୟ ଗୁଣ୍ଡିଚା ଓ ବାହୁଡାରେ ଭକ୍ତମାନେ ମୃତ୍ୟୁମୁଖରେ ପଡିଲେ। ଗୁଣ୍ଡିଚାରେ ଦୁଇ ଜଣ ମରିଥିବାବେଳେ ବାହୁଡାରେ ଜଣେ ମଲେ। ଗତବର୍ଷ ମଧ୍ୟ ଗୁଣ୍ଡିଚା ମନ୍ଦିର ଆଗରେ ଦଳା ଚକଟାରେ ତିନି ଜଣ ପ୍ରାଣ ହରାଇଥିଲେ। ଗତବର୍ଷ ହୋଇଥିବା ଦୁର୍ଘଟଣାର ତଦନ୍ତ ହୋଇ ରିପୋର୍ଟ ଆସିଥିଲା। ରିପୋର୍ଟରେ ଥିବା ସୁପାରିଶକୁ ପାଳନ ବି ହୋଇଥିଲା। ହେଲେ ଏଥର ଯାତ୍ରାରେ କିନ୍ତୁ ଅଘଟଣକୁ ରୋକିହେଲା ନାହିଁ। ପ୍ରଶାସନକଳର ସମସ୍ତ ପ୍ରସ୍ତୁତି ସତ୍ତ୍ୱେ ଗୁଣ୍ଡିଚା ଦିନ ଦୁଇ ଜଣ ପ୍ରାଣ ହରାଇଲେ। ବାହୁଡାରେ ବି ଜଣେ ମଲେ। ଏହା ଦେଖିବାପରେ ଏବେ ଗୋଟିଏ ଆଲୋଚନା ହେଉଛି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ କୁଆଡେ ରଥଯାତ୍ରା ସୁହାଉନି। ତାଙ୍କର ସେଭଳି କିଛି ଭୂମିକା ନଥିଲେ ମଧ୍ୟ ସିଏ ନିଜେ ବଦନାମ ହେବା ସହିତ ସରକାର ବି ବଦନାମ ହେଉଛନ୍ତି। ଏହାର ପ୍ରତିକାର ପାଇଁ ସରକାର ତୁରନ୍ତ ନୂଆ ପ୍ରଶାସକ ନିଯୁକ୍ତି କରିବା ଉଚିତ୍ ବୋଲି ଭକ୍ତମାନେ ମତ ଦେଉଛନ୍ତି। ସହଜେ ତ ସୁପ୍ରିମକୋର୍ଟ ଦୀର୍ଘ ଦିନରକୁ ପୁରୀ ଶ୍ରୀମନ୍ଦିର ପାଇଁ ଜଣେ ସ୍ୱତନ୍ତ୍ର ପ୍ରଶାସକଙ୍କୁ ନିଯୁକ୍ତି ଦେବାପାଇଁ ରାଜ୍ୟ ସରକାରଙ୍କୁ କହିଛନ୍ତି। ସରକାର ଯେଉଁ ପ୍ରଶାସକଙ୍କୁ ଶ୍ରୀମନ୍ଦିର ଦାୟିତ୍ୱ ଦେବେ ସିଏ ଯେଭଳି ଅନ୍ୟ ଦାୟିତ୍ୱରେ ରହିବେ ନାହିଁ। ସର୍ବୋଚ୍ଚ ଅଦାଲତଙ୍କର ଏହି ନିର୍ଦ୍ଦେଶକୁ ନାଁ ସେବେକାର ସରକାର ମାନିଲେ ନା ଏବେକାର ସରକାର ପାଳନ କରୁଛନ୍ତି। ଚଳିତ ରଥଯାତ୍ରା ପରେ ସରକାର ଅଦାଲତଙ୍କ ଏହି ଆଦେଶକୁ ପାଳନ କରିବେ ବୋଲି ଅନେକ ଆଶା କରିଛନ୍ତି।



## ସଞ୍ଜୟଙ୍କ ମୁଣ୍ଡରେ ସୁନା କଳସ



ବିଜେଡିରେ ଏକଦା ଅଲୋଡା ହୋଇପଡିଥିବା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାଶବର୍ମାଙ୍କୁ ମୁଣ୍ଡରେ ଏବେ କୁଆଡେ ସୁନା କଳସ। ଖୋଦ ଦଳୀୟ କର୍ମୀମାନେ ଏକଥା କହୁଛନ୍ତି। ଶଙ୍ଖଭବନ ନିକଟରେ ଏ ନେଇ ଚାଲିଥିବା ଆଲୋଚନା ଟିକେ କାନରେ ପଡିଲା। କର୍ମୀମାନେ କହୁଥାନ୍ତି, ଦିନ ଥିଲା ପୁରୀରେ ବି ସଞ୍ଜୟଙ୍କୁ ଖୋଜା ପଡୁନଥିଲା। ଦଳ ହାରିବା ପରେ ବି କିଛି ନେତା ତାଙ୍କୁ କୋଣଠେସା କରିଥିଲେ। ମନ୍ତ୍ରୀ ହିସାବରେ ତାଙ୍କର ଦକ୍ଷତା ହେଉ କିମ୍ବା ବ୍ରହ୍ମଗିରିରେ ତାଙ୍କର ସାଂଗଠନିକ ପ୍ରତିପତ୍ତି ହେଉ ସବୁକିଛିକୁ ଅଣଦେଖା କରାଯାଇଥିଲା। ହେଲେ ଏବେ ହାଇକମାଣ୍ଡ ବୁଝିଛନ୍ତି ସଞ୍ଜୟ କ'ଣ। ତେଣୁ ଏବେ ତାଙ୍କୁ ସବୁଠାରେ ଖୋଜା ପଡୁଛି। ଭୁବନେଶ୍ୱର ରୁ ପୁରୀ ହେଉ କି ଆଦିବାସୀ ଅଞ୍ଚଳ ହେଉ ସବୁଠାରେ ସଞ୍ଜୟଙ୍କ ଉପସ୍ଥିତି ଜଣାଇ ଦେଉଛି ଯେ ଦଳରେ ତାଙ୍କ ଗୁରୁତ୍ୱ ବଢୁଛି। ଭଙ୍ଗା ହାତରେ ବି ସଞ୍ଜୟ ସବୁଠାରେ ହାଜର ହେଉଛନ୍ତି। କର୍ମୀଙ୍କ ମହଲରେ ଏହାକୁ ନେଇ ଆଲୋଚନା ହେଉଥିବାବେଳେ କେଉଁ କେଉଁମାନେ ସଞ୍ଜୟଙ୍କ ଭଳି ଦକ୍ଷ ନେତାଙ୍କୁ ଦୂରେଇ ଦେଇଥିଲେ ତାହାର ଖୋଳତାଡ ବି ଚାଲିଛି। ଆଗକୁ ଦଳ ସଞ୍ଜୟଙ୍କୁ କେଉଁ ଦାୟିତ୍ୱ ଦେଉଛି ଓ ସେ ତାହାକୁ କିଭଳି ନିଭାଉଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।



## ମନୋଜଙ୍କର ଡବଲ ଇଞ୍ଜିନ ବୁଦ୍ଧି

ବିଜେଡି ସରକାରରେ ଯେଉଁ କେତେଜଣ କ୍ଷମତାଶାଳୀ ଅଫିସର ଥିଲେ ସେମାନଙ୍କ ମଧ୍ୟରେ ଗଣା ହେଉଥିଲେ ମନୋଜ ମିଶ୍ର। ରାଜ୍ୟର ଆଇଟି ସଚିବ ଭାବେ ତାଙ୍କର ଖ୍ୟାତି ଥିଲା। ଯଦିଓ ସିଏ ଜଣେ ଭାରତୀୟ ରେଳବାଇ କ୍ୟାଡରର ଅଫିସର କିନ୍ତୁ ବିଜେଡି ସରକାର ଅମଳରେ ଓଡିଶା ସରକାରକୁ ଡେପୁଟେସନରେ ଆସିଥିଲେ। ଆଇଟି ସହିତ ତୃତୀୟ ମହଲା ଦାୟିତ୍ୱରେ ଥିଲେ। ସରକାର ବଦଳିବାପରେ ମନୋଜ ବି ଦୃଶ୍ୟପଟରୁ ଅପସରି ଯାଇଥିଲେ। ଯଦିଓ ତାଙ୍କରି ଉଦ୍ୟମରେ ଓଡିଶା ଆସିଥିବା ଆଇଟି ସଂସ୍ଥାଗୁଡ଼ିକ ଏବେ ଓଡିଶା ପାଇଁ ବରଦାନ ହୋଇଛନ୍ତି କିନ୍ତୁ ତାଙ୍କ ନାଁ କେହି ନେଉ ନାହାନ୍ତି। ହେଲେ ଏବେ ତୃତୀୟ ମହଲାର ଫାଇଲ୍ ଚୋରି ମାମଲାରେ ମନୋଜ ମିଶ୍ରଙ୍କୁ କ୍ୟାପିଟାଲ ଥାନା ପୁଲିସ୍ ଡାକିବାପରେ ସେ ପୁଣି ଥରେ ଚର୍ଚ୍ଚାରେ। ତେବେ ପୁଲିସ୍ ତାଙ୍କୁ ଯେଉଁ ତାରିଖରେ ହାଜିରା ପାଇଁ କହିଥିଲା ସିଏ ହାଜର ହେଲେ। ଗଣମାଧ୍ୟମକୁ ବି ବାଇଟ୍ ଦେଲେ। ବେଶ ସହଜରେ ସବୁ ପ୍ରଶ୍ନର ଉତ୍ତର ଦେଲେ। ଏହା ଦେଖିବାପରେ ଏବେ ଅନେକ କହୁଛନ୍ତି ସତରେ ମନୋଜଙ୍କର ଡବଲ ଇଞ୍ଜିନ ବୁଦ୍ଧି। ଗୋଟିଏ ପଟେ ରେଳବାଇ ଅଭିଜ୍ଞତା ଓ ଅନ୍ୟପଟେ ଆଇଟି ଦକ୍ଷତା ଉପଯୋଗ କରି ସିଏ ଯେଭଳି ପୁଲିସ୍ ଓ ଗଣମାଧ୍ୟମର ସାମ୍ନା କଲେ ତାହା ବିରଳ। କାରଣ ମନୋଜଙ୍କ ସହିତ ଅନ୍ୟ ଯେଉଁମାନଙ୍କୁ ହାଜିରା ପାଇଁ ଡକରା ହୋଇଛି ସେମାନେ ଏପର୍ଯ୍ୟନ୍ତ ଥାନାକୁ ଆସି ନାହାନ୍ତି।

## ବିବାଦକୁ ପଶିଲେ ଭର୍ତ୍ତୃହରି



ସାଂସଦ ଭର୍ତ୍ତୃହରି ହେଲେ ବିବାଦ ବିହୀନ ଲୋକ। ଦିଲ୍ଲୀ ଭଲ କି ସିଏ ଭଲ। ବିଜେଡିର ସାଂସଦ ଭାବେ ଦିଲ୍ଲୀରେ ଭଲ ନାଁ ବି କମେଇଥିଲେ। ଶ୍ରେଷ୍ଠ ସାଂସଦ ଭାବେ ଦିଲ୍ଲୀ ଦରବାରରେ ତାଙ୍କର ବେଶ୍ ଖ୍ୟାତି ରହିଛି। ଜଣେ ସୁଲେଖକ ମଧ୍ୟ। ହେଲେ ଗତ ନିର୍ବାଚନରେ ଦଳ ବଦଳ କରି ନିଜର ପାରମ୍ପରିକ କଟକ ଆସନରୁ ବିଜେପି ସାଂସଦ ହୋଇଛନ୍ତି। ସବୁ କିଛି ଠିକ୍ ଠାକ୍ ଥିଲା। ଉଭୟ ବିବାଦ ଓ ଦଳରୁ ସମଦୂରତା ରକ୍ଷାକରି ଭର୍ତ୍ତୃହରି ଚାଲିଥିଲେ। ହେଲେ ନବୀନଙ୍କୁ ଗାଳି ଦେଇ ସିଏ ଏବେ ବିବାଦକୁ ପଶି ଯାଇଛନ୍ତି। ନବୀନ ଅସରପା ଆନ୍ଦୋଳନ ଦୃଷ୍ଟିରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି ପରେ ଭର୍ତ୍ତୃହରି ଦଳ ବଳ ଧରି ସାମ୍ବାଦିକ ସମ୍ମିଳନୀ କରି ନବୀନଙ୍କ ଗାଳି ଦେଲେ। ଏହାପରେ ବିଜେଡି ଶିବିରରୁ ଘନ ଘନ ଆକ୍ରମଣ ଚାଲିଛି। ବିବାଦ ବିହୀନ ଭର୍ତ୍ତୃହରିଙ୍କୁ ଦଳ ବିବାଦ ଭିତରକୁ ଭିଡିଛି। ତାଙ୍କର ପାଠପଢା ଠାରୁ ପରିବାର ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗ ଉଠାଇବାରେ ଲାଗିଛି। ତେବେ ଭର୍ତ୍ତୃହରି କିନ୍ତୁ ପୁରୁଣା ଫର୍ମୁଲାରେ ନିରବ ରହିଛନ୍ତି। ଦେଖାଯାଉ ଆଗକୁ ବିଜେଡି ଶିବିରରୁ କେଉଁ କେଉଁ ଶର ନିକ୍ଷେପ ହେଉଛି ତାହାକୁ ଭର୍ତ୍ତୃହରି କିଭଳି ମୁକାବିଲା କରୁଛନ୍ତି।

# ବିଜେପି ଟାର୍ଗେଟରେ ହିଞ୍ଜିଳି

## ପ୍ରଦୀପ ଓ ବିଭୁତିଙ୍କ ସମାନ୍ତରାଳ ଶକ୍ତି ପ୍ରଦର୍ଶନ



**ବ୍ରହ୍ମପୁର,୨୬।୭(ସଂଚାର ବ୍ୟୁରୋ):** ନବୀନଙ୍କ ଗଡ଼ ହିଞ୍ଜିଳି ଉପରେ ଏବେ ବିଜେପିର ଆଖି। ନବୀନ ପଟ୍ଟନାୟକ ଏହି ବିଧାନସଭା କ୍ଷେତ୍ରରୁ ପାଞ୍ଚ ଥର ଜିତି ବିଧାୟକ ହୋଇଛନ୍ତି। ହେଲେ ନିର୍ବାଚନମଣ୍ଡଳୀ ଲୋକେ ତାଙ୍କର ଦେଖାଦର୍ଶନ ପାଉନାହାଁନ୍ତି, ଯାହାକୁ ନେଇ ଏବେ ବିଜେପି ନେତାମାନେ ଏହି କ୍ଷେତ୍ର ଉପରେ ଆଖି ପକାଇଛନ୍ତି।

ଗତ ୧୬ ତାରିଖ ରଥଯାତ୍ରା ଅବସରରେ ଶେରଗଡ଼କୁ ଯାଇ ଛେରାପହଁରା କରି ଶକ୍ତି ପ୍ରଦର୍ଶନ କରିଛନ୍ତି ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ। ପୂର୍ବରୁ ସେ ଏହି ନିର୍ବାଚନମଣ୍ଡଳୀରେ ନବୀନଙ୍କ ପ୍ରତିନିଧି ଥିଲେ। ଯେଉଁଥିପାଇଁ ଶେରଗଡ଼କୁ ତାଙ୍କର ଗସ୍ତ ସମୟରେ ଅଧିକାଂଶ ବିଜେଡି ନେତାଙ୍କୁ ତାଙ୍କ ସହ ଦେଖିବାକୁ ମିଳିଥିଲା। ଗତ ୨୦୨୪ ନିର୍ବାଚନରେ ବିଜେଡିର 'ଲେଖା ଛିଡ଼ାଇଥିବା' ପ୍ରଦୀପ ଏବେ ହିଞ୍ଜିଳିରୁ ନବୀନଙ୍କ ଲେଖା ଛିଡ଼ାଇବାକୁ ଟାର୍ଗେଟ କରିଥିବା ଚର୍ଚ୍ଚା ହେଉଛି। ଅବଶ୍ୟ ବାହୁଡ଼ା ଯାତ୍ରାରେ ଶେରଗଡ଼ରେ ବିଜେପିର ଦୁଇ ପ୍ରମୁଖ ନେତା ନିଜ ନିଜର ପୃଥକ ପୃଥକ ଶକ୍ତି ପ୍ରଦର୍ଶନ କରିଛନ୍ତି। ଖଣିମନ୍ତ୍ରୀ ବିଭୁତି ଭୂଷଣ ଜେନା ଓ ସାଂସଦ ପ୍ରଦୀପ ପାଣିଗ୍ରାହୀ ପୃଥକ୍ ପୃଥକ୍ ର୍ୟାଲି କରି ସେମାନଙ୍କ ସମର୍ଥକଙ୍କୁ ନେଇ ପ୍ରଦର୍ଶନ କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ବିଜେଡିର ଅଭେଦ୍ୟ ଗଡ଼ ଭାବେ ପରିଚିତ ହିଞ୍ଜିଳିରେ ଯେଉଁ ରାଜନୈତିକ ସମୀକରଣ ଦେଖିବାକୁ ମିଳିଛି, ତାହା ଦେଖିଲେ ଲାଗୁଛି ଏହି ନିର୍ବାଚନମଣ୍ଡଳୀଟି ଆଗାମୀ ଦିନରେ ନବୀନଙ୍କ ହାତରୁ ଖସିଯିବ। ୨୦୨୪ ନିର୍ବାଚନ ପରେ ଜିଲ୍ଲାର ୧୩ଟି ବିଧାନସଭା ଆସନ ମଧ୍ୟରୁ ୧୧ଟି ବିଜେପି ଖାତାକୁ ଯାଇଥିଲା। ନବୀନ ହିଞ୍ଜିଳିରୁ ଜିତିଥିଲେ ବି ବିଜୟ ମାର୍ଜିନ ୪ ହଜାରକୁ ଖସି ଆସିଥିଲା। ନବୀନ ଆଉ ମୁଖ୍ୟମନ୍ତ୍ରୀ ନାହାଁନ୍ତି କି ଅନ୍ୟ ନେତାଙ୍କ ଭଳି ନିୟମିତ ଭାବେ ନିଜ ନିର୍ବାଚନମଣ୍ଡଳୀକୁ ଆସୁନାହାଁନ୍ତି। ତେଣୁ ଏହର ସୁଯୋଗ ନେଇ ଏହି ଆସନ ଦଖଲ ପାଇଁ ବିଜେପି ଜୋରଦାର ରଣନୀତି ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି।

### ଓଡ଼ିଶା ଉପକୂଳରେ ଅବପାତ

## ଆଜି ଛୁଇଁବ ସ୍ଥଳଭାଗ!



**ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ):** ଓଡ଼ିଶା ଉପକୂଳରେ ଅବପାତ। ଆସନ୍ତାକାଲି ଏହା ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ବର୍ଷା ହେବାର ସମ୍ଭାବନା ବ୍ୟକ୍ତ କରାଯାଇଛି। ଅବପାତଟି ଉତ୍ତର-ପଶ୍ଚିମ ଦିଗକୁ ଗତି କରିପାରେ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅଧିକ ଶକ୍ତିଶାଳୀ ହୋଇ ଗଭୀର ଅବପାତ ରୂପ ନେବ। ଆସନ୍ତାକାଲି ସକାଳ କିମ୍ବା ଅପରାହ୍ଣ ସମୟରେ ଏହା ପାରାଦୀପ ଓ ସାଗର ଦ୍ୱୀପ ମଧ୍ୟରେ ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳ ଅତିକ୍ରମ କରିବ ବୋଲି ସ୍ଥାନୀୟ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ସେହିପରି ରିପୋର୍ଟ ଲେଖା ହେବା ବେଳକୁ ଅବପାତଟି ପଶ୍ଚିମବଙ୍ଗର ସାଗର ଦ୍ୱୀପଠାରୁ ପ୍ରାୟ ୧୩୦ କିମି ଦକ୍ଷିଣ-ଦକ୍ଷିଣ-ପୂର୍ବରେ, ଦୀଘାଠାରୁ ପ୍ରାୟ ୧୪୦ କିମି ଦକ୍ଷିଣ-ପୂର୍ବରେ, ଓଡ଼ିଶାର ଚାନ୍ଦବାଲିଠାରୁ ପ୍ରାୟ ୧୭୦ କିମି ପୂର୍ବରେ ଏବଂ ବାଲେଶ୍ୱରଠାରୁ ପ୍ରାୟ ୧୮୦ କିମି ପୂର୍ବ-ଦକ୍ଷିଣ-ପୂର୍ବରେ ରହିଛି। ଏହି ଅବପାତ ଯୋଗୁଁ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ଅଧିକ ବର୍ଷା ହୋଇପାରେ। ଅନ୍ୟପକ୍ଷରେ ଆଗାମୀ ଦୁଇ ଦିନ ଭିତରେ ଏହା ଆହୁରି ଘନୀଭୂତ ହେବ। ଏହାର ପ୍ରଭାବରେ ରାଜ୍ୟରେ ୪ ଦିନ ପ୍ରବଳ ବର୍ଷା ହେବ। ଏପରିକି କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ମଧ୍ୟ ସମ୍ଭାବନା ପ୍ରକଟ କରାଯାଇଛି।

## ରାଜଧାନୀରେ ଜାଲ ନୋଟ୍, ଦୁଇ ଅଟକ



**ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ):** ରାଜଧାନୀରେ ସକ୍ରିୟ ହୋଇଛନ୍ତି ଜାଲ ନୋଟ୍ କାରବାର କରୁଥିବା ଗୋଷ୍ଠୀ। କାରଣ ବଡ଼ଗଡ଼ ଥାନା ଚିଲ୍ଲି ପୋଖରୀ ନିକଟରେ କାରବାର ବେଳେ ଧରାପଡ଼ିଛନ୍ତି ଦୁଇ ଯୁବକ। ସେମାନେ ଜାଲ ନୋଟ୍ କାରବାର କରୁଥିବା ବେଳେ ସେମାନଙ୍କୁ ସ୍ଥାନୀୟ ଲୋକେ ଧରିଛନ୍ତି। ସନ୍ଦେହରେ ଦୁଇ ଜଣଙ୍କୁ ଅଟକ ରଖି ଲୋକେ ସେମାନଙ୍କୁ ପୁଲିସ ଜିମା ଦେଇଛନ୍ତି। ପୁଲିସ୍ ସେମାନଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ସେମାନେ ଉକ୍ତ ନୋଟ୍ କେଉଁଠୁ ଆଣିଲେ, କାହାକୁ ଦେବା ସକାଶେ ପ୍ରସ୍ତୁତ ହେଉଥିଲେ, ସେନେଇ ଜାଣିବା ସକାଶେ କମିଶନରେଟ ପୁଲିସ ତନାଘନା ଚଳାଇଛି। ପୁଲିସ୍ ମଧ୍ୟ ସେମାନଙ୍କଠାରୁ ଜାଲ୍ ନୋଟ୍ ଜବତ କରିଛି। ଏଥିସହ ଜନସାଧାରଣ ଏପରି ଜାଲ୍ ନୋଟ୍ କାରବାର କରୁଥିବା ଗୋଷ୍ଠୀ ପ୍ରତି ସତର୍କ ରହିବାକୁ ପୁଲିସ୍ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ● ପୁଣି ଅଶାନ୍ତ ହେଲା ରାଜଧାନୀ

## ବିଳମ୍ବିତ ରାତିରେ ଘୁଗୁନି ବିକାଳୀଙ୍କୁ ଛୁରାମାଡ଼

**ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ):** ପୁଣି ଅଶାନ୍ତ ହୋଇଛି ରାଜଧାନୀ। ଛୁରାମାଡ଼ କରି ଆତଙ୍କ ଖେଳାଇଛନ୍ତି ଦୁର୍ବୃତ୍ତ। ଭୁବନେଶ୍ୱରରେ ଜନୈକ ଘୁଗୁନି ବିକ୍ରେତାଙ୍କୁ ଛୁରା ମାଡ଼ ହୋଇଛି। ବିଳମ୍ବିତ ରାତିରେ ଏହି ଛୁରାମାଡ଼ କରାଯାଇଥିବା ସୂଚନା ମିଳିଛି। ସମ୍ପୃକ୍ତ ଘୁଗୁନି ବିକାଳୀଙ୍କ ପେଟରେ ଛୁରୀ ଲାଗିଥିବା ଅବସ୍ଥାରେ କ୍ୟାପିଟାଲ ଥାନାରେ ପହଞ୍ଚି ସେ ଅଭିଯୋଗ କରିଥିଲେ। ପରେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ତେବେ ଉକ୍ତ ଘୁଗୁନି ବେପାରୀଙ୍କ ପରିଚୟ ମିଳିପାରିନଥିବା ବେଳେ ସେ ୧ ନମ୍ବର ହାଟରେ ଘୁଗୁନି ବିକ୍ରି କରୁଥିବା ଜଣାପଡ଼ିଛି। କ୍ୟାପିଟାଲ ଥାନା ପୁଲିସ ମାମଲାର ଛାନ୍‌ଭିନ୍ ଚଳାଇଛି। ଏହି ଛୁରାମାଡ଼ ପଛରେ ପୂର୍ବ ଶତ୍ରୁତା ନା ଅନ୍ୟ କିଛି କାରଣ ରହିଛି, ସେ ଦିଗରେ କ୍ୟାପିଟାଲ୍ ଥାନା ପୁଲିସ୍ ତଦନ୍ତ ଆରମ୍ଭ କରିଛି।

## ଆଜି ୨ ଜିଲ୍ଲାରେ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ଛୁଟି




**ପାରାଦୀପ/ବେତନଟି,୨୬।୭ (ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଅବପାତ। ଏହାର ପ୍ରଭାବରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହଏବେ ସାରା ରାଜ୍ୟରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ଏହାକୁ ଦୃଷ୍ଟିରେ ରଖି ସୋମବାର ଦୁଇଟି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ସହ ଅଙ୍ଗନୱାଡ଼ି କେନ୍ଦ୍ର ଛୁଟି ଘୋଷଣା କରାଯାଇଛି। ଏହି ଦୁଇଟି ଜିଲ୍ଲା ହେଲା ଜଗତସିଂହପୁର ଓ ମୟୂରଭଞ୍ଜ। ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଏହି ଛୁଟି ଘୋଷଣା କରିଛନ୍ତି। ଜଗତସିଂହପୁର ଜିଲ୍ଲାପାଳଙ୍କ ଘୋଷଣା ଅନୁଯାୟୀ, ଦିନକ ପାଇଁ ବନ୍ଦ ରହିବ ସମସ୍ତ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର।

ସେହିପରି ମୟୂରଭଞ୍ଜ ଜିଲ୍ଲାପାଳ ଛାତ୍ରଛାତ୍ରୀମାନଙ୍କ ନିରାପତ୍ତାକୁ ପ୍ରାଥମିକତା ପ୍ରଦାନ ସ୍ୱରୂପ ଦିନକ ପାଇଁ ସମସ୍ତ ସ୍କୁଲ୍ ଓ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ରହିବା ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ପକ୍ଷରୁ ଆନୁଷ୍ଠାନିକ ନିର୍ଦ୍ଦେଶନାମା ଜାରି କରାଯାଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାର ବିଭିନ୍ନ ସ୍ଥାନରେ, ବିଶେଷ କରି ବାରିପଦା ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସମ୍ଭାବ୍ୟ ବିପଦ ଓ ଜଳବନ୍ଦୀ ସ୍ଥିତିକୁ ଆଖିଆଗରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ସମସ୍ତ ବେସରକାରୀ ସ୍କୁଲଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଛୁଟି ଘୋଷଣା କେବଳ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହିବେ। ଶିକ୍ଷକମାନେ ଉପସ୍ଥିତ ରହି ବର୍ଷାଜନିତ ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ ସ୍ଥଳେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ସହ ସହଯୋଗ କରିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି।

## ଦୁଇ କାର୍ ସହ ୮୪ କିଲୋ ଗଞ୍ଜେଇ ଜବତ, ୪ ଗିରଫ



**ଫୁଲବାଣୀ,୨୬।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଅବକାରୀ ଅଧିକ୍ଷକ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ଗଞ୍ଜେଇ କାରବାର ଉପରେ ରୋକ ଲଗାଇବା ପାଇଁ ଧରପଗଡ଼କୁ ଜୋରଦାର କରାଯାଇଥିବା ବେଳେ ଅବକାରୀ ବିଭାଗ ତରଫରୁ ମଧ୍ୟ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଏହି ପରିପେକ୍ଷୀରେ ମୋବାଇଲ ଅବକାରୀ ବିଭାଗର ଦୁଇଟି ସ୍ୱତନ୍ତ୍ର ଟିମ ପୃଥକ ଜାଗାରେ ଚଢ଼ାଉ କରି ଦୁଇଟି କାର ସହ ୮୪ କିଲୋ ଗଞ୍ଜେଇ ଜବତ କରିଥିବା ବେଳେ ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଦୁଇଟି କାର୍‌ରେ ଶଙ୍କରାଖୋଲ ଅଞ୍ଚଳରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଅବକାରୀ ବିଭାଗ ଖବର ପାଇଥିଲା। ତୁରନ୍ତ ମୋବାଇଲ ଅବକାରୀ ଇନ୍ସପେକ୍ଟର ରଙ୍କନିଧି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସଆଇ ପ୍ରକାଶ କୁମାର ମଲ୍ଲିକଙ୍କ ନେତୃତ୍ୱରେ ପ୍ରଥମେ ଶଙ୍କରାଖୋଲ ନିକଟରେ ଗୋଟିଏ କାରକୁ କାବୁ କରାଯାଇଥିଲା। ଉକ୍ତ କାର୍‌ରୁ ୩୦ କିଲୋ ଗଞ୍ଜେଇ ଜବତ କରାଯିବା ସହ ତିନି ଜଣଙ୍କୁ ଗିରଫ କରାଯାଇଥିଲା। କିଛି ସମୟ ପରେ ଶଙ୍କରାଖୋଲ ଗାଁ ନିକଟରେ ଆଉ ଏକ ଗଞ୍ଜେଇ ଭର୍ତ୍ତି କାର୍‌କୁ ଅବକାରୀ ବିଭାଗର କର୍ମଚାରୀମାନେ ଧରିଥିଲେ, ଯେଉଁଥିରୁ ୫୪ କିଲୋ ଗଞ୍ଜେଇ ରହିଥିଲା। ଏହି ଘଟଣାରେ ମଧ୍ୟ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ଭୁବନେଶ୍ୱର ସାଲିଆ ସାହିର ମଣ୍ଟୁ ନାଏକ ହୋଇଥିବା ବେଳେ ଅନ୍ୟ ତିନି ଜଣ ନବଗୁବା ଗାଁର ଦେବରାଜ କହଁର, ଗୋଛାପଡ଼ା ଥାନା ଅନ୍ତର୍ଗତ ପଲାବୃଡ଼ି ପଞ୍ଚାୟତର ତିଳକାପାଙ୍ଗା ଗାଁର ଅମୀର ଦିଗାଲ ଓ କଡୁକୁମ୍ଭା ଗାଁର ପ୍ରତାପ ଦିଗାଲ ବୋଲି ଜଣାପଡ଼ିଛି। ଏହି ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ୧୧୪/୨୦୨୬ ଓ ୧୧୫/୨୦୨୬ରେ ପୃଥକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଇନ୍ସପେକ୍ଟର ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

## ଗରମ ପେଜରେ ପଡ଼ିଗଲା ଶିଶୁ

### ● ୪୫ ପ୍ରତିଶତ ପୋଡ଼ିଯାଇଛି

**ପୁରୀ,୨୬।୭(ସଂଚାର ବ୍ୟୁରୋ):** ଗରମ ପେଜ ହାଣ୍ଡିରେ ପଡ଼ିଯାଇଛି ଦେଢ଼ ବର୍ଷର ଶିଶୁକନ୍ୟା। ଫଳତଃ ଉକ୍ତ ଶିଶୁକନ୍ୟାର ଦେହର ୪୫ ପ୍ରତିଶତ ପୋଡ଼ିଯାଇଛି। ପୁରୀ ଜିଲ୍ଲାରେ ଘଟିଛି ଏହି ଅଘଟଣ। ମା' ପେଜ ଗାଳିବା ବେଳେ ଅସାବଧାନତାବଶତଃ ଶିଶୁକନ୍ୟାଟି ଡ଼ହ ଡ଼ହ ତତଲା ପେଜରେ ପଡିଯିବାରୁ ଗୁରୁତର ଭାବେ ଆହତ ହୋଇଛି। ଏବେ ଝିଅଟି କଟକସ୍ଥିତ ବଡ଼ ମେଡିକାଲରେ ଚିକିତ୍ସାଧୀନ ରହିଥିବା ବେଳେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶିଶୁକନ୍ୟାଟିର ସ୍ୱାସ୍ଥ୍ୟବସ୍ଥାକୁ ନେଇ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ଝିଅଟି କିପରି ଶୀଘ୍ର ସୁସ୍ଥ ହେବ ସେନେଇ ଭଗବାନଙ୍କୁ ପ୍ରାର୍ଥନା କରୁଛନ୍ତି ବାପା-ମା'। ରୋଷେଇ ସମୟରେ ସତର୍କତା ଅବଲମ୍ବନ କରିଥିଲେ ହୁଏତ ଏପରି ଅଘଟଣ ଘଟିନଥାନ୍ତା ବୋଲି ମା' ଚିନ୍ତା କରୁଛନ୍ତି।

## ହଷ୍ଟେଲ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ



**ଉମରକୋଟ,୨୬।୭(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍‌ର ବାଟିବେଡ଼ା ସରକାରୀ ଆଶ୍ରମ ବିଦ୍ୟାଳୟରେ ଜଣେ ଅଷ୍ଟମ ଶ୍ରେଣୀ ହଷ୍ଟେଲ ଛାତ୍ରୀଙ୍କ ସନ୍ଦିଗ୍ଧ ମୃତ୍ୟୁ ଘଟିଛି। ମୃତ ଛାତ୍ରୀଙ୍କ ଘର ଉମରକୋଟ ବ୍ଲକ୍‌ର ଦଲଦଲି ଗ୍ରାମରେ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଗତକାଲି ରାତିରେ ହଷ୍ଟେଲର ସମସ୍ତ ଛାତ୍ରୀ ଭୋଜନ କରିବାକୁ ଯାଇଥିବା ବେଳେ ତିନି ଜଣ ଛାତ୍ରୀ ଅନୁପସ୍ଥିତ ଥିଲେ। ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କୁ ଖୋଜିବା ଆରମ୍ଭ କରିଥିଲେ। କିଛି ସମୟ ପରେ ଦୁଇ ଛାତ୍ରୀଙ୍କୁ ଠାବ କରାଯାଇଥିଲା। ସେମାନେ ଅନ୍ୟ ଜଣେ ଛାତ୍ରୀ ଜବା ସାନ୍ତା ସ୍କୁଲ ପାଚେରୀ ଡେଇଁ ବାହାରକୁ ଯାଇ ବିଦ୍ୟାଳୟ ନିକଟସ୍ଥ ଏକ ଗଛରେ ଝୁଲି ପଡ଼ିଥିବା କଥା କହିଥିବା ଜଣାପଡ଼ିଛି। ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀ ନିଜ ଓଢ଼ଣୀ ସାହାଯ୍ୟରେ ଗଛରେ ଝୁଲିଥିବା ଦେଖିଥିଲେ। ଏହାପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବର ପାଇ ପରିବାର ଲୋକେ ବିଦ୍ୟାଳୟରେ ପହଞ୍ଚିବା ସହ ଉମରକୋଟ ଥାନାରେ ମଧ୍ୟ ଅଭିଯୋଗ ଦାଖଲ କରିଛନ୍ତି। ଘଟଣାର ନିରପେକ୍ଷ ଓ ସଠିକ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଛାତ୍ରୀ ଜଣଙ୍କ କିପରି ବିଦ୍ୟାଳୟ ପାଚେରି ଡେଇଁ ବାହାରକୁ ଗଲେ ଓ ଏକ ଶୁଖିଲା ଗଛରେ ଚଢ଼ି ଝୁଲିପଡ଼ିଲେ, ତାହା ସନ୍ଦେହଜନକ।

### ଏସ୍‌ସିବିରେ ଅକ୍ସିଜେନ୍ ଅଭାବରୁ ରୋଗୀ ମୃତ୍ୟୁ ମାମଲା

## ସ୍ୱାସ୍ଥ୍ୟ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ୍




**କଟକ,୨୬।୭ (ସଂଚାର ବ୍ୟୁରୋ):** ଏସ୍‌ସିବି ମେଡିକାଲ୍‌ରେ ଅକ୍ସିଜେନ୍ ନ ମିଳିବାରୁ ଜଣେ ରୋଗୀଙ୍କ ମୃତ୍ୟୁ ହେବା ଘଟଣାରେ ଜାତୀୟ ମାନବାଧିକାର କମିସନ(ଏନ୍‌ଏଚ୍‌ଆରସି) ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ନୋଟିସ୍ କରି ରିପୋର୍ଟ ତଲବ କରିଛନ୍ତି। ଏହି ଘଟଣାରେ କି କି ପଦକ୍ଷେପ ଗ୍ରହଣ କରାଯାଇଛି, ସେ ସଂକ୍ରାନ୍ତରେ ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଆଇନଜୀବୀ ତଥା ମାନବାଧିକାର କର୍ମୀ ଅନୁପ କୁମାର ପାତ୍ର ଦାଖଲ କରିଥିବା ପିଟିସନ୍‌ରେ ଦର୍ଶାଇଛନ୍ତି ଯେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ରତ୍ନମଞ୍ଜରୀ ମିଶ୍ରଙ୍କ ସ୍ୱାମୀ ରାମକୃଷ୍ଣ ମିଶ୍ର ଏସ୍‌ସିବିର ନେଫ୍ରୋଲୋଜି ବିଭାଗରେ ଆଡମିସନ୍ ହୋଇଥିଲେ। ଗତ ମାର୍ଚ୍ଚ ୨୫ ତାରିଖ ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ି ଯାଇଥିଲା। ସେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ପରିବାର ଲୋକେ ଏ ସଂକ୍ରାନ୍ତରେ ସେଠାରେ ଉପସ୍ଥିତ ଥିବା ମେଡିକାଲ କର୍ମଚାରୀଙ୍କୁ ଜଣାଇଥିଲେ। ଏକ ଅକ୍ସିଜେନ୍ ସିଲିଣ୍ଡର ନେଇ କର୍ମଚାରୀମାନେ ଆସିଥିଲେ ମଧ୍ୟ ତାହା ଖାଲି ଥିବା ଜଣାପଡ଼ିଥିଲା। ଆଉ ଏକ ସିଲିଣ୍ଡର ଆସିଲା ବେଳକୁ ରାମକୃଷ୍ଣଙ୍କ ଦେହାନ୍ତ ହୋଇଯାଇଥିଲା। ଏହି ଘଟଣାକୁ ନେଇ ମେଡିକାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆବେଦନକାରୀ ଶ୍ରୀ ପାତ୍ର ଏହି ଘଟଣାର ନିରପେକ୍ଷ ତଦନ୍ତ ଓ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପାଇଁ ପ୍ରାର୍ଥନା କରିଛନ୍ତି। କମିସନ୍ ଏହି ଅଭିଯୋଗକୁ ଗ୍ରହଣ କରି ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ୭ ଲକ୍ଷ ଅଚଳ ଇପିଏଫ୍ ଖାତାରେ ଜିରୋରୁ କମ୍ ବାଲାନ୍ସ




ନୂଆଦିଲ୍ଲୀ,୨୬।୭: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ)ରେ ୭ ଲକ୍ଷ ୧୧ ହଜାର ଅଚଳ ଖାତା ରହିଛି ଯେଉଁଥିରେ କୌଣସି କାରବାର ହେଉନାହିଁ। ଏହି ଖାତାଗୁଡ଼ିକରେ ୧୦୦୦ ଟଙ୍କାରୁ କମ୍ ବାଲାନ୍ସ ରହିଛି। ସେହି ସଦସ୍ୟମାନଙ୍କୁ ପରିଚୟ ସନ୍ଧାନ ପ୍ରକ୍ରିୟା ଜାରି ରହିଛି। ସେଥିରୁ ୧ ଲକ୍ଷ ୧୮ ହଜାର ସଦସ୍ୟଙ୍କ ପରିଚୟ ମିଳିପାରିଛି। ଅଚଳ ଖାତାର ହିତାଧିକାରୀମାନଙ୍କୁ ସେମାନଙ୍କ ଟଙ୍କା ଫେରାଇବାକୁ ନିଷ୍ପତ୍ତି ହୋଇଛି।

ସେଥିପାଇଁ ସେମାନଙ୍କୁ କୌଣସି ଆବେଦନ କରିବାକୁ ପଡ଼ିବ ନାହିଁ। ସ୍ୱୟଂକ୍ରିୟ ପ୍ରକ୍ରିୟାରେ ସେମାନଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା ହେବ। ସେନେଇ କାମ ଜାରି ରହିଛି। ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟର ସଂସ୍ଥା ସି-ଡାକ୍ ସହଯୋଗରେ କାମ ଚାଲିଛି।ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ସୂଚନା ଅନୁସାରେ ୭.୧୧ ଲକ୍ଷ ଅଚଳ ଖାତାରେ ୩୦.୫୨ କୋଟି ଟଙ୍କା ରହିଛି। ୨୦୧୪ରେ ସାର୍ବଜନୀନ ଖାତା ସଂଖ୍ୟା (ୟୁଏଏନ୍) କାର୍ଯ୍ୟକାରୀ କରାଯିବା ପରେ ଅଚଳ ଖାତାର ହିତାଧିକାରୀମାନଙ୍କୁ ଖୋଜିବା ସମ୍ଭବ ହୋଇଛି। ବିଭିନ୍ନ ବ୍ୟାଙ୍କରେ ସେମାନଙ୍କ ନାମରେ ଆଧାର ଲିଙ୍କ୍ ହୋଇଥିବା ଖାତାକୁ ଚିହ୍ନଟ କରି ସେହି ତଥ୍ୟ ସଂଗ୍ରହ କରାଯାଉଛି। ଅଚଳ ଖାତାର କିଛି ହିତାଧିକାରୀଙ୍କ ମୃତ୍ୟୁ ମଧ୍ୟ ହୋଇସାରିଛି। ଅଚଳ ଖାତାର ହିତାଧିକାରୀଙ୍କୁ ଟଙ୍କା ଫେରାଇବା ଲାଗି ପ୍ରକ୍ରିୟା ଚଳିତ ବର୍ଷ ଫେବ୍ରୁଆରିରୁ ଆରମ୍ଭ ହୋଇଥିଲା।

ଅଗଷ୍ଟ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହେବା ଆଶା କରାଯାଉଛି। ଏହା ସଫଳ ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୨୪ ଲକ୍ଷ ୭୬ ହଜାର ଅଚଳ ଖାତାର ସଦସ୍ୟଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରାଯିବ, ଯେଉଁମାନଙ୍କ ଖାତାରେ ୧୦୦୦ ଟଙ୍କାରୁ ଅଧିକ ରାଶି ରହିଛି। ମୋଟ୍ ଉପରେ ଇପିଏଫ୍ଓରେ ଥିବା ୩୧.୮୬ ଲକ୍ଷ ଖାତାରେ ୧୦,୯୦୩ କୋଟି ଟଙ୍କା ରହିଛି ଯାହାର କେହି ଦାବିଦାବର ନାହାନ୍ତି। ବିଗତ ୨୦ ବର୍ଷ ମଧ୍ୟରେ ଏହି ଖାତାଗୁଡ଼ିକ ଖୋଲାଯାଇଥିଲା।

## ଖୋଲା ବଜାରରେ ସରକାର ବିକିବେନି ଡାଲି



ନୂଆଦିଲ୍ଲୀ,୨୬।୭:ଏଲନିନୋ ପ୍ରଭାବରେ ଅମଳ କମିବା ଆଶଙ୍କା ଥିବାରୁ କେନ୍ଦ୍ର ସରକାର ଖୋଲା ବଜାରରେ ଡାଲି ବିକ୍ରି ବନ୍ଦ ରଖିବା ଉପରେ ବିଚାର କରୁଛନ୍ତି। ଦରଦାମ ସ୍ଥିତି ଉପରେ ଲଗାମ କଷିବା ପାଇଁ ସରକାର ଡାଲି ଭଣ୍ଡାର ସୃଷ୍ଟି କରିଛନ୍ତି। ନିୟମିତ ବ୍ୟବଧାନରେ ସେଥିରୁ ଡାଲି ବାହାର କରି ତାହାକୁ ଖୋଲା ବଜାରରେ ବିକ୍ରି କରାଯାଏ। ଚଳିତ ବର୍ଷ କିନ୍ତୁ ସେହି ଡାଲି ବିକ୍ରି କରିବା ପରିବର୍ତ୍ତେ ଯେକୌଣସି ପ୍ରକାର ଅପ୍ରୀତିକର ସ୍ଥିତିର ମୁକାବିଲା କରିବା ପାଇଁ ତାହାକୁ ରଖିବାକୁ ସରକାର ଚାହୁଛନ୍ତି। ଖୋଲା ବଜାର ଡାଲି ବିକ୍ରି ବନ୍ଦ ରଖିବାକୁ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୃଷି ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି। ସଂଗ୍ରହଠାରୁ ନଅ ମାସ ପର୍ଯ୍ୟନ୍ତ ଡାଲିକୁ ଭଣ୍ଡାରରେ ରଖିବାକୁ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ କହିଛି। ଆଗାମୀ ଖରିଫ ଓ ରବି ଋତୁରେ ଫସଲ ଅମଳ କିଭଳି ରହିବ ତାହାର ଏକ ସ୍ପଷ୍ଟ ଚିତ୍ର ନ ଆସିବା ପର୍ଯ୍ୟନ୍ତ ଡାଲି ବିକ୍ରି ନ କରିବାକୁ ନିବେଦନ କରାଯାଇଛି। କେନ୍ଦ୍ର ସରକାର ଚାଷୀଙ୍କଠାରୁ ସିଧାସଳଖ ଡାଲି କିଣି ଓ ମୂଲ୍ୟ ସ୍ଥିରତା ପାଣ୍ଠି ଜରିଆରେ କିଛି ଡାଲି ଆମଦାନି କରି ଭଣ୍ଡାରରେ ରଖିଛନ୍ତି। ସେହି ଭଣ୍ଡାରରେ ବର୍ତ୍ତମାନ ୪ ନିୟୁତ ଟନ ଡାଲି ରହିଛି। ଚଳିତ ବର୍ଷ ଜୁଲାଇ ୧୭ ସୁଦ୍ଧା ୬.୯୨ ନିୟୁତ ହେକ୍ଟରରେ ଡାଲି ଚାଷ ହୋଇଛି ଯାହା ପୂର୍ବବର୍ଷ ତୁଳନାରେ ୧୫ ପ୍ରତିଶତ କମ୍। କମ୍ ବର୍ଷା କାରଣରୁ ଡାଲି ଚାଷ ପ୍ରଭାବିତ ହୋଇଥିବା ଆଶଙ୍କା କରାଯାଉଛି। ସାଧାରଣତଃ ଡାଲି ଖରାପ ହୋଇଯିବା କିମ୍ବା ସେଗୁଡ଼ିକର ପରିଚାଳନା ଖର୍ଚ୍ଚ ବଢ଼ିଯିବାର ଆଶଙ୍କା ଥିବାରୁ ସଂଗ୍ରହର ୯ ମାସ ମଧରେ ସେଗୁଡ଼ିକୁ ବିକ୍ରି କରିବାକୁ ଉଦ୍ୟମ କରାଯାଏ। ଚଳିତ ବର୍ଷ କିନ୍ତୁ ସେହି ଧାରାରେ ଡାଲ ବିକ୍ରି କରାଯିବ ନାହିଁ।

## ଜୀବନ ମାନ କ୍ଷେତ୍ରରେ ଡେନ୍‌ମାର୍କ, କାନାଡାଠାରୁ ଆଗରେ ସ୍ୱିଡେନ

ନୂଆଦିଲ୍ଲୀ, ୨୬।୭: ଜୀବନ ମାନ କ୍ଷେତ୍ରରେ ଭାରତ ବହୁ ପଛରେ ରହିଛି। ଅନ୍ୟପକ୍ଷରେ, ସ୍ୱିଡେନ୍‌ରେ ଜୀବନ ମାନ ବିଶ୍ୱରେ ସର୍ବୋତ୍କୃଷ୍ଟ। ଦ ହ୍ୱାର୍ଟନ ସ୍କୁଲ୍ ପକ୍ଷରୁ ୨୦୨୬ର ସର୍ବୋତ୍ତମ ଦେଶ ସୂଚକାଙ୍କରୁ ଏହା ଜଣାପଡ଼ିଛି। ବିଶ୍ୱବ୍ୟାପୀ ଲୋକଙ୍କ ମତରେ, ସ୍ୱିଡେନ୍‌ରେ ଜୀବନ ମାନ ସବୁଠୁ ଭଲ। ପାଖାପାଖି ୩୩ଟି ଦେଶରୁ ୧୫,୦୦୦ରୁ ଅଧିକ ପ୍ରାପ୍ତ ବୟସ୍କଙ୍କ ମତାମତ ଆଧାରରେ ଏ ରିପୋର୍ଟ ପ୍ରସ୍ତୁତ ହୋଇଛି। ୮୫ ରାଷ୍ଟ୍ରକୁ ନେଇ ଲୋକଙ୍କ ମତ ଆଧାରରେ ସଂପୃକ୍ତ ଦେଶଗୁଡ଼ିକୁ ର୍‍ୟାଙ୍କ୍ ପ୍ରଦାନ କରାଯାଇଛି।

ଅର୍ଥନୈତିକ ଏବଂ ଜନସଂଖ୍ୟା ସୂଚକ ଉପରେ ନିର୍ଭର କରିବା ପରିବର୍ତ୍ତେ ସୂଚକାଙ୍କ ପ୍ରସ୍ତୁତ କରିବା ସମୟରେ ସଂପୃକ୍ତ ଦେଶଗୁଡ଼ିକୁ ଅନ୍ୟାନ୍ୟ ମାପଦଣ୍ଡ ଆଧାରରେ ର୍‍ୟାଙ୍କ ପ୍ରଦାନ କରାଯାଇଛି। ତାହା ହେଲା ସୁଲଭତା, ନିଯୁକ୍ତି ଅବସର, ପାରିବାରିକ ବନ୍ଧୁତ୍ୱଭାବ, ରାଜନୈତିକ ସ୍ଥିରତା ଏବଂ ହାରାହାରି ସୁସ୍ଥତା।

ସ୍ୱିଡେନ୍, ଡେନ୍‌ମାର୍କ ଏବଂ ସୁଇଜରଲାଣ୍ଡ ଭଳି ଉଚ୍ଚ ର୍‍ୟାଙ୍କଧାରୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ କେତେକ ବିଶେଷତ୍ୱ ସମାନ ରହିଛି। ତାହା ହେଲା ସ୍ଥିର ପ୍ରତିଷ୍ଠାନ, ଉଚ୍ଚ ବିଶ୍ୱାସ ସ୍ତର ଏବଂ ମଜଭୁତ ସାର୍ବଜନିକ ସେବା। ଏସବୁ ମାଧ୍ୟମରେ ହିଁ ରାଷ୍ଟ୍ରଗୁଡ଼ିକ 'ରହିବା ପାଇଁ ବିଶ୍ୱର ସର୍ବୋତ୍ତମ ସ୍ଥାନ'ର ମର୍ଯ୍ୟାଦା ହାସଲ କରିଛନ୍ତି।

ଉତ୍ତର ୟୁରୋପୀୟ ଦେଶଗୁଡ଼ିକ ବର୍ଷ ବର୍ଷ ଧରି 'ୱାର୍ଲଡ ହ୍ୟାପିନେସ୍ ରିପୋର୍ଟ'ରେ ମଧ୍ୟ ଶୀର୍ଷ ସ୍ଥାନରେ ରହି ଆସୁଛନ୍ତି। ସେମାନଙ୍କ ମଜଭୁତ ପ୍ରତିଷ୍ଠା ସେମାନଙ୍କୁ ବିଶ୍ୱବାସୀଙ୍କ ବିଶ୍ୱାସଭାଜନ କରିପାରିଛି। କାନାଡା ତୃତୀୟ ସ୍ଥାନରେ ରହିଛି। ଆମେରିକାରେ ଏହା ସର୍ବୋଚ୍ଚ ର୍‍ୟାଙ୍କଧାରୀ ଦେଶର ମାନ୍ୟତା ହାସଲ କରିଛି। ବିଶ୍ୱର ଶ୍ରେଷ୍ଠ ୧୦ ସ୍ଥାନ ମଧ୍ୟରେ ରହିବାରେ ଅଷ୍ଟ୍ରେଲିଆ ୟୁରୋପ ବାହାରେ ଏକମାତ୍ର ରାଷ୍ଟ୍ର ପାଲଟିଛି। ଜି-୭ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସବୁଠୁ ପଛରେ ରହିଛି ଆମେରିକା। ୪୮.୬ ସ୍କୋର ସହ ଏହା ୨୭ତମ ର୍‍ୟାଙ୍କରେ ରହିଛି। ୨୦୧୮ରୁ ଏହା ୧୦ଟି ସ୍ଥାନ ତଳକୁ ଖସିଆସିଛି। ଅର୍ଥନୈତିକ ପ୍ରଭୁତ୍ୱ ଏବଂ ଭୁ-ରାଜନୈତିକ ପତିଆରା ଥିବା ସତ୍ତ୍ୱେ ଲୋକେ ରହିବା ପାଇଁ ଆମେରିକାକୁ ସେତେ ଉତ୍କୃଷ୍ଟ ବୋଲି ବିବେଚନା କରୁନାହାନ୍ତି। ତେବେ ଭାରତର ର୍‍ୟାଙ୍କ ବହୁ ତଳେ ୪୬ତମ ସ୍ଥାନରେ ରହିଛି। ଏହାର ସ୍କୋର ହେଉଛି ମାତ୍ର ୨୦.୫।



## ଚଳିତ ସପ୍ତାହରେ ୯ଟି ଆଇପିଓ: ୧୧ ହଜାର କୋଟି ସଂଗ୍ରହ ଲକ୍ଷ୍ୟ

ନୂଆଦିଲ୍ଲୀ,୨୬।୭:ପୁଞ୍ଜି ବଜାର ମାଧମରେ ପାଣ୍ଠି ସଂଗ୍ରହ କରିବା ଲାଗି ଆସନ୍ତା ସପ୍ତାହରେ ୯ଟି କମ୍ପାନି ସେମାନଙ୍କ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜାରି କରିବେ। ମଣିପାଲ ହେଲ୍‌ଥ ଏଣ୍ଟରପ୍ରାଇଜେସ୍ ବଜାର ଜରିଆରେ ୯୨୭୫ କୋଟି ଟଙ୍କା ସଂଗ୍ରହ କରିବାକୁ ଆଇପିଓ ଆଣିବ। କମ୍ପାନିର ସେୟାର ମୂଲ୍ୟ ୫୬୦-୫୯୦ ଟଙ୍କା ମଧରେ ରହିବ। ଜୁନିପର୍ ଗ୍ରିନ୍ ଏନର୍ଜି ୧୮୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ଏମ୍‌ଭି ଇଲେକ୍ଟ୍ରୋସିଷ୍ଟମ୍‌ସର ଆଇପିଓ ମଧ ଏହି ସପ୍ତାହରେ ଖୋଲିବ।ଏସ୍ଏମ୍ଇ କ୍ଷେତ୍ରର କମ୍ପାନି ମଧରେ ଆଡ୍‌ଭାନ୍ସ ଟେକ୍ନୋଫୋର୍ଜ, ପ୍ରପ୍‌ସପ୍ ଇଭେଣ୍ଟସ ଆଣ୍ଡ୍ ଏକ୍‌ଜିଭିସନ୍, ପୂଜା ପ୍ରେସିସନ୍ ଇଞ୍ଜିନିୟରିଂ, ଏଚ୍ ଆର୍ ହାଇଜିନ୍ ପ୍ରଡକ୍ଟସ୍, ଧବଳ ପ୍ୟାକେଜିଂ ଓ ଫ୍ୟୁଜନ କ୍ଲାସ୍‌ରୁମ୍ ଏଡୁଟେକ୍ ମଧ ଆଇପିଓ ଆଣିବେ। ଚଳିତ ମାସ ୨୭ରୁ ୩୧ ତାରିଖ ମଧରେ ଏହି ଆଇପିଓ ସବ୍‌ସ୍କ୍ରିପ୍‌ସନ୍ ପାଇଁ ଖୋଲିବ। ତେଣୁ ଷ୍ଟକ୍ ବଜାର ଜରିଆରେ ନିବେଶ କରିବାକୁ ଚାହୁଥିବା ନିବେଶକମାନଙ୍କ ପାଇଁ ଆସନ୍ତା ସପ୍ତାହରେ ଆଇପିଓରେ ନିବେଶ କରିବାର ବ୍ୟାପକ ସୁଯୋଗ ମିଳିବ।

## ନୂଆ ଇଲେକ୍ଟ୍ରିକ୍ ସ୍କୁଟର ଲଞ୍ଚ କରିବ ହୋଣ୍ଡା

ନୂଆଦିଲ୍ଲୀ,୨୬।୭: ପେଟ୍ରୋଲ-ଡିଜେଲ୍ ଦର ବୃଦ୍ଧି ଏବଂ ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏବେ ଭାରତରେ ଇ-ଭେଇକିଲ୍‌ର ଚାହିଦା ବଢ଼ୁଛି । ଏହି ରେସରେ ପ୍ରତିଷ୍ଠିତ ଗାଡ଼ି ନିର୍ମାତା ହୋଣ୍ଡା ମଧ୍ୟ ପଛରେ ନାହିଁ । ହୋଣ୍ଡା କମ୍ପାନୀ ନିଜର ନୂଆ ଇଲେକ୍ଟ୍ରିକ୍ ସ୍କୁଟର 'Honda QC3' ଲଞ୍ଚ କରିବାକୁ ଯାଉଛି। ଏହି ସ୍କୁଟର ନିୟମିତ ଯାତାୟାତ (daily commute) କରୁଥିବା ଗ୍ରାହକମାନଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଡିଜାଇନ୍ କରାଯାଇଛି। QC3 ରେ ୩ କିଲୋୱାଟ୍-ଆୱାରର ଏକ ଫିକ୍ସଡ୍ ବ୍ୟାଟେରୀ ପ୍ୟାକ୍ ଦିଆଯାଇଛି।

ଥରେ ସମ୍ପୂର୍ଣ୍ଣ ଚାର୍ଜ ହେବା ପରେ ଏହି ସ୍କୁଟର ୧୫୧ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିପାରିବ। ଏହାର ବ୍ୟାଟେରୀ ୦ ରୁ ୮୦ ପ୍ରତିଶତ ଚାର୍ଜ ହେବା ପାଇଁ ମାତ୍ର ୨ ଘଣ୍ଟା ୪୦ ମିନିଟ୍ ସମୟ ନେବ। ସ୍କୁଟର ସିଟ୍ ତଳେ ୩୨ ଲିଟରର ବୁଟ୍ ସ୍ପେସ୍ (Storage) ଦିଆଯାଇଛି, ଯେଉଁଥିରେ ଚାଳକ ନିଜର ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଓ ହେଲମେଟ୍ ସହଜରେ ରଖିପାରିବେ। ଦୈନନ୍ଦିନ ବ୍ୟବହାରକୁ ସହଜ ଓ ସୁରକ୍ଷିତ କରିବା ପାଇଁ ଏଥିରେ ସ୍ମାର୍ଟ-କି ସିଷ୍ଟମ୍ ମିଳିବ।

ଏହି ସ୍କୁଟର Honda RoadSync କନେକ୍ଟିଭିଟି ସହ ଆସୁଛି। ଏଥିରେ 'ଟର୍ନ-ବାଏ-ଟର୍ନ' ନେଭିଗେସନର ସୁବିଧା ରହିଛି, ଯାହା ଗାଡ଼ି ଚଳାଇବା ସମୟରେ ରାସ୍ତା ଖୋଜିବା ପାଇଁ ସାହାଯ୍ୟ କରିବ। ହୋଣ୍ଡା ମୋଟରସାଇକେଲ୍ ଏବଂ ସ୍କୁଟର ଇଣ୍ଡିଆ କେବଳ ଏହି ଗୋଟିଏ ଇଲେକ୍ଟ୍ରିକ୍ ସ୍କୁଟର ନୁହେଁ, ବରଂ ଏହା ସହିତ ଅନ୍ୟ ୯ଟି ନୂଆ ପ୍ରଡକ୍ଟ ମଧ୍ୟ ପ୍ରଦର୍ଶିତ କରିବାକୁ ଯାଉଛି । ଏହି ତାଲିକାରେ ADV 160 ସ୍କୁଟର, ଅପଡେଟେଡ୍ CB 350 ସିରିଜ୍ ଏବଂ ଅଫ୍-ରୋଡିଂ କ୍ଷମତା ସମ୍ପନ୍ନ XR 300 ଡୁଆଲ୍-ପର୍ପଜ୍ ମୋଟରସାଇକେଲ୍ ସାମିଲ ।





## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୫୧୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୩୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୪,୩୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୬,୫୧୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୪,୩୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୬,୩୧,୫୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୪,୪୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୬,୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୪,୩୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୫୧୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୪,୩୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦାମ ହ୍ରାସ ପାଇଛି । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

# ସାର ଥାଇ ବି ଚାଷୀଙ୍କୁ ମିଳୁନି

## ଡିଲର ଓ ରିଟେଲରଙ୍କ ଶୋଷଣର ଶିକାର ଚାଷୀ

କଳାହାଣ୍ଡି,୨୬।୭ (ସଂଚାର ବ୍ୟୁରୋ): ଚାଷୀଙ୍କୁ ଉଚିତ୍ ମୂଲ୍ୟରେ ସାର ଯୋଗାଇ ଦେବା ପାଇଁ ସରକାର ପର୍ଯ୍ୟାପ୍ତ ପରିମାଣର ସାର ଯୋଗଣ ବ୍ୟବସ୍ଥା କରିଥିବା ବେଳେ ବଣ୍ଟନ ବ୍ୟବସ୍ଥାରେ ଅବ୍ୟବସ୍ଥା ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ଚାଷୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି। ସରକାର ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦରରେ ୟୁରିଆ, ଡିଏପି, ପଟାସ ସାର କିଣିବାକୁ ଚାଷୀ କିଣିବାକୁ ବାଦ୍ଧ୍ୟ ହେଉଥିବା ଅଭିଯୋଗ ରହିଛି। କମ୍ପାନୀ ଚାପରେ ରିଟେଲର ଓ ଦୋକାନୀ ମାନେ ସାର ୟୁରିଆ ବସ୍ତା ୫ଶହ, ଡିଏପି ୨ ହଜାରେ ବିକ୍ରି ଅଭିଯୋଗ ହୋଇଛି। ବାଧ୍ୟ ସହିତ ଅତିରିକ୍ତ ୧୫୦ ରୁ ୨୦୦ଟଙ୍କାର ସାମଗ୍ରୀ କିଣିବାକୁ ଚାଷୀଙ୍କ ବାଧ୍ୟ କରୁଥିବା ଅଭିଯୋଗ ଆସିଛି । ଏହା ଫଳରେ ଚାଷୀଙ୍କ ମୁଣ୍ଡ ଉପରେ ଅନାବଶ୍ୟକ ଆର୍ଥିକ ବୋଝ ପଡୁଛି ।




ଜିଲ୍ଲାରେ ପ୍ରଯ୍ୟାପ୍ତ ପରିମାଣରେ ସାର ମହଜୁତ ଥିବା ସତ୍ତ୍ୱେ ଚାଷୀ ଙ୍କୁ ଅଧିକ ମୂଲ୍ୟ ଦେଇ ସାର କିଣିବାକୁ ପଡ଼ିଥିବାରୁ ଅସନ୍ତୋଷ ବଢୁଛି । କେତେକ ଡିଲର ଓ ରିଟେଲର କହିବା ଅନୁଯାୟୀ କମ୍ପାନୀ ପକ୍ଷରୁ ଅତିରିକ୍ତ ସାମଗ୍ରୀ ନେବାକୁ ଚାପ କରୁଥିବାରୁ ସେମାନେ ବାଧ୍ୟ ହୋଇ ଚାଷୀଙ୍କୁ ଏହା ବିକ୍ରି କରୁଛନ୍ତି । ଏଥିରେ ସେମାନଙ୍କ ମଧ୍ୟ ଅସନ୍ତୋଷ ରହିଥିବା ସେମାନେ କହିଛନ୍ତି ।

ସରକାରୀ ବ୍ୟବସ୍ଥା ଅନୁଯାୟୀ, ଚଳିତ ଖରିପ ଋତୁରେ ୬୦ ପ୍ରତିଶତ ସାର ମାର୍କଫେଡ୍ ମାଧ୍ୟମରେ ସମବାୟ ସମିତି ଏବଂ ୪୦ ପ୍ରତିଶତ ସାର ଘରୋଇ ଡିଲର ଓ ରିଟେଲର ମାଧ୍ୟମରେ ବିକ୍ରି କରାଯାଉଛି। ତେବେ ସବୁ ଗାଁରେ ସମବାୟ ସଂସ୍ଥାର ସୁବିଧା ନଥିବାବେଳେ ଗାଁ ଗାଁରେ ଘରୋଇ ରିଟେଲରେ ରହିଛନ୍ତି। ଏହାର ସୁଯୋଗ ନେଇ ତଳସ୍ତରର କେତେକ ରିଟେଲର ମନମୁଖୀ ଦରରେ ସାର ବିକ୍ରୀ କରୁଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ୍ ୟୁରିଆ ସର୍ବାଧିକ ନିର୍ଦ୍ଧାରିତ ମୂଲ୍ୟ ବସ୍ତା ପିଛା ୨୬୬ ଟଙ୍କା ଥିବା ବେଳେ ଚାଷୀ ନିକଟରେ ଏହା ୪୦୦ ରୁ ୫୦୦ ଟଙ୍କାରେ ପହଞ୍ଚିଥିବା ଅଭିଯୋଗ ରହିଛି। ସେହିପରି ଡିଏପିର ନିର୍ଦ୍ଧାରିତ ମୂଲ୍ୟ ୧୩୫୦ ଟଙ୍କା ଥିବା ବେଳେ ୧୮୦୦ ଟଙ୍କାରୁ ୨୦୦୦ ଟଙ୍କା ବିକ୍ରି ପର୍ଯ୍ୟନ୍ତ ହେଉଥିବା ଅଭିଯୋଗ ହୋଇଛି। ଧାନ କିଣା ଭଳି ସାରବିକ୍ରିର ଦାୟିତ୍ୱ ମଧ୍ୟ ସମବାୟକୁ ସଂସ୍ଥା ଗୁଡିକୁ ଦିଆଯାଇଛି। ତେବେ କେତେକ ପ୍ୟାକ୍ସ ଅଧିକାରଙ୍କ ବିରୋଧରେ ସାର ବଣ୍ଟନରେ ଅନିୟମିତତା ଓ ପକ୍ଷପାତିତାର ଅଭିଯୋଗ ଉଠିଛି। ଯୋଗ୍ୟ ଚାଷୀଙ୍କୁ ଗୋଟିଏ ବସ୍ତା ସାର ପାଇବା କଷ୍ଟକର ହେଉଥିବା ବେଳେ କେତେକ ବ୍ୟକ୍ତି ଙ୍କୁ ବସ୍ତା ବସ୍ତା ସାର ମିଳୁଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି।

## ୱାଦା ସଂଗଠନର ନିଶା ବିରୋଧ ସଚେତନତା କାର୍ଯ୍ୟକ୍ରମ




ପାରାଦ୍ୱୀପ, ୨୬।୭ (ସଂଚାର ବ୍ୟୁରୋ): ରଥଯାତ୍ରାର ବାହୁଡ଼ା ଅବସରେ ପାରାଦ୍ୱୀପରେ ଯୁବପିଢ଼ିଙ୍କ ମଧ୍ୟରେ ବଢୁଥିବା ଅବୈଧ ଡ୍ରଗ୍ସ ଓ ନିଶା ସେବନକୁ ରୋକିବା ପାଇଁ ୱାଦା ସଂଗଠନ ପକ୍ଷରୁ ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ସଂଗଠନର ଉପଦେଷ୍ଟା ଆଡ଼ଭୋକେଟ ଗତିକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାହୁଡ଼ା ଯାତ୍ରାରେ ଆସିଥିବା ହଜାର ହଜାର ଭକ୍ତ ଓ ସାଧାରଣ ଜନତାଙ୍କୁ ନିଶାର କୁପ୍ରଭାବ ବିଷୟରେ ବୁଝାଯାଇଥିଲା। ପୋଷ୍ଟର, ବ୍ୟାନର ଏବଂ ଲଘୁ ନାଟିକା ମାଧ୍ୟମରେ "ନିଶା ଛାଡ଼, ଜୀବନ ବଞ୍ଚାଅ " ବାର୍ତ୍ତା ଦିଆଯାଇଥିଲା।

ଏହି ଅବସରେ ସଂଗଠନର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଯୁବକମାନଙ୍କୁ ଖେଳ, ଶିକ୍ଷା ଏବଂ ସାଂସ୍କୃତିକ କାର୍ଯ୍ୟରେ ଯୋଡି ହେବାକୁ ପରାମର୍ଶ ଦେଇଥିଲେ। ଆଡ଼ଭୋକେଟ ଶ୍ରୀ ଶତପଥୀ କହିଲେ ଯେ, "ନିଶା କେବଳ ଜଣେ ବ୍ୟକ୍ତିକୁ ନୁହେଁ, ସମଗ୍ର ପରିବାର ଏବଂ ସମାଜକୁ ନଷ୍ଟ କରିଦିଏ। ଆମକୁ ସମସ୍ତେ ମିଳିମିଶି ଏହା ବିରୋଧରେ ଯୁଦ୍ଧ କରିବାକୁ ହେବ।

କାର୍ଯ୍ୟକ୍ରମ ଶେଷରେ ଶତାଧିକ ଯୁବକ ନିଶା ନକରିବା ପାଇଁ ଶପଥ ଗ୍ରହଣ କରିଥିଲେ। ସାଧାରଣ ଲୋକମାନେ ଏହି ଉଦ୍ୟମକୁ ବହୁତ ପ୍ରଶଂସା କରିଥିଲେ। ବାହୁଡ଼ା ଯାତ୍ରା ଭଳି ବଡ଼ ଧାର୍ମିକ ଅବସରରେ ୱାଦା ସଂଗଠନର ଏହି ସଚେତନତା ଅଭିଯାନ ସମାଜ ପାଇଁ ଏକ ଆଦର୍ଶ ଓ ଉଦାହରଣ।

## ମିସ ନେକ୍ସଟ ଜେନ ଆଇକନିକ ଇଣ୍ଡିଆ-୨୦୨୬ ଟାଇଟଲ ଜିତିଲେ ଏନ. ତ୍ରିଶା

ବୋରିଗୁମ୍ମା,୨୬।୭ (ସଂଚାର ବ୍ୟୁରୋ): ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌ ଠାରେ ଜାତୀୟ ମିସ ନେକ୍ସଟ ଜେନ ଆଇକୋନିକ ମିସ ଇଣ୍ଡିଆ ୨୦୨୬ର ରୋନର୍ସ ଅପ ମୁକୁଟ ହାସଲ ସହ ଏକ୍ସଟ୍ରା ଅର୍ଡିନେରୀ ଓ ବେଷ୍ଟ ଟ୍ୟାଲେଣ୍ଟର ମାନ୍ୟତା ହାସଲ କରିଛନ୍ତି ବୋରିଗୁମ୍ମା ମାଟିର ସୁନାଝିଅ ଏନ. ତ୍ରିଶା ତନ୍ୟା।

କୋରାପୁଟ ଜିଲ୍ଲା ବୋରିଗୁମ୍ମା ସହରର ଓଡିଶା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ତଥା ଆଦର୍ଶ ଶିକ୍ଷକ ପିତା ଏନ. ରାଜେଶ କୁମାର ଓ ମାତା ଜି. ଗାୟତ୍ରୀଙ୍କ ଝିଅ ତ୍ରିଶା ତନ୍ୟା। ପିଲାଟିବେଳୁ ଇଂରାଜୀ ଭାଷାରେ ଏକାଧାରରେ ଲେଖିକା ଏବଂ ଇଂରାଜୀ ଭାଷା ପ୍ରତି ରୁଚିରଖିଥିବା ତ୍ରିଶା ଇଂରାଜୀରେ ବହୁ ପୁସ୍ତିକା ରଚନା କରିଥିବା ବେଳେ ବୋରିଗୁମ୍ମା ପିଜେଣ୍ଟ ଓ ମୋଡେଲିଂ କ୍ଷେତ୍ରରେ ପାଦ ଥାପି ଗର୍ବ ଅନୁଭବ କରିଥାନ୍ତି।ତେବେ ଚଳିତ ମିସ ନେକଷ୍ଟ ଜେନ ଆଇକୋନିକ ଇଣ୍ଡିଆ -୨୬ରେ ନୃତ୍ୟ, ଚାଲି ପ୍ରତିଭା ପ୍ରଶ୍ନଉତ୍ତର ଓ ଜାତୀୟ ପୋଷାକ ପରିଧାନରେ ପ୍ରଭାବଶାଳୀ ପ୍ରଦର୍ଶନ କରି ବିଚାରକ ଟେଲି ତାରକା ଅଭିନେତ୍ରୀ ତେଜସ୍ୱୀ ପ୍ରକାଶ ଏବଂ ସିନେ ପ୍ରଯୋଜିକା ଏକତା କପୁର ଙ୍କ ପ୍ରଥମ ପସନ୍ଦ ହୋଇପାରିଛନ୍ତି। ତେବେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅନନ୍ୟଭକ୍ତ ଏନ.



ତ୍ରିଶା ଭାରତର ଅନ୍ୟ ୨୪ ଜଣ ଫାଇନାଲିଷ୍ଟ ପ୍ରତିଯୋଗୀ ମାନଙ୍କ ତୁଳନାରେ ଚମତ୍କାର ପ୍ରଦର୍ଶନକରି ସର୍ବାଗ୍ରେ ରହିଥିବାବେଳେ ଫାଇନାଲରେ ବିଜୟୀହୋଇ ବିଜୟମୁକୁଟ ପିନ୍ଧି ରାଜ୍ୟ,ଜିଲ୍ଲା ଏବଂ ଜନ୍ମମାଟି ବୋରିଗୁମ୍ମା ସହର ପାଇଁ ଗୌରବ ଅର୍ଜନ କରିପାରିଛନ୍ତି। ହଜାରହଜାର ଓଡ଼ିଶାବାସୀ ଏବଂ ବୋରିଗୁମ୍ମା ବାସି ଶୁଭେଚ୍ଛା ଜଣାଇଛନ୍ତି।

## ଅବ୍ୟବସ୍ଥା ଘେରରେ ପାଦେରିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଫୁଲବାଣୀ,୨୬।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ତଳଦଣ୍ଡିକିଆ ପଞ୍ଚାୟତ ଅଧୀନରେ ଥିବା ପାଦେରିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ଏବେ ଘୋର ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ତେବେ ବିଦ୍ୟାଳୟଟି ଅଂଚଳର ଏକ ସର୍ବ ପୁରାତନ ବିଦ୍ୟାଳୟ ହୋଇଥିବା ବେଳେ ଏହି ବିଦ୍ୟାଳୟ ରେ ଏବେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ଯାଏ ଚାଲିଥିବା ବେଳେ ବିଦ୍ୟାଳୟ ମଧ୍ୟରେ ଏକ ଚାଳିଶ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଓ ବାହାରୁ ଆସୁଛନ୍ତି। ୧୨୩ ପିଲା ହଷ୍ଟେଲରେ ରହୁଛନ୍ତି। ଛାତ୍ର ଚାଳିଶି ମଧ୍ୟ ଚାଲିଛି ତେବେ ସମୁଦାୟ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ଯାଏ ୧୬୩ ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ତେବେ ବିଦ୍ୟାଳୟ ରେ ଥିବା ଶ୍ରେଣୀ କୋଠରୀ ଗୁଡିକର ଆଜବେଷ୍ଟ ସବୁ ଭାଙ୍ଗି ଯାଇଥିବା ବେଳେ ସେହି ଭଙ୍ଗା ଆଜବେଷ୍ଟ ତଳେ ଛାତ୍ରଛାତ୍ରୀ ବିପଦ ସଂକୁଳ ଅବସ୍ଥାରେ ପାଠ ପଢୁଛନ୍ତି।



ଅନ୍ୟପଟେ ଛାତ୍ର ମାନେ ରହୁଥିବା ହଷ୍ଟେଲ ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡିଥିବା ବେଳେ ସ୍କୁଲ ଚାରି ପଟେ ପାଚେରୀ ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ଯାହାଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସଦା ସର୍ବଦା ବିପଦ ଲାଗି ରହିଛି। ବିଶେଷ କରି ବିଦ୍ୟାଳୟଟି ଏକ ଖାଲୁଆ ଜାଗାରେ ରହିଥିବାରୁ ରାସ୍ତାରେ ଯାଉଥିବ ବର୍ଷାପାଣି ବିଦ୍ୟାଳୟ ଭିତରକୁ ପସିଯାଉଛି। ଯାହାଫଳରେ ବିଦ୍ୟାଳୟ ପରିବେଶଟି ସାନ୍ତସନ୍ତିଆ ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେବେ ବିଦ୍ୟାଳୟର ଉନ୍ନତି ପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାରାୟଣ ପ୍ରଧାନ ବାରମ୍ବାର ଲେଖି ଜଣାଇ ଥିଲେ ବି ସଫଳ ମିଳିପାରି ନାହିଁ। ଗୋଟିଏ ନଳ କୂପ ଅଛି କିନ୍ତୁ ପାଣି ଦୂଷିତ ପାଣି ବାହାରୁଚି ଓ କୂଅ ଅଛି ଖରା ଦିନ ପାଣି ଶୁଖି ଯାଉଛି ଓ ସେହି ପରି ଛାତରୁ ପାଣି ଗଳୁଛି। ବର୍ଷା ଦିନ ବହୁତ୍ ଅସୁବିଧା ହେଉଛି ପାଠ ପଢିବାକୁ।

ଅଭିଭାବକ ଓ ଗ୍ରାମବାସୀ ବାରମ୍ବାର ପ୍ରଶାସନ ପାଖରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଦ୍ୟାଳୟର ଉନ୍ନତି କିମ୍ବା ଶ୍ରେଣୀ କୋଠରୀଗୁଡ଼ିକର ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲଙ୍କୁ ପଚାରିବାରୁ ଘର ଓ ପାଣି ସମସ୍ୟାର ସମାଧାନ ଖୁବ୍ ଶୀଘ୍ର କରାଯିବ ବୋଲି କହିଛନ୍ତି।

## ‘ନିଟ୍’ପରୀକ୍ଷାରେ ସୁପ୍ରତୀକଙ୍କ ସଫଳତା



କୋରେଇ,୨୬।୭ (ସଂଚାର ବ୍ୟୁରୋ): ଚଳିତ ବର୍ଷ ସର୍ବଭାରତୀୟ ଡାକ୍ତରୀ ଶିକ୍ଷା ନିମନ୍ତେ ଅନୁଷ୍ଠିତ ପ୍ରବେଶିକା(ନିଟ୍) ପରୀକ୍ଷାରେ ଧାମନଗର ଖଡ଼ିପଦା କାଞ୍ଜିଆ ପାଳ ଗ୍ରାମର ସୁପ୍ରତୀକ ସାହୁ ସଫଳତା ହାସଲ କରିଛନ୍ତି । ସେ କୋରାଇ ବ୍ଲକ ଅନ୍ତର୍ଗତ ତଣ୍ଡରା ସ୍ଥିତ ପ୍ରୟାସ କଲେଜରେ +୨ ବିଜ୍ଞାନରେ ପାସ କରିବା ପରେ ସେଠାରେ ନିଟ କୋଚିଙ୍ଗ ନେଉଥିଲେ । ନିଟ ପରୀକ୍ଷାରେ ମୋଟ ୭୨୦ରୁ ୬୨୦ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୪୯୮୮ ର୍ୟାଙ୍କରେ ରହିଛନ୍ତି। ସେ ଡକ୍ଟର ହୋଇ ରୋଗୀ ସେବା କରିବେ ବୋଲି ସୂଚନା ଦେଇଛନ୍ତି। Sssସୁପ୍ରତୀକ କାଞ୍ଜିଆ ପାଳ ଗ୍ରାମର ଲକ୍ଷ୍ମୀଧର ସାହୁ ଓ ସୁଷମା ମଞ୍ଜରୀ ସାହୁଙ୍କ ଏକମାତ୍ର ପୁଅ ଅଟନ୍ତି । ବାପା ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ମାଆ ଗୃହିଣୀ ଓ ବଡ ଝିଅ ରୋଜାଲିନ ଫିଜିଓଥୋରାପି ଡକ୍ଟର ହୋଇଥିବା ବେଳେ ସାନ ଝିଅ ରୂପାଲି +୨ ପାଠ ଅଧ୍ୟୟନ କରୁଛନ୍ତି। ସଫଳତାର ଶ୍ରେୟ ତାଙ୍କ ଜେଜେ ଶୁକଦେବ ସାହୁ ଓ ୱାପା-ମାଆ, ସମେତ ପ୍ରୟାସର ଚେୟାର ମ୍ୟାନ ନିହାର ରଞ୍ଜନ ଦାସ ସହ ଅଧ୍ୟାପକ/ଅଧ୍ୟାପିକ ପ୍ରମୁଖ ଗାଇଡ ମାନଙ୍କ ପରାମର୍ଶ ଶିକ୍ଷାଦାନ ଯୋଗୁ ଏ ସଫଳତା ମିଳିପାରିଛି ବୋଲି ସୁପ୍ରତୀକ କହିଛନ୍ତି । ଏହି ସଫଳତା ପାଇଁ ଗ୍ରାମବାସୀ, ବନ୍ଧୁ ବାନ୍ଧବ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାର ଉତରୋତର ଉନ୍ନତି କାମନା କରିଛନ୍ତି ।

## ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ତାଲିକାରେ ଶିକ୍ଷକ ସଂଘ ଅସନ୍ତୋଷ

ସୁନ୍ଦରଗଡ,୨୬।୭ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ଅଧିକାରୀଙ୍କ ପତ୍ର ସଂଖ୍ୟା ୮୭୯୬ ତା ୨୧/୦୭/୨୦୨୬ ରିଖ ଅନୁସାରେ ପ୍ରାଥମିକ ଶିକ୍ଷକଙ୍କ ଅସ୍ଥାୟୀ (ପ୍ରୋଭିଜିନାଲ) ପଦୋନ୍ନତି ତାଲିକା ପ୍ରକାଶ କରିବା ସହିତ ତା ଉପରେ ଆପତ୍ତି ଅଭିଯୋଗ ଆହ୍ୱାନ କରିଛି । ଏହି ତାଲିକାରେ ଓଡିଶା ପ୍ରାଥମିକ ଶିକ୍ଷା ଅଧିନିୟମ ୨୦୧୯ର ଉଲଘଂନ ହୋଇଥିବା ଅଭିଯୋଗ କରିଛି ଶିକ୍ଷକ ସଂଘ।

ସଦ୍ୟ ପ୍ରକାଶିତ ତାଲିକାରେ ଓଡ଼ିଶା ଶିକ୍ଷକ ଯୋଗ୍ୟତା (ଓଟିଇଟି )ରେ କୃତକାର୍ଯ୍ୟ ତାରିଖ ଆଧାରରେ ବରିଷ୍ଠ ମାନ୍ୟତା ଦେଇ ତାଲିକାର ଶୀର୍ଷରେ ରଖାଯାଇଛି, ଯାହାକି ବହୁ ଦିନ ଧରି ପଦୋନ୍ନତି ଅପେକ୍ଷାରେ ଥିବା ବରିଷ୍ଠ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଏପରିକି ଓଟିଇଟି ପରୀକ୍ଷାରେ କୃତ କାର୍ଯ୍ୟ ହୋଇ ନ ଥିବା ଶିକ୍ଷକ ମାନଙ୍କ ପାଇଁ ମଧ୍ୟ ପଦ ସଂରକ୍ଷିତ ରଖିବା ପାଇଁ ଯୋଜନା କରିଛି ଶିକ୍ଷା ବିଭାଗ । ପରବର୍ତ୍ତୀ ସମୟରେ ଯୋଗ୍ୟତା ପରୀକ୍ଷାରେ କୃତ କାର୍ଯ୍ୟହେବା ପରେ ସେମାନଙ୍କୁ ପଦୋନ୍ନତି ଦିଆଯିବ। ଯାହାକି ବହୁଦିନରୁ କାମ କରିଥିବା ଓ ବରିଷ୍ଠ ଶିକ୍ଷକ ମାନଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି କରିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଓଡିଶା ପ୍ରାଥମିକ ଶିକ୍ଷା ଅଧିନିୟମ -୨୦୧୯ ଅନୁସାରେ ପ୍ରଥମ ନିଯୁକ୍ତି ଭିତ୍ତିରେ ବରିଷ୍ଠ ମାନ୍ୟତା ଦେଇ ପଦୋନ୍ନତି ଦେବା ନିୟମ ରହିଛି । ଏପରିକି ଏହି ନିୟମ ଅନୁସାରେ ୨୦୨୦ ରୁ ୨୦୨୨ ମଧ୍ୟରେ ପଦୋନ୍ନତି ଦିଆଯାଇଥିଲା । କିଛି ମାସ ଆଗରୁ ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରଥମ ନିଯୁକ୍ତି ଭିତ୍ତିରେ ଶିକ୍ଷକଙ୍କୁ ବରିଷ୍ଠତା ମାନ୍ୟତା ଦେଇ ପଦୋନ୍ନତି ଦିଆଯାଇଛି, ହେଲେ ସୁନ୍ଦରଗଡ଼ ଜିଲ୍ଲାରେ ଏହି ନିୟମକୁ ଉଲଂଘନ କରାଯାଇ ପ୍ରୋଭିଜିନାଲ ପଦୋନ୍ନତି ତାଲିକା ପ୍ରସ୍ତୁତି କରାଯାଇଛି । ଏହାକୁ ଶିକ୍ଷକ ସଂଘ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି ।

ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହାଙ୍କୁ ପଚାରିବାରୁ କହିଥିଲେ ପ୍ରୋଭିଜିନାଲ ତାଲିକା ପ୍ରସ୍ତୁତ କରାଯାଇଛି ହେଲେ ଏହା ଚୂଡ଼ାନ୍ତ ନୁହେଁ, ଯାହାର ଆପତ୍ତି ଅଭିଯୋଗ ଅଛି ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଧ୍ୟମରେ ଆସିବା ପରେ ତା ଉପରେ ବିଚାର କରି ଚୂଡ଼ାନ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

## ସ୍ୱାଧୀନତାର ୭୯ ବର୍ଷ ପରେ ବି ଗାଁ’କୁ ନାହିଁ ରାସ୍ତା

### ଖଟିଆରେ ବୁହା ହେଲେ ରୋଗୀ

ବାଲିକୁଦା,୨୬।୭ (ସଂଚାର ବ୍ୟୁରୋ): ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଗ୍ରାମାଞ୍ଚଳରେ ମୌଳିକ ସୁବିଧାର ଅଭାବ କିପରି ଲୋକଙ୍କ ଜୀବନକୁ ବିପନ୍ନ କରୁଛି, ତାହାର ଆଉ ଏକ ହୃଦୟବିଦାରକ ଚିତ୍ର ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଓଷକଣା ପଞ୍ଚାୟତ ଅଧୀନ ଅଣେଇଙ୍ଗ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ୬୫ ବର୍ଷୀୟା ପ୍ରମିଳା ମହାରଣା ଜ୍ୱରରେ ପୀଡ଼ିତ ହୋଇ ଅସୁସ୍ଥ ହେବା ପରେ ୧୦୮ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। କିନ୍ତୁ ଗ୍ରାମକୁ ଯିବା ପାଇଁ ଉପଯୁକ୍ତ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଘର ନିକଟକୁ ପହଞ୍ଚି ପାରିନଥିଲା। ଫଳରେ ଗ୍ରାମବାସୀମାନେ ରୋଗୀଙ୍କୁ ପ୍ରାୟ ୫୦୦ ମିଟର ଦୂର ଖଟିଆରେ ବୋହି କାଦୁଅ ଓ ପାଣିଭରା ରାସ୍ତା ଦେଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଯିବାକୁ ବାଧ୍ୟ ହୋଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ୨୦୧୫-୧୬ ମସିହାରେ ଏହି ଗ୍ରାମ ‘ଆଦର୍ଶ ଗ୍ରାମ’ ଭାବେ ଚୟନ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମୌଳିକ ଯୋଗାଯୋଗ ବ୍ୟବସ୍ଥାର ବିକାଶ ହୋଇନାହିଁ। ରାସ୍ତା ନଥିବା ସହ ଅନ୍ୟାନ୍ୟ ମୌଳିକ ସମସ୍ୟା ମଧ୍ୟ ଅଞ୍ଚଳବାସୀଙ୍କୁ ଦୀର୍ଘଦିନ ଧରି ଭୋଗାନ୍ତିରେ ପକାଇ ଆସୁଛି। ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା କାଗଜପତ୍ରରେ ସୀମିତ ରହିଥିବା ବେଳେ ତାହାର ସୁଫଳ ଏହି ଗ୍ରାମରେ ପହଞ୍ଚି ପାରିନଥିବା ଅଭିଯୋଗ ହେଉଛି।



ଏନେଇ ସ୍ଥାନୀୟ ସରପଞ୍ଚ ତରୁଣ କୁମାର ମହାନ୍ତି କହିଛନ୍ତି ଯେ, ଗ୍ରାମକୁ ସଂଯୋଗ କରିବା ପାଇଁ ଏକ କଲଭର୍ଟ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏହାସହ ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ମଧ୍ୟ ଦିଆଯାଇଥିଲା। କିନ୍ତୁ ପ୍ରସ୍ତାବିତ ରାସ୍ତାର କିଛି ଅଂଶ ବ୍ୟକ୍ତିଗତ ଜମି ଉପରେ ଥିବାରୁ ଆର୍‌ଆଇ ପକ୍ଷରୁ ପ୍ରକଳ୍ପଟି ଖାରଜ କରାଯାଇଛି। ଜମି ମାଲିକମାନେ ସତ୍ୟପାଠ ଦାଖଲ କଲେ ରାସ୍ତା ନିର୍ମାଣରେ ଆଉ କୌଣସି ବାଧା ରହିବ ନାହିଁ ବୋଲି ସେ କହିଛନ୍ତି।

ଏହି ଘଟଣା ପୁଣିଥରେ ଗ୍ରାମାଞ୍ଚଳର ଦୟନୀୟ ଭିତ୍ତିଭୂମି ଓ ବିକାଶ କାର୍ଯ୍ୟର ବାସ୍ତବ ଚିତ୍ରକୁ ସାମ୍ନାକୁ ଆଣିଛି। ଲୋକଙ୍କ ଜୀବନ ସହ ଜଡ଼ିତ ଏଭଳି ମୌଳିକ ସମସ୍ୟାର ଶୀଘ୍ର ସମାଧାନ ପାଇଁ ସ୍ଥାନୀୟ ଅଞ୍ଚଳ ର ସଞ୍ଜୟ ସ୍ୱାଇଁ, ବୈଷ୍ଣବ ବିଶ୍ୱାଳ ପ୍ରମୁଖ ସରକାର ଏବଂ ସ୍ଥାନୀୟ ପ୍ରଶାସନର ତତ୍କାଳ ହସ୍ତକ୍ଷେପ ଦାବି କରିଛନ୍ତି।

### ଅଭିଯୋଗ ଶୁଣିଲେ ନାହିଁ ପ୍ରଶାସନ

## ମାଟି କାଦୁଅ ରାସ୍ତାରେ ରୋଇଲେ ଧାନ ତଳି

ଫୁଲବାଣୀ,୨୬।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ର ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ର କପୂଗୁଡ଼ା ଗ୍ରାମ ବାସୀ ଅଭିନବ ପ୍ରତିବାଦ କାଦୁଅ ରାସ୍ତା ରେ ଲଗାଇଲେ ଧାନ ତଳି । ସରକାର ଗାଁକୁ ରାସ୍ତା ନିର୍ମାଣ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରୁଛି । ସରକାର ଅର୍ଥ ଠିକ୍ ସ୍ଥାନରେ ଖର୍ଚ୍ଚ ନ ହେବାରୁ ଗ୍ରାମାଞ୍ଚଳରେ ବସବାସ କରୁଥିବା କିଛି ଜନସାଧାରଣ ନାନା ପ୍ରକାର ଅସୁବିଧାର ଭୋଗୁଛନ୍ତି । ଅଞ୍ଚଳବାସୀ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ ପରେ ନିରାଶ ହେବା ପରେ ଶେଷରେ କାଦୁଅ ରାସ୍ତାରେ ଧାନ ତଳି ରପୋଣ କରି ସରକାରଙ୍କୁ ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି ।



ଗାଁକୁ ନିର୍ମାଣ ହୋଇଥିବା ମାଟି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଛାତ୍ର ଛାତ୍ରୀ ବିଦ୍ୟାଳୟ ଯିବା ଖରା ବର୍ଷା ଏହି ଖାଲଖମା ରାସ୍ତା ଉପରେ ଯାତାୟାତ କରୁଛନ୍ତି । ଏହି ରାସ୍ତାଟି ମଗଡ଼ିଙ୍ଗିଆ ସ୍କୁଲ ଛକ ଠାରୁ କପୂଗୁଡ଼ା, ମାହାଗୁଡ଼ା, ଅଲିକୁଟି, କେହେଲିଗାଣ୍ଡା, ଦେଇ ଉପର କଙ୍ଗେରିକିଆ ଗ୍ରାମକୁ ୩ କିଲୋମିଟର ପଥର ଓ ମାଟି ରାସ୍ତା ଉପରେ ସାତ ଶହରୁ ଉର୍ଦ୍ଧ୍ୱ ଜନସାଧାରଣ ଏହି ମାଟି ରାସ୍ତା ଉପରେ ନିର୍ଭର କରନ୍ତି । ରାସ୍ତା ଟି ଖାଲଖମା ପୂର୍ଣ୍ଣ ହୋଇଥିବା ବେଳେ ବର୍ଷା ଦିନେ ରାସ୍ତା କାଦୁଅ ରେ ଭାସୁଛି। ଗୁରୁତର ରୋଗୀ କିମ୍ବା ଜରୁରୀକାଳୀନ ସେବା ପାଇଁ ରାସ୍ତା କାଦୁଅ ପଚପଚ ଯୋଗୁଁ ଗ୍ରାମକୁ ଆସି ପାରୁନଥିବା କହିଛନ୍ତି ଅଞ୍ଚଳବାସୀ ।

ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅନୁରୋଧ ପରେ ପ୍ରଶାସନ ନ ଶୁଣି ଶେଷରେ ଆଜି ଗ୍ରାମର ପୁରୁଷ ମହିଳା ଏକାଠି ହୋଇ ଅତ୍ୟଧିକ କାଦୁଅ ପଚପଚ ରାସ୍ତା ଉପରେ ଧାନ ତଳି ରୋଇ ପ୍ରତିବାଦ ଜଣେଇ ଥିଲେ । ପ୍ରଶାସନ ଗ୍ରାମ ବାସୀ ଙ୍କ ସମସ୍ୟା ହୃଦବୋଧ କରି ଯଥା ଶିଘ୍ର ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା ରେ ସାମିଲ କରିବା ସହ ନୂତନ ରାସ୍ତା ନିର୍ମାଣ ପାଇଁ ନିରାକାର ପ୍ରଧାନ, ବିଜୟ ଚନ୍ଦ୍ର ପ୍ରଧାନ,ଶିଖ ଚନ୍ଦ୍ର ପ୍ରଧାନ, ସୁରଥ ବଗର୍ତ୍ତୀ, ଭିମରାଜ ମଲିକ, ଯୁବରାଜ ମଲିକ, ଗୌରଚନ୍ଦ୍ର ବିନ୍ଧାଣି, ଶୁବର୍ଣ୍ଣ ବେହେରା, ପବିତ୍ର ବେହେରା, ଭମରାଜ ପ୍ରଧାନ, ଗୋପବନ୍ଧୁ ଦିଗାଲ ଦାବି କରିଛନ୍ତି ।

## ସୁନ୍ଦରଗଡ଼ ନର୍ସିଂ କଲେଜ, ଭେଡ଼ାବାହାଲ ତରଫରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




ସୁନ୍ଦରଗଡ଼,୨୬।୭ (ସଂଚାର ବ୍ୟୁରୋ): ଆଶା ଗ୍ରୁପ ଅନୁଷ୍ଠାନ ଅଧୀନସ୍ଥ ସୁନ୍ଦରଗଡ଼ ନର୍ସିଂ କଲେଜ, ଭେଡ଼ାବାହାଲ ପକ୍ଷରୁ ବିଭିନ୍ନ ପ୍ରତିଷ୍ଠିତ ହସ୍ପିଟାଲରେ କ୍ୟାମ୍ପସ ପ୍ଲେସମେଣ୍ଟ ମାଧ୍ୟମରେ ଚୟନିତ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକ ମାନଙ୍କୁ ମାଦ୍ରୀକାଲୋ ଭବନ ପରିସରରେ ସମ୍ବର୍ଦ୍ଧିତ କରିବା ପାଇଁ ଏକ ଭବ୍ୟ ସମାରୋହର ଆୟୋଜନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ରେ ସୁନ୍ଦରଗଡ଼ ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଶା ଗ୍ରୁପ ଅନୁଷ୍ଠାନର ନିର୍ଦ୍ଦେଶକ ରୂପେଶ ପଟେଲ, ନିର୍ଦ୍ଦେଶକ ସୁମନ ରଞ୍ଜନ ପଟେଲ, ସୁନ୍ଦରଗଡ଼ ନର୍ସିଂ କଲେଜର ଅଧ୍ୟକ୍ଷା ସୁନିମା ପଟେଲ, ଆଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ । ନର୍ସିଂ ଛାତ୍ରୀ ମାନଙ୍କୁ କ୍ରିଷ୍ଣା ବିକାଶ ହସ୍ପିଟାଲ, ପାରସ ହସ୍ପିଟାଲ ଗ୍ରୁପ, ସଂଜୀବନୀ ହସ୍ପିଟାଲ, ଲୋକେଶ ହସ୍ପିଟାଲ, ମେଡ ଟେଲ ହେଲଥ କେୟାର, ପରିମଳ ଫାଉଣ୍ଡେସନ ଏବଂ ସୁନ୍ଦରଗଡ଼ ଡେଣ୍ଟାଲ କ୍ଲିନିକ ଭଳି ପ୍ରତିଷ୍ଠିତ ଅନୁଷ୍ଠାନରେ ପ୍ଲେସମେଣ୍ଟରେ ଚୟନିତ ଛାତ୍ରଛାତ୍ରୀଙ୍କ ସହ ସେମାନଙ୍କର ଅଭିଭାବକଙ୍କୁ ଅତିଥିମାନଙ୍କ କରକମଳରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ନିଜ ଅଭିଭାଷଣରେ ଚୟନିତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କୁ ସେବା, ସମର୍ପଣ ଓ ମାନବିକତାର ଆଦର୍ଶକୁ ଆଗେଇ ନେବାକୁ ଆହ୍ୱାନ କରିଥିଲେ।

## ରୋଟାରୀ କ୍ଲବ ପକ୍ଷରୁ ଚାରାରୋପଣ



ଫୁଲବାଣୀ,୨୬।୭ (ସଂଚାର ବ୍ୟୁରୋ): ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ଶନିବାର ପବିତ୍ର ସୁନା ବେଶ ଅବସର ରେ ବନ ବିଭାଗ ସହାୟତାରେ ସ୍ଥାନୀୟ ନଗର ବନ ଉଦ୍ୟାନ ପରିସର ରେ ଏକ ମେଗା ବୃକ୍ଷ ରୋପଣକାର୍ଯ୍ୟ କ୍ରମ ସହ ବିଶ୍ୱ ପରିବେଶ ସଂରକ୍ଷଣ ଦିବସ ପାଳିତ ହୋଇଥିଲା ।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡ଼ା ସନ୍ତୋଷ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଏସ ପି ଦିଲ୍ଲୀପ ସାହାଣୀ, ରେଞ୍ଜ ଅଫିସର ଆଶଲତା ଦିଗାଲ, ଫରେଷ୍ଟର ସରୋଜ ମିଶ୍ର ପ୍ରମୁଖ ଯୋଗ ଦେଇ ପରିବେଶ ସୁରକ୍ଷା ଓ ପ୍ରଦୂଷଣ ରୁ ମୁକ୍ତ ପାଇଁ ବୃକ୍ଷ ରୋପଣ ଜରୁରୀ ବୋଲି କହିଥିଲେ । ରୋଟାରୀ କ୍ଲବ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ସଚେତନତା କରିବା ସହ ବୃକ୍ଷ ରୋପଣ କାର୍ଯ୍ୟକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଜଗନ୍ନାଥ ରଥ କାଠ ଉଦ୍ଦେଶ୍ୟ ରେ ଫାଶୀ ଗଛ ଓ ଫଳ ଚାରା ରୋପଣ କରାଯାଇଥିଲା ।

## ପେ-ଲେଭଲ୍ ବୃଦ୍ଧି ଓ କ୍ୟାଡ଼ର ପୁନର୍ଗଠନ ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର

ଫୁଲବାଣୀ,୨୬।୭ (ସଂଚାର ବ୍ୟୁରୋ): ଅଲ ଓଡ଼ିଶା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପରିଷଦ (ଏଓବିଏସଏସଓଏ) ପକ୍ଷରୁ ମଙ୍ଗଳବାର କନ୍ଧମାଳ ଜିଲାପାଳ ବେଦ ଭୂଷଣ ଙ୍କୁ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟ କାର୍ଯ୍ୟଳୟ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟ ରଞ୍ଜନ ସାହୁ ଙ୍କ ନେତୃତ୍ୱରେ ସଂଘର ପ୍ରତିନିଧି ଦଳ ମିଳିତରେ ଜିଲାପାଳଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ସାମାଜିକ ସୁରକ୍ଷା ବିଭାଗ ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗର କାର୍ଯ୍ୟ କରୁଥିଲେ ମଧ୍ୟ କର୍ମଚାରୀଙ୍କ ପେ-ଲେଭଲ୍ ବୃଦ୍ଧି କରାଯାଉ ନାହିଁ, ଯାହାଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଦାବିପତ୍ରରେ ତତ୍କାଳୀନ ସରକାର ୨୦୨୩ ମସିହାରେ ପତ୍ର ନଂ ୧୦୧୩୮/ଏସ୍ଏସ୍ ଇପିଡିରେ କାର୍ଯ୍ୟକାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ ତାକୁ ଲାଗୁ କରାଯିବା ପାଇଁ ପୁନର୍ବାର ମହାସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଥିବା ସଙ୍ଘ ପ୍ରକାଶ କରିଛି।



ଜିଲ୍ଲାପାଳ ବେଦ ଭୂଷଣ କର୍ମଚାରୀଙ୍କ ଦାବିପତ୍ରକୁ ସହାନୁଭୂତିର ସହ ଶୁଣିବା ସଙ୍ଗେ ସଙ୍ଗେ ଏହି ୮ ଦଫା ଦାବିପତ୍ରକୁ ରାଜ୍ୟ ସରକାରଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ଶୀଘ୍ର ପଠାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସରକାରୀ ସ୍ତରରେ ଏହି ସମସ୍ୟାର ସମାଧାନ ପାଇଁ ଉଚିତ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିନିଧି ଦଳକୁ ଆଶ୍ୱାସନା ଦେଇଛନ୍ତି।

## ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତରଣକୁ ନେଇ ଅସନ୍ତୋଷ

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି,୨୬।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଇନ୍ଦ୍ରାବତୀ ପ୍ରକଳ୍ପ ଅଞ୍ଚଳ ପାଇଁ ଆଉ ଏକ ନିରାଶାଜନକ ଖବର ସାମ୍ନାକୁ ଆସିଛି। ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ପତ୍ର ସଂଖ୍ୟା ୨୨୨୩୬, ତାରିଖ ୨୪/୦୭/୨୦୨୬ ଅନୁଯାୟୀ, ଇନ୍ଦ୍ରାବତୀରେ ଥିବା ଅତିରିକ୍ତ ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟକୁ କଳାହାଣ୍ଡି ଜିଲ୍ଲାର ନର୍ଲା ସ୍ଥିତ ପ୍ରକଳ୍ପକୁ ସ୍ଥାନାନ୍ତର କରାଯାଇ ସେଠାରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ କାର୍ଯ୍ୟାଳୟ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ପୂର୍ବରୁ ଇନ୍ଦ୍ରାବତୀରେ ଥିବା ମୁଖ୍ୟଯନ୍ତ୍ରୀ ତଥା ବେସିନ ମ୍ୟାନେଜର କାର୍ଯ୍ୟାଳୟକୁ ବାରିନିପୁଟକୁ ସ୍ଥାନାନ୍ତର କରାଯାଇଥିଲା। ଏହା ପରେ କେବଳ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରଶାସନିକ କ୍ଷମତା ସହ କାର୍ଯ୍ୟ କରୁଥିଲା।



ତେବେ ବର୍ତ୍ତମାନ ସେହି କାର୍ଯ୍ୟାଳୟ ମଧ୍ୟ ସ୍ଥାନାନ୍ତର ହେବା ନିଷ୍ପତ୍ତି ସ୍ଥାନୀୟ ଲୋକଙ୍କ ଆଶା ଓ ଭରସାକୁ ବଡ଼ ଝଟକା ଦେଇଛି। ସ୍ଥାନୀୟ ବାସିନ୍ଦାମାନେ ଓ ବିଭିନ୍ନ ସଂଗଠନ ପକ୍ଷରୁ ବିଧାୟକ ଗୌରୀଶଙ୍କର ମାଝୀଙ୍କୁ କାର୍ଯ୍ୟାଳୟ ସ୍ଥାନାନ୍ତର ନ କରିବା ପାଇଁ ଅନୁରୋଧ କରାଯାଇଥିଲେ ମଧ୍ୟ ସରକାର ଏହି ନିଷ୍ପତ୍ତିରେ ପରିବର୍ତ୍ତନ ଆଣିନଥିବା ଜଣାପଡ଼ିଛି। ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଉଠିଯିବା ପରେ ପ୍ରକଳ୍ପ ସମ୍ବନ୍ଧୀୟ ବଡ଼ ବଡ଼ ନିଷ୍ପତ୍ତି ପାଇଁ ସ୍ଥାନୀୟ ଅଧିକାରୀମାନଙ୍କୁ ଉପରିସ୍ଥ କାର୍ଯ୍ୟାଳୟ ଉପରେ ନିର୍ଭର କରିବାକୁ ପଡ଼ିବ। ଫଳରେ ପ୍ରଶାସନିକ କାର୍ଯ୍ୟରେ ବିଳମ୍ବ ହେବା ସହ ସରକାରୀ କାର୍ଯ୍ୟର ଗତି ମନ୍ଥର ହେବାର ଆଶଙ୍କା ରହିଛି। ଏହାର ପ୍ରଭାବ ଇନ୍ଦ୍ରାବତୀ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ଉପରେ ମଧ୍ୟ ପଡ଼ିପାରେ। ପ୍ରକଳ୍ପ ଅଞ୍ଚଳର ରାସ୍ତା, ଡ୍ୟାମ କଲୋନୀ ଓ ଅନ୍ୟାନ୍ୟ ଭିତ୍ତିଭୂମିର ରକ୍ଷଣାବେକ୍ଷଣ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି।

ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ଓ ପ୍ରକଳ୍ପ ଡାକ୍ତରଖାନା ଏପର୍ଯ୍ୟନ୍ତ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର ହୋଇନଥିବାରୁ ସେଗୁଡ଼ିକର ପରିଚାଳନା ନେଇ ମଧ୍ୟ ଅନିଶ୍ଚିତତା ଦେଖାଦେଇଛି। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।



# ଶିଶୁମାନେ ଲୁଣ ଓ ଚିନି ଖାଇବା ଉଚିତ କି ?

ଛୋଟପିଲାଙ୍କ ଡାଏଟକୁ ନେଇ ବାପା, ମା' ସବୁବେଳେ ଦ୍ୱନ୍ଦ୍ୱରେ ରହିଥା'ନ୍ତି। ଖାସ୍ କରି ସେତେବେଳେ ଯେତେବେଳେ ପ୍ରଥମ ଥର ପାଇଁ ସନ୍ତାନ ଜନ୍ମ କରିଥା'ନ୍ତି ବାପା,ମା'। ଛୋଟ ଛୁଆ ତ ଶୀଘ୍ର ଖାଇବେନି , ବୁଲାଇ ବୁଲାଇ ଖୁଆଇଲା ବେଳକୁ ଘଣ୍ଟା ଘଣ୍ଟା ସମୟ ଲାଗିଯାଏ। ପିଲା କେମିତି ସଅଳ ଖାଇବ ଏହା ଚିନ୍ତା କରି ବାପା,ମା' ଖାଦ୍ୟରେ ଅଳ୍ପ ଲୁଣ ଏବଂ ଚିନିର ବ୍ୟବହାର କରନ୍ତି। କିଛି ଲୋକ ୬ ମାସ ପରେ ସେମାନଙ୍କ ଶିଶୁକୁ ଲୁଣ ଏବଂ ଚିନି ଖାଇବାକୁ ଦେବା ଆରମ୍ଭ କରିଦିଅନ୍ତି। କିନ୍ତୁ ଶିଶୁ ବିଶେଷଜ୍ଞମାନେ ଏପରି କରିବାକୁ ମନା କରନ୍ତି। ଶିଶୁରୋଗ ବିଶେଷଜ୍ଞ ଏବଂ ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ଅନୁସାରେ, ୧ ବର୍ଷ ବୟସ ପୂର୍ବରୁ ପିଲାମାନଙ୍କୁ ଲୁଣ ଏବଂ ଚିନି ଖାଇବାକୁ ଦେବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। କାରଣ ଜନ୍ମ ପରେ ପିଲାଙ୍କ ଶରୀର ଏବଂ କିଡନି ଧୀରେ ଧୀରେ ବିକଶିତ ହୁଏ। ଏପରି ପରିସ୍ଥିତିରେ ଅଧିକ ସୋଡିୟମ୍ ସେମାନଙ୍କ ଶରୀର ଉପରେ ଚାପ ପକାଇପାରେ ଏବଂ କ୍ଷତି ପହଞ୍ଚାଇପାରେ। ତେବେ ଆସନ୍ତୁ ଜାଣିବା ବର୍ଷେ ପୂର୍ବରୁ ପିଲାମାନଙ୍କୁ କାହିଁକି ଲୁଣ ଦିଆଯିବା ଉଚିତ୍ ନୁହେଁ ଏବଂ ଏହା ଶିଶୁର ଶରୀରରେ କ'ଣ କ୍ଷତି କରିପାରେ ? ଛୋଟ ପିଲାମାନଙ୍କର ବୃକକ୍ ସମ୍ପୂର୍ଣ୍ଣ ବିକଶିତ ହୋଇନଥାଏ। ଯଦି ପିଲାଟି ଲୁଣ ଖାଏ ତେବେ ବୃକକ୍ ଉପରେ ଅଧିକ ଚାପ ପଡ଼େ। କମ୍ ବୟସରୁ ଅଧିକ ଲୁଣ ଖାଇବା ଅଭ୍ୟାସ ଭବିଷ୍ୟତରେ ଉଚ୍ଚ ରକ୍ତଚାପର ସମ୍ଭାବନାକୁ ବୃଦ୍ଧି କରିପାରେ। ଗବେଷଣାରୁ ଜଣାପଡ଼ିଛି ଯେ ପିଲାଦିନର ଖାଦ୍ୟପେୟ ବଡ଼ ହେଲେ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ। ଛୋଟ ପିଲାମାନଙ୍କର ଶରୀରରେ ଜଳ ସନ୍ତୁଳନ ଶୀଘ୍ର ବିଗିଡ଼ିପାରେ। ଅଧିକ ଲୁଣ ଖାଇବାକୁ ଦେବା ଦ୍ୱାରା ଶରୀରରେ ପାଣିର ଆବଶ୍ୟକତା ବଢ଼ିଯାଏ ଏବଂ ଡିହାଇଡ୍ରେସନ୍ ହେବାର ଆଶଙ୍କା ରହିପାରେ। ଯଦି ପିଲାଟି ଆରମ୍ଭରୁ ଲୁଣିଆ ଖାଦ୍ୟ ଖାଇବାରେ ଅଭ୍ୟସ୍ତ ହୋଇଯାଏ ଭବିଷ୍ୟତରେ ମଧ୍ୟ ଲୁଣିଆ ଖାଦ୍ୟ ଖାଇବାକୁ ହିଁ ପସନ୍ଦ କରେ। ବିଶେଷଜ୍ଞମାନେ କୁହନ୍ତି ଯେ ୧ ବର୍ଷ ପର୍ଯ୍ୟନ୍ତ ଆପଣଙ୍କ ଶିଶୁକୁ ଲୁଣ ଦେବାର ଆବଶ୍ୟକତା ନାହିଁ। ତଥାପି ୬ ମାସ ପରେ ବିନା ଲୁଣରେ ଖାଦ୍ୟ ଖାଇବା ଆରମ୍ଭ କରିପାରିବେ। ଆପଣ ଦଲିଆ, ଖେଚୁଡ଼ି, କିମ୍ବା ଚକଟା ପନିପରିବା ଶିଶୁଙ୍କୁ ଖାଇବାକୁ ଦେଇପାରିବେ। ଏହି ବୟସରେ ଯେତେ ଫିକା ଖାଦ୍ୟ ଖାଇବ ଶରୀରକୁ ସେତେ ଭଲ। ଏହାଛଡ଼ା ପିଲାଙ୍କ ଖାଦ୍ୟରେ ଚିନି ମିଶାଇବା ମଧ୍ୟ କ୍ଷତିକାରକ ହୋଇପାରେ। ଖାସ୍ କରି ସେତେବେଳେ ଯେତେବେଳେ ଶିଶୁ ମା'କ୍ଷୀର ସେବନ ବନ୍ଦ କରିଥାଏ। ଶିଶୁ ଅବସ୍ଥା ବହୁତ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ସମୟ ଭବିଷ୍ୟତର ଖାଦ୍ୟ,ପାନୀୟ ଉପରେ ନିର୍ଭର କରେ। ଶିଶୁଙ୍କ ଆହାରରେ ଚିନି ମିଶାଇବା ଦ୍ୱାରା ଦାନ୍ତ ଖରାପ ହେବାର ସମସ୍ୟା ବଢ଼େ। ଭବିଷ୍ୟତରେ ମଧୁମେହର ସମସ୍ୟା ସୃଷ୍ଟି ହୁଏ। ବର୍ଷେରୁ ଦେଢ଼ବର୍ଷ ଭିତରେ ଶିଶୁଙ୍କୁ ଖାଦ୍ୟରେ ଲୁଣ ଏବଂ ଚିନି ଦେବା ଆଦୌ ଠିକ୍ ନୁହେଁ।



# ଡାଲିମ୍ବ ଚୋପାରେ ଚା' ସ୍ୱାସ୍ଥ୍ୟ ପାଇଁ ଭଲ

ଡାଲିମ୍ବ ରସଯୁକ୍ତ ମଞ୍ଜିରେ ଭରପୁର ଥାଏ। ଏହା ଯେମିତି ସ୍ୱାଦିଷ୍ଟ ଲାଗିଥାଏ ଠିକ୍ ସେହିପରି ଭାବେ ଏଥିରେ ଲାଭକାରୀ ଗୁଣ ମଧ୍ୟ ଭରପୁର ରହିଛି। ଡାଲିମ୍ବରେ ପୋଷକ ତତ୍ତ୍ୱ ରହିଥାଏ ଯାହା ଶରୀରରେ ରକ୍ତ ବଢ଼ାଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଡାଲିମ୍ବ ଖାଇ ଶରୀରର ଦୁର୍ବଳତାକୁ ଦୂର କରାଯାଇପାରିବ। ଡାଲିମ୍ବ ରସ ମଧ୍ୟ ଅନେକ ରୋଗ ଭଲ କରିବାରେ ପ୍ରଭାବଶାଳୀ ହୋଇଥାଏ। ଯଦି ଆପଣ ଡାଲିମ୍ବ ଖାଉଛନ୍ତି ତେବେ ଏଥିରେ ଥିବା ଗୁଣ ମଧ୍ୟ ଜାଣି ରଖନ୍ତୁ। ଏଥିରେ ଡାଏଟାରୀ ଫାଇବର, ଜିଙ୍କ, ପୋଟାସିୟମ୍ ଏବଂ ଓମେଗା -6 ଫ୍ୟାଟି ଏସିଡ୍ ମିଳିଥାଏ। ଡାଲିମ୍ବରେ ଭଲ ପରିମାଣର ଆଇରନ୍ ମଧ୍ୟ ଥାଏ।

ସାଧାରଣତଃ ଆମେ ଡାଲିମ୍ବ ଖାଇସାରିବା ପରେ ଏହାର ଚୋପାକୁ ଫିଙ୍ଗି ଦେଇଥାଉ। କିନ୍ତୁ କେବଳ ଡାଲିମ୍ବ ନୁହେଁ ଏହାର ଚୋପା ମଧ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ଆମେ ଡାଲିମ୍ବ ଚୋପାକୁ ଅଳିଆ ବୋଲି ଭାବି ଫିଙ୍ଗି ଦେଉ କିନ୍ତୁ ଏହାର ଚୋପାରେ ପ୍ରସ୍ତୁତି ଚା' ପିଇବା ଦ୍ୱାରା ମୋଟାପଣ ହ୍ରାସ କରାଯିବା ସହିତ ଶରୀରରୁ ହାଇ କୋଲେଷ୍ଟ୍ରଲକୁ ହ୍ରାସ ମଧ୍ୟ କରାଯାଇପାରିବ।

ଡାଲିମ୍ବ ଚୋପା ବାହାର କରି ଲୋକେ ଏହାର ମଞ୍ଜିକୁ ଖାଇଥାନ୍ତି। ଡାଲିମ୍ବ ଜୁସ୍ ପିଇବା ପାଇଁ ମଧ୍ୟ ଲୋକମାନେ ଏହାର ଚୋପାକୁ ଛଡ଼ାଇଥାନ୍ତି। ଡାଲିମ୍ବ ଚୋପାକୁ ସାଧାରଣତଃ ଲୋକମାନେ ଫୋପାଡ଼ି ଦିଅନ୍ତି। କିନ୍ତୁ ଯଦି ଆପଣ ଡାଲିମ୍ବ ଚୋପାର ଉପକାରିତା ବିଷୟରେ ଜାଣିବେ ଏହାକୁ ଫୋପାଡ଼ିବା ପରିବର୍ତ୍ତେ ଭଲ ଭାବେ ବ୍ୟବହାର କରିପାରିବେ। ଯାହା ତ୍ୱଚା ପାଇଁ ମଧ୍ୟ ଲାଭକାରୀ ବୋଲି ପ୍ରମାଣିତ ହୋଇଛି। ତେବେ ଡାଲିମ୍ବ ଚୋପାରୁ ଚା' କିପରି ପ୍ରସ୍ତୁତ କରାଯାଏ ଏବଂ ଏହାର ଉପକାରିତା ସମ୍ପର୍କରେ ଆସନ୍ତୁ ଜାଣିବା।

ଚା' ତିଆରି କରିବା ପାଇଁ ଡାଲିମ୍ବ ଚୋପାକୁ ନେଇ ସଫା ପାଣିରେ ଧୋଇ ଦିଅନ୍ତୁ। ପରେ ଚୋପାକୁ ଛୋଟ ଛୋଟ ଖଣ୍ଡ କରି କାଟିଦିଅନ୍ତୁ। ଡାଲିମ୍ବ ଚୋପାକୁ ଖରାରେ ଶୁଖାନ୍ତୁ। ଚୋପା ଶୁଖିଗଲେ ସେଗୁଡିକୁ ଗ୍ରାଇଣ୍ଡିଂ କରି ପାଉଡର ତିଆରି କରନ୍ତୁ। ଏହାକୁ ଏକ ଡବାରେ ଭରି ନିଅନ୍ତୁ। ଏବେ ଚା' ତିଆରି କରିବା ସମୟରେ ଡାଲିମ୍ବ ଚୋପାକୁ ସେହି ପାଣିରେ ପକାଇ ଫୁଟାନ୍ତୁ। ପରେ ସେଥିରେ ମହୁ ଏବଂ ଲେମ୍ବୁ ରସ ମିଶାନ୍ତୁ। ଏହାକୁ ଛାଣିବା ପରେ ଚା' ପରି ଗରମ ଗରମ ପିଅନ୍ତୁ।

**ହାର୍ଟକୁ ସୁସ୍ଥ ରଖେ :** ଡାଲିମ୍ବ ଚୋପା ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଥାଏ ତେଣୁ ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଡାଲିମ୍ବ ଚୋପା ବ୍ୟବହାର କରି କୋଲେଷ୍ଟ୍ରଲ ହ୍ରାସ କରାଯାଇପାରିବ। ଯେଉଁଥିପାଇଁ ହୃଦଘାତର ଆଶଙ୍କା କମିଯାଏ।

**ରୋଗ ପ୍ରତିରୋଧକ ଶକ୍ତି ମଜବୁତ କରେ :** ଡାଲିମ୍ବରେ ଭିଟାମିନ୍ ଏବଂ ଅନ୍ୟାନ୍ୟ ଜରୁରୀ ପୋଷକ ତତ୍ତ୍ୱ ମିଳିଥାଏ ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ଏହି ଚା' ପିଇବା ଦ୍ୱାରା ଆପଣ ଅନେକ ରୋଗରୁ ବଞ୍ଚି ପାରିବେ। ଡାଲିମ୍ବରେ ପଲିଫେନୋଲ୍ସ ଥାଏ ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

**ଓଜନ ହ୍ରାସ କରେ :** ଡାଲିମ୍ବ ଚୋପା ଚା' ଓଜନ ହ୍ରାସ କରିବାରେ ଲାଭଦାୟକ ପ୍ରମାଣିତ। ମେଦବହୁଳତାର ଶିକାର ହୋଇଥିବା ଲୋକମାନେ ଦିନକୁ ଥରେ ଡାଲିମ୍ବ ଚୋପା ଚା' ପିଇବା ଉଚିତ୍। ଏହି ଚା' ପିଇବା ଦ୍ୱାରା ଶରୀରରେ ଜମା ହୋଇଥିବା ଏକ୍ସଟ୍ରା ଫ୍ୟାଟ୍ କମିଯାଏ।

**ଆଲଜାଇମର ବିପଦ କମାଏ :** ଡାଲିମ୍ବ ଚୋପାରେ ଏମିତି ତତ୍ୱ ଥାଏ ଯାହା ଆଲଜାଇମର ବିପଦକୁ ହ୍ରାସ କରିଥାଏ। ଅନେକ ଅଧ୍ୟୟନରେ ଜଣାପଡିଛି ଯେ ଡାଲିମ୍ବ ଚୋପାରେ ଆଣ୍ଟି-ନ୍ୟୁରୋଡିଜେନେରେଟିଭ୍ ତତ୍ୱ ଥାଏ ଯାହା ଆଲଜାଇମର ପରି ସମସ୍ୟାର ଆଶଙ୍କାକୁ କମାଏ।

# ଖରାବେଳେ ଖାଇସାରି ଶୋଇବା ସ୍ୱାସ୍ଥ୍ୟ ପାଇଁ ହାନି



ସ୍ୱାସ୍ଥ୍ୟ ପାଇଁ ନିଦ୍ରା, ଖାଦ୍ୟ ଭଳି ଅପରିହାର୍ଯ୍ୟ। ଏକ ସୁସ୍ଥ ଶରୀରର ଅଧିକାରୀ ହେବାକୁ ହେଲେ ୬ରୁ ୭ ଘଣ୍ଟା ଶୋଇବା ନିହାତି ଦରକାର। ଅନିଦ୍ରା ସମସ୍ୟା ହେଲେ ଆମ ଶରୀରକୁ ଅନେକ ସମସ୍ୟା ଘୋଟିଆସେ । ତେଣୁ ଶୋଇବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦିନବେଳା ଶୋଇବା କେତେ ଜରୁରି ?

ଅନେକଙ୍କର ଅଭ୍ୟାସ ଥାଏ ସେମାନେ ଦ୍ୱିପହର ସମୟରେ ଖାଇସାରିବା ପରେ ଟିକେ ଶୋଇପଡ଼ିବାକୁ ଭଲ ପାଆନ୍ତି। ଶୋଇପଡ଼ିଲେ କାଳେ ଭାରି ଆରାମ ଲାଗେ। ଜଣେ ଜଣେ ତ ଦିନରେ ୩ରୁ ୪ ଘଣ୍ଟା ଶୋଇପଡ଼ନ୍ତି। ହେଲେ ଏହା କ'ଣ ଆମ ଶରୀର ପାଇଁ ଜୁରି, ହିତକର, ତାହା ଜାଣିବା ଜରୁରି। ଆୟୁର୍ବେଦରେ ଦ୍ୱିପହରରେ ଶୋଇବାକୁ ବାରଣ କରାଯାଇଛି। ଏହା ପଛରେ ଏକାଧିକ କାରଣ ରହିଛି।

ଆମ ଶରୀର ବାତ, ପିତ୍ତ ଓ କଫର ସନ୍ତୁଳନ ରକ୍ଷା କରି ଚାଲେ। ଆୟୁର୍ବେଦ ଅନୁସାରେ ଦିନବେଳା ଶୋଇଲେ ଶରୀରରେ କଫ ମାତ୍ରା ବଢ଼ିଥାଏ। ଫଳରେ ଶରୀରରେ ଥଣ୍ଡା, କା ଭଳି ସମସ୍ୟା ଦେଖାଯାଏ। ଆଳସ୍ୟ ଧୀରେ ଧୀରେ ମାଡ଼ିବସେ। ଅନ୍ୟପଟେ ଆୟୁର୍ବେଦ ଏକଥା ବି କହୁଛି, ଯେ ଗ୍ରୀଷ୍ମ ଋତୁରେ ଦିନରେ ହାଲକା ନିଦ ନେବା ଅନେକ ସମୟରେ ଶରୀର ପାଇଁ ଜରୁରି ହୋଇଥାଏ। ତେବେ ଯଦି ଦିନରେ ଶୋଇବା ଉଚିତ ନୁହେଁ ତାହେଲେ ଏହାର ବଦଳରେ ଆଉ କ'ଣ କରିବା ଦରକାର ଯାହାଦ୍ୱାରା ଶରୀରର ଥକ୍କାପଣ ଦୂରେଇ ଯାଇପାରିବ ?

ଦିନରେ ପାୱାର ନାପ୍‌କୁ ଗ୍ରହଣ କରନ୍ତୁ।ଏହାର ଅର୍ଥ ଯଦି ଲଗାତାର କାମ କରି ଥକ୍କା ଲଗେ ତାହେଲେ ତଳେ ଶବାସନରେ କିଛି ସମୟ ଶୋଇବେ। ଯଦି ଅଫିସରେ ଥାଆନ୍ତି ତାହେଲେ ନିଜ ସିଟରେ ସିଧା ହୋଇ ମୁଣ୍ଡକୁ ରିଲାକ୍ସ ମୋଡରେ ରଖି ଆଖି ବୁଜି ଆରାମ କରନ୍ତୁ, ଯେପରି ଚାରିପଟର କୌଣସି ଶବ୍ଦ ଆପଣଙ୍କୁ ପ୍ରଭାବିତ କରୁନଥିବ। ଫଳରେ ଆପଣଙ୍କ ଥକ୍କାପଣ ଦୂରେଇବା ସହ ପୁଣିଥରେ କାମ କରିବାକୁ ଏନର୍ଜେଟିକ୍ ଲାଗିବ। ଏହାକୁ କୁହାଯାଏ 'ନିଷ୍ପନ୍ଦ ଭାବ'। ଦ୍ୱିପହର ଶୋଇବାକୁ ଆୟୁର୍ବେଦ ସେମାନଙ୍କ ପାଇଁ ଉଚିତ ବୋଲି କହେ ଯେଉଁମାନେ ଅତ୍ୟଧିକ ଥକ୍କା ଅନୁଭବ କରନ୍ତି। କିନ୍ତୁ ଏ ବିଶ୍ରାମର ସମୟ ୩୦ରୁ ୬୦ ମିନିଟ୍ ଭିତରେ ହେବା ଦରକାର। ତା'ଠାରୁ ଅଧିକ ନୁହେଁ। ତେବେ ଦିନରେ ବିଶ୍ରାମ ନେବାକୁ ସବୁଠାରୁ ସଠିକ୍ ଶବ୍ଦ ହେଉଛି ସଚେତନ ବିଶ୍ରାମ , ଆଖିବୁଜି ବିଶ୍ରାମ ନେଉଥିବେ କିନ୍ତୁ ଗଭୀର ନିଦ୍ରାକୁ ଯାଉନଥିବେ। ଏଥିପାଇଁ ଯୋଗ ଆସନରେ ବସିବାକୁ ପଡ଼ିବ। ଚତୁଃପାର୍ଶ୍ୱର ଧ୍ୟାନ ଥିବ। ୧୫ ମିନିଟର ଯୋଗଆସନ ୮ ଘଣ୍ଟାର ଗାଢ଼ ନିଦ ସହ ସମାନ। ତେଣୁ ଦ୍ୱିପହରେ ଶୋଇବା ବ୍ୟକ୍ତିଙ୍କ ଉପରେ ନିର୍ଭର କରେ। ସମୟ ସ୍ଥିତି ସହ ଏହାକୁ ସଠିକ ଭାବେ ଗ୍ରହଣ କଲେ ଶରୀର ଠିକ୍ ରହେ ନଚେତ୍ ଆଳସ୍ୟ ଆବୋରି ବସେ।

# ଜୀବନଶୈଳୀ ବଢ଼ାଉଛି କୋଲେଷ୍ଟ୍ରଲ



କୋଲେଷ୍ଟେରଲ୍ ହେଉଛି ରକ୍ତରେ ଦେଖାଯାଉଥିବା ମହମ ପରି ପଦାର୍ଥ। ଶରୀରରେ ସୁସ୍ଥ କୋଷିକାର ନିର୍ମାଣ ପାଇଁ ଏହାର ଆବଶ୍ୟକତା ରହିଥାଏ। କିନ୍ତୁ ସୁସ୍ଥ ରହିବା ପାଇଁ ଏହି କୋଲେଷ୍ଟେରଲ୍ ନିୟନ୍ତ୍ରଣରେ ରହିବା ଖୁବ୍ ଜରୁରି। ନଚେତ୍ ବଢୁଥିବା କୋଲୋଷ୍ଟେରଲ୍ ସ୍ତର ହୃଦରୋଗର ଆଶଙ୍କା ବଢାଇପାରେ। ଚାଲନ୍ତୁ ଦେଖିବା ନିୟମିତ ଜୀବନଶୈଳୀରେ କେଉଁ ଦିଗଗୁଡ଼ିକ ଆମ କୋଲେଷ୍ଟେରଲ୍ଲୁ ବଢାଇବାରେ ସାହାଯ୍ୟ କରିଥାଏ।

**ଫାଇବର କମ୍ ଖାଇବା:** ଶରୀର ପାଇଁ ଫାଇବର ଖୁବ୍ ଜରୁରି। ଏହାର ଅଭାବ ଅନେକ ରୋଗର କାରଣ ହୋଇପାରେ। ଏପରିକି କୋଲେଷ୍ଟେରଲ୍ ମଧ୍ୟ ବଢାଇପାରେ। ସେଥିପାଇଁ ଡାଏଟ୍ରେ ଭରପୂର ମାତ୍ରାରେ କୋଲେଷ୍ଟେରଲ୍ ସାମିଲ୍ କରିବା ଦରକାର। ନିୟମିତ ୨୦ରୁ ୩୦ ଗ୍ରାମ୍ ଫାଇବର ଶରୀର ପାଇଁ ଜରୁରି।

**ପ୍ୟାକେଜ୍ ଖାଦ୍ୟ ଖାଇବା:** ଆଜିକାଲି ପ୍ରାୟ ଲୋକ ସ୍ନାକ୍ସ, ସକାଳ ଟିଫିନ୍ରେ ପ୍ୟାକେଜ୍ଡ ଖାଦ୍ୟ ଖାଇବାକୁ ପସନ୍ଦ କରୁଛନ୍ତି। କିନ୍ତୁ ଜାଣନ୍ତି କି ଏହା ଶରୀର ପାଇଁ କେତେ କ୍ଷତିକାରକ। ଏପରିକି କୋଲେଷ୍ଟେରଲ୍ ବଢ଼ିବାର ଅନ୍ୟତମ କାରଣ ମଧ୍ୟ। ପ୍ୟାକେଟ୍ ଖାଦ୍ୟ ଅଧିକ କ୍ୟାଲୋରୀ ଯୁକ୍ତ, ଯାହା ଓଜନ ବଢାଇଥାଏ। ଏଥିରେ ଥିବା ସାଚ୍ୟୁରେଟେଡ୍ ଫ୍ୟାଟ୍ କୋଲେଷ୍ଟେରଲ୍ ବଢାଇବାର ପ୍ରମୁଖ କାରଣ ସାଜିଥାଏ।

**ସୋୟାଠାରୁ ଦୂରେଇ ରହିବା:** ପ୍ରାୟ ଲୋକ ସୋୟା ଜାତୀୟ ଉତ୍ପାଦଠାରୁ ଦୂରେଇ ରହିଥାନ୍ତି, ଯାହାକି ଶରୀର ପାଇଁ ଖୁବ୍ ଜରୁରି। ସୋୟାରେ ମହଜୁଦ୍ ତତ୍ତ୍ୱ ଆମ ଶରୀର ପାଇଁ ଖୁବ୍ ଜରୁରି। ସୋୟାରେ ଥିବା ଫାଇଟୋଏଷ୍ଟ୍ରେଜେନ୍ କୋଲେଷ୍ଟେରଲ୍ ଅବଶୋଷଣକୁ ରୋକିଥାଏ। ଏଥିସହିତ ଏଲ୍‌ଡିଏଲ୍ କୋଲେଷ୍ଟେରଲ୍ଲୁ କମ୍ କରିଥାଏ।

**ଅଧିକ ଡାଏରୀ ଉତ୍ପାଦ:** ଡାଏରୀ ଉତ୍ପାଦ ଶରୀର ପାଇଁ ଆବଶ୍ୟକ। ଏଥିରୁ ଶରୀରକୁ ପର୍ଯ୍ୟାପ୍ତ ମାତ୍ରାରେ କ୍ୟାଲସିୟମ୍ ଓ ପ୍ରୋଟିନ୍ ମିଳିଥାଏ। କିନ୍ତୁ ଅଧିକ କୋଲେଷ୍ଟେରଲ୍ ଥିବା ବ୍ୟକ୍ତି ଡାଏରୀ ଉତ୍ପାଦଠାରୁ ଦୂରେଇ ରହିବା ଜରୁରି। ପନୀରରେ ସାଚ୍ୟୁରେଟେଡ୍ ଫ୍ୟାଟ୍ ଅଧିକ ରହିଥାଏ, ଯାହା କୋଲେଷ୍ଟେରଲ୍ ସ୍ତର ବଢାଇବା ସହ ଧମନୀକୁ ସଙ୍କୁଚିତ କରିଥାଏ।

**ଅଧିକ ମାଂସ ଓ ଛଣା ଖାଦ୍ୟ:** ଖାଇବା ମାଂସରେ ଅଧିକ ପରିମାଣର କ୍ୟାଲୋରୀ ରହିଥାଏ। ତେଣୁ ଯେଉଁମାନଙ୍କଠାରେ ଅଧିକ କୋଲେଷ୍ଟେରଲ୍ ସମସ୍ୟା ରହିଥିବ ସେମାନେ ଏହି ଖାଦ୍ୟଠାରୁ ଦୂରେଇ ରହିବା ଜରୁରି। ଯଦିଓ ନିରାମିଶ ଖାଉଥାନ୍ତି, ତେବେ କମ୍ ଖାଇବା ଉଚିତ୍। ସେହିପରି କୌଣସି ଛଣାଛଣି ଖାଦ୍ୟ ମଧ୍ୟ କୋଲେଷ୍ଟେରଲ୍ ବଢାଇବାର ପ୍ରମୁଖ କାରଣ ହୋଇପାରେ। ତେଣୁ ଏସବୁ ଖାଦ୍ୟଠାରୁ ଦୂରେଇ ରହିବା ଭଲ ହେବ।

### ତୃତୀୟ ଶ୍ରୀକ୍ଷେତ୍ରରେ ସରିଲା ରଥଯାତ୍ରା

# ଲକ୍ଷାଧିକ ଭକ୍ତଙ୍କ ଗହଳି ଲଗାଇ ଶ୍ରୀମନ୍ଦିର ଗଲେ ମହାବାହୁ



ନୀଳଗିରି,୨୬।୭ (ସଂଚାର ବ୍ୟୁରୋ)ঃ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିର ନବଦିନାତ୍ମକ ବାହୁଡାଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟରେ ୧ଲକ୍ଷ ରୁ ଉର୍ଦ୍ଧ୍ୱ ଭକ୍ତ ମାନଙ୍କ ସମାଗମ ରେ ରଥଟଣା ସମ୍ପନ୍ନ ହୋଇ ଶ୍ରୀମନ୍ଦିରରେ ପହଞ୍ଚି ଗୋଟି ପହଣ୍ଡିରେ ଜନ୍ମବେଦିକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ପ୍ରଥମ ଦିବସରେ କେବଳ ପହଣ୍ଡି ହୋଇଥିଲା ବେଳେ ଦ୍ୱିତୀୟ ଦିବସରେ ରଥ ଟଣାହୋଇ ଶଙ୍କରା ଖୁଣ୍ଟା ଠାରେ ରହିଥିଲା । ତୃତୀୟ ଦିନ ଶଙ୍କରା ଖୁଣ୍ଟା ନିକଟରୁ ଚାଲିଥିଲା ରଥ ଶ୍ରୀ ମନ୍ଦିର ପାଖରେ ପହଞ୍ଚିଥିଲା। ଆଜି ରଥଯାତ୍ରାର ତୃତୀୟ ଦିନରେ ଅପରାହ୍ନ ୪ ଘଟିକା ସମୟରେ ଶଙ୍କରା ଖୁଣ୍ଟା ନିକଟରୁ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଘଣ୍ଟଘଣ୍ଟା, କୀର୍ତ୍ତନ, ଖୋଳ, ମହୁରୀ, ଭେରୀ ତୁରୀ ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଉଠିଥିଲା। ରଥ ଉପରେ ମାଜିଷ୍ଟ୍ରେଟ ଭାବେ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡା ପତକା ଦେଖାଇବା ପରେ ରଥ ଟଣା କାର୍ଯ୍ୟକ୍ରମ ହୋଇଥିଲା। ପରେ ରଥ ଉପରେ ସନ୍ଧ୍ୟା ଆଳତି ସମ୍ପନ୍ନ ହୋଇଥିଲା। ସମସ୍ତ ନୀତିକାନ୍ତି ଶେଷ ହେବା ପରେ ଚାରମାଳ ବନ୍ଧାଯାଇଥିଲା। ଏହାପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଗୋଟି ପହଣ୍ଡିରେ ରତ୍ନବେଦୀକୁ ନିଆଯାଇଥିଲା। ପରେ ଶ୍ରୀମନ୍ଦିରରେ ଅଭିମାନରେ ଥିବା ମହା ଲକ୍ଷ୍ମୀଙ୍କ ମାନଭଞ୍ଜନ ପାଇଁ ରଜା ଙ୍କ ମଧ୍ୟସ୍ଥିରେ ମହାପ୍ରଭୁ ରସଗୋଲା ଖୁଆଇ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ ଖଣ୍ଡନ କରିଥିଲେ। ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରେ ଏପରି ନିଆରା ପରମ୍ପରା ରହିଛି। ରଥଯାତ୍ରାରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଓ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବିଜେଡ଼ି ନେତ୍ରୀ ଡ଼. ଲେଖାଶ୍ରୀ ସାମନ୍ତ ସିଂହାର ପ୍ରମୁଖ ରଥଟଣାରେ ସାମିଲ ହୋଇଥିଲେ।

## ନୀଳାଦ୍ରି ବିଜେ ଅବସରରେ ଶକୁନ୍ତଳା ଆର୍ଟ ଗ୍ୟାଲେରୀର ଭର୍ଚୁଆଲ୍ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ



ବାଲିଅନ୍ତା,୨୬।୭ (ସଂଚାର ବ୍ୟୁରୋ)ঃ ରଥଯାତ୍ରାର ପବିତ୍ର 'ନୀଳାଦ୍ରି ବିଜେ' ଅବସରରେ ଉତ୍ତରା ଛକ ନିକଟସ୍ଥ ସକୁନ୍ତଳା ଆର୍ଟ ଗ୍ୟାଲେରୀ ପକ୍ଷରୁ ଆୟୋଜିତ 'ନୀଳାଦ୍ରି ବିଜେ - ଭର୍ଚୁଆଲ୍ ଚିତ୍ରକଳା ପ୍ରଦର୍ଶନୀ- ୨୦୨୬' ଆଜି ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଛି। ବିଶିଷ୍ଟ ଶିଳ୍ପୀ ତଥା ପଦ୍ମଶ୍ରୀ ବିନୋଦ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସକୁନ୍ତଳା ଆର୍ଟ ଗ୍ୟାଲେରୀର ନିର୍ଦ୍ଦେଶକ ଜନାର୍ଦ୍ଦନ ପରମଗୁରୁ ଉପସ୍ଥିତ ରହି ଓଡ଼ିଶାର କଳା, ସଂସ୍କୃତି ଏବଂ ଜଗନ୍ନାଥ ପରମ୍ପରାର ପ୍ରଚାର ଓ ପ୍ରସାର ପାଇଁ ଏଭଳି ଭର୍ଚୁଆଲ୍ ପ୍ରଦର୍ଶନୀର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ୪୮ ଜଣ ଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ଶିଳ୍ପୀମାନେ ନିଜ ଚିତ୍ରକଳା ମାଧ୍ୟମରେ ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ଦିବ୍ୟ ରୂପ, ରଥଯାତ୍ରା, ନୀଳାଦ୍ରି ବିଜେ ଓ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଏବଂ ଐତିହ୍ୟକୁ ସୃଜନଶୀଳ ଭାବେ ଚିତ୍ରଣ କରିଛନ୍ତି। ଭର୍ଚୁଆଲ୍ ମାଧ୍ୟମରେ ଆୟୋଜିତ ଏହି ପ୍ରଦର୍ଶନୀ ଦେଶ ଓ ବିଦେଶର କଳାପ୍ରେମୀଙ୍କୁ ଜଗନ୍ନାଥ ସଂସ୍କୃତି ସହ ଯୋଡ଼ିବାରେ ଏକ ନୂତନ ପ୍ରୟାସ ବୋଲି ଆୟୋଜକମାନେ କହିଛନ୍ତି।

ଏହି ଅବସରରେ ସହ ନିର୍ଦ୍ଦେଶକ ସୁଦର୍ଶନ ପରମଗୁରୁ ସୂଚନା ଦେଇଥିଲେ ଯେ, ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ସମସ୍ତ ୪୮ ଜଣ ଶିଳ୍ପୀଙ୍କୁ ସକୁନ୍ତଳା ଆର୍ଟ ଗ୍ୟାଲେରୀ ପକ୍ଷରୁ ଡିଜିଟାଲ୍ ପାର୍ଟିସିପେସନ୍ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଆଗାମୀ ଦିନରେ ମଧ୍ୟ ଓଡ଼ିଶାର କଳା ଓ ସଂସ୍କୃତିକୁ ବିଶ୍ୱଦରବାରରେ ପହଞ୍ଚାଇବା ପାଇଁ ଏଭଳି ଅନେକ ସୃଜନଶୀଳ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

### ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା

## ରଥ ଖଳାରେ ତିନି ରଥ, ଜୟ ଜଗନ୍ନାଥ ଧ୍ୱନିରେ ଭକ୍ତିମୟ ହେଲା ବଡ଼ଦାଣ୍ଡ



ବାରିପଦା,୨୬।୭ (ସଂଚାର ବ୍ୟୁରୋ)ঃ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରେ ଆଜି ବାହୁଡାରଥ ଯାତ୍ରା ସମ୍ପୂର୍ଣ୍ଣ ହୋଇଅଛି । ପ୍ରଥା ଅନୁଯାୟୀ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପହଣ୍ଡି ପର ଦୁଇଦିନ ରଥଟଣା ହୋଇଥାଏ। ବାହୁଡା ଯାତ୍ରାର ପ୍ରଥମ ଦିନରେ ନନ୍ଦିଘୋଷ ରଥରେ କାଳିଆ ଠାକୁର ଶ୍ରୀମିନ୍ଦିର ସମ୍ମୁଖ ରଥଖଳାରେ ପହଞ୍ଚିଥିଲେ। ସେଠାରେ ଅପେକ୍ଷା କରିଥିଲେ ବଡ଼ଭାଇ ବଳରାମ ଓ ଭଉଣୀ ସୁଭଦ୍ରା ଙ୍କୁ । ପ୍ରଥମ ଦିନରେ ମା ସୁଭଦ୍ରା ଙ୍କ ରଥ ମହିଳାଭକ୍ତ ମାନଙ୍କ ଗହଣରେ ଆସି ବଡ଼ଦାଣ୍ଡ ର ନାଭିକେନ୍ଦ୍ର ତଥା ଟାଉନଥାନା ସମ୍ମୁଖରେ ଅଟକିଥିଲା । ଆଜି ଦ୍ୱିତୀୟ ଦିବସ ରେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ସମୟ ଅନୁଯାୟୀ ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା । ପ୍ରଥମେ ମା ସୁଭଦ୍ରା ଙ୍କ ଦର୍ପୋଦୋଳନ ରଥ କୁ କେବଳ ମହିଳାମାନେ ଟାଣି ରଥଖଳା ରେ ପହଞ୍ଚାଇଥିଲେ । ପରେ ପରେ ବଡ଼ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଭକ୍ତମାନେ ଟାଣି ରଥଖଳାରେ ପହଞ୍ଚାଇଥିଲେ । ଆଜି ରାତ୍ରୀରେ ଛତୁର୍ଦ୍ଧା ମୂର୍ତ୍ତି ଲକ୍ଷ୍ମୀ ଭେଟ ପରେ ରତ୍ନବେଦୀକୁ ବିଜେ କରିବେ । ରଥଟଣା ଆରମ୍ଭ ସମୟରେ ପାଗ ଥିଲା ବେଶ ଅନୁକୂଳ । ମାତ୍ର ସୁଭଦ୍ରାଙ୍କ ରଥ ଟଣା ସରିବା ପରେ ଆକାଶରେ କଳାମେଘ ଢାଙ୍କି ଆସିଥିଲା । ପ୍ରବଳ ବର୍ଷା ସତ୍ୱେ ବି ବଡ଼ଦାଣ୍ଡ ହୋଇଥିଲା ଲୋକାରଣ୍ୟ ।

### ଜଳସମ୍ପଦ ବିଭାଗର କାମରେ ବଢୁଛି ଚାଷୀଙ୍କ ଅସନ୍ତୋଷ

# ନିୟମ ଭାଙ୍ଗି ଜେସିବିରେ କେନାଲ୍ ଖୋଳା, ବନ୍ୟାକୁ ନିମନ୍ତ୍ରଣ

କାକଟପୁର/ଅସ୍ତରଙ୍ଗ,୨୬।୭ (ସଂଚାର ବ୍ୟୁରୋ)ঃ ବର୍ଷା ଆସୁଛି, ଦେବୀ ନଦୀ ନଦୀ ଫୁଲୁଛି। ଆଉ ଏହି ସମୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଜଳସମ୍ପଦ ବିଭାଗ ନିଜେ ବନ୍ୟାର ରାସ୍ତା ଖୋଲିଦେଉଛି। ନିମାପଡା ଅଧିକ୍ଷଣ ଯନ୍ତ୍ରୀଙ୍କ ଅଧୀନରେ ଥିବା କାକଟପୁର ଜଳସେଚନ ଉପବିଭାଗ ଅଧୀନ ଖଣ୍ଡାସାହି ଷାଠିଏ ବାଟିରୁ ଅସନ ଦେବୀ ନଦୀ କେନାଲ୍ ର ସଫେଇ କାମରେ ଖୋଲାଖୋଲି ନିୟମ ଉଲଂଘନ ହେଉଛି।

ଓଡ଼ିଶା ଜଳସମ୍ପଦ ବିଭାଗର ମାନୁଆଲ୍ ଅନୁଯାୟୀ ମେନ୍ କେନାଲ୍ ଓ ଡିଷ୍ଟ୍ରିବ୍ୟୁଟାରୀ ଖୋଳା ପାଇଁ ଜେସିବି ବ୍ୟବହାର ସମ୍ପୂର୍ଣ୍ଣ ବାରଣ। କେନାଲ୍ ଖୋଳା ପାଇଁ ଡ୍ରେଗଲାଇନ୍ କିମ୍ବା ମାନୁଆଲ୍ ଲେବର ସହ "ଲେୟାର ବାଇ ଲେୟାର କମ୍ପାକ୍ସନ ବାଧ୍ୟତାମୂଳକ। କେବଳ କାଦୁଅ ସଫା ପାଇଁ ବିଶେଷ କ୍ଷେତ୍ରରେ ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟରଙ୍କ ଲିଖିତ ଅନୁମତି ସହ ଜେସିବି ବ୍ୟବହାର ହୋଇପାରେ। ହେଲେ ଏଠି ସେଭଳି କିଛି ହୋଇନି।

ସ୍ଥାନୀୟ ଚାଷୀ କହୁଛନ୍ତି ଜେସିବି ରେ ଖୋଳିଲେ ୪ ପ୍ରକାର ବଡ କ୍ଷତି ହୁଏ। ଜେସିବି ମାଟିକୁ ଚାପି ଚାପି ଖୋଳେ। ଫଳରେ କୂଳ ଭିତରେ ଫାଙ୍କା ରହିଯାଏ ଏବଂ କମ୍ପାକ୍ସନ୍ ହୁଏନି। ଏହି କେନାଲ୍ ଟି ହେଉଛି ବନ୍ୟା ସମୟର "ଓଭର ଡ୍ରପ୍ ଚ୍ୟାନେଲ୍"। ଦେବୀ ନଦୀରେ ପାଣି ବଢ଼ିଲେ ଏଇଠୁ ଅତିରିକ୍ତ ଜଳ ବାହାରିଥାଏ। କୂଳ ଦୁର୍ବଳ ହେଲେ ପ୍ରଥମ ବର୍ଷାରେ ହିଁ ଭାଙ୍ଗି ଅସନ,




## ସରକାରୀ ଗାଇଡଲାଇନ୍‌କୁ ଆଙ୍ଗୁଳି ଦେଖାଇ ଟଙ୍କା ଲୁଟ୍

ଖଣ୍ଡାସାହି ସମେତ ୪-୬ ଟି ଗାଁ ଜଳମଗ୍ନ ହେବ।କୂଳ ଲିକ୍ ହେଲେ କେନାଲ୍ ରେ ପାଣି ରହିବନି। ବର୍ଷା କମିବା ପରେ ଯେତେବେଳେ ଚାଷ ଜମିକୁ ପାଣି ଦରକାର ସେତେବେଳେ ଚାଷୀ ପାଣି ପାଇବେନି। ଫଳରେ ଖରିଫ୍ ଓ ରବି ଦୁଇ ଫସଲ ସମସ୍ୟା। ଜେସିବି ଲଗାଇଲେ ଠିକାଦାରର ଖର୍ଚ୍ଚ କମ୍। କିନ୍ତୁ ବିଭାଗ ବିଲ୍ ଉଠାଉଛି ପୂରା ମାନୁଆଲ୍ ଲେବର। ଏହା ସିଧା ସରକାରୀ ଟଙ୍କା ଲୁଟ୍। ଜେସିବି ଚାପରେ କେନାଲ୍ ସଂଲଗ୍ନ ରାସ୍ତା ଭାଙ୍ଗିଯାଉଛି। ପାଖ ଚାଷ ଜମିର ଜଳସ୍ତର ତଳକୁ ଚାଲିଯାଉଛି।

ଖଣ୍ଡାସାହିରୁ ଅସନ ପର୍ଯ୍ୟନ୍ତ ସମଗ୍ର କେନାଲ୍ ରେ ଜେସିବି କେବଳ ରାମ୍ପି କରି ଚାଲିଯାଉଛି। ଘାସ ଯେମିତି ଥିଲା ସେମିତି ରହିଛି। କେନାଲ୍ ଦୁଇ ପାର୍ଶ୍ୱରୁ ମାଟି ଆମ୍ପୁଡ଼ି ଲୋକଙ୍କୁ ଠକା ଯାଉଛି। ଜିରୋ ପଏଣ୍ଟରୁ ଶେଷ ପର୍ଯ୍ୟନ୍ତ କାମର ଗୁଣବତ୍ତା ନିମ୍ନମାନର।

ଜଣେ ଚାଷୀଙ୍କ କହିବା ଅନୁଯାୟୀ , "ସଫେଇ ନାଁରେ ଆମ କେନାଲ୍ କୁ ମାରିଦେଲେ। ଏଥର ପାଣି ମିଳିବନି। ବନ୍ୟା ଆସିଲେ ଆମ ଗାଁ ଭାସିଯିବ।"

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ ବିଭାଗୀୟ ଯନ୍ତ୍ରୀଠାରୁ ଆରମ୍ଭ କରି ଗାଦି ମଡ଼ା କର୍ମଚାରୀ ଓ ପୋଷା ଠିକାଦାର ସମସ୍ତେ ମିଶି ଏହି ଲୁଟ୍ ଚଳାଇଛନ୍ତି। ସରକାର ଟେଣ୍ଡର ଦେଉଛନ୍ତି କିନ୍ତୁ ତଦାରଖ ନାଁରେ ଶୂନ୍ୟ।ଏ ନେଇ କାକଟପୁର ଜଳସେଚନ ବିଭାଗ ଏସଡିଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଚାଷୀଙ୍କ ଦାବି ହେଲା ତୁରନ୍ତ ଉଚ୍ଚ ସ୍ତରୀୟ ତଦନ୍ତ ହେଉ ଏବଂ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ ଆଗାମୀ ଦିନରେ ଏହି କେନାଲ୍ ଭାଙ୍ଗିଲେ ତାର ସମ୍ପୂର୍ଣ୍ଣ ଦାୟୀତ୍ୱ ଜଳସମ୍ପଦ ବିଭାଗ ନେବ। ଜେସିବି ଖୋଳା ପୁନର୍ବାର ହେଲେ ଲୋକେ ରାସ୍ତାକୁ ଓହ୍ଲାଇବେ।

### ସିବିଏସଇ ଫାର୍ ଇଷ୍ଟ ଜୋନାଲ୍ ଟାଇକୋଣ୍ଡୋରେ ଓଡ଼ିଶାର ସଫଳତା

# ଆୟୁଷ ଗୌଡୁ ଜାତୀୟସ୍ତର ପାଇଁ ମନୋନୀତ

ପୁରୀ/ସତ୍ୟବାଦୀ,୨୬।୭ (ସଂଚାର ବ୍ୟୁରୋ)ঃ ପଶ୍ଚିମବଙ୍ଗର ପୁରୁଲିଆସ୍ଥିତ ଦିଲ୍ଲୀ ୱାର୍ଲ୍ଡ ପବ୍ଲିକ୍ ସ୍କୁଲରେ ଆୟୋଜିତ ସିବିଏସଇ ଫାର ଇଷ୍ଟ ଜୋନାଲ ଟାଇକୋଣ୍ଡୋ ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳିମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ, ତ୍ରିପୁରା, ଓଡ଼ିଶା, ପଶ୍ଚିମବଙ୍ଗ ଓ ଛତିଶଗଡ଼ ସମେତ ୧୧ଟି ରାଜ୍ୟର ପ୍ରାୟ ୨୦୦୦ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ହାନା ଟାଇକୋଣ୍ଡୋ ଏକାଡେମୀର ୬ ଜଣ ଖେଳାଳି ସେଣ୍ଟ ଜାଭିଅର୍ସ ହାଇ ସ୍କୁଲ, ସାକ୍ଷୀଗୋପାଳ ଏବଂ ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ପୁରୀ ପକ୍ଷରୁ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିଲେ।




କୋଚ୍ ଦୀପକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ।

ପ୍ରତିଯୋଗିତାରେ ଆୟୁଷ ଗୌଡୁ ରୌପ୍ୟ ପଦକ ଜିତି ସିବିଏସ୍ଇ ଜାତୀୟ ସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ସେହିପରି ଓମ ପ୍ରକାଶ ଦୀପ ଓ ଶ୍ରେୟଶ୍ରୀ ବାଲିଆରସିଂହ କଂସ୍ୟ ପଦକ ହାସଲ କରି ସ୍କୁଲ ଏବଂ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଅନ୍ୟ ଖେଳାଳି ପ୍ରାଞ୍ଜଳ ରଥ, ଶୁଭାଂଶୁ ଦାସ ଏବଂ ସୁଶ୍ରୀ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।

ଏହି ସଫଳତା ପାଇଁ ଖେଳାଳିମାନଙ୍କୁ କୋଚ୍ ଦୀପକ କୁମାର ପ୍ରଧାନ, ସେଣ୍ଟ ଜାଭିଅର୍ସ ହାଇ ସ୍କୁଲ, ସାକ୍ଷୀଗୋପାଳର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଦୀପିକା ରଥ ଏବଂ ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ପୁରୀର ପ୍ରଧାନଶିକ୍ଷକ ଦିବାକର ମିଶ୍ର ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ଟାଇକୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ ମଧ୍ୟ ଖେଳାଳି ଓ ପ୍ରଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଥିବାବେଳେ ବିଭିନ୍ନ ମହଲରୁ ଉଭୟ ବିଦ୍ୟାଳୟକୁ ଅଭିନନ୍ଦନର ସୁଅ ଛୁଟିଛି।

## ଉତ୍ତର ଓଡ଼ିଶା କଲ୍ୟାଣ ସମାଜ ତରଫରୁ ଦହି ସରବତ ଏବଂ ଥଣ୍ଡା ପାନୀୟ ବଣ୍ଟନ




ନୀଳଗିରି,୨୬।୭ (ସଂଚାର ବ୍ୟୁରୋ)ঃ ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଚଳଚଞ୍ଚଳ ହୋଇ ଉଠିଛି। ମହାପ୍ରଭୁଙ୍କୁ ଦର୍ଶନ ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତମାନଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଉତ୍ତର ଓଡ଼ିଶା କଲ୍ୟାଣ ସମାଜ ଗୋଷ୍ଠୀ ମାନଙ୍କ ପକ୍ଷରୁ ୧୦ ହଜାର ଲୋକଙ୍କ ପାଇଁ ଦହି ସରବତ ଏବଂ ଥଣ୍ଡା ପାଣି ର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ଯୁବ ଗୋଷ୍ଠୀ ର ମୁଖ୍ୟ। ଓମ୍ ପ୍ରକାଶ ଜେନା, ଶ୍ରୁତି ସୁନ୍ଦର ପ୍ରଧାନ,ଜଗେଶ୍ୱର ବେହେରା ଅରବିନ୍ଦ ଦେ, ଜସ୍ମିନ୍ ଦାସ , ଆଦିତ୍ୟ କୁମାର ରାଉତ, ଏବଂ ଅନ୍ୟ ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଭଳି ମହାନ କାର୍ଯ୍ୟ ପାଇଁ ବିଭିନ୍ନ ମାହଲରୁ ଯୁବ ଗୋଷ୍ଠୀଙ୍କୁ ପ୍ରଶଂସା କରାଯାଇଛି।

# ରେଳ ପ୍ରକଳ୍ପରେ ଜମିହରାଙ୍କ ପାଇଁ କ୍ଷତିପୂରଣ ଦାବି



ଜୟପୁର,୨୬।୭ (ସଂଚାର ବ୍ୟୁରୋ)ঃ ରେଳବାଇର ବିଭିନ୍ନ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ କରାଯାଉଥିବା ବେଳେ କୋରାପୁଟ ଜିଲ୍ଲାର ଜମିହରା ପରିବାରମାନେ ନ୍ୟାୟସଙ୍ଗତ କ୍ଷତିପୂରଣ ଓ ପୁନର୍ବାସ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ଉଠାଇଛି ବିଜୁ ଜନତା ଦଳ। ଏହି ପ୍ରସଙ୍ଗକୁ ନେଇ ରବିବାର ଜୟପୁରରେ ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା।

ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ କହିଥିଲେ ଯେ, ଭୂମି ଅଧିଗ୍ରହଣ, ପୁନର୍ବାସ ଓ ପୁନଃସ୍ଥାପନ ଅଧିକାର ଆଇନ- ୨୦୧୩ ଅନୁସାରେ ଜମି ଅଧିଗ୍ରହଣ ସମୟରେ ବଜାର ଦର ଅନୁଯାୟୀ କ୍ଷତିପୂରଣ ପ୍ରଦାନ ସହ ପ୍ରଭାବିତ ପରିବାରମାନଙ୍କ ପୁନର୍ବାସ ସୁନିଶ୍ଚିତ କରିବା ବାଧ୍ୟତାମୂଳକ। କିନ୍ତୁ କୋରାପୁଟ ଜିଲ୍ଲାରେ ଏହି ଆଇନର ବ୍ୟବସ୍ଥାକୁ ସଠିକ୍ ଭାବେ କାର୍ଯ୍ୟକରୀ କରାଯାଉ ନଥିବାରୁ ଜମିହରାମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ସେ ଅଭିଯୋଗ କରିଥିଲେ ଯେ, ପଡ଼ୋଶୀ ନବରଙ୍ଗପୁର ଜିଲ୍ଲାରେ ଜମିହରାମାନେ ଉପଯୁକ୍ତ କ୍ଷତିପୂରଣ ପାଉଥିବା ବେଳେ ଜୟପୁର, ବୋରିଗୁମ୍ମା, କୁନ୍ଦୁରା ଓ ବୈପାରିଗୁଡା ଅଞ୍ଚଳର ଲୋକମାନେ ସମାନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ତେଣୁ ସମସ୍ତ ଜମିହରାଙ୍କୁ ଆଇନ ଅନୁଯାୟୀ ନ୍ୟାୟସଙ୍ଗତ ଅଧିକାର ପ୍ରଦାନ କରିବାକୁ ସେ ଦାବି କରିଥିଲେ। ପୂର୍ବତନ ସାଂସଦ ପ୍ରଦୀପ ମାଝୀ କହିଥିଲେ ଯେ, ଜୟପୁର- ନବରଙ୍ଗପୁର ଏବଂ ଜୟପୁର- ମାଲକାନଗିରି ନୂତନ ରେଳପଥ ନିର୍ମାଣ ପାଇଁ ଅନେକ ଆଦିବାସୀ ଓ ସାଧାରଣ ପରିବାର ନିଜର ଚାଷଜମି ଓ ଜୀବିକା ହରାଉଛନ୍ତି। ନବରଙ୍ଗପୁରରେ ଉଚ୍ଚ ହାରରେ କ୍ଷତିପୂରଣ ଦିଆଯାଉଥିବା ବେଳେ କୋରାପୁଟ ଓ ମାଲକାନଗିରିର ଜମିହରାଙ୍କ ପ୍ରତି ସରକାରଙ୍କ ଆଭିମୁଖ୍ୟ ବୈଷମ୍ୟମୂଳକ ବୋଲି ସେ କହିଥିଲେ।

ଏହି ପ୍ରସଙ୍ଗରେ ରେଳବାଇ, ରାଜ୍ୟ ସରକାର, କେନ୍ଦ୍ର ସରକାର ଓ କୋରାପୁଟ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ସେ ଦାବି କରିଥିଲେ।

## ବିଭୂତି ମହାପାତ୍ର ରାଜ୍ୟ ଛାତ୍ର କଂଗ୍ରେସ ସଭାପତି



କେନ୍ଦ୍ରାପଡ଼ା,୨୬।୭(ସଂଚାର ବ୍ୟୁରୋ)ঃ ବିଭୁତି ଭୂଷଣ ମହାପାତ୍ରଙ୍କୁ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେଙ୍କ ଅନୁମୋଦନ କ୍ରମେ ବିଭୁତିଙ୍କୁ ଏ.ଆଇ.ସି.ସି. ସାଧାରଣ ସମ୍ପାଦକ ତଥା ଏମପି କେ.ସି. ଭେନୁଗୋପାଳ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି । ବିଭୁତି ହେଉଛନ୍ତି କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅଧିନ ପଲେଇ ଗ୍ରାମର ଆଇନଜୀବୀ ବିଧୁଭୂଷଣ ମହାପାତ୍ରଙ୍କ ପୁତ୍ର । ବିଭୁତି କଲେଜ ଜୀବନରୁ ଜଣେ ଛାତ୍ରନେତା ଭାବେ ଅତ୍ୟନ୍ତ ନିଷ୍ଠାର ସହିତ କାର୍ଯ୍ୟ କରିଆସିଛନ୍ତି । ଏହି ନିଯୁକ୍ତି ନିମନ୍ତେ ବିଭୁତି ଏ.ଆଇ.ସି.ସି. ସଭାପତି ଶ୍ରୀ ଖଡଗେ, ସମ୍ପାଦକ ଶ୍ରୀ ଭେନୁଗୋପାଲ, ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ନିଯୁକ୍ତି ନେଇ ବିଭୁତିଙ୍କୁ ପିସିସି କୋଷାଧ୍ୟକ୍ଷ ଇଂ ସିଦ୍ଧାର୍ଥସ୍ୱରୂପ ଦାଶ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ରତିକାନ୍ତ କାନୁନଗୋ, ବସନ୍ତ ସେଠୀ, ଅଶୋକ ମୋହନ ଜେନା, ବିଧାନ ଚନ୍ଦ୍ର ସାମଲ, ରଶ୍ମିରଞ୍ଜନ ପଣ୍ଡା, ଭାଗିରଥି ଜେନା, ବେଣୁଧର ସାହୁ, ରାଜ୍ୟ କିଷାନ କଂଗ୍ରେସ ପ୍ରଚାର ସଦସ୍ୟ ହିମାଂଶୁ ଭୂଷଣ ନନ୍ଦ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# ପଞ୍ଚାମୁଣ୍ଡାଇରେ ଜଳସମ୍ପଦ ବିଭାଗର ଉଚ୍ଚସ୍ତରୀୟ ଟିମ୍

### ଅଳଭାରେ ନିର୍ମାଣ ହେବ ମେଗା ଉଠାଜଳସେଚନ ପ୍ରକଳ୍ପ

ପଞ୍ଚାମୁଣ୍ଡାଇ,୨୬।୭ (ସଂଚାର ବ୍ୟୁରୋ)ঃ ପଞ୍ଚାମୁଣ୍ଡାଇରେ କାର୍ଯ୍ୟକାରି ହେବ ୪ଟି ମେଗା ପ୍ରକଳ୍ପ। ବିଧାନସଭା ଷ୍ଟାଡିଙ୍ଗ କମିଟି ନିର୍ଦ୍ଦେଶକ୍ରମେ ଆଜି ଜଳସମ୍ପଦ ବିଭାଗର ଏକ ଉଚ୍ଚସ୍ତରୀୟ ଟିମ ପ୍ରକଳ୍ପ ସ୍ଥାନ ଗୁଡିକ ପରିଦର୍ଶନ କରିଛନ୍ତି । ଏଷ୍ଟିମେଟ କମିଟି ସଦସ୍ୟ ବିଧାୟକ ଧ୍ରୁବ ସାହୁ ଏହି କମିଟିକୁ ସାଙ୍ଗରେ ନେଇ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ଲୋକଙ୍କ ଆବଶ୍ୟକତା ପୂରଣରେ କିପରି ସହାୟକ ସେ ବିଷୟରେ ଏହି ଉଚ୍ଚସ୍ତରୀୟ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରକାଶ ଥାଉ କି ଏଷ୍ଟିମେଟ କମିଟି ସଦସ୍ୟ ବିଧାୟକ ଧ୍ରୁବ ସାହୁ ପଞ୍ଚାମୁଣ୍ଡାଇରେ ଜଳସମ୍ପଦ ବିଭାଗ ଅଧୀନରେ ୪ଟି ମେଗା ପ୍ରକଳ୍ପ କରିବା ପାଇଁ ବିଧାନସଭାରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ପ୍ରକଳ୍ପ ଗୁଡିକ ହେଲା ଅଳଭା ଠାରେ



ମେଗା ଉଠା ଜଳସେଚନ ପ୍ରକଳ୍ପ, ଶ୍ରୀରାମପୁର ଠାରେ ଆନିକଟ ନିର୍ମାଣ, ମଦନପୁର କଟ ପ୍ରକଳ୍ପ ପୁନଃରୁଦ୍ଧାର, ପଞ୍ଚାମୁଣ୍ଡାଇ ଅଂଚଳରୁ ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପ୍ରମୁଖ ।

ଆଜି ବିଧାୟକ ଧ୍ରୁବ ସାହୁଙ୍କ ସହ ଜଳସମ୍ପଦ ବିଭାଗର ଜଳ ନିଷ୍କାଶନ ବିଭାଗର ମୁଖ୍ୟ ଯନ୍ତ୍ରୀ ଅବିନାଶ ରାଉଳ, ବ୍ରାହ୍ମଣୀ ଓ ବୈତରଣୀ ଅବବାହିକାର ମୁଖ୍ୟଯନ୍ତ୍ରୀ ହରେକୃଷ୍ଣ ବେହେରା, ମେଗା ଉଠାଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ମନୋଜ ବେହେରା, କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରାକେଶ ମଲ୍ଲିକ ପ୍ରମୁଖ ଉଚ୍ଚସ୍ତରୀୟ ଟିମ ଏହି ୪ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରିଥିଲେ । ଅଳଭା ଠାରେ ମେଗା ଉଠାଜଳସେଚନ ପ୍ରକଳ୍ପ କରାଗଲେ ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ଉତିକଣ ଭେଡ଼ାରେ ଥିବା ଚାଷ ଜମି ଗୁଡିକରୁ ଦୁଇଟି ଫସଲ ହେବା ସହିତ ମରୁଡି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ । ଶ୍ରୀରାମପୁରରେ ଆନିକଟ ନିର୍ମାଣ ହେଲେ ସମୁଦ୍ରରୁ ଆସୁଥିବା ଲୁଣା ଜୁଆର ପାଣିକୁ ରୋକା ଯିବା ସହ ବ୍ରାହ୍ମଣୀ ନଦୀର ପାଣିକୁ ପିଇବା ଓ ଚାଷ ଉପଯୋଗୀ କରାଯାଇପାରିବ। ସେହିପରି ଭାବରେ ପଞ୍ଚାମୁଣ୍ଡାଇ କୁ ବ୍ରାହ୍ମଣୀ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ମଦନପୁର ଠାରେ ରୁଗ୍ଣ ଅବସ୍ଥାରେ ଥିବା ମଦନପୁର କଟ ପ୍ରକଳ୍ପର ପୁନଃରୁଦ୍ଧାର କରିବା ଓ ପଞ୍ଚାମୁଣ୍ଡାଇ ଅଂଚଳରୁ ଜଳସେଚନ ଓ ଜଳ ନିଷ୍କାସନ ପାଇଁ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତି କରାଯିବା ପାଇଁ ଏହି ଉଚ୍ଚସ୍ତରୀୟ କମିଟିର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଧାୟକ ଶ୍ରୀସାହୁଙ୍କ ନେତୃତ୍ୱରେ ଆଜି ଆସିଥିବା ଏହି ଉଚ୍ଚସ୍ତରୀୟ କମିଟିକୁ ଭେଟି ସ୍ଥାନୀୟ ଲୋକପ୍ରତିନିଧି, ଚାଷୀ ଓ ସାଧାରଣ ଲୋକମାନେ ଭେଟି ଏହି ପ୍ରକଳ୍ପ ଗୁଡିକ ବିଷୟରେ ଆଲୋଚନା କରିଥିଲେ ।

# ବେତନଟୀ ଡାକ୍ତରଖାନାକୁ ୮ ପୁରସ୍କାର




ବେତନଟୀ,୨୬।୭ (ସଂଚାର ବ୍ୟୁରୋ)ঃ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲାସ୍ତରରେ ୮ଟି ପୁରସ୍କାର ପାଇ ସମ୍ମାନିତ ହୋଇଛି। ଗ୍ରାମାଞ୍ଚଳରେ ଟୀକାକରଣ, ପୁରୁଷ ଓ ସ୍ତ୍ରୀ ବନ୍ଧ୍ୟାକରଣ ଏବଂ 'ଅନ୍ତରା' ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ବାରିପଦାଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡାକ୍ତରଖାନାର ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ତେବେ ଗୋଟିଏ ପଟେ ଏହି ସଫଳତା ପାଇଁ ପ୍ରଶଂସାର ସ୍ରୋତ ଛୁଟୁଥିବା ବେଳେ ଅନ୍ୟପଟେ ଡାକ୍ତରଖାନାର ଅନ୍ତରୀଣ ଅବ୍ୟବସ୍ଥା, ବିପର୍ଯ୍ୟସ୍ତ ସେବା ଏବଂ ଅନିୟମିତତାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟସେବାର ବ୍ୟାପକ ପ୍ରଚାର-ପ୍ରସାର ଏବଂ ଯୋଜନାଗୁଡ଼ିକର ସଫଳ ରୂପାୟନ କ୍ଷେତ୍ରରେ ବେତନଟୀ ଡାକ୍ତରଖାନା ଅଗ୍ରଣୀ ସ୍ଥାନ ଅଧିକାର କରିଛି। ବିଶେଷକରି ପୁରୁଷ ବନ୍ଧ୍ୟାକରଣ ଏବଂ ଗର୍ଭବତୀ ମହିଳାଙ୍କ 'ଅନ୍ତରା' ଟୀକାକରଣ କ୍ଷେତ୍ରରେ ଏହି ଡାକ୍ତରଖାନା ଜିଲ୍ଲାରେ ପ୍ରଥମ ସ୍ଥାନ ହାସଲ କରିଛି। ଏହି ସଫଳତା ପାଇଁ ବାରିପଦାଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉତ୍ସବରେ ବେତନଟୀ ଡାକ୍ତରଖାନା ଅଧିକାରୀ ଡ. ସିପୁନ କୁମାର ପଣ୍ଡା, ଡ. ପ୍ରସନ୍ନ କୁମାର ପାତ୍ର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ (ପିଏଚଇଓ) ମଞ୍ଜୁଶ୍ରୀ ଦାସ, ବିପିନ ବିହାରୀ ପଣ୍ଡା, ଚନ୍ଦ୍ରମୋହନ ଦାସ ଏବଂ ଝାମ୍ପମଣି ସାମନ୍ତରାୟ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ପ୍ରଦାନ ପରେ ଡାକ୍ତରଖାନାର ବାସ୍ତବ ସ୍ଥିତିକୁ ନେଇ ଏକାଧିକ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି।

ଡାକ୍ତରଖାନାରେ ଉନ୍ନତମାନର ରକ୍ତ, ପରିସ୍ରା ଓ ଝାଡ଼ା ପରୀକ୍ଷା ମେସିନ୍ ଥିବା ସତ୍ତ୍ୱେ ରୋଗୀଙ୍କୁ ବାହାରୁ ପରୀକ୍ଷା କରିଆଣିବାକୁ ପଠାଯାଉଥିବା ଅଭିଯୋଗ ହୋଇଛି। ସେହିପରି ଏକ୍ସରେ ମେସିନ୍ ଅଧିକାଂଶ ଦିନ ଖରାପ ରହୁଥିବା ଏବଂ ଭୁଲ୍ ରିପୋର୍ଟ ପ୍ରଦାନ କରାଯାଉଥିବା ରୋଗୀମାନେ ପ୍ରକାଶ କରିଛନ୍ତି। ଉଚ୍ଚ କ୍ଷମତାସମ୍ପନ୍ନ ଜେନେରେଟର ଓ ମାଳ ମାଳ ଇନଭର୍ଟର ଥାଇ ମଧ୍ୟ ସାମାନ୍ୟ ନେବୁଲାଇଜର ଚଲାଇବା ପାଇଁ ଆସ୍ଥମା ଓ ଶ୍ୱାସରୋଗୀଙ୍କୁ ଘଣ୍ଟା ଘଣ୍ଟା ଲାଇନ୍ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଅତି ଆବଶ୍ୟକୀୟ ଔଷଧର ଅଭାବ ସହ ବେଳେ ବେଳେ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ନଦେଇ ସିଧାସଳଖ ବାରିପଦା କିମ୍ବା ବାଲେଶ୍ୱର ରେଫର କରାଯାଉଛି। ଏପରିକି ସିରିଞ୍ଜରେ ଆଗୁଆ ଔଷଧ ଲୋଡ୍ କରି ରଖାଯାଉଥିବା ଭଳି ସ୍ୱାସ୍ଥ୍ୟଗତ ନିୟମ ଓଲଂଘନର ଅଭିଯୋଗ ମଧ୍ୟ ଉଠିଛି। ଶବ ବ୍ୟବଚ୍ଛେଦ ଗୃହ ୩ ଥର ଉଦ୍‌ଘାଟିତ ହୋଇଥିଲେ

### ସଫଳତା ସହ ବିପର୍ଯ୍ୟସ୍ତ ସେବାକୁ ନେଇ ଉଠିଲା ପ୍ରଶ୍ନ

### ତଦନ୍ତ ଦାବି

ସୁଦ୍ଧା ଆଜି ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ସେବା ସୁରୁଖୁରୁ ରେ ହୋଇପାରୁନାହିଁ। ଏଥିସହିତ ସ୍ଥାୟୀ ସୁଇପର ନଥାଯିବାରୁ ପରିଷ୍କାର ପରିଚ୍ଛନ୍ନତା ପ୍ରଭାବିତ ହେଉଛି। ଅନେକ ସମୟରେ ଅସ୍ଥାୟୀ ସୁଇପର ମାନେ ରୋଗୀଙ୍କୁ ସାଲାଇନ୍ ଦେବା ଓ ଖୋଲୁଥିବାର ମଧ୍ୟ ଦେଖାଯାଉଛି।

ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଅଭିଯୋଗ ଅନୁଯାୟୀ, ବଡ଼ସାହି ଡାକ୍ତରଖାନାରୁ ଜଣେ ଡାକ୍ତରଙ୍କୁ ଡେପୁଟେସନରେ ଆଣି ପ୍ରାୟ ୬ ବର୍ଷ ହେବ ବେତନଟୀ ଡାକ୍ତରଖାନାର ଇନ୍‌ଚାର୍ଜ ଭାବେ ରଖାଯାଇଛି। ସେହିପରି ଏନ୍‌ଏଚଏମ ଦାୟିତ୍ୱରେ ଥିବା କର୍ମଚାରୀ ମଧ୍ୟ ପ୍ରାୟ ଦୀର୍ଘ ୫, ୬ ବର୍ଷ ଧରି ଗୋଟିଏ ସ୍ଥାନରେ ରହିଛନ୍ତି। ରୋଗୀ କଲ୍ୟାଣ ସମିତି (ଆରକେଏସ) ମିଟିଂ ନାମକୁମାତ୍ର କରାଯାଇ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ହରିଲୁଟ୍ ହେଉଥିବା ବେଳେ, ଏହାର ତଦନ୍ତ ନକରି ପୁରସ୍କୃତ କରାଯିବା ଦ୍ୱାରା ଦୁର୍ନୀତିକୁ ପ୍ରୋତ୍ସାହନ ମିଳୁଛି ବୋଲି ସାଧାରଣରେ ଆଲୋଚନା ହେଉଛି।

## ସାଇ ଗାୟତ୍ରୀ ପରିବାର ପକ୍ଷରୁ ଟେଷ୍ଟପେପର ବଣ୍ଟନ



ବୋରିଗୁମ୍ମା,୨୬।୭ (ସଂଚାର ବ୍ୟୁରୋ)ঃ ଆଜି ବୋରିଗୁମ୍ମା ସାଇ ଗାୟତ୍ରୀ ପରିବାର ପକ୍ଷରୁ ୬୦ଜଣରୁ ଉର୍ଦ୍ଧ୍ୱ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବା ଲାଗି ଟେଷ୍ଟପେପର ପ୍ରଦାନ କରାଯାଇଛି । ଗତ ଦିନରେ ମଧ୍ୟ ଏପରି ବହୁବାର ସାଇ ଗାୟତ୍ରୀ ପରିବାର ତରଫରୁ ସାମାଜିକ କାର୍ଯ୍ୟକ୍ରମ କରି ବିଭିନ୍ନ ମହଲରେ ପ୍ରଶଂସା ସାଉଁଟିଥିବା ବେଳେ
ଆଜି ବୋରିଗୁମ୍ମା ବିଜ୍ଞପିତ ଅଞ୍ଚଳ ପରିଷଦର ଦୁଲ୍ହାଗୁଡା ରୋଡ଼ ସ୍ଥିତ ବରିଷ୍ଠ ଆଇନଜୀବି ତଥା ସାଇ ଗାୟତ୍ରୀ ପରିବାରର ମୁଖ୍ୟ ଲାଲୁ ଷୋଡଙ୍ଗୀଙ୍କ ସାଇ ଭବନରେ ଜୟପୁର ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ମମତା ଝଡିଆ, କୋରାପୁଟ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଗୌରୀ ଶଙ୍କର ସାହୁଙ୍କ ଉପସ୍ଥିତିରେ ୬୪ ଜଣ ଛାତ୍ର ଛାତ୍ରୀଙ୍କୁ ଟେଷ୍ଟପେପର ପୁସ୍ତିକା, ପ୍ରଦାନ ସହ ଗୁରୁପୂର୍ଣ୍ଣିମା ଉପଲକ୍ଷେ ମିଷ୍ଟାନ, ଅନ୍ନ ପ୍ରସାଦ ଖୁଆଇ ଆଶୀର୍ବାଦ ପ୍ରଦାନ କରିଥିଲେ।

ପ୍ରତିଟି ଅସହାୟ ମାନବ ପାଖରେ ପହଞ୍ଚିବା, ସେମାନଙ୍କ ସେବା କରିବା ଏବଂ ମଣିଷ ନିଜକୁ ଏକ ସେବାକାରୀ ଭାବି ଅନ୍ୟ ମଣିଷର ସେବା କରିବାକୁ ଗୁରୁ ଆହ୍ୱାନ ଦେଇଥିଲେ ବୋଲି ସାଇ ପରିବାରର ମୁଖ୍ୟ ଶ୍ରୀ ଲାଲୁ ଷଡ଼ଙ୍ଗୀ କହିଥିଲେ ଏବଂ ଏହି ନିଃସହାୟ ମେଧାବୀ ଛାତ୍ର ଛାତ୍ରୀ ଆମ ଗାଁ ମାଟିର, ତାଙ୍କ ମୁହଁରେ ଟିକେ ଖୁସି ଦେଖି ପାରିଲେ ଆମକୁ ଆତ୍ମତୃପ୍ତି ମିଳୁଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଲକ୍ଷ୍ମୀ ନାରାୟଣ ପଟନାୟକ, ବୋରିଗୁମ୍ମା ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ, ସାଇ ଗାୟତ୍ରୀ ପରିବାର ସଦସ୍ୟା ଗୀତାଞ୍ଜଳି ମିଶ୍ର ଓ ସମସ୍ତ ସଦସ୍ୟ ସଦସ୍ୟାବୃନ୍ଦ, ସହରର ବଦାନ୍ୟ ବ୍ୟକ୍ତି ସମୂହ ଉପସ୍ଥିତ ଥିଲେ ।